# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

♦VOLUME- 44 ♦ISSUE-08 ♦THURSDAY ♦02 JULY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୦୮ ♦ଗୁରୁବାର ♦୦୨ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ପ୍ରତ୍ୟାବର୍ତ୍ତନରେ ସେରେନା ନିରାଶ

▶ପୃଷ୍ଠା ୧୨ ଦେଖନ୍ତୁ...

# ଲାଗୁହେଲା 'ଜି-ରାମ୍-ଜି'

## ସର୍ବନିମ୍ନ ମଜୁରି ୩୦୦ ଟଙ୍କା

■ ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଗ୍ରାମାଞ୍ଚଳର ଗରିବ ଶ୍ରମିକମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ମନରେଗା ବଦଳରେ ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ସୁରକ୍ଷା ଅଭିଯାନ ଗ୍ରାମୀଣ ଆଇନ, ୨୦୨୫ (ଭିବି-ଜିରାମ୍‌ଜି) ଆଜିଠାରୁ ସାରା ଦେଶରେ କାର୍ଯ୍ୟକାରୀ କରିଛନ୍ତି। ସଂଶୋଧିତ ମଜୁରି ସହିତ ଏହାକୁ ଲାଗୁ କରାଯାଇଛି। ଏଣିକି ଦେଶର କୌଣସି ବି ରାଜ୍ୟରେ ଶ୍ରମିକଙ୍କ ଦୈନିକ ମଜୁରୀ ୩୨୭ ଟଙ୍କାରୁ କମ୍ ରହିବ ନାହିଁ। ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଦେଶର ସମସ୍ତ ୩୪ଟି



ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମଜୁରି ହାରରେ ବୃଦ୍ଧି କରାଯାଇଛି। ପୂର୍ବରୁ ଜାତୀୟ ସ୍ତରରେ ହାରାହାରି ଦୈନିକ ମଜୁରି ପ୍ରାୟ ୨୯୮ ଟଙ୍କା ୮୦ ପଇସା ଥିବା ବେଳେ, ଏବେ

### ଇତିହାସ ପାଲଟିଲା ମନରେଗା

ଏହା ବୃଦ୍ଧି ପାଇ ପ୍ରାୟ ୩୨୭ ଟଙ୍କା ୪୦ ପଇସା ହୋଇଛି। ମଜୁରିରେ ହାରାହାରି ପ୍ରାୟ ୨୮ ଟଙ୍କା ୬୦ ପଇସାର ବୃଦ୍ଧି ଘଟିଛି, ଯାହାକି ଶତକଡ଼ା ହିସାବରେ ୧୦ ପ୍ରତିଶତରୁ ଅଧିକ। ଏହି ନୂତନ ନିୟମ ଯୋଗୁଁ ସେହିସବୁ ରାଜ୍ୟଗୁଡ଼ିକ ସବୁଠାରୁ ଅଧିକ ଲାଭବାନ ହେବେ, ଯେଉଁଠାରେ ପୂର୍ବରୁ ବହୁତ କମ୍ ମଜୁରି ମିଳୁଥିଲା। ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ ଏବଂ ହିମାଚଳ ପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ମଜୁରି ହାର ପ୍ରାୟ ୧୫ରୁ ୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଅପରପକ୍ଷରେ କେରଳ, ହରିୟାଣା, ପଞ୍ଜାବ ଓ କର୍ଣ୍ଣାଟକ ଭଳି ଧନୀ ରାଜ୍ୟଗୁଡ଼ିକରେ ମଜୁରି ହାର ୩୬୦ ଟଙ୍କାରୁ ଆରମ୍ଭ କରି ୪୦୯ ଟଙ୍କା ପର୍ଯ୍ୟନ୍ତ ରହିଛି। ଏହି ଆଇନ ମାଧ୍ୟମରେ ବର୍ଷକୁ ଗ୍ୟାରେଣ୍ଟି ସହ ମିଳୁଥିବା କାମର ଅବଧିକୁ ମଧ୍ୟ ୧୨୫ ଦିନକୁ ବୃଦ୍ଧି କରାଯାଇଛି।

# ୧୨ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର

## ଚଳିତ ବର୍ଷରୁ ରାଜ୍ୟରେ ମାଗଣା ଶିକ୍ଷା

■ ଭୁବନେଶ୍ୱର, ୧।୭ (ସମିସ): ଏଣିକି ରାଜ୍ୟରେ କେଜିରୁ ପିଜି ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀ ମାଗଣା ଶିକ୍ଷା ପାଇପାରିବେ। ଆଉ ରାଜ୍ୟର ଜଣେ ବି ପିଲା ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଞ୍ଚିତ ହେବେନାହିଁ କିମ୍ବା ପାଠପଢା ମଝିରୁ ପାଠ ଛାଡିବେ ନାହିଁ। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରିବା ପାଇଁ ଏହି ଐତିହାସିକ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବୁଧବାର ରାଜ୍ୟ କ୍ୟାବିନେଟ ବୈଠକରେ 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନା ଉପରେ ମୋହର ବାଜିଥିବା ବେଳେ ଏହି ଯୋଜନା ଅଧୀନରେ, ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା



### ଆରମ୍ଭ ହେଲା 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି'

### ୫ ବର୍ଷରେ ଖର୍ଚ୍ଚହେବ ୫,୪୬୭.୫୫ କୋଟି ଟଙ୍କା

### ଅର୍ଥ ପାଇଁ କେହି ଶିକ୍ଷାରୁ ବଞ୍ଚିତ ହେବେନାହିଁ: ମୁଖ୍ୟମନ୍ତ୍ରୀ

ବିଭାଗ ଅଧୀନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନ ଗୁଡ଼ିକରେ ନିୟମିତ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି' ଛାଡ଼ କରାଯିବାକୁ ବ୍ୟବସ୍ଥା କରାଯାଇଛି। ▶ପୃଷ୍ଠା-୧୦

## ୮ ଲେନ୍ ହେବ ଜୟଦେବ ବିହାର-ନନ୍ଦନକାନନ ରାସ୍ତା

■ ଭୁବନେଶ୍ୱର, ୧।୭ (ସମିସ): ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୮ ଟି ବିଭାଗର ୧୨ ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଏଥିରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ ରାଜଧାନୀ ଭୁବନେଶ୍ୱରର ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କଳିଙ୍ଗ ଷ୍ଟାଡିୟମ (ଗେଟ୍ ନଂ-୪) ଠାରୁ ରଘୁନାଥପୁର ସେତୁ ପର୍ଯ୍ୟନ୍ତ ଜୟଦେବ ବିହାର-ନନ୍ଦନକାନନ ରାସ୍ତାକୁ ୮ ଲେନ୍‌କୁ ସମ୍ପ୍ରସାରଣ କରାଯିବ।

### ୫୭୯ କୋଟି ବ୍ୟୟ ଅଟକଳକୁ ଅନୁମୋଦନ

### ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ ହେବ ନିର୍ମାଣ କାର୍ଯ୍ୟ

### ଗଭୀର ସମୁଦ୍ର ମତ୍ସ୍ୟ ମିଶନ ୨୦୨୬-୨୦୩୬କୁ ମଞ୍ଜୁରୀ

ଏହି ପ୍ରକଳ୍ପରେ ବିଭିନ୍ନ ପ୍ରମୁଖ ଛକରେ ଫ୍ଲାଏଓଭର, ଅଣ୍ଡରପାସ ଓ ଭୂତଳ ପାର୍କିଂ ନିର୍ମାଣ କରାଯିବ। ଏହି ପ୍ରକଳ୍ପ ପାଇଁ ମେସର୍ସ ଦୀନେଶଚନ୍ଦ୍ର ଆର୍ ଅଗ୍ରୱାଲ ଇନଫ୍ରାକନ୍ ପ୍ରାଇଭେଟ୍ ଲିମିଟେଡର ୫୭୯ କୋଟି ଟଙ୍କା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଆଗାମୀ ୨୪ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ପୂର୍ତ୍ତ ବିଭାଗ ଅଧୀନରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ସୁନ୍ଦରଗଡ଼ ଜିଲ୍ଲାର ▶ପୃଷ୍ଠା-୧୦

## ରାମ ମନ୍ଦିର ଚାନ୍ଦା ଚୋରି

# ପଶିବ ଇଡି, ଆୟକର ବିଭାଗ



### ଷଡ଼ଯନ୍ତ୍ର ଉପରୁ ପରଦା ଉଠୁଛି

### ଟ୍ରଷ୍ଟ ଓ ବ୍ୟାଙ୍କ କର୍ମଚାରୀ ସାମିଲ

### ଅଭିଯୁକ୍ତ ଘରୁ ମିଳିଲା ଦାନବାକ୍ସ

### କୁମ୍ଭମେଳାରେ କୋଟି କୋଟି ଚୋରି

### ବାଥ୍‌ରୁମ୍‌ରେ ଲୁଚାଇଥିଲା ଟଙ୍କା

■ ନୂଆଦିଲ୍ଲୀ/ଅଯୋଧ୍ୟା, ୧।୭ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରର ଦାନ ବାକ୍ସରୁ ହୋଇଥିବା ଚାନ୍ଦା ଚୋରି ମାମଲାକୁ ନେଇ ଦିନକୁ ଦିନ ନୂଆ ତଥ୍ୟ ଆସିବାରେ ଲାଗିଛି। ଏହାକୁ ଲୁଟିବା ଲାଗି ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିଲା ଏବଂ ଏଥିରେ ଟ୍ରଷ୍ଟ କର୍ମଚାରୀଙ୍କ ସହିତ ବ୍ୟାଙ୍କ କର୍ମଚାରୀ ମଧ୍ୟ ସାମିଲ ଥିଲେ। ମନ୍ଦିର ଟ୍ରଷ୍ଟର ଅନେକ ବରିଷ୍ଠ କର୍ମକର୍ତ୍ତା ଏହା ଜାଣିଥିବା ଅଭିଯୁକ୍ତମାନେ ପୁଲିସ ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। କୁମ୍ଭମେଳା ସମୟରେ ସବୁଠାରୁ ବେଶି ଚୋରି ହୋଇଛି। ଏହି ସମୟରେ କୋଟି କୋଟି ଟଙ୍କା ଲୁଟ୍ କରାଯାଇ ଜମି ସହିତ ଅନ୍ୟ କାରବାରରେ ଲଗାଇଛନ୍ତି ଅଭିଯୁକ୍ତ। ଅଭିଯୁକ୍ତଙ୍କର ଏଭଳି ଖୁଲାସା ପରେ ଅର୍ଥ କାରବାର ଅନୁସନ୍ଧାନ ନେଇ ଅସହାୟ ହୋଇପଡ଼ିଛି ପୁଲିସ। ତେଣୁ ଏଥିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଆୟକର ବିଭାଗର ସହାୟତା ଲୋଡ଼ାଯାଇଛି। ଏହି ଘୋଟାଲାରେ ଟ୍ରଷ୍ଟର କିଛି ପ୍ରଭାବଶାଳୀ କର୍ମକର୍ତ୍ତା ସାମିଲ ଥିବାରୁ ଇଡିର ସହାୟତା ନିଆଯାଇଥିବା କୁହାଯାଉଛି।

ଏହି ମାମଲାରେ ପୁଲିସ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଖୋଳତାଡ଼ ଚଳାଇଛି। ପଚରାଉଚରା ବେଳେ ଅଭିଯୁକ୍ତ ମାନେ ସ୍ୱୀକାର କରିଛନ୍ତି ଯେ ୨୦୨୫ ମସିହା ପ୍ରାରମ୍ଭରେ ଅନୁଷ୍ଠିତ କୁମ୍ଭମେଳା ସମୟରେ ହିଁ ରାମ ▶ପୃଷ୍ଠା-୧୦

## ଗଣଶିକ୍ଷା ବିଭାଗର ଆଡ଼ବାୟା ନୀତି

# ମନ୍ତ୍ରୀଙ୍କ ମନ୍ତବ୍ୟକୁ କାଟିଲେ ସଚିବ

### ପିଲାଙ୍କୁ ମିଳିବ ତ୍ରୁଟିଶୂନ୍ୟ ନୂଆ ବହି

■ ଭୁବନେଶ୍ୱର, ୧।୭ (ସମିସ): ସ୍କୁଲ ପିଲାଙ୍କ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ପ୍ରସଙ୍ଗ ଦିନକୁ ଦିନ ଅଧିକ ଜଟିଳ ହେଉଛି। ଗତ ସୋମବାର ଦିନ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗଣମାଧ୍ୟକୁ ପ୍ରତିକ୍ରିୟା ଦେଇ ପାଠ୍ୟପୁସ୍ତକ ଫେରସ୍ତ ହେବ ନାହିଁ ଓ ସେହି ବହିକୁ ସଂଶୋଧିତ କରି ଶିକ୍ଷାଦାନ କରାଯିବ ବୋଲି କହିଥିଲେ। ମାତ୍ର ଦିନକ ପରେ ଅର୍ଥାତ୍ ଆଜି ବିଭାଗୀୟ ସଚିବ ଏନ୍ ଥିରୁମାଳା ନାଏକ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀଙ୍କ ମନ୍ତବ୍ୟକୁ ଭୁଲ୍ ପ୍ରମାଣିତ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ନୂତନ ଭାବେ ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଇ ଦିଆଯିବ ବୋଲି ସଚିବ ଘୋଷଣା କରିଛନ୍ତି। ମନ୍ତ୍ରୀ ଓ ସଚିବଙ୍କ କଥାରେ ତାଳମେଳ ରହୁ ନଥିବା ବେଳେ ପିଲାଙ୍କୁ କେବେ ସୁଦ୍ଧା ନୂତନ ବହି ମିଳିବ ତାହା ସ୍ପଷ୍ଟ ହୋଇନାହିଁ। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ ଓ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ପୁସ୍ତକ ଯୋଗାଣ ସମ୍ପର୍କରେ ସଚିବ କହିଛନ୍ତି ଯେ, ଖୁବଶୀଘ୍ର ପିଲାଙ୍କୁ ନୂଆ ବହି ଯୋଗାଇ ▶ପୃଷ୍ଠା-୧୦

**ସୋମବାର ପୁରୁଣା ବହି ଫେରସ୍ତକୁ ମନା କରିଥିଲେ ମନ୍ତ୍ରୀ**

**ନୂଆ ମିଳିବା ଯାଏ ତାଳିପକା ବହିରେ ଚାଲିବ ପାଠପଢ଼ା**

### କଟା ଘା'ରେ ଚୂନ — ଯେତିକି କୁହାଯାଉଛି, ସେତିକି ଭୁଲ୍ ହୋଇନାହିଁ: ସଚିବ

■ ଭୁବନେଶ୍ୱର, ୧।୭ (ସମିସ): ସ୍କୁଲ ପିଲାଙ୍କ ପଢ଼ା ବହିରେ ତ୍ରୁଟିକୁ ନେଇ ସାରା ରାଜ୍ୟ ହୁଲସ୍ଥୁଲ। ଏହି ପ୍ରସଙ୍ଗ ଜାତୀୟସ୍ତରରେ ଓଡ଼ିଶାକୁ ନିନ୍ଦିତ କରିଛି। ବିରୋଧୀଦଳଗୁଡ଼ିକ ସରକାରଙ୍କୁ ତୀବ୍ର ସମାଲୋଚନା କରୁଛନ୍ତି। ନିଜେ ମୁଖ୍ୟମନ୍ତ୍ରୀ ଏହି ଭୁଲ ପଛରେ ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ କରିଛନ୍ତି। ବିଭାଗୀୟ ସଚିବ ଭୁଲ ଥିବା ସ୍ୱୀକାର କରି ପିଲାଙ୍କୁ ତ୍ରୁଟିଶୂନ୍ୟ ନୂଆ ବହି ଯୋଗାଇବାକୁ ଘୋଷଣା କରିଛନ୍ତି। ମାତ୍ର ବହିରେ ଥିବା ଗୁରୁଚଣ୍ଡାଳ ଦୋଷଗୁଡ଼ିକକୁ ଘୋଡ଼ାଇବା ସହିତ ଏହା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଘୋଡ଼ାଇବାକୁ ଉଦ୍ୟମ କରିଛନ୍ତି। ଯାହାକି ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ କଟା ଘା'ରେ ଚୂନ ମାରିବା ପରି ହୋଇଛି। ବହିରେ ଯେତିକି ଭୁଲ ଥିବା କୁହାଯାଉଛି, ବାସ୍ତବରେ ସେତିକି ଭୁଲ ନାହିଁ ବୋଲି ସଚିବଙ୍କ ଟିପ୍ପଣୀ ଏବେ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିର୍ଦ୍ଦିଷ୍ଟ ଅଧିକାରୀମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ସଚିବ ଏପରି ମନ୍ତବ୍ୟ ଦେଇଛନ୍ତି ବୋଲି ଅନେକ ଅଭିଯୋଗ କରିଛନ୍ତି।

ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଓସେପା ପକ୍ଷରୁ ବହିରେ ୧୬୭୮ ଟି ତ୍ରୁଟି ଥିବା ସ୍ୱୀକାର କରାଯିବା ▶ପୃଷ୍ଠା-୧୦

## କୋଚିଂ ସେଣ୍ଟରରେ ନାବାଳିକାକୁ ଦୁଷ୍କର୍ମ

# ଅଭିଯୁକ୍ତ ଏଚ୍‌ଆଇଭି ପଜିଟିଭ୍

■ ଭୁବନେଶ୍ୱର ୧।୭ (ସମିସ): ରାଜଧାନୀର ଏକ କୋଚିଂ ସେଣ୍ଟରରେ ନାବାଳିକାକୁ ଦୁଷ୍କର୍ମ ଘଟଣାରେ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିବା ଅଭିଯୁକ୍ତ ଶିକ୍ଷକ ଏଚ୍‌ଆଇଭି ପଜିଟିଭ୍ ବୋଲି ଡାକ୍ତରୀ ପରୀକ୍ଷା ପରେ ଜଣାପଡ଼ିଛି। ଏହା ପଦାକୁ ଆସିବା ପରେ ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ ସତର୍କ ହୋଇଛନ୍ତି। ଅଭିଯୁକ୍ତର ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ଭୁବନେଶ୍ୱର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଓ ଡିସିପିଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଝାରପଡ଼ା ଜେଲ୍ କର୍ତ୍ତୃପକ୍ଷ।

**କୋର୍ଟ ଓ ପୁଲିସକୁ ଚିଠି ଲେଖିଲେ ଜେଲ୍ କର୍ତ୍ତୃପକ୍ଷ**

ସୂଚନା ଅନୁସାରେ ଜଣେ ୧୭ ବର୍ଷୀୟା ନାବାଳିକା ରାଜଧାନୀର ଏକ କୋଚିଂ ସେଣ୍ଟରରେ ପଢୁଥିବା ବେଳେ ଅଭିଯୁକ୍ତ ଜଣକ ସେଠାରେ ଶିକ୍ଷକତା କରୁଥିଲେ। ପାଠ ପଢ଼ିବା ସମୟରେ ନାବାଳିକାକୁ ପ୍ରେମ ଜାଲରେ ଫସାଇ ବିଭିନ୍ନ ସ୍ଥାନକୁ ନେଇଥିଲେ। ସେଠାରେ ନାବାଳିକାକୁ ବଳପୂର୍ବକ ଦୁଷ୍କର୍ମ କରିଥିଲେ। ପରବର୍ତ୍ତୀ ସମୟରେ ବ୍ଲାକମେଲିଂ କରି ସମ୍ପୃକ୍ତ ନାବାଳିକା ସହ ସେ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ ଓ ମାନସିକ ନିର୍ଯାତନା ଦେଇଥିଲେ। ଅତ୍ୟାଚାର ଅସହ୍ୟ ହେବାରୁ ନାବାଳିକା ଜଣକ ମହିଳା ଥାନାରେ ଲିଖିତ ଏତଲା ଦେଇଥିଲେ। କିଛିଦିନ ପୂର୍ବେ ପୁଲିସ ▶ପୃଷ୍ଠା-୧୦

# ବିଜୟ ସରକାର ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର!



### ବିଧାୟକଙ୍କୁ ୩୫ କୋଟିର ପ୍ରଲୋଭନ

■ ଚେନ୍ନଇ, ୧।୭ (ଏଜେନ୍ସି): ତାମିଲନାଡୁରେ ସୁପରଷ୍ଟାର୍ ବିଜୟଙ୍କ ନେତୃତ୍ୱାଧୀନ 'ଟିଭିକେ' (ତାମିଲିଗା ଭେଟ୍ରି କାଜାଗାମ) ସରକାର ଗଠନ ହେବାର ମାତ୍ର ଦୁଇ ମାସ ମଧ୍ୟରେ ଏହାକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର। ବିଧାନସଭାରୁ ଇସ୍ତଫା ଦେବାଲାଗି ଟିଭିକେ ବିଧାୟକଙ୍କୁ ଯଚାଯାଇଥିଲା ୩୫ କୋଟି ଟଙ୍କା। ଏହି ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହେବାପରେ ତାମିଲନାଡୁ ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ଏହି ଘଟଣାରେ ତିନି ଜଣଙ୍କୁ ଗିରଫ କରାଯିବା ପରେ ଷଡ଼ଯନ୍ତ୍ରରେ ଡିଏମକେ ସାମିଲ ଥିବା ନେଇ ଅଭିଯୋଗ ହୋଇଛି।

ରାଜ୍ୟ ଗୋଇନ୍ଦା ବିଭାଗ ଏହି ଯୋଜନାକୁ ପଣ୍ଡ କରିଥିବା ଦାବି କରିଛି। ମିଳିଥିବା ସୂଚନା ଅନୁଯାୟୀ, ସରକାରର ପତନ ପାଇଁ ଏକାସଙ୍ଗେ ୧୫ ଜଣ ଟିଭିକେ ବିଧାୟକଙ୍କୁ ଇସ୍ତଫା ଦେବା ପାଇଁ ପ୍ରଲୋଭିତ କରାଯାଉଥିଲା। ଏକ ସମୟରେ ଏତେ ବିଧାୟକ ଇସ୍ତଫା ଦେଇଥିଲେ ବିଜୟ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା ହୋଇଥିଲା। ବିରୋଧୀ ଦଳ ▶ପୃଷ୍ଠା-୧୦






# ରାଜ୍ୟବ୍ୟାପୀ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

## ସରକାରୀ ହସ୍ପିଟାଲ୍‌ରେ ସ୍ୱାସ୍ଥ୍ୟ ସେବା ପ୍ରଭାବିତ

■ ଭୁବନେଶ୍ୱର, ୧।୭ (ସମିସ): ଜାତୀୟ ଡାକ୍ତର ଦିବସଠାରୁ ଓଡିଶା ମେଡିକାଲ୍ ସର୍ଭିସେସ୍ ଆସୋସିଏସନ୍ (ଓମସା) ଆରମ୍ଭ କରିଛି ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନ। ୧୦-ଦଫା ଦାବି ପୂରଣ ନ ହେବାରୁ ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ସହ କାର୍ଯ୍ୟବନ୍ଦ କରିଥିବାରୁ ସରକାରୀ ହସ୍ପିଟାଲଗୁଡ଼ିକରେ ରୋଗୀ ସେବା ଗୁରୁତର ପ୍ରଭାବିତ ହୋଇଛି। ରାଜ୍ୟର ସମସ୍ତ ସରକାରୀ ଚିକିତ୍ସାଳୟରେ ଓପିଡି ଏବଂ ଇନ୍‌ଡୋର ସେବା ଗୁରୁତର ଭାବେ ପ୍ରଭାବିତ ହୋଇଥିବାରୁ ରୋଗୀମାନେ ବହୁ ଦୂରଦୂରାନ୍ତରୁ ଆସି ହସ୍ପିଟାଲରୁ ନିରାଶ ହୋଇ



ଫେରିଛନ୍ତି। କେନ୍ଦ୍ରୀୟ ବେତନ କ୍ରମ ଲାଗୁ, ବିନା ସର୍ତ୍ତରେ ଡାଇନାମିକ୍ ଆସ୍ୟୁଡ୍‌ର୍ କ୍ୟାରିୟର୍ ପ୍ରୋଗ୍ରେସନ୍ କାର୍ଯ୍ୟକାରୀ, ଡାକ୍ତରଙ୍କ ସୁରକ୍ଷା, ଖାଲି ପଦବୀ ପୂରଣ, ଅନ୍ୟାନ୍ୟ ଭତ୍ତା, ଟ୍ରାନ୍ସଫର୍ ନୀତି ଓ ସେବା ସୁନିଶ୍ଚିତତା ଲାଗି ଡାକ୍ତରମାନେ ଦାବି କରିଛନ୍ତି।

ଓମସା ପକ୍ଷରୁ କୁହାଯାଇଛି ଯେ ଗତ କିଛି ମାସ ଧରି ସରକାରଙ୍କୁ ସମୟ ଦିଆଯାଇଥିଲା, କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଯଦି ଦାବି ପୂରଣ ନ ହୁଏ ତେବେ ଆନ୍ଦୋଳନ ଆହୁରି ତୀବ୍ର ହେବ। ଏହି ଆନ୍ଦୋଳନ ଯୋଗୁଁ ରାଜ୍ୟର ବିଭିନ୍ନ ଜିଲ୍ଲା ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର୍, କଳାହାଣ୍ଡି ଆଦି ସରକାରୀ ହସ୍ପିଟାଲ୍‌ରେ ରୋଗୀ ସେବା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ସରକାର ଏହି ଆନ୍ଦୋଳନ ପ୍ରଶମିତ କରିବା ପାଇଁ ପଦକ୍ଷେପ ନ ନେଲେ ଜରୁରୀ ସେବା ଉପରେ ମଧ୍ୟ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ▶ପୃଷ୍ଠା-୧୦

### ସଡ଼କ ସୁରକ୍ଷା ନିରାକରଣ ବୈଠକ

# ଆଇନ ଅମାନ୍ୟକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଜଗତସିଂହପୁର,୧୭ (ସମିସ)

ଜଗତସିଂହପୁର ଜିଲ୍ଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ସଡ଼କ ସୁରକ୍ଷାର ପ୍ରତିକାର ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଦୁର୍ଘଟଣା ହ୍ରାସ ନିମନ୍ତେ ସଠିକ୍ ପଦକ୍ଷେପ ନେବା ସହ ଆଇନ ଅମାନ୍ୟକାରୀଙ୍କ ବିରୋଧରେ କଡ଼ା ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏନ୍‌ଏଚ୍-୫୫ ଓ ଏସ୍‌ଏଚ୍-୧୨ ଉପରେ ହମ୍ପସ ସାଇନେଜ୍ ଲଗାଇବାକୁ ପୂର୍ତ୍ତ ବିଭାଗକୁ ସେ ନିର୍ଦ୍ଦେଶ ଦେଇଥିଲେ । ଭାରୀଯାନ ଚଳାଚଳ କଟକଣାକୁ କଡାକଡି ପାଳନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ମଦ୍ୟପ ଗାଡ଼ି ଚାଳକମାନଙ୍କ ଉପରେ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ । କୁଜଙ୍ଗ ଅଭୟଚାନ୍ଦପୁର, ପଙ୍କପାଳ ଛକ ନିକଟରେ ବଡ଼ ବଡ଼ ହମ୍ପସ ନିକଟରେ ମାର୍କିଂ କରିବାକୁ ଆଲୋଚନା ହୋଇଥିଲା । ଦୁର୍ଘଟଣା ପ୍ରବଣ ରାସ୍ତାରେ ଉପଯୁକ୍ତ ସଙ୍କେତ ଲଗାଇବା, ଷ୍ଟ୍ରିଟ୍‌ଲାଇଟ୍ ଲଗାଇବା, ଅମାନିଆ ଗାଡ଼ି ଚାଳକଙ୍କ ପାଇଁ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ କଡ଼ାକଡ଼ି କରିବାକୁ ସେ କହିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ରାସ୍ତାର ମରାମତି, ଜଗତସିଂହପୁର ପୌର ପରିଷଦ ଅଞ୍ଚଳରେ, ପାରାଦୀପ ପୌର ପରିଷଦର ଅଠରବାଙ୍କୀରୁ ଦୋଛକି ପର୍ଯ୍ୟନ୍ତ ରୋଡ ସେଫ୍ଟି, ନୋ ପାର୍କିଂ ସାଇନେଜ୍ ଲଗାଇବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବର୍ଷା ଦିନ ଯୋଗୁ କାର୍ଯ୍ୟ ଚାଲୁଥିବା ସ୍ଥାନ ମାନଙ୍କରେ ରାସ୍ତା ବନ୍ଦର ସଙ୍କେତ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ସଡ଼କ ସୁରକ୍ଷା ସମିତିର ସମସ୍ତ ସଭ୍ୟ ଉପସ୍ଥିତ ରହି ଭାରୀଯାନ ଚଳାଚଳ କଟକଣା, ରଙ୍ଗ ରୁଟ୍‌ରେ ଗାଡ଼ି ପାର୍କିଂ, ଆଇନ ଭଙ୍ଗକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପାରାଦୀପ ପୋର୍ଟ ନିକଟରେ ପାର୍କିଂ ଜୋନ୍ ବ୍ୟବସ୍ଥା କରିବା ପାଇଁ ଗଠନ ମୂଳକ ମତାମତ ଦେଇଥିଲେ । ୯ ଜଣ ଗୁଡ ସମାରିଟାନଙ୍କୁ ମାନପତ୍ର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା । ସେହି ଗୁଡ ସମାରିଟାନ ମାନେ ହେଲେ ଗଗନ କୁମାର ଭୋଇ, ସୁଦର୍ଶନ ସ୍ୱାଇଁ, ରାଜେଶ କୁମାର ଜେନା, ଅଞ୍ଜନ କୁମାର ପ୍ରଧାନ, ରଞ୍ଜନ କୁମାର ଭୋଇ, ସଂଗ୍ରାମ କିଶୋର ପଟ୍ଟନାୟକ, ପ୍ରୀୟାଂଶୁ ପରିଡ଼ା, ଲୋକନାଥ ଓଝା ଏବଂ ନରେଶ କୁମାର ରାଉତ । ଏହି ଅବସରରେ ଡେପୁଟି କଲେକ୍ଟର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତୃପ୍ତିମୟୀ ପ୍ରଧାନ, ନିର୍ବାହୀ ଅଧିକାରୀ ପାରାଦୀପ ପୌର ପରିଷଦ ଅଭିଷେକ ପଣ୍ଡା, ନିର୍ବାହୀ ଅଧିକାରୀ ଜଗତସିଂହପୁର ସନ୍ଦିପ ସିଂହ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଏନ୍‌ଏଚ-୫୫ ବିଭାଗର ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ନାଗରିକ ସମାଜର କର୍ମକର୍ତ୍ତା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

## ପାରାଦୀପ ରିଫାଇନରୀରେ 'ସ୍ୱଚ୍ଛତା ପଖୱାଡା' ଶୁଭାରମ୍ଭ

ପାରାଦୀପ,୧୭ (ସମିସ): ଇଣ୍ଡିଆନଅଏଲ୍ ପାରାଦୀପ ରିଫାଇନରୀରେ ଆଜି ସ୍ୱଚ୍ଛତା ପଖୱାଡା-୨୦୨୬ର ଶୁଭାରମ୍ଭ ହୋଇଛି । ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ




ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁ, ରିଫାଇନରୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଲେ । ଏହି ଅବସରରେ ଶ୍ରୀ ବସୁ, ସ୍ୱଚ୍ଛ ଭାରତ ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହିତ ସ୍ୱଚ୍ଛତା ପ୍ରତି ସକ୍ରିୟ ଭାବେ ଭୂମିକା ଗ୍ରହଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ପରେ ସେ "ସ୍ୱଚ୍ଛତା ରଥ'କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜୁଲାଇ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଏହି ସ୍ୱଚ୍ଛତା ପଖୱାଡା ଅବସରରେ, ସ୍ୱଚ୍ଛତା ସମ୍ପର୍କରେ ସଚେତନତା ପ୍ରସାର କରିବା ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ଅବସରରେ ପାରାଦୀପ ରିଫାଇନରୀ ଏବଂ ପାରିପାର୍ଶ୍ୱର୍ ଗ୍ରାମଗୁଡ଼ିକରେ, ବୃକ୍ଷରୋପଣ ଅଭିଯାନ, ପ୍ଲଗିଂ, ନୁକ୍କଡ଼ ନାଟକ, ସ୍ୱଚ୍ଛତା ଅଭିଯାନ, ସଚେତନତାମୂଳକ ଆଲୋଚନା, ଡଷ୍ଟବିନ୍ ଏବଂ ସ୍ୱଚ୍ଛତା କିଟ୍ ବଣ୍ଟନ, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଭଳି ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

### ଶ୍ରେଣୀ ଗୃହରେ ଗଣ୍ଡଗୋଳ

## ଛାତ୍ରଙ୍କ ଆକ୍ରମଣରେ ସହପାଠୀ ଆହତ

ବାଲିକୁଦା,୧୭ (ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ଅରିଲୋ ପଞ୍ଚାୟତର ମାଳପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ଆହତ ହୋଇଥିବା ସୂଚନା ମିଳିଛି । ପ୍ରାର୍ଥନା ସଭା ଶେଷ ହେବା ପରେ ଅଷ୍ଟମ ଶ୍ରେଣୀର ଜଣେ ଛାତ୍ର କୌଣସି କାରଣରୁ ତାଙ୍କର ଜଣେ ସହପାଠୀଙ୍କ ବେକରେ ଧାରୁଆ ଅସ୍ତ୍ର (ଛୁରି) ସଦୃଶ ବସ୍ତୁରେ ଆକ୍ରମଣ କରିଥିବାରୁ ଛାତ୍ର ଜଣକ ଆହତ ହୋଇଥିବା ଜଣାପଡ଼ିଛି । ଘଟଣା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ସହଯୋଗରେ ଆହତ ଛାତ୍ରଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଯାଇଥିଲା । ତେବେ ଘଟଣାକୁ ନେଇ ବିଦ୍ୟାଳୟ ପକ୍ଷରୁ ସମ୍ପୂର୍ଣ୍ଣ ବିବରଣୀ ସାର୍ବଜନୀନ କରାଯାଇନଥିବାରୁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଚର୍ଚ୍ଚା ଚାଲିଛି । ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ବନିତା ଦାସଙ୍କ ସହ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ, ଘଟଣା ସମ୍ପର୍କରେ ପରେ ବିସ୍ତୃତ ସୂଚନା ପ୍ରଦାନ କରିବେ । ସେହିପରି ସିଆର୍‌ସିସି ପ୍ରକାଶ ସେଠୀ କହିଛନ୍ତି ଯେ, ସେ ଘଟଣା ସମୟରେ ପ୍ରଶିକ୍ଷଣରେ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଫୋନ୍ ଯୋଗେ ତାଙ୍କୁ ଜଣାଇଥିଲେ ଯେ ପ୍ରାର୍ଥନା ସଭା ପରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଅନ୍ୟ ଜଣେ ସହପାଠୀଙ୍କ ବେକରେ ଛୁରି ଲଗାଇ ସାମାନ୍ୟ ଆହତ କରିଛନ୍ତି । ଘଟଣାର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ ପରେ ସେ ଆସନ୍ତାକାଲି ସ୍ପଷ୍ଟ ସୂଚନା ଦେଇପାରିବେ ବୋଲି କହିଛନ୍ତି । ଅନ୍ୟପକ୍ଷରେ ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଯେ, ଖବର ଲେଖାଯିବା ସୁଦ୍ଧା ଏହି ଘଟଣା ସମ୍ପର୍କରେ ଥାନାରେ କୌଣସି ଲିଖିତ ଅଭିଯୋଗ ଦାଖଲ ହୋଇନାହିଁ । ଅଭିଯୋଗ ମିଳିଲେ ଘଟଣାର ତଦନ୍ତ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

### ■ ବିବାହ ଭୋଜି ଗଣ୍ଡଗୋଳ ଘଟଣା

## ଅଭିଯୁକ୍ତ ନୃସିଂହ କୋର୍ଟଚାଲାଣ



ବାଲିକୁଦା,୧୭ (ସମିସ): ବାଲିକୁଦା ଥାନା ଅଞ୍ଚଳରେ ବିବାହ ଭୋଜିକୁ କେନ୍ଦ୍ର କରି ଘଟିଥିବା ପ୍ରମୋଦ ଦାସ ହତ୍ୟାକାଣ୍ଡର ଅଭିଯୁକ୍ତ ନୃସିଂହ ଚରଣ ଦାସଙ୍କୁ ପୁଲିସ କୋର୍ଟଚାଲାଣ କରି ଜେଲ୍ ପଠାଇଛି । ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକଙ୍କ ସୂଚନା ଅନୁଯାୟୀ, ତଦନ୍ତ ସମୟରେ ଅଭିଯୁକ୍ତଙ୍କ ନିକଟରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ କରାଯାଇଛି । ପଚରାଉଚରା ବେଳେ ଅଭିଯୁକ୍ତ ଅପରାଧ ଘଟାଇଥିବା ସ୍ୱୀକାର କରିଥିବା ପୁଲିସ କହିଛି । ଉଲ୍ଲେଖଯୋଗ୍ୟ ଯେ, ଗତ ୨୮ ଜୁନରେ ନାନୀକିପଡ଼ା ଗ୍ରାମରେ ଏକ ବିବାହ ଭୋଜି ସମୟରେ ଛୁରାମାଡ଼ରେ ପ୍ରମୋଦ ଦାସ ଗୁରୁତର ଆହତ ହୋଇ ପରେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ । ଘଟଣାର ତଦନ୍ତ ଜାରି ରହିଥିବା ବେଳେ ପୋଲିସ ପକ୍ଷରୁ ପ୍ରମୋଦଙ୍କ ପିତାଙ୍କ ଅଭିଯୋଗ ଅନୁଯାୟୀ ୨୫୫/୨୬ରେ ମାମଲା ରୁଜୁ କରି ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଉଛି ।

## ଇଫ୍‌କୋ ଡିଏଭି ବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ




ପାରାଦୀପ,୧୭ (ସମିସ): ଇଫ୍‌କୋ ଡିଏଭି ବିଦ୍ୟାଳୟର ୨୧ତମ ସ୍ୱନକ୍ଷତ୍ର ଦିବସ ଉତ୍ସବ ଇଫ୍‌କୋ ସାମୁଦାୟିକ ଭବନଠାରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନ୍ନରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଇଫକୋ ପାରାଦୀପ ୟୁନିଟ୍‌ର ନିର୍ଦ୍ଦେଶକ ପିକେ ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର "ବ୍ୟକ୍ତିତ୍ୱ ବିକାଶ' ବିଭାଗର ପ୍ରଫେସର ଏଏ ଖାନ୍, ଇଫକୋର ମୁଖ୍ୟ (ଅର୍ଥ ବିଭାଗ) ଓ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ ଜି.ନାୟକ, ମୁଖ୍ୟ ପରିଚାଳକ (ମାନବ ସମ୍ବଳ) ବି.କେ. ପରିଡା, ଆଇ.ଓ.ଏ ସଭାପତି ଓ ସମ୍ପାଦକ, ବିଦ୍ୟାଳୟର ପରିଚାଳନା ସମିତି ସଦସ୍ୟ ସୁଶାନ୍ତ କୁମାର ଜେନା ଓ ସତ୍ୟଜିତ ଖୁଣ୍ଟିଆ, ଅଭିଭାବକ ପ୍ରତିନିଧି ସୁପ୍ରଭାତ ସୀଲ୍ ଓ ଲତିକା ନାୟକ, ଡିଏଭି (ପିପିଏଲ) ଅଧ୍ୟକ୍ଷ ସଞ୍ଜିବ କୁମାର ସାହୁ, ଡିଏଭି (ପିପିଟି) ଅଧ୍ୟକ୍ଷା ଗୀତାଞ୍ଜଳି ହୋତା ପ୍ରମୁଖ ଯୋଗଦେଇଥିଲେ । ଯୋଗଦାନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶିଳା ପଟ୍ଟନାୟକ (୨୦୨୫-୨୬) ବର୍ଷର ଦଶମ ଓ ଦ୍ୱାଦଶ ଶ୍ରେଣୀର ବୋର୍ଡ ପରୀକ୍ଷାଫଳର ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରସ୍ତୁତ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ତରଫରୁ (୨୦୨୫-୨୬) ବର୍ଷର ୩ୟ ଠାରୁ ୧୨ଶ ଶ୍ରେଣୀ ପର୍ଯ୍ୟନ୍ତ ସ୍ଥାନକାରୀ ଛାତ୍ରଛାତ୍ରୀ, ଦଶମ ଓ ଦ୍ୱାଦଶ ଶ୍ରେଣୀର ପୂର୍ଣ୍ଣାଙ୍କ ପ୍ରାପ୍ତକାରୀ ଓ ୯୦ ପ୍ରତିଶତରୁ ଅଧିକ ଅଙ୍କ ରଖୁଥିବା କୃତୀ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ବିଦ୍ୟାଳୟର ୫୬ଜଣ କୃତୀ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଆକର୍ଷଣୀୟ ସାମୂହିକ ସଙ୍ଗୀତ ପ୍ରସ୍ତୁତ କରିବା ସହ ମନଲୋଭା ସଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ବରିଷ୍ଠ ଶିକ୍ଷକ ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

### ■ ସ୍ଥାପନାକୁ ସପ୍ତାହେ ପୂରିନି

## ଖୋଲା ଜିମ୍ ସରଞ୍ଜାମ ଖୋଲିଗଲାଣି



ବାଲିକୁଦା,୧୭ (ସମିସ): ବାଲିକୁଦା ବ୍ଲକ ପଞ୍ଚାୟତର ଜଳସମ୍ପଦ କାର୍ଯ୍ୟାଳୟ ନିକଟରେ ଖୋଲା ଆକାଶ ତଳେ ନିର୍ମିତ ହୋଇଥିବା ଜିମ୍‌କୁ ନେଇ ପ୍ରଶ୍ନ ଉଠିଛନ୍ତି ବୃଦ୍ଧିଜୀବୀ । ବ୍ଲକ ପ୍ରଶାସନ ପକ୍ଷରୁ ୧୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟରେ ନିର୍ମାଣ ହୋଇଥିବା ଏହି ଜିମ୍‌ର ସରଞ୍ଜାମ ନିର୍ମାଣର ସପ୍ତାହେ ନ ପୂରୁଣୁ ଖୋଲିଗଲାଣି । କେଉଁଠି ହଲୁଛି, ଆଉ କେଉଁଠି ଢିଲା ପଡ଼ିଛି । ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଜିମ୍‌ର ବିଭିନ୍ନ ବ୍ୟାୟାମ ଉପକରଣର ଭିତ୍ତିଭୂମି ପର୍ଯ୍ୟାପ୍ତ ମଜବୁତ ନ ଥିବାରୁ କିଛି ଯନ୍ତ୍ର ବ୍ୟବହାର ସମୟରେ ଦୋହଲୁଥିବା ଦେଖାଯାଉଛି । ଏଭଳି ପରିସ୍ଥିତିରେ ଜିମ୍ ବ୍ୟବହାର କରୁଥିବା ଶିଶୁ, ଯୁବକ ଓ ବୟସ୍କଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିଛି । ସମୟ ଥାଉଥାଉ ତ୍ରୁଟି ସଂଶୋଧନ ନ କଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି ବୋଲି ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି । ବ୍ଲକ ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିବା ସତ୍ତ୍ୱେ କାମର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି । ଜନସାଧାରଣଙ୍କ ଦାବି, ପ୍ରକଳ୍ପର ଗୁଣବତ୍ତାର ନିରପେକ୍ଷ ଯାଞ୍ଚ କରାଯାଇ ତ୍ରୁଟିପୂର୍ଣ୍ଣ କାମ ଥିଲେ ଦାୟୀ ସଂସ୍ଥା କିମ୍ବା ବ୍ୟକ୍ତିଙ୍କ ବିରୋଧରେ ଉପଯୁକ୍ତ ପଦକ୍ଷେପ ନିଆଯାଉ । ସେହିପରି ଜିମ୍‌କୁ ସୁରକ୍ଷିତ ଓ ରକ୍ଷଣାବେକ୍ଷଣ କରିବା ପାଇଁ ତୁରନ୍ତ ମରାମତି କାର୍ଯ୍ୟ କରିବାକୁ ସେମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଯନ୍ତ୍ରୀ ଚିନ୍ମୟୀ ବେହେରାଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରି ନଥିଲା ।

## ନିଶାଦ୍ରବ୍ୟ ଚୋରା ଚାଲାଣ ବିରୋଧୀ ଦିବସ

ଜଗତସିଂହପୁର,୧୭ (ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜଗତସିଂହପୁର ଜିଲ୍ଲା ଅଳକା କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚୋରା ଚାଲଣ ବିରୋଧୀ ଦିବସ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ନିଜର ଅଭିଭାଷଣରେ ନିଶାଦ୍ରବ୍ୟର ଅପବ୍ୟବହାର ଅବୈଧ ଚାଲଣ ହେବା ଦ୍ୱାରା ସମାଜରେ କିପରି ବିପଦଜନକ ସ୍ଥିତି ଉପୁଜୁଛି ଓ ତା' ପାଇଁ ଥିବା ବିଭିନ୍ନ ଆଇନ୍ କାନୁନ୍ ଉପରେ ଆଲୋକପାତ କରିଥିଲେ । ଜନ ସଚେତନତା ଦ୍ୱାରା କିପରି ନିଶାଦ୍ରବ୍ୟର ଅପବ୍ୟବହାର ଓ ଅବୈଧ ଚାଲଣ ରୋକାଯାଇପାରିବ ସେ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ ଏବଂ ଏନଡିପିସି ଆକ୍ଟର କେତେକ ପ୍ରମୁଖ ଦଫା ଉପରେ ମଧ୍ୟ ଆଲୋଚନା କରିଥିଲେ । ଅଳକା କଲେଜର ଶିକ୍ଷକ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧିକାରୀ ମିତ୍ର ପ୍ୟାନେଲ ଓକିଲ ଓ ଅଳକା କଲେଜର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଶେଷରେ ପ୍ୟାନେଲ୍ ଓକିଲ ଅଭିମନ୍ୟୁ ରାଉତ ଧନ୍ୟବାଦ ଅର୍ପଣ କରି ସଭା ଉଦଯାପନ କରାଯାଇଥିଲା ।

## ମୌଳିକ କର୍ତ୍ତବ୍ୟ ଉପରେ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର,୧୭ (ସମିସ): ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଓ ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅଦାଲତ ସଭା ଗୃହରେ ମୌଳିକ କର୍ତ୍ତବ୍ୟ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରାଧିକାରଣର ସଚିବ ବିଡିଡି ଚନ୍ଦନା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ବିଭୂପ୍ରସାଦ ପଣ୍ଡା ଅଧ୍ୟକ୍ଷତା କରିବା ସହିତ ନିଜର ଅଭିଭାଷଣରେ ମୌଳିକ ଅଧିକାର ସହିତ କିପରି ମୌଳିକ କର୍ତ୍ତବ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଅଛି ସେ ଉପରେ ଆଲୋକପାତ କରିଥିଲେ । ଜଗତସିଂହପୁର ବାର୍ ଆସୋସିଏସନର ଅଧ୍ୟକ୍ଷ ରବିନାରାୟଣ ସ୍ୱାଇଁ ମୌଳିକ କର୍ତ୍ତବ୍ୟ ଉପରେ ପର୍ଯ୍ୟାଲୋଚନା କରିଥିଲେ । ମହିଳା ଅଦାଲତର ବିଚାରପତି ପ୍ରଜ୍ଞା ପରମିତା ମହାପାତ୍ର, ଦେୱାନୀ ଅଦାଲତ ବିଚାରପତି ସଂକେତ ସାମଲ ନିଜର ଅଭିଭାଷଣ ରଖି ମୌଳିକ ଅଧିକାର ସହିତ କର୍ତ୍ତବ୍ୟର ଆବଶ୍ୟକତା ରହିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଡହକ ଏଡିଜେ ଏସ୍‌କେ ଏଜେଡ୍ ଅହମ୍ମଦ, ପୋକ୍‌ସ କୋର୍ଟ ବିଚାରପତି ଗାର୍ଗୀ ପଟ୍ଟନାୟକ, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ରାକେଶ ମୁଦୁଲି, ଏସଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ ଏବଂ ଜେଏମ୍‌ଏଫ୍‌ସି ଅଙ୍କିତ ଦେଓଗନ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ବିଡିଡି ଚନ୍ଦନା ଧନ୍ୟବାଦ ପ୍ରଦାନ କରିବା ପରେ ସଭା ଉଦ୍‌ଯାପନ କରାଯାଇଥିଲା ।

## ଚୋରା ମଦ ଜବତ; ୨ ଗିରଫ

ନାଉଗାଁ,୧୭ (ସମିସ): ନାଉଗାଁ ଥାନା ମୁଣ୍ଡାଲୋ ଛକ ନିକଟରୁ ୧୨୫ ଲିଟର ବିଦେଶୀ ମଦ ଜବତ ସହ ଦୁଇ ବେପାରୀଙ୍କୁ ପୁଲିସ ଗିରଫ କରିଛି । ସୂଚନା ଅନୁସାରେ ଗତ ୩୦ ତାରିଖ ରାତି ପ୍ରାୟ ୧୦ଟା ସମୟରେ ଏକ କାରୟ ଯୋଗେ କିଛି ବ୍ୟକ୍ତି ମୁଣ୍ଡାଲୋ ରାସ୍ତା ଦେଇ ଚୋରା ମଦ ନେଇ ଜଗତସିଂହପୁର ଅଭିମୁଖେ ଯାଉଥିବା କୌଣଜି ସୂତ୍ରରୁ ପୁଲିସ ଖବର ପାଇ ଉକ୍ତ ଗାଡିକୁ ଅଟକାଇଥିଲା । ତେବେ ପୁଲିସ ଉକ୍ତ ଗାଡ଼ିରେ ବିପୁଳ ପରିମାଣର ମଦ ରହିଥିବା ଦେଖି ଗାଡ଼ି ସହିତ ଗାଡ଼ିରେ ଥିବା ଦୁଇ ଯୁବକ ତଥା ବାଲିକୁଦା ଥାନା ଅଞ୍ଚଳ ଓଗରପୁର ଗ୍ରାମର ସ୍ୱର୍ଗତ ବିଜୟ କୁମାର ନାୟକଙ୍କ ପୁଅ ସଚିନ କୁମାର ନାୟକ (୨୬) ଓ ଭବାନନ୍ଦ ପରିଡାଙ୍କ ପୁଅ ବଳରାମ ପରିଡ଼ା (୩୦)ଙ୍କୁ ଗିରଫ କରି ଥାନାକୁ ଆଣିବା ସହ ଏମାନଙ୍କ ନାମରେ ଅବକାରୀ ଆଇନ ବଳରେ ଏକ ମାମଲା ରୁଜୁ କରି ଉଭୟଙ୍କୁ ଅଦାଲତ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଦେବାଶିଷ ପଣ୍ଡା ସୂଚନା ଦେଇଛନ୍ତି ।

## ବରିଷ୍ଠ ନାଗରିକ ମଞ୍ଚର ସମ୍ମିଳନୀ



ଏରସମା,୧୭ (ସମିସ): ଏରସମା ବରିଷ୍ଠ ନାଗରିକ ମଞ୍ଚର ପକ୍ଷରୁ ଅଖିଳ ଭାରତୀୟ କୃଷକ ସଂଘର ରାଜ୍ୟ ସଭାପତି ତଥା ବିଶିଷ୍ଟ ସାମ୍ୟବାଦୀ ନେତା ଶଶୀଭୂଷଣ ସ୍ୱାଇଁଙ୍କ ୭୫ତମ ଜନ୍ମଦିବସ ପାଳନ କରାଯାଇଛି । ବରିଷ୍ଠ ଆଇନଜୀବୀ ଡ. ବୀର ନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ବରିଷ୍ଠ ନାଗରିକ ଯୋଗଦେଇଥିଲେ । ବରିଷ୍ଠ ନାଗରିକ ମଞ୍ଚର ସଭାପତି ରବିଦାସ ଗୁରୁ, କହିଥିଲେ ବର୍ତ୍ତମାନ ସମାଜରେ ବରିଷ୍ଠ ନାଗରିକମାନେ ବିଭିନ୍ନ କ୍ଷେତ୍ରରେ ଅବହେଳା ଓ ଅବମାନନାର ଶିକାର ହେଉଥିଲେ ମଧ୍ୟ ସେମାନଙ୍କ ତ୍ୟାଗ, ଅଭିଜ୍ଞତା ଓ ଅବଦାନ ରାଷ୍ଟ୍ର ଗଠନରେ ଅମୂଲ୍ୟ । ମୁଖ୍ୟବକ୍ତା ଡ. ସଞ୍ଜୟ ବିଶ୍ୱାଳ, ସମାଜସେବୀ ପ୍ରଶାନ୍ତ କୁମାର ସେଠୀ, ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ଲେଙ୍କା, ସାମ୍ବାଦିକ ଅରୁଣ ବେହେରା, ଅରୂପାନନ୍ଦ ସ୍ୱାଇଁ, ଶଙ୍କର ପରିଡ଼ା, ଇଞ୍ଜିନିୟର ଦୁର୍ଯ୍ୟୋଧନ ସେଠୀ, ମନୋଜ ପାତ୍ର, ରମେଶ ଜେନା, ରାଜକିଶୋର ଜେନା, ଭରତ ସ୍ୱାଇଁ, ସତ୍ୟାନନ୍ଦ ଭୋଳ, ମଦନ ମୋହନ ମୁଦୁଲି, କୈଳାଶ ପ୍ରଧାନ, ଶରତ ମୁଦୁଲି, ଶଙ୍କର ମଣ୍ଡଳ, ଶଙ୍କର୍ଷଣ ପରିଡ଼ା, ଲୋକନାଥ ମହାନ୍ତି, ଶିବଚରଣ ରାଉତ, ଯଯାତି ସାମନ୍ତରାୟ, ମହେଶ୍ୱର ସ୍ୱାଇଁ, ତୃପ୍ତିରଞ୍ଜନ ମହାନ୍ତି, ରଞ୍ଜନ ଜେନା ଓ ଲକ୍ଷ୍ମୀପ୍ରିୟା ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## କନିଷ୍ଠ ସହାୟକଙ୍କ ଅବସରର ପ୍ରଥମ ବାର୍ଷିକୀ



ଜଗତସିଂହପୁର,୧୭ (ସମିସ): ଜନ୍ମଦିନ, ବିବାହ, ଶ୍ରାଦ୍ଧର ବାର୍ଷିକୀ ପାଳନ ହେଉଥିବା ବେଳେ ଅବସର ଗ୍ରହଣର 'ପ୍ରଥମ ବାର୍ଷିକୀ' ପାଳନ ହେବା ନିଶ୍ଚୟ ଏକ ଆଶ୍ଚର୍ଯ୍ୟଜନକ ଘଟଣା । କିନ୍ତୁ ଏହିଭଳି ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି ଜୟଶୋଳ ଉଚ୍ଚ ବିଦ୍ୟାଳୟର ପୂର୍ବତନ କନିଷ୍ଠ ସହାୟକ ବରଦା ପ୍ରସନ୍ନ ରାମ । ନିଜ ଅବସର ଗ୍ରହଣର ପ୍ରଥମ ବାର୍ଷିକୀକୁ ସେ ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ତରତଙ୍ଗ ସ୍ଥିତ ତ୍ରିନାଥ ଜରାଶ୍ରମ ପରିସରରେ ପାଳନ କରିଛନ୍ତି । ଜରାଶ୍ରମର ପ୍ରତିଷ୍ଠାତା ନିରଞ୍ଜନ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସମ୍ମାନନୀୟ ଅତିଥି ଭାବେ ଜିଲ୍ଲା ଜୁନିଅର ରେଡ୍‌କ୍ରସ ଅଧିକାରୀ ତଥା ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁ, ବରିଷ୍ଠ ଶିକ୍ଷାବିତ ଶରତ ଚନ୍ଦ୍ର ବାରିକ, ବିଜୟ କୁମାର ରଥ, ଈଶ୍ୱରଚନ୍ଦ୍ର ନନ୍ଦ, ସରୋଜ କୁମାର ମିଶ୍ର, ବୀରବର ଭୋଇ, ସରୋଜ କୁମାର ଦାସ, ସୁଶାନ୍ତ କୁମାର ଦାସ, ସହଦେବ ସେଠୀ, ବିଜୟା କୁମାରୀ ଦାଶ ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ ଚନ୍ଦନ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରଥମ କରି ଜରାଶ୍ରମରେ ଅବସର କାଳୀନ ପ୍ରଥମ ବାର୍ଷିକ ଉତ୍ସବ ଏକ ନିଆରା ପରମ୍ପରା ସୃଷ୍ଟି କରିଛି । ବରଦା ପ୍ରସନ୍ନ ରାମଙ୍କ ଅଙ୍ଗଦାନ ସଚେତନତା ଅଭିଯାନ, ରକ୍ତଦାନ, ବୃକ୍ଷ ରୋପଣ ତଥା ଗ୍ରାମ ଦେବତୀ ମା' ବୁଢ଼ୀ ତରଡେଇଙ୍କ ନିମିତ୍ତ ଏକ ଟ୍ରଷ୍ଟ ଗଠନକୁ ସମସ୍ତ ବକ୍ତା ପ୍ରଶଂସା କରିଥିଲେ । ଉକ୍ତ କାର୍ଯ୍ୟ ପାଇଁ ତାଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଜରାଶ୍ରମର ସମସ୍ତ ଅନ୍ତେବାସୀ ତାଙ୍କର ଦୀର୍ଘାୟୁ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ତାଙ୍କର ସହଧର୍ମିଣୀ ସବିତାବାଳା ନାୟକ, କନ୍ୟା ବୈଶାଖୀ ପ୍ରିୟଦର୍ଶିନୀ, ମୌସୁମୀ ପ୍ରିୟଦର୍ଶିନୀ, ଝିଆରୀ ତିତିଲି ପ୍ରିୟଦର୍ଶିନୀ ଓ ଜରାଶ୍ରମର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ପିପିଏଲ୍ ସହ ଶ୍ରମିକ ସଂଘର ଚୁକ୍ତିନାମା ସ୍ୱାକ୍ଷର



ପାରାଦୀପ, ୧୭ (ସମିସ)

ପିପିଏଲ ସାର କାରଖାନାରେ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର କାମ କରୁଥିବା ଶ୍ରମିକମାନଙ୍କ ପାଇଁ ଏକ ଖୁସି ଖବର ମିଳିଛି । ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ଏବଂ ପାରାଦୀପ ଫସଫେଟ୍ସ ଲିମିଟେଡ (ପିପିଏଲ) ମ୍ୟାନେଜମେଣ୍ଟଙ୍କ ମଧ୍ୟରେ ଏକ ପଞ୍ଚବର୍ଷୀୟ ୱେଜ ସେଟଲମେଣ୍ଟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତିନାମା ଅନୁସାରେ ଫଟୋ ପାସ ଠିକା କର୍ମଚାରୀମାନଙ୍କୁ ଏହି ଲାଭାଂଶ ମିଳିବ ଯାହାକି ମୂଳ ମଜୁରି ଉପରେ ୪୦ ପ୍ରତିଶତକୁ ବୃଦ୍ଧି, ପ୍ରୋତ୍ସାହନ ରାଶିରେ ୪୨ ପ୍ରତିଶତକୁ ବୃଦ୍ଧି ଏବଂ ମାସିକ କ୍ୟାଣ୍ଟିନ ଭତ୍ତା ୧୫୦୦ ଟଙ୍କା ସ୍ଥିରୀକୃତ କରାଯାଇଛି । ଯାହାକି ସମୁଦାୟ ଆୟର ପ୍ରତ୍ୟେକ ମାସରେ ୧୩,୩୫୦ ଟଙ୍କା ବୃଦ୍ଧି କରାଯାଇଛି । ଯାହାକି ମୂଳ ଦରମାର ପ୍ରତିବର୍ଷ ପ୍ରାୟ ୧ ଲକ୍ଷ ୬୦ ହଜାର ୨୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିବା ସହିତ ପିଛିଲା ଭାବେ ଥିବା ୨୮ ମାସର ବକେୟା ରାଶି ଯାହାକି ସର୍ବମୋଟ ୩ ଲକ୍ଷ ୭୩ ହଜାର ୮୦୦ ଟଙ୍କା ଉକ୍ତ ଠିକା କର୍ମଚାରୀମାନେ ପାଇପାରିବେ । ଏନେଇ ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏଥିରେ ପାରାଦୀପ ଫସଫେଟ୍ସ ଲିମିଟେଡର ଉଚ୍ଚପଦାଧିକାରୀ ତଥା ୟୁନିଟ ହେଡ ଏସ୍. ଗିରିଆହ, ସିଏଚଆରଓ ରଜନୀଶ୍ ଭରଦ୍ୱାଜ୍, ସିଜିଏମ (ଏଚଆର) ସୁମିତ ସେନାପତି, ଡିଜିଏମ (ଏଚଆର) ଶୁଭେନ୍ଦୁ ବିଶ୍ୱାଳ, ଶ୍ରମ ବିଭାଗର ଅଧିକାରୀ ବାବା ଏଆର୍ ଦାସ୍, ଡିଭିଜନାଲ୍ ଲେବର କମିଶନର, ଶିବ ପ୍ରସାଦ୍ ସାହୁ, ଜିଲ୍ଲା ଶ୍ରମ ଅଫିସର ଏବଂ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ପକ୍ଷରୁ ସଭାପତି ବାପି ସର୍ଖେଲ, ସାଧାରଣ ସମ୍ପାଦକ ସମୀର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ମଦ ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ଦାବିରେ ଗଣଧାରଣା

ରାଜଘାଟ, ୧।୭ (ସମିସ): ବସ୍ତା ବ୍ଲକ ଇନ୍ଦିରା ଛକରୁ ଅମର୍ଦ୍ଦା ରୋଡ ମଧ୍ୟରେ ଖୋଲିବାକୁ ଥିବା ନୂତନ ବିଦେଶୀ ମଦ ଦୋକାନକୁ ବିରୋଧ କରି ଆଜି ଶତାଧିକ ଲୋକ ଇନ୍ଦିରା ଛକରେ ଗଣ ଧାରଣା



ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ, ପ୍ରସ୍ତାବିତ ଦୋକାନଟି ସେହି ରାସ୍ତାରେ ଥିବା ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋଟିଏ ମହାବିଦ୍ୟାଳୟ, ଏକାଧିକ ଆବାସିକ ବିଦ୍ୟାଳୟ, ଏକ ସରକାରୀ ହସ୍ପିଟାଲରୁ ମାତ୍ର ଏକ କିଲୋ ମିଟର ଦୂରେ ହେବାକୁ ଯାଉଛି। ଏହା ବକାରୀ ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ। ଇନ୍ଦିରା ଛକ ଅମର୍ଦ୍ଦାରୋଡ ହେଉଛି ଏକ ବ୍ୟସ୍ତବହୁଳ ରାସ୍ତା। ସେଠାରେ ମଦ ଦୋକାନ ଖୋଲିଲେ ମଦ୍ୟପ ମାନଙ୍କ ଭିଡ଼ ଜମି ଟ୍ରାଫିକ୍ ଜାମ୍ ଓ ଛିନତାଇ ଭଳି ଘଟଣା ବଢିବ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଛାତ୍ର ଛାତ୍ରୀ ମାନେ ପ୍ରତିଦିନ ଏଇ ରାସ୍ତାରେ କୋଚିଂ, ସ୍କୁଲ, କଲେଜ, ବଜାର ଯାଆନ୍ତି। ଦୋକାନ ଖୋଲିଲେ ସେମାନେ ନିରାପଦ ରହିବେ ନାହିଁ। ଶତାଧିକ ମହିଳା ଓ ପୁରୁଷ ହାତରେ ପ୍ଲାକାର୍ଡ ଧରି 'ଆମ ଗାଁରୁ ମଦ ହଟାଓ, 'ପିଲାଙ୍କ ଭବିଷ୍ୟତ ସହ ଖେଳିବାନି' ଭଳି ନାରା ଦେଇଥିଲେ। ସେମାନେ ତୁରନ୍ତ ଦୋକାନକୁ ଗାଁଠୁ ଅତି କମରେ ୧ କିଲୋମିଟର ଦୂରକୁ ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି। ପ୍ରଶାସନର ଆଶ୍ୱାସନା ପରେ ଗ୍ରାମବାସୀ ଧାରଣା ପ୍ରତ୍ୟାହାର କରିଥିଲେ। କିନ୍ତୁ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜପଥ ଘେରାଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳର ଯୁବ ସମ୍ମେଳନ

ଜଳେଶ୍ୱର/ ଜଳେଶ୍ୱର ବ୍ଲକ, ୧।୭ (ସମିସ)




ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ଜନତା ଦଳ ଯୁବ ସମ୍ମେଳନ ଜଳେଶ୍ୱରସ୍ଥିତ ଏକ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଯୁବ ସମ୍ମେଳନ ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇ ୪ଟି ଅଧିବେଶନରେ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସମସ୍ତ ଅଧିବେଶନରେ ଯୁବ ସମାଜସେବୀ ଲେଲିନ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ପ୍ରଥମ ଅଧିବେଶନରେ ଯୁବ ସମ୍ମେଳନର ଅବାହକ ତଥା ଗଡସାହି ବାଲିଆପାଳର ସରପଂଚ ଧ୍ରୁବଜ୍ୟୋତି ଗିରି ସଭାପତିତ୍ୱ କରିଥିବା ବେଳେ ଜଳେଶ୍ୱର ପୌରାଧକ୍ଷ ପ୍ରତୀପ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ବିଶେଷ ଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ବ୍ଲକ ବିଜୁ ଜନତା ଦଳ ସଭାପତି ଦିଲ୍ଲୀପ କୁମାର ସାମଲ, ବସ୍ତା ବ୍ଲକ ଉପସଭାପତି ଅନାଦୀ ଚରଣ ଦାସ ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧିବେଶନର ଶେଷରେ ଯୁବ ନେତା ଗୌତମ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମାକିଡିଆ ସରପଞ୍ଚ ପ୍ରତିନିଧି ନିମାଁଇ ଚରଣ ଘୋଷଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମେଳନରେ ମୁଖ୍ୟଅତିଥି ଭାବେ ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ଯୁବଗୋଷ୍ଠୀଙ୍କୁ ଜଣେ ଯୋଗ୍ୟ କର୍ମୀ ବା ଜନପ୍ରତିନିଧି ହେବା ପାଇଁ ମୌଳିକ ବିଷୟ ଗୁଡିକ ଉପରେ ଟ୍ରେନିଂ ଦେବା ସହିତ ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳ ତୃଣମୂଳସ୍ତରରେ କିପରି ସଶକ୍ତ ହୋଇପାରିବ ସେ ବିଷୟରେ ଯୁବ ଗୋଷ୍ଠିଙ୍କୁ ସୂତ୍ର ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର, ଜଳେଶ୍ୱର ପୌର ଯୁବ ସଭାପତି ଆନନ୍ଦ କର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ପୌର କାଉନସିଲର ମୀର ଆବାସ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ତୃତୀୟ ଅଧିବେଶନରେ ଜଳେଶ୍ୱର ମହିଳା ବିଜୁ ସଭାପତି ସୁବିନୀତା ଦତ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଦଳର ରାଜ୍ୟ ପ୍ରବକ୍ତା ଲେଖାଶ୍ରୀ ସାମନ୍ତ ସିଂହାର, ମୁଖ୍ୟ ବକ୍ତା ଭାବେ ରାଜ୍ୟ ଛାତ୍ର ସଭାପତି ଇପସିତା ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ଉପାଧକ୍ଷା ଅନୁସୟା ପ୍ରଧାନ, ଜଳେଶ୍ୱର ପୌର ଉପାଧକ୍ଷା ପୁଷ୍ପପ୍ରୀୟା କାମିଲା, କାଉନସିଲର କବିତା ଧଳ ପ୍ରମୁଖ ଯୋଗଦେଇ ଥିବା ବେଳେ ଦେବଜାନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷ ଅଧିବେଶନରେ ଜଳେଶ୍ୱର ଛାତ୍ର ସଭାପତି ସୁରଜ ଚୌରାସିଆ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ସଭାପତି ଚିନ୍ମୟ ସାହୁ, ବିଶେଷ ଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ବ୍ଲକ ଅଧକ୍ଷ ମାନସ କୁମାର ଜେନା, ଜଳେଶ୍ୱର ପୌର ସଭାପତି ସୁରଜିତ ଘୋଷ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ଶିକ୍ଷକ ସଂଘର ପୂର୍ବତନ ସଭାପତି ମନୋରଂଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଯୁବ ଛାତ୍ର ଓ ମହିଳା ମାନଙ୍କୁ ସମ୍ମାନିତ କରାଯାଇଥିଲା।

## ସୁବର୍ଣ୍ଣପୁର ଦାଣ୍ଡୀରେ ବନ ବିଭାଗର ଚଢ଼ଉ | ୪୧୦ ପକ୍ଷୀ ଉଦ୍ଧାର, ଶିକାରୀ ଗିରଫ

ଚନ୍ଦନେଶ୍ୱର, ୧।୭ (ସମିସ) : ବାଲେଶ୍ୱର ଜିଲ୍ଲାର ସମୁଦ୍ରତଟବର୍ତ୍ତୀ ସୁବର୍ଣ୍ଣପୁର ଦାଣ୍ଡୀରେ ବନ ବିଭାଗ ପକ୍ଷରୁ କରାଯାଇଥିବା ଏକ ସ୍ୱତନ୍ତ୍ର ଚଢ଼ଉ ବେଳେ ଜଣେ ପକ୍ଷୀ ଶିକାରୀଙ୍କୁ ଗିରଫ କରାଯିବା ସହ ବହୁ ସଂଖ୍ୟକ ଜୀବନ୍ତ ଓ ମୃତ ପକ୍ଷୀ ଉଦ୍ଧାର କରାଯାଇଛି। ଶିକାର କାର୍ଯ୍ୟରେ ବ୍ୟବହୃତ ଏକ ଇଞ୍ଜିନଚାଳିତ ବୋଟକୁ ମଧ୍ୟ ଜବତ କରାଯାଇଛି। ଘଟଣା ସମୟରେ ଅନ୍ୟ ଚାରିଜଣ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିବାବେଳେ ସେମାନଙ୍କୁ ଧରିବା ପାଇଁ ବନ ବିଭାଗ ତଦନ୍ତ ଜାରି ରଖିଛି। ଗିରଫ ଯୁବକ ଜଣକ ବାଲିଆପାଳ ବ୍ଲକ ଚୌମୁଖ ଗାଁର ରବୀନ ମଣ୍ଡଳଙ୍କ ପୁଅ କାଳୀଚରଣ ମଣ୍ଡଳ (୨୨) ବୋଲି ଜଣାପଡ଼ିଛି। ତାଙ୍କ ବିରୋଧରେ ବନ୍ୟଜନ୍ତୁ ସୁରକ୍ଷା ଆଇନ ଅନୁଯାୟୀ ବନ ବିଭାଗ କେସ୍ ନଂ୧୭ (ଜେଏଲ) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ବନ ବିଭାଗ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଅଧାରାତିରେ ଇଞ୍ଜିନଚାଳିତ ଡଙ୍ଗାରେ



ସୁବର୍ଣ୍ଣରେଖା ନଦୀ ପାର ହୋଇ ସୁବର୍ଣ୍ଣପୁର ଦାଣ୍ଡୀକୁ ଆସି ନିୟମିତ ଭାବେ ପକ୍ଷୀ ଶିକାର କରୁଥିଲେ। ସମୁଦ୍ର କୂଳରେ ବାଉଁଶ ପୋତି ବଡ଼ ବଡ଼ ଜାଲ ବିଛାଇ ପକ୍ଷୀମାନଙ୍କୁ ଫାନ୍ଦରେ ପକାଇବାର ଏକ ଅଭିନବ ପଦ୍ଧତି ଅବଲମ୍ବନ କରୁଥିବା ଜଣାପଡ଼ିଛି। ଗୁପ୍ତ ସୂଚନା ପାଇ ବନ ବିଭାଗର କର୍ମଚାରୀମାନେ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରିଥିଲେ। ଚଢ଼ଉ ସମୟରେ ବନ କର୍ମଚାରୀଙ୍କୁ ଦେଖି ଚାରିଜଣ ଶିକାରୀ ଘଟଣାସ୍ଥଳରୁ ପଳାଇବାରେ ସଫଳ ହୋଇଥିବାବେଳେ କାଳୀଚରଣ ମଣ୍ଡଳଙ୍କୁ କାବୁ କରାଯାଇଥିଲା। ତାଙ୍କ ନିକଟରୁ ୨୯୭ଟି ଜୀବନ୍ତ ଓ ୧୧୩ଟି ମୃତ ପକ୍ଷୀ ସହ ମୋଟ ୪୧୦ଟି ପକ୍ଷୀ ଉଦ୍ଧାର କରାଯାଇଛି। ଏଥିସହିତ ଶିକାର କାର୍ଯ୍ୟରେ ବ୍ୟବହୃତ ଇଞ୍ଜିନଚାଳିତ ବୋଟ ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଶିକାରୀମାନେ ବହୁ ପରିମାଣରେ ପକ୍ଷୀ ଧରି ବିଭିନ୍ନ ଅଞ୍ଚଳରେ ବିକ୍ରି କରି ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଥିଲେ। ଏହା ପଛରେ କୌଣସି ସଂଗଠିତ ଚକ୍ର ସକ୍ରିୟ ଅଛି କି ନାହିଁ, ସେ ଦିଗରେ ମଧ ବନ ବିଭାଗ ତଦନ୍ତ କରୁଛି। ଭାରପ୍ରାପ୍ତ ଜଳେଶ୍ୱର ରେଞ୍ଜ ଅଧିକାରୀ ସଞ୍ଜୟ କୁମାର ମହାନ୍ତି କହିଛନ୍ତି ଯେ, ବନ୍ୟପ୍ରାଣୀ ଓ ପକ୍ଷୀଙ୍କ ସୁରକ୍ଷା ପାଇଁ ଏଭଳି ଚଢ଼ାଉ ଆଗାମୀ ଦିନରେ ଆହୁରି ଜୋରଦାର କରାଯିବ। ଫେରାର ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଗିରଫ କରିବା ସହ ପକ୍ଷୀ ଶିକାର ଓ ଚୋରା କାରବାରରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଏହି ଚଢ଼ାଉକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି ପରିବେଶପ୍ରେମୀମାନେ ମତ ପ୍ରକାଶ କରିଥିବାବେଳେ ଉପକୂଳ ଅଞ୍ଚଳରେ ପକ୍ଷୀ ଶିକାର ରୋକିବା ପାଇଁ ନିୟମିତ ପାଟ୍ରୋଲିଂ ଓ କଡ଼ା ନଜରଦାରିର ଆବଶ୍ୟକତା ଉପରେ ମଧ ମତ ପ୍ରକାଶ ପାଉଛି।

## ଭି.ବି.ଜି.ରାମଜୀ ବାତିଲ ପାଇଁ ବ୍ଲକ ସମ୍ମୁଖରେ ବିକ୍ଷୋଭ

ଜଳେଶ୍ୱର, (ସମିସ): କ୍ଷେତ ଓ ଗ୍ରାମୀଣ ଶ୍ରମିକ ୟୁନିୟନ, ସି.ଆଇ.ଟି.ୟୁ ଓ କୃଷକ ସଭାର ସର୍ବଭାରତୀୟ ମିଳିତ ଡାକରାରେ ଆଜି ସମଗ୍ର ଦେଶବ୍ୟାପୀ ଭି. ବି. ଜି. ରାମଜୀ ଆଇନକୁ ବାତିଲ କରି ମନରେଗାକୁ କାର୍ଯ୍ୟ କରିବା ପାଇଁ ବିକ୍ଷୋଭ ଅନୁଷ୍ଠିତ ହେଉଥିବା ବେଳେ ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ସଂଗଠନ ତରଫରୁ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ନୂତନ ଆଇନ କେନ୍ଦ୍ର ସରକାରଙ୍କ ବଜେଟ ଉପରେ ଆଧାରିତ। ଏଥିରେ କେନ୍ଦ୍ର ସରକାର ୬୦% ଓ ରାଜ୍ୟ ସରକାର ୪୦% ଅର୍ଥ ବହନ କରିବେ ଅର୍ଥାତ ରାଜ୍ୟ ସରକାର ଉପରେ ଅଧିକ ବୋଝ ବଢିବ। କାମ ଓ ମଜୁରୀ ସମ୍ପର୍କରେ କେନ୍ଦ୍ର ସରକାର ଦ୍ୱାରା ମନୋନିତ ଷ୍ଟିଅରିଂ କମିଟି ନିଷ୍ପତ୍ତି ନେବେ। କୃଷି ଋତୁ ସମୟରେ ୬୦ ଦିନର କାମ ମିଳିବ ନାହିଁ। କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ୧୨୫ଦିନର କାର୍ଯ୍ୟ ପ୍ରଚାର ସର୍ବସ୍ୱ ମାତ୍ର। ଉକ୍ତ ଆଇନ କେବଳ କ୍ଷେତ ମଜଦୁର ଓ ଗ୍ରାମିଣ ଶ୍ରମିକ ଅଧିକାର ଉପରେ ଆକ୍ରମଣ ଓ



ସଂଘିୟ ବ୍ୟବସ୍ଥା ଓ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ଉପରେ ଆକ୍ରମଣ ବୋଲି କୁହାଯାଇଛି। ତେଣୁ ନୂତନ ଭି. ବି. ଜି. ରାମଜୀ ଆଇନକୁ ବାତିଲ କରି ମନରେଗା ଆଇନ ଲଗୁକରିବା, ସମସ୍ତ ଶ୍ରମିକଙ୍କୁ ୨୦୦ଦିନର କାମ ଦେବା, ଅଣକୁଶଳୀ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ମଜୁରୀ ପ୍ରଦାନକୁ ସୁନିଶ୍ଚିତ କରିବା, କାମ କରିବାର ୭ଦିନ ମଧ୍ୟରେ ମଜୁରୀ ପ୍ରଦାନ କରିବା, ମନରେଗା କାର୍ଯ୍ୟରେ ପୂର୍ବରୁ ବକେୟା ଥିବା ମଜୁରୀ ତୁରନ୍ତ ପ୍ରଦାନ କରିବା ଇତ୍ୟାଦି ଦାବି ନେଇ ଏକ ଦାବିପତ୍ର ଜଳେଶ୍ୱର ବିଡିଓଙ୍କ ଜରିଆରେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ମିଳିତ ସମନ୍ୱୟ ସମିତିର ସମ୍ପାଦକ ଦିଲ୍ଲୀପକୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଜିଲ୍ଲା କୃଷକ ସଭାର ନେତୃତ୍ୱ ସିତାଂଶୁ ସେନାପତି, ସିଟୁର ବ୍ଲକ ସଭାପତି ଦିପ୍ତୀମାନ ଆଚାର୍ଯ୍ୟ, ସମ୍ପାଦକ ପଲ୍ଟୁ ଦାସ, ସୁଶାନ୍ତ ରାଉତ, ରବିନ୍ଦ୍ର ବାରିକ, ସବିତା ଭୂୟାଁ, ଅରୁଣ ଜେନା, ବିପ୍ଳବ ଦାସ, ଶ୍ରୀକାନ୍ତ ଦାସ, ଚନ୍ଦନ ସତପଥୀ, ନିତ୍ୟାନନ୍ଦ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସରକାର ଦାବିଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ନେତୃତ୍ୱମାନେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି।

## ସୋରରେ ନିଶାମୁକ୍ତ ଓଡ଼ିଶା ଅଭିଯାନ




ସୋର, ୧।୭ (ସମିସ): ଓଡିଶା ପୁଲିସ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଜୁଲାଇ ୧ରେ ସୋରରେ ନିଶା ମୁକ୍ତ ଓଡ଼ିଶା ଅଭିଯାନ କରାଯାଇଥିବା ବେଳେ ତିନ ଜିଲାର ଆରକ୍ଷୀ ଅଧିକ୍ଷକ ଏଥିରେ ଯୋଗ ଦେଇଥିଲେ। ସୋର ଥାନା ମାଣତ୍ରୀ ପଞ୍ଚାୟତ ବଳିବାଡ଼ରେ ଥିବା ଉତ୍କଳ ଏନଭିରୋ କେୟାର ଠାରେ ଓଡିଶା ପୋଲିସ ପକ୍ଷରୁ ଆଭାସୀ ମାଧ୍ୟମରେ ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ନିଶା ମୁକ୍ତି ଅଭିଯାନର ବାର୍ତ୍ତା ଦେବା ସଙ୍ଗେ ସଂଗେ ଓଡ଼ିଶାର ବିଭିନ୍ନ ଥାନା ଦ୍ୱାରା ଜବତ ହୋଇଥିବା ନିଶା ସାମଗ୍ରୀକୁ ନଷ୍ଟ କରିବା ପାଇଁ ବାର୍ତ୍ତା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସୋର ଠାରେ ତିନି ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଯଥା କ୍ରମେ ବରୁଣ ଗୁଣ୍ଟୁପାଲି, ପ୍ରତ୍ୟୁଷ ଦିବାକର ଓ ମନୋଜ ରାଉତ, ବାଲେଶ୍ୱର ଅବକାରୀ ଅଧୀକ୍ଷକ ସେକ ଆସିଫ ଅଲ୍ଲୀ, ମୟୁରଭଞ୍ଜ ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁର, ବାଲେଶ୍ୱର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିବ୍ୟଜ୍ୟୋତି ଦାଶ, ବାଲେଶ୍ୱର ଜିଲ୍ଲାର କ୍ରାଇମ ଡିଏସପି ତପସ୍ୱିନୀ କଅଁରଙ୍କ ସହ ବାଲେଶ୍ୱର ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ସୋର ଥାନାଧିକାରୀ ଦେବରାଜ ଜେନା ପ୍ରମୁଖ ଉପସ୍ଥିତ ରହି ଜବତ କରାଯାଇଥିବା ନିଶା ସାମଗ୍ରୀକୁ କୋର୍ଟଙ୍କ ନିର୍ଦ୍ଦେଶରେ ନଷ୍ଟ କରାଯାଇଥିଲା। ବାଲେଶ୍ୱର ଜିଲ୍ଲାରୁ ମୋଟ ୧୧ ଟି କେଶରେ ୨୩୮ କେଜି ଗଞ୍ଜେଇ, ୧୧ କେଜି ବ୍ରାଉନ ସୁଗାର, ମୟୂରଭଞ୍ଜ ଜିଲ୍ଲାରୁ ୮ଟି କେଶରେ ୯୩୮ କେଜି ଗଞ୍ଜେଇ ଓ ଭଦ୍ରକ ଜିଲ୍ଲାରୁ ୪ଟି କେଶରେ ୧୨୬ କେଜି ଗଞ୍ଜେ।

## ନିର୍ମାଣ ଶ୍ରମିକଙ୍କ ବୀମା ରାଶିରୁ ୨ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ

ଚନ୍ଦନେଶ୍ୱର, ୧।୭ (ସମିସ): ଗରିବ ଓ ଅସହାୟ ନିର୍ମାଣ ଶ୍ରମିକଙ୍କ ପରିବାର ପାଇଁ ସରକାର ପ୍ରଦାନ କରୁଥିବା ମୃତ୍ୟୁକାଳୀନ ବୀମା ସହାୟତା ରାଶିକୁ ନେଇ ସଙ୍ଗୀନ ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ବାରବାଟିଆ ପଞ୍ଚାୟତର କୁକୁଡ଼ିଆ ଗାଁରେ ଜଣେ ଜନସେବା କେନ୍ଦ୍ର ସଂଚାଳକ ବୀମା ରାଶି ଆଣିଦେବା ନାମରେ ଜଣେ ମୃତ ନିର୍ମାଣ ଶ୍ରମିକଙ୍କ ବିଧବା ସ୍ତ୍ରୀଙ୍କ ଖାତାରୁ ୨ ଲକ୍ଷ ଟଙ୍କା ବେଆଇନ ଭାବେ ଉଠାଇ ନେଇଥିବା ଅଭିଯୋଗ ହୋଇଛି। କୁକୁଡ଼ିଆ ଗାଁର ସଞ୍ଜୟ କୁମାର ମଣ୍ଡଳ ଜଣେ ପଞ୍ଜିକୃତ ନିର୍ମାଣ ଶ୍ରମିକ ଥିଲେ। ଗତ ୧୧ ମାର୍ଚ୍ଚ ୨୦୨୫ରେ ତାଙ୍କର ଅକାଳ ମୃତ୍ୟୁ ଘଟିଥିଲା। ସରକାରୀ ନିୟମ ଅନୁଯାୟୀ ତାଙ୍କ ପତ୍ନୀ କନକଲତା ମଣ୍ଡଳ ୩ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ବୀମା ସହାୟତା ପାଇବାର ହକଦାର ଥିଲେ। ଅଭିଯୋଗ ଅନୁସାରେ, ଗାଁ ଛକରେ ଜନସେବା କେନ୍ଦ୍ର ଚଳାଉଥିବା ଜନ୍ମେଜୟ ପଣ୍ଡା (ସିଏସସି ଆଇଡି୪୨୫୩୬୩୧୩୦୦୧୪) ବୀମା ଟଙ୍କା ଆଣିଦେବାର ପ୍ରତିଶ୍ରୁତି ଦେଇ କନକଲତାଙ୍କ ଘରକୁ ଯାଇ ଆବଶ୍ୟକ ସମସ୍ତ କାଗଜପତ୍ର ସଂଗ୍ରହ କରିଥିଲେ। କନକଲତା ସରକାରୀ ପ୍ରକ୍ରିୟା ସମ୍ପର୍କରେ ଅଜ୍ଞ ଥିବାରୁ ସେ ତାଙ୍କ ଉପରେ ବିଶ୍ୱାସ କରି ସମସ୍ତ କାଗଜପତ୍ର ଦେଇଥିଲେ।



ପରବର୍ତ୍ତୀ ସମୟରେ ବୀମା ରାଶି ଜମା ହେବା ପାଇଁ ଚନ୍ଦନେଶ୍ୱର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ତାଙ୍କ ନାମରେ ଏକ ସଞ୍ଚୟ ଖାତା ଖୋଲାଯାଇଥିଲା। ଅଭିଯୋଗ ଅନୁଯାୟୀ, ବ୍ୟାଙ୍କରୁ ମିଳିଥିବା ପାସବୁକ ଓ ଚେକବୁକକୁ ଜନସେବା କେନ୍ଦ୍ର ସଂଚାଳକ ନିଜ ପାଖରେ ରଖିଥିଲେ। ଗତ ୨ ମଇରେ ସରକାରଙ୍କ ପକ୍ଷରୁ କନକଲତାଙ୍କ ଖାତାରେ ୩ ଲକ୍ଷ ଟଙ୍କା ଜମା ହେବା ପରେ ଜାଲ ଦସ୍ତଖତ କରି ଚେକ ମାଧ୍ୟମରେ ୨ ଲକ୍ଷ ଟଙ୍କା ଉଠାଇ ନିଆଯାଇଥିବା ଅଭିଯୋଗ କରାଯାଇଛି। କିଛି ଦିନ ପୂର୍ବରୁ କନକଲତା ନିଜେ ବ୍ୟାଙ୍କକୁ ଯାଇ ଖାତା ଯାଞ୍ଚ କରିବା ପରେ କେବଳ ୧ ଲକ୍ଷ ଟଙ୍କା ଅବଶିଷ୍ଟ ଥିବା ଜାଣି ଚକିତ ହୋଇଥିଲେ। ତଦନ୍ତରେ ସେ ଜନସେବା କେନ୍ଦ୍ରରୁ ପାସବୁକ ଓ ଚେକବୁକ ଫେରାଇ ଆଣି ଚନ୍ଦନେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ପାଇବା ପରେ ଫାଣ୍ଡି ଅଧିକାରୀ ବନ ବିହାରୀ ଶତପଥୀ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଇ ନଷ୍ଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତିନି ଜିଲ୍ଲାର ସମସ୍ତ ଥାନାର ଅଧିକାରୀ, ଅବକାରୀ ବିଭାଗର ଅଧିକାରୀ ଏବଂ ଡିସପୋଜାଲ ଟିମ୍, ସ୍ଥାନୀୟ ଜନସାଧାରଣ, ସମାଜସେବୀ ଉପସ୍ଥିତ ଥିଲେ।

## ଡାକ୍ତର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ରୋଗୀ ସେବା ଠପ୍

ଜଳେଶ୍ୱର,୧।୭ (ସମିସ): ସାରା ରାଜ୍ୟରେ ଡ଼ାକ୍ତର ସଂଘ (ଓମସା) ର କାର୍ଯ୍ୟବନ୍ଦ ଯୋଗୁଁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ପ୍ରଭାବ ଦେଖିବାକୁ ମିଳିଛି ଉପାନ୍ତ ଜଳେଶ୍ୱର ଅଞ୍ଚଳରେ ଥିବା ହସ୍ପିଟାଲ ଗୁଡ଼ିକରେ। ସୀମାନ୍ତ ଅଞ୍ଚଳରେ ଥିବା ଜେକେ ଭଟ୍ଟର ପ୍ରମୁଖ ହସ୍ପିଟାଲ ରେ ପ୍ରତିଦିନ ୪ଶହରୁ ଊର୍ଦ୍ଧ୍ୱ ରୋଗୀ ଆଉଟ୍ ଡୋରରେ ଚିକିତ୍ସିତ ହୋଇ ମାଗଣା ଔଷଧ ନେଇ ଥାଆନ୍ତି। ହସ୍ପିଟାଲ ଖୋଲା ଥିଲେ ମଧ୍ୟ କର୍ମଚାରୀ ବ୍ୟତିତ ସମସ୍ତ ଡ଼ାକ୍ତର ବାଲେଶ୍ୱର ସିଡିଏମଓ ଅଫିସ୍ ସମ୍ମୁଖରେ ବିଭିନ୍ନ ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସିଛନ୍ତି। ସରକାରଙ୍କ ପ୍ରତିଶୃତି ଅନୁସାରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବୁଧବାର ରାଷ୍ଟ୍ରୀୟ ଡାକ୍ତର ଦିବସରେ ଧର୍ମଘଟ ଆରମ୍ଭ ହୋଇଛି। ଫଳରେ ଶହଶହ ରୋଗୀ ଚିକିତ୍ସା ପାଇଁ ଆସି ଘୋରି କ୍ଲିନିକ୍‌ରେ ଶୋଷଣର ଶିକାର ହେବା ସହି କେତେକ ନିରାଶରେ ଫେରିଛନ୍ତି।

## ସୋର ବ୍ଲକରେ ସପ୍ତମ ପଞ୍ଚାୟତ ସମିତି ବୈଠକ



ସୋର, ୧।୭ (ସମିସ) : ସୋର ବ୍ଲକ ସଭାଗୃହରେ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ଅଧିବେଶନ ବ୍ଲକ ଅଧକ୍ଷା ଅନୁସୂୟା ମଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋର ବିଧାୟକ ମାଧବ ଧଡ଼ା, ବିଡ଼ିଓ ସୁବ୍ରତ ବେହେରା, ୪୫ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ୪୪ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଜୟନ୍ତ କୁମାର ସ୍ୱାଇଁ, ଭଦ୍ରକ ସାଂସଦଙ୍କ ପ୍ରତିନିଧି ଦୀପ୍ତିକାନ୍ତ ପଣ୍ଡା, ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ, ସଭ୍ୟା ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ବ୍ଲକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ବିକଶିତ ଗ୍ରାମ ବିକଶିତ ଓଡିଶା, ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନା, ସ୍ୱାସ୍ଥ୍ୟ, ଶିକ୍ଷା, ମତ୍ସ୍ୟ ସମ୍ପଦ, ମିଶନ ଶକ୍ତି, କୃଷି, ଭତ୍ତା ଏବଂ ବିଭିନ୍ନ ପ୍ରକଳ୍ପ ବାବଦରେ ଆଲୋଚନା କରାଯାଇଥିଲା। ଏହାକୁ ଭାରପ୍ରାପ୍ତ ଜିପିଓ ଅଭିଷେକ ପଣ୍ଡା ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବରଡ଼ିହା ବନ ବିଭାଗ ପକ୍ଷରୁ ବନ ମହୋତ୍ସବ

ଜଳେଶ୍ୱର ବ୍ଲକ, ୧।୭ (ସମିସ): ସାରା ବିଶ୍ୱରେ ଜଙ୍ଗଲ ଦ୍ରୁତ ଅବକ୍ଷୟ ସହିତ ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଛି। ଆଗାମୀ ପିଢ଼ିକୁ ସୁରକ୍ଷିତ ରଖିବା ପାଇଁ ଆଗାମୀ ଦିନରେ ବ୍ୟାପକ ବନୀକରଣ ଆବଶ୍ୟକତା ରହିଛି।



ଆଜି ବନ ମହୋତ୍ସବ ପାଳନ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଳେଶ୍ୱର ରେଞ୍ଜ ବରଡ଼ିହା ବନ ବିଭାଗର ବନପାଳ ପ୍ରହ୍ଳାଦ ଚନ୍ଦ ନାୟକଙ୍କ ନେତୃତ୍ୱରେ ବନ ମହୋତ୍ସବ ୧ ସପ୍ତାହ ଧରି ପାଳନ କରାଯିବ ଏହି ପରିପ୍ରେକ୍ଷୀରେ ବର ଡ଼ିହା ବନଖଣ୍ଡ କାର୍ଯ୍ୟାଳୟ ଓ ନୁହାପଡା ବିଟ ହାଉସରେ ୨୫ ଜହାର ଚାରା ଯଥା ଶାଳ, ଆକାଶିଆ, ଲେମ୍ବୁ, କଦମ୍ବ, କାଠ ବାଦନ, ପିଜୁଳି, ଅର୍ଜିନ, ବାହାଡ, କଞ୍ଚନ ସଜନା, ଅମୃତଭଣ୍ଡା, ଆଜିଠାରୁ ପ୍ରତି ଚାରା ୧ଟଙ୍କା ମୂଲ୍ୟରେ ପ୍ରଦାନ କରାଯାଉଛି। ଆଜିର ବନମହୋତ୍ସବରେ ସାଥିରେ ଉପସ୍ଥିତ ରହିଥିଲେ ଫରେଷ୍ଟ ଗାର୍ଡ ସୁଲୋଚନା ବେହେରାଙ୍କ ସମେତ ଗାର୍ଡ ଓ ଚାରା ନେଉଥିବା ପ୍ରକୃତି ପ୍ରେମୀ ଗଣ।

## ସିଭିଲ୍ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାଲେଶ୍ୱର,୧।୭ (ସମିସ)




ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ସିଭିଲ୍ ସୋସାଇଟି ପକ୍ଷରୁ ତିନୋଟି ପ୍ରମୁଖ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଲିଖିତ ଦାବିପତ୍ର ଆଜି ପ୍ରଦାନ କରାଯାଇଛି। ବାଲେଶ୍ୱର ସହରରେ ଥିବା ସରକାରୀ ଜମିକୁ ଅବରୋଧ ମୁକ୍ତ କରିବା, ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିର ସୁଧାର ଆଣିବା ଓ ସରକାରୀ ବିଦ୍ୟାଳୟରେ ୧ମ ଶ୍ରେଣୀଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଚଳିତବର୍ଷର ନୂତନ ପାଠ୍ୟ ପୁସ୍ତକକୁ ସଂପୂର୍ଣ୍ଣ ତ୍ରୁଟିମୁକ୍ତ କରି ଛାତ୍ରଛାତ୍ରୀମାନଙ୍କୁ ତୁରନ୍ତ ଯୋଗାଇଦେବା ପାଇଁ ସିଭିଲ୍ ସୋସାଇଟି ଦାବି କରିଛି। ଗତ ୨୦୦ ବର୍ଷ ତଳର ବାଲେଶ୍ୱର ସହରରେ ଏବେ ଯାନବାହନ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ସହରକୁ ମୁଖ୍ୟ ପ୍ରବେଶପଥ (ଓ.ଟି. ରୋଡ୍) ସଂପ୍ରସାରଣ ପାଇଁ ସରକାରଙ୍କ ନିଷ୍ପତ୍ତିକୁ ସିଭିଲ୍ ସୋସାଇଟି ସ୍ୱାଗତ କରିଛି। ଏହି ସଂପ୍ରସାରଣରେ ସରକାରୀ ଜମିକୁ ଅବରୋଧ କରାଯାଇଥିବାରୁ ସଂପ୍ରସାରଣ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁ ନାହିଁ। ତାମୁଲିଆ ଓଭରବ୍ରିଜ୍ ଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ରେ ଥିବା ପ୍ରଭାବଶାଳୀ ବ୍ୟକ୍ତିମାନଙ୍କର ଜବରଦଖଲରେ ଥିବା ବହୁ ପଚ୍ଚାନିର୍ମାଣ ଓ ବିଦ୍ୟୁତଖୁଣ୍ଟ, ଗ୍ରାନ୍ସଫର୍ମର ଗୁଡ଼ିକୁ ଉଚ୍ଛେଦ କରାଯାଇନାହିଁ। ତେଣୁ ରାସ୍ତା ସଂପ୍ରସାରଣ ଓ ରାସ୍ତା ପାଶ୍ୱର୍ରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନାହିଁ। ଅଙ୍ଗାରଗଡ଼ିଆ, ତେଲେଙ୍ଗା ସାହି ଓ ପଡୁଆଁପଦା ମୌଜାରେ ଥିବା ପ୍ରାୟ ୪୦ ଏକରରୁ ଉର୍ଦ୍ଧ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯାଇ ସେଠାରେ ନୂତନ ମାର୍କେଟ ଓ ଦୈନିକ ହାଟ ପ୍ରତିଷ୍ଠାପାଇଁ ସିଭିଲ୍ ସୋସାଇଟି ସରକାରଙ୍କୁ ଏହି ଚିଠି ଦେଇଛି। ରାସ୍ତା ପାଶ୍ୱର୍ରୁ ଉଚ୍ଛେଦ ହୋଇଥିବା ବ୍ୟବସାୟୀମାନଙ୍କୁ ଏହି ନୂତନ ପ୍ରସ୍ତାବିତ ମାର୍କେଟ୍ ଓ ଦୈନିକ ହାଟରେ ବ୍ୟବସାୟ ପାଇଁ ଥଇଥାନ ପାଇଁ ଓ ଯାନବାହନ ପାରକିଂରେ ସୁଯୋଗ ଦିଆଯାଇପାରନ୍ତା ବୋଲି ସିଭିଲ୍ ସୋସାଇଟି ମତ ଦେଇଛି। ବାଲେଶ୍ୱର ସହର ସମେତ ସମଗ୍ର ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଅତ୍ୟନ୍ତ ଜଟିଳ ହୋଇଯାଇଛି। ପ୍ରକାଶ୍ୟ ଦିବାଲୋକରେ ହତ୍ୟା, ଛିନତାଇ, ମହିଳାମାନଙ୍କ ଉପରେ ଅତ୍ୟାଚାର ଓ ହିଂସା ବଢ଼ିଚାଲିଛି। ଅସାମାଜିକ ବ୍ୟକ୍ତିମାନେ ବନ୍ଧୁକ ଓ ମାରଣାସ୍ତ୍ର ଧରି ସଡ଼କରେ ବୁଲୁଛନ୍ତି। ମଦ ଓ ଉତ୍କଟ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ନିଶାସକ୍ତଙ୍କ ପାଇଁ ବହୁ ଦୁର୍ଘଟଣା ଓ ଅଘଟଣ ଘଟୁଛି। ପୋଲିସ୍ ଓ ଅବକାରୀ ବିଭାଗର ଦାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଇନର ଶାସନ ଚାଲୁଥିବାର ସାଧାରଣ ଜନତା ଜାଣିପାରୁ ନାହାନ୍ତି। ଏତଦ୍‌ଭିନ୍ନ ରାଜ୍ୟରେ ଜାତୀୟ ଶିକ୍ଷାନୀତି ପ୍ରଚଳନ ପାଇଁ ସରକାରୀ ପାଠ୍ୟପୁସ୍ତକରେ ଅକ୍ଷମଣୀୟ ତ୍ରୁଟି ରହିଛି। ୧ମ ଶ୍ରେଣୀରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପାଠ୍ୟ ପୁସ୍ତକ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରି ତୁରନ୍ତ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ ପାଇଁ ସିଭିଲ୍ ସୋସାଇଟି ଅନୁରୋଧ କରିଛି। ଏହି ତ୍ରୁଟି ପାଇଁ ଦୋଷୀ ବ୍ୟକ୍ତିଙ୍କ ଠାରୁ ବହି ଛପା ବାବଦକୁ ସମସ୍ତ କ୍ଷତି ଭରଣା ନିମିତ୍ତ ଶିକ୍ଷାବିଭାଗ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସିଭିଲ୍ ସୋସାଇଟି ଦାବି କରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରରେ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସଂପାଦକ ମନୋଜ ନାୟକ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ସର୍ବଶ୍ରୀ ଅଜିତ କୁମାର ବରାଳ, ମଳୟ ରାୟ, ଶ୍ୟାମସୁନ୍ଦର ଜେନା, କମଳାକାନ୍ତ ବେହେରା, ସନ୍ତୋଷ କୁମାର ସାହୁ, ଅରୁଣ ଜେନା ଓ ମହମ୍ମଦ ଇସଲାମ ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ।

# ନିଶାମୁକ୍ତ ଓଡ଼ିଶା ଅଭିଯାନ ପାଇଁ ସଂକଳ୍ପ







ବଲାଙ୍ଗିର,୧।୭(ସମିସ)

ବଲାଙ୍ଗିର ଜିଲ୍ଲାରେ ନିଶାମୁକ୍ତି ଅଭିଯାନ ଲାଗି ପୁଲିସ ପଦକ୍ଷେପ ଗ୍ରହଣ କରିଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପୁଲିସ କର୍ମଚାରୀ ନିଶାମୁକ୍ତି ଶପଥ ନେଇଛନ୍ତି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ବୁଧବାର ବଲାଙ୍ଗିର ଗସ୍ତରେ ଆସି ନିଶାମୁକ୍ତି ଅଭିଯାନରେ ସାମିଲ ହୋଇଥିଲେ। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ସେ ଯୋଗ ଦେଇଥିଲେ। ଜିଲ୍ଲାରେ ନିଶାମୁକ୍ତି ଅଭିଯାନକୁ ଗୁରୁତର ସହ କାର୍ଯ୍ୟକାରୀ କରିବାକୁ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଏସ୍‌ପି ଅଭିଲାଷ ଜି.ଙ୍କ ସମେତ ବିଭିନ୍ନ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ନିଶାମୁକ୍ତି ପାଇଁ ଆଇଜି ଶପଥ ଗ୍ରହଣ କରାଇଥିଲେ। ଏହି ଅଭିଯାନ କ୍ରମରେ ଜିଲ୍ଲା ପୁଲିସ ପକ୍ଷରୁ ଏକ ବଡ ପଦକ୍ଷେପ ନିଆଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ବିଗତ ଦିନରେ ଜବତ ହୋଇଥିବା ପ୍ରାୟ ଦେଢ ଟନ୍ ଗଞ୍ଜେଇକୁ ଆବଶ୍ୟକ ଅନୁମତିକ୍ରମେ ଝାଙ୍କରପାଲି ରିନୱାଲ ଏନଭାରୋଗିକ ପ୍ରାଇଭେଟ ଲିମିଟେଡ ପ୍ଲାଣ୍ଟରେ ପୋଡି ନଷ୍ଟ କରାଯାଇଥିଲା। ଏହି ସମୟରେ ଏସ୍‌ପିଙ୍କ ସମେତ ଜିଲ୍ଲା ଅବକାରୀ ଅଧୀକ୍ଷକ ଅନ୍ନପୂର୍ଣ୍ଣା ରଥ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଓ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

ସେହିଭଳି ବଲାଙ୍ଗିର ଟାଉନ୍ ଥାନା ପରିସରରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବଲାଙ୍ଗିର ଜିଲ୍ଲା ସିଭିଲ ସୋସାଇଟିର ମନୋରଞ୍ଜନ ସାହୁ, ଇଂ ବେଲାର ସିଂ ଭୋଇ, ସ୍ୱରୂପା ରାଣୀ ଠାକୁର, କପିଳେଶ୍ୱର ଖମାରୀ, ନାଗରିକ କମିଟିର ଧର୍ମବ୍ରତ ରଥ, ଗୋପବନ୍ଧୁ ପୁରୋହିତ, ଅବସରପ୍ରାପ୍ତ ଡିଏସ୍‌ପି ଦୁର୍ଗାପ୍ରସାଦ ହୋତା ପ୍ରମୁଖ ଯୋଗ ଦେଇଥିଲେ।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ପରିସରରେ ବୁଧବାର ନିଶାମୁକ୍ତ ଓଡ଼ିଶା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଥାନା ଅଧିକାରୀ ରଞ୍ଜିତ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନ୍ଧପଡା ଫାଣ୍ଡି ଅଧିକାରୀ ମଳୟ ପଣ୍ଡା, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଜନ୍ମେଜୟ ସାହୁ, ବାବୁଲାଲ ଅଗ୍ରୱାଲ, ଦୟାମୟ ସାହୁ, ସଂଜୀବ ସାହୁ, ସାଧୁଚରଣ ସାହୁ, ବୁଦ୍ଧଦେବ ପରୁଆ, ବସନ୍ତ ଅଗ୍ରୱାଲ, ସୁନୀଳ ତାଣ୍ଡି ପ୍ରମୁଖ ଯୋଗ ଦେଇ। ନିଶାମୁକ୍ତ ଓଡ଼ିଶା ପାଇଁ ଶପଥ ଗ୍ରହଣ କରିଥିଲେ। ଏଏସ୍‌ଆଇ ମନୋଜ ମିଶ୍ର, ଏସ୍‌ଆଇ ସୁରେଶ ଚନ୍ଦ୍ର ବିଶି, ଏଏସ୍‌ଆଇ ରଘୁମଣି ମିର୍ଦ୍ଧା, ରଶ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ମୁରିବାହାଲ:** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନାରେ ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ବିଭିନ୍ନ ସାମାଜିକ ସଂଗଠନକୁ ନେଇ ନିଶାମୁକ୍ତ ଓଡ଼ିଶା ଅଭିଯାନର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଇନ୍ସପେକ୍ଟର ବୁଲୁ ମୁଣ୍ଡା, ଏସ୍‌ଆଇ ସୁଶୀଲ ମହାପାତ୍ର, ଏସ୍‌ଆଇ ପ୍ରମୋଦ ପଧାନ ଓ ଏସ୍‌ଆଇ ପଙ୍କଜିନୀ ବାଗ, ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ, ଆଦିବାସୀ ନେତା ରାଜୀବ କୁଅଁର, ବିଜେପି ନେତା ରାଜୀବ ମହାନ୍ତି, ଭରତ ଦାସ, କେଦାର ବଡ଼ଜେନା, ନରୋତ୍ତମ ପଧାନ, ସାନ ମହାକୁର, ସୁଶାନ୍ତ ପଧାନ, ସୁମନ୍ତ ମହାଲିଙ୍ଗ, ବିରାଟ ଛୁରା, କୈଳାଶ ରଣା ପ୍ରମୁଖ ଯୋଗ ଦେଇ ମୁରିବାହାଲକୁ ନିଶାମୁକ୍ତ ବ୍ଲକ୍ ଭାବେ ଗଢିବା ପାଇଁ ସମସ୍ତେ ସଂକଳ୍ପ କରିଥିଲେ।

**ଇବଥର୍ମାଲ:** ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନାରେ ନିଶାମୁକ୍ତ ଓଡ଼ିଶା ଅଭିଯାନ ଅବସରରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବିନୋଦ ରାଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବନ୍ଧବାହାଲ ଫାଣ୍ଡି ଅଧିକାରୀ, କୁମ୍ଭାରବନ୍ଧ ଫାଣ୍ଡି ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି, ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ ଯୋଗ ଦେଇଥିଲେ।

**ହରଭଙ୍ଗା:** ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ତରଫରୁ ବରିଷ୍ଠ ନାଗରିକ ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନେଇ ନିଶାମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସାରଦା ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ତରଭା:** ସୁବର୍ଣ୍ଣପୁର ଜିଲ୍ଲା ତରଭା ପୁଲିସ ଥାନାରେ ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇଆଇସି ଡୋଳାମଣି ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସଆଇ ପ୍ରସନ୍ନଜିତ ବେହେରା, ଏଏସ୍‌ଆଇ ସୁଶୀଲ ବିଶି, ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ନିଶାର କୁପ୍ରଭାବ ବିରୋଧରେ ଏକଜୁଟ ହୋଇଥିଲେ। କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ଶିକ୍ଷକ, ସାମାଜିକ କର୍ମୀ ଓ ଯୁବକମାନେ ସାମିଲ ହୋଇଥିଲେ।

**କଣ୍ଟାମାଳ:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନାରେ ଏସ୍‌ଆଇ ପ୍ରକାଶଭୋଇଙ୍କ ନେତୃତ୍ୱରେ ନିଶାମୁକ୍ତ ଓଡିଶା ଅଭିଯାନ କାର୍ଯ୍ୟକ୍ରମରେ କଣ୍ଟାମାଳ ଅଞ୍ଚଳର ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ। ସଭାରେ ମହେନ୍ଦ୍ର ଦାଶ, ଦେବୀ ପ୍ରସାଦ ନାଏକ, ଲକ୍ଷଣ ସାହୁ, ବନମାଳୀ ପୁଟେଲ, ଶରତ ପୁଟେଲ, ରୁଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁଙ୍କ ସମେତ ବିରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।

**ମନମୁଣ୍ଡା:** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଆଇସି ଚିରଞ୍ଜିବୀ ବେହେରା ଅଧ୍ୟକ୍ଷତା କରିଥିଲେ। କସୁରବନ୍ଧ ସରପଞ୍ଚ ସରୋଜ ପ୍ରଧାନ, ଯୋଗିନ୍ଦ୍ରପୁର ସରପଞ୍ଚ ଝୁନୁ ପ୍ରଧାନଙ୍କ ସମେତ ବିଭିନ୍ନ ସରପଞ୍ଚ, ବୁଦ୍ଧିଜୀବୀ, ସାମ୍ବାଦିକ ଏବଂ ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ।










## ସରୁଆଳି ପଞ୍ଚାୟତରେ ୭୫ ଅଭିଯୋଗର ଶୁଣାଣି




ଦେବଗଡ଼,୧।୭(ସମିସ): ବାରକୋଟ ବ୍ଲକ୍ ସରୁଆଳି ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୭୫ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୩୭ଟି ବ୍ୟକ୍ତିଗତ ଏବଂ ୩୮ଟି ସାମୂହିକ ଅଭିଯୋଗ ଥିଲା। ରାସ୍ତା ନିର୍ମାଣ, ପାନୀୟ ଜଳ ସମସ୍ୟା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଘରବାରି ପଟ୍ଟା, ଭତ୍ତା, ଜମିର ପଟ୍ଟା ସଂଶୋଧନ ଓ ସୋଲାର ସମସ୍ୟା ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଶିବିରରେ ଆରକ୍ଷୀ ଅଧୀକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ, ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଏସିଏଫ ଅରୁଣ ବେହେରା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା ଓ ତହସିଲଦାର ରବୀନ୍ଦ୍ର ସାମଲଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ନିଶାଦ୍ରବ୍ୟ କାରବାରରେ ୪ ଅଭିଯୁକ୍ତ ଗିରଫ



ଖପ୍ରାଖୋଲ,୧।୭(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ପୁଲିସ୍ ବେଆଇନ କଫସିରପ ଓ ନିଶା ବଟିକା ଜବତ କରିବା ସହ ଚାରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ୍ ଅଭିଯୁକ୍ତମାନେ ହେଲେ ଭାଲୁଡୁଙ୍ଗୁରୀ ଗାଁର ଫକୀର ସେଠ(୩୫), ଜ୍ୟୋତିର୍ମୟ ପଧାନ(୩୫), ସତ୍ୟ ସାହୁ (୧୯ )। ତଦନ୍ତ ବେଳେ ସେମାନେ ବେଲପଡା ଥାନା ବେଲପଡା ଗାଁର ବିଶ୍ୱାମିତ୍ର ପୁଟେଲ୍ (୪୮)ଠାରୁ କଫ ସିରପ ଆଣୁଥିବା ସୂଚନା ପାଇ ଅଭିଯୁକ୍ତ ବିଶ୍ୱାମିତ୍ରକୁ ମଧ ଖପ୍ରାଖୋଲ ପୁଲିସ ଗିରଫ କରିଛି। ଏନେଇ ମାମଲା ରୁଜୁ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି। ପାଟ୍ରୋଲିଂ ବେଳେ ଭାଲୁଡୁଙ୍ଗୁରି ଗ୍ରାମ ନିକଟରେ ୩ଜଣ ଯୁବକଙ୍କୁ ପୁଲିସ୍ ପଚରା ଉଚୁରା ବେଳେ ତାଙ୍କଠାରୁ ୫୨ ବୋତଲ କଫ ସିରପ ଜବତ କରିଥିଲା। ସେହିଭଳି ୧୦ଟି ନିଶା ବାଟିକା, ୧୨ଶହ ୨୦ ଟଙ୍କା, ଦୁଇଟି ବାଇକ୍, ୩ଟି ମୋବାଇଲ୍ ଫୋନ ଜବତ ହୋଇଛି।

## ନରସିଂହଙ୍କ ହାଇସ୍କୁଲ ପରିଦର୍ଶନ



ବଲାଙ୍ଗିର,୧।୭(ସମିସ): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପିଏମ୍‌ଶ୍ରୀ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପୃଥ୍ୱୀରାଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରି ସନ୍ତୋଷିନୀ ସେଠି, ଶିକ୍ଷକ ବିକାଶ ସାହୁ, କ୍ରିଡା ଶିକ୍ଷକ ସୋ÷÷ରଭ ପ୍ରଧାନ ଓ ବାଳିକା ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୁପା ସାମନ୍ତରା, ଶିକ୍ଷୟିତ୍ରୀ ନୂତନ ନାୟକଙ୍କ ସମେତ ଉଭୟ ସ୍କୁଲର ସମସ୍ତ ଶିକ୍ଷକ ଓ କର୍ମ.ରୀ ଉପସ୍ଥିତ ଥିଲେ।

## ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ

ଦେବଗଡ଼,୧।୭(ସମିସ): ସ୍ଥାନୀୟ ଜଳ ବିଭାଜିକା ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଯୋଜନା ବିଭାଗ ଉପ ନିର୍ଦ୍ଦେଶକ ଭରତ ଚନ୍ଦ୍ର ଶୁଣ୍ଡିଙ୍କ ଆବାହକତ୍ୱରେ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟବକ୍ତା ଭାବେ ଚନ୍ଦ୍ରଶେଖର ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅର୍ଥନୀତି ବିଶେଷଜ୍ଞ ପ୍ରଶାନ୍ତ ଦାସ, ବରିଷ୍ଠ ଅର୍ଥନୀତି ଅନୁସନ୍ଧାନ କାରି ରୋହିତ ସ୍ୱାଇଁ, ସହାୟକ ପରିସଂଖ୍ୟାନ ଅଧିକାରୀ ଡୋଳାମଣି କିସାନ ପ୍ରମୁଖ ଉପସ୍ଥିତ ଥିଲେ।




## ଚନ୍ଦନଭାଟି କଲେଜରେ ଆଇନ ସଚେତନତା ଶିବିର




ବଲାଙ୍ଗିର,୧।୭(ସମିସ): ଚନ୍ଦନଭାଟି ସୁଦାମ ଚରଣ ମହାବିଦ୍ୟାଳୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ ଯୋଗ ଦେଇଥିଲେ। ୧୮ ବର୍ଷରୁ କମ୍‌ବୟସର ସମସ୍ତ ଶିଶୁଙ୍କୁ ଯୌନ ନିର୍ଯାତନା ଏବଂ ଅଶ୍ଳୀଳ ଶୋଷଣରୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଆଇନ ଏବଂ କିଶୋର ନ୍ୟାୟିକ ନିୟମାବଳୀ ଅଧିନିୟମ ଉପରେ ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଆଲୋକପାତ କରିଥିଲେ। ଶିଶୁର ଭବିଷ୍ୟତ ଗଠନ ପାଇଁ ନାଗରିକମାନଙ୍କ କର୍ତ୍ତବ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସଭ୍ୟ ଅରୁଣ ଖୁଆସ ଯୋଗଦେଇ ଶିଶୁଙ୍କ ଉଦ୍ଦେଶ୍ୟରେ ସରକାରଙ୍କର ବିଭିନ୍ନ ବିଭାଗର ଜନ କଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷ ଅଶୋକ ପଣ୍ଡା ଶିବିର ପରିଚାଳନା କରିଥିଲେ।

## ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଉଦ୍‌ଯାପିତ




ବଲାଙ୍ଗିର,୧।୭(ସମିସ): କୋଶଳ କଳା ମଣ୍ଡପ ପଡ଼ିଆରେ ୨୭ରୁ ଚାଲିଥିବା ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରୱ ଶିୱାଜୀ ଇଶାଲୱର,ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ନୀରଜ ରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ମୁଖ୍ୟ ପରିଚାଳକ ପ୍ରଶାନ୍ତ ବେହେରା, ଜିଲ୍ଲା ସହକାରୀ ନିଯୋଜନ ତଥା ଦକ୍ଷତା ବିକାଶ ଅଧିକାରୀ ଦୀପକ ସାମଲ, ଓଏଏସଏମ୍‌ଇ ସଭାପତି ପ୍ରକାଶ ଚନ୍ଦ୍ର ନେପାକ, ଉପ ସଭାପତି (ପଶ୍ଚିମାଞ୍ଚଳ) ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ସହକାରୀ ଶିଳ୍ପ ଅଧିକାରୀ ଖିରାବତୀ ଡୁଡୁଙ୍ଗ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।

## ଡଷ୍ଟବିନ ବାଣ୍ଟିଲା ପୌର ପରିଷଦ

ଦେବଗଡ଼,୧।୭(ସମିସ): ଦେବଗଡ଼ ପୌରାଞ୍ଚଳର ପ୍ରତ୍ୟକ ୱାର୍ଡରେ ଡଷ୍ଟବିନ ବଣ୍ଟନ କରାଯାଇଛି। ପୌରପରିଷଦ ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜ ଏହି ଡଷ୍ଟବିନ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଘରର ଅଳିଆ ଆବର୍ଜନା ଏଣେତେଣେ ନ ଫିଙ୍ଗି ଡଷ୍ଟବିନରେ ରଖି ଅଳିଆ ସଫା ଗାଡ଼ିରେ ଦେବାକୁ ପୌରାଧ୍ୟକ୍ଷ ଆହ୍ୱାନ ଦେଇଛନ୍ତି।



**ପ୍ରି ସେଟେଲମେଣ୍ଟ ବିକ୍ରୟ ଦଲିଲ ଆଧାରିତ ମ୍ୟୁଟେସନ ମାମଲା**

## ୨୫ ଆବେଦନକାରୀଙ୍କୁ ଜମି ପଟ୍ଟା ପ୍ରଦାନ




ଦେବଗଡ଼,୧।୭(ସମିସ): ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଓଡିଶା ସର୍ଭେ ଓ ସେଟେଲମେଣ୍ଟ ନିୟମ -୧୯୬୨ରେ ସଂଶୋଧନ ମୁତାବକ ଏକ ନୂତନ ଅଧ୍ୟାୟ ୩୪ (ଜି)କୁ ଯୋଗ କରଯାଇଛି। ତହସିଲଦାରଙ୍କୁ ପ୍ରି ସେଟେଲମେଣ୍ଟ ଦଲିଲ ଆଧାରିତ ସେଟେଲମେଣ୍ଟ ମାମଲାର ଫଇସଲା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଏହି ସଂଶୋଧିତ ନିୟମ ପ୍ରକାଶ ପାଇବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ବିଚାରାଧୀନ ଥିବା ମାମଲାକୁ ରିଆମାଳ ତହସିଲଦାରଙ୍କୁ ନୂତନ ଆଇନ ଅନୁଯାଇ ଫଇସଲା କରିବା ପାଇଁ ହସ୍ତାନ୍ତର କରଯାଇଥିଲା। ଏହି ପରିପ୍ରେକ୍ଷୀରେ ତହସିଲ କାର୍ଯ୍ୟାଳୟର ପଦକ୍ଷେପ ଫଳରେ ୨୫ଟି ମାମଲାର ଫଇସଲା କରାଯାଇ ସେମାନଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଉପସ୍ଥିତିରେ ଏହି ଜମି ପଟ୍ଟା ପ୍ରଦାନ କରାଯାଇଛି। ଅବଶିଷ୍ଟ ମାମଲାର ତ୍ୱରିତ ଫଇସଲା ପାଇଁ ତହସିଲରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ବହୁଦିନ ଧରି ପଡି ରହିଥିବା ମାମଲାର ତ୍ୱରିତ ଫଇସଲା ସମ୍ଭବ ହୋଇପାରିଛି।

## ଝାରସୁଗୁଡ଼ା ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

ଝାରସୁଗୁଡ଼ା,୧।୭(ସମିସ): ଝାରସୁଗୁଡ଼ା ଜିଲ୍ଲାରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷେପ ଏବଂ କାର୍ଯ୍ୟକ୍ରମର ଅଗ୍ରଗତି ତଥା କାର୍ଯ୍ୟକାରିତାର ସମୀକ୍ଷା ଉଦ୍ଦେଶ୍ୟରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଏବଂ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କ ଫୋର୍ସର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେକ୍ଟରେଟ୍‌ସ୍ଥିତ ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ କୁଣାଲ ମୋତିରାମ ଚୱାଣ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଡିଏସ୍‌ପି ମଧୁ ହାଁସଦା, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର, ଆଇଏମ୍‌ଭି ଅମୀୟ ରଞ୍ଜନ ପାତ୍ର, ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ତପନ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ରାସ୍ତା କାମରେ ଅନିୟମିତତା ଅଭିଯୋଗ



କଣ୍ଟାବାଞ୍ଜି/ମୁରିବାହଲ,୧।୭(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଟୁଟୁନିମୁଣ୍ଡା ଛକଠାରୁ ରେଳ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା କାମ ଆରମ୍ଭ ହୋଇଛି; କିନ୍ତୁ ନିମ୍ନମାନର କାମ ହେଉଥିବା ମୁରିବାହାଲ ବ୍ଲକ୍ ବିକାଶ ମଞ୍ଚ ସଭାପତି ଫାଲଗୁନି ହାତୀ ଅଭିଯୋଗ ଆଣିଛନ୍ତି। ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଏବଂ ଠିକାଦାର ମିଶି ଟଙ୍କା ଆତ୍ମସାତ କରିବା ପାଇଁ ଯୋଜନା କରିଛନ୍ତି। ନିର୍ମାଣ ହୋଇଥିବା ରାସ୍ତାରେ ପାଣି ଜମିବା ହିଁ କାମରେ ଅନିୟମିତତା ହୋଇଥିବା ପ୍ରମାଣ ବୋଲି ସେ କହିଛନ୍ତି। କନିଷ୍ଠ ଯନ୍ତ୍ରୀ ଗୋଟିଏ ଦିନ ମଧ୍ୟ କାମର ତଦାରଖ କରୁନାହାନ୍ତି। ଠିକାଦାର ମନମୁତାବକ କାମ କରୁଛି। ନିମ୍ନମାନର ସିମେଣ୍ଟ ବ୍ୟବହାର ହେଉଛି ବୋଲି ଶ୍ରୀ ହାତି ସାଂଘାତିକ ଅଭିଯୋଗ ଆଣିଛନ୍ତି। ନିମ୍ନମାନର କାମକୁ ବିରୋଧ କରି ବିକାଶ ମଞ୍ଚ ପକ୍ଷରୁ କାମ ବନ୍ଦ କରାଯାଇଛି।

## ଡିଏଭି କଲେଜ ପୂର୍ବତନଙ୍କ ପରଲୋକ

ଟିଟିଲାଗଡ,୧।୭(ସମିସ): ଟିଟିଲାଗଡ ଡିଏଭି କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଶିକ୍ଷାବିତ ରାମହରି ସାହୁ(୮୪)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ଟିଟିଲାଗଡ ଡିଏଭି କଲେଜର ଅର୍ଥନୀତି ବିଭାଗର ସେ ପ୍ରଥମ ଅଧ୍ୟାପକ ଥିଲେ। ବେଲପଡ଼ା,କେସିଙ୍ଗା ଓ ସଇଁତଳା କଲେଜ ସହ ୧୯୯୯ ରୁ ୨୦୦୩ ମସିହା ପର୍ଯ୍ୟନ୍ତ ଡିଏଭି କଲେଜର ଅଧ୍ୟକ୍ଷ ଥିଲେ। ବୁଧବାର ସକାଳେ ସ୍ଥାନୀୟ ମୁକ୍ତିଧାମରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି।



## ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଆନ୍ଦୋଳନ

କଣ୍ଟାବାଞ୍ଜି,୧।୭(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ କୁଇବାହାଲ ଗାଁରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ଛାତ୍ରୀ ନିବାସରେ ବ୍ୟାପକ ଅନିୟମିତତା ହେଉଛି। ଶିକ୍ଷୟିତ୍ରୀ ଚନ୍ଦ୍ରାବତି ଦେଇ ମନମୁଖୀ କାରବାର ଚଳାଇଛନ୍ତି। ଅଭିଭାବକ ଓ ଗ୍ରାମବାସୀ ଏଭଳି ଅଭିଯୋଗ କରି ତାଙ୍କ ବଦଳି ଦାବି କରିଛନ୍ତି।

ବୁଧବାର ସ୍କୁଲ ମୁଖ୍ୟ ଗେଟ୍ ସମ୍ମୁଖରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଣୁ ପାଠପଢ଼ାରେ ବାଧା ସୃଷ୍ଟି ହୋଇଥିଲା। ଖବର ପାଇ ତୁରେକେଲା ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ଜଗବନ୍ଧୁ ମାଝି ଏନେଇ ଗାଁ ଲୋକଙ୍କ ସହ ଆଲୋଚନା କରିଥିଲେ; ହେଲେ ଦାବି ପୂରଣ ତାଲା ଖୋଲିବେ ବୋଲି ଗାଁ ଲୋକେ ରୋକ୍‌ଠୋକ୍ କହିଥିଲେ। ୨୦୦୮ ମସିହାରେ ଶିକ୍ଷୟିତ୍ରୀ ଚନ୍ଦ୍ରାବତୀ ଦେଇ ଏହି ସ୍କୁଲରେ ଯୋଗ ଦେଇଥିଲେ। ୨୦୧୮ ମସିହାରେ ଏଠାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ଛାତ୍ରୀ ନିବାସ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କିଛି ଦିନ ଠିକ୍ ଭାବେ ଛାତ୍ରୀଙ୍କୁ ଖାଦ୍ୟପେୟ ଦେଇଥିଲେ। ପରେ ମନମୁଖୀ କାର୍ଯ୍ୟକଳାପ ଚଳାଇଥିଲେ। ଛାତ୍ରୀ ନିବାସ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କା ସେ ଆତ୍ମସାତ କରୁଥିବା ଗାଁ ଲୋକେ ଅଭିଯୋଗ ଆଣିଛନ୍ତି।



୧୮ ବର୍ଷ ଧରି କାହା ଆଶୀର୍ବାଦରେ ସେ ଗୋଟିଏ ସ୍କୁଲରେ ରହିଛନ୍ତି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଅଭିଯୋଗ କଲେ ସେ ଗାଁ ଲୋକଙ୍କୁ ଧମକ ଦେଉଛନ୍ତି। ତାଙ୍କ ବିରୋଧରେ ବାରମ୍ବାର ଗାଁ ଲୋକେ ବଲାଙ୍ଗୀର ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗର ଦ୍ୱାରସ୍ଥ ହୋଇଛନ୍ତି; ହେଲେ ଫଳ ଶୂନ୍ ବୋଲି ଲୋକେ ଅଭିଯୋଗ କରିଛନ୍ତି।

ସକାଳ
THE SAKALA



# ଲୋପ ପାଉଛି ହଳ ଲଙ୍ଗଳ

ଉମରକୋଟ, ୧୭ (ସମିସ): ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ସହିତ କୃଷି କ୍ଷେତ୍ରରେ ମଧ୍ୟ ବ୍ୟାପକ ପରିବର୍ତ୍ତନ ଘଟିଛି। ଆଜିର ଯୁଗରେ ଟ୍ରାକ୍ଟର, ପାୱାର ଟିଲର ଓ ଅନ୍ୟାନ୍ୟ ଆଧୁନିକ କୃଷି ଯନ୍ତ୍ରପାତି କୃଷକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଫଳରେ, ପାରମ୍ପରିକ ହଳଲଙ୍ଗଳର ବ୍ୟବହାର ପୂର୍ବ ତୁଳନାରେ ବହୁ ପରିମାଣରେ କମିଯାଇଛି। ତଥାପି, ନବରଙ୍ଗପୁର ଜିଲ୍ଲା ଉମରକୋଟ ଭଳି ଦୁର୍ଗମ ଅଞ୍ଚଳରେ ଆଜି ମଧ୍ୟ ଅନେକ କୃଷକ ବଳଦ ସହାୟତାରେ ଚାଷକାର୍ଯ୍ୟ କରୁଛନ୍ତି। ପାହାଡ଼ିଆ, ସଂକୀର୍ଣ୍ଣ ଜମି ଅବା ଯେଉଁ ସ୍ଥାନରେ ଟ୍ରାକ୍ଟର ପହଞ୍ଚିବା ସମ୍ଭବ ହେଉନି, ସେଠାରେ ହଳଲଙ୍ଗଳ ହିଁ କୃଷକଙ୍କ ଏକମାତ୍ର ଭରସା ପାଲଟିଛି। ବଳଦ କେବଳ ଚାଷ କାମରେ ସହଯୋଗ କରେ ନାହିଁ, ବରଂ, ଏହାର ଗୋବର ଓ ମୂତ୍ର ଜୈବିକ ସାର ଏବଂ କୀଟନାଶକ ପ୍ରସ୍ତୁତିରେ ବହୁ ଉପଯୋଗୀ ସାବ୍ୟସ୍ତ ହେଉଛି। ରାସାୟନିକ ସାରର ଅତ୍ୟଧିକ ବ୍ୟବହାର ଯୋଗୁଁ ଜମିର ଉର୍ବରତା କମିଯାଉଥିବା ବେଳେ ଜୈବିକ ସାର ଜମିର ସ୍ୱାସ୍ଥ୍ୟ ସୁରକ୍ଷିତ ରଖିବା ସହ ପରିବେଶ ସନ୍ତୁଳନ ବଜାୟ ରଖିବାରେ ସହାୟକ ହେଉଛି। ସେଥିପାଇଁ, ବର୍ତ୍ତମାନ ଜୈବିକ କୃଷି ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବା ସହ ହଳଲଙ୍ଗଳର ଗୁରୁତ୍ୱ ପୁଣିଥରେ ଅନୁଭବ କରାଯାଉଛି। ଆଧୁନିକ କୃଷି ଯନ୍ତ୍ରପାତି ସମୟ ଓ ଶ୍ରମ ସଞ୍ଚୟ କରୁଥିବା ସତ୍ତ୍ୱେ ଏହାର ଇନ୍ଧନ ଖର୍ଚ୍ଚ, ରକ୍ଷଣାବେକ୍ଷଣ ବ୍ୟୟ ଏବଂ ଛୋଟ କୃଷକଙ୍କ ପାଇଁ ଆର୍ଥିକ ବୋଝର କାରଣ ସାଜୁଛି। ଅନ୍ୟପକ୍ଷରେ, ବଳଦ ଦ୍ୱାରା ଚାଷ କଲେ ଖର୍ଚ୍ଚ କମ୍ ହେବା ସହ ପରିବେଶ ଉପରେ ପ୍ରଦୂଷଣର ପ୍ରଭାବ ପଡୁନାହିଁ। ଏଣୁ, ଅନେକ କ୍ଷୁଦ୍ର ଓ ପ୍ରାନ୍ତିକ କୃଷକ ଆଜି ମଧ୍ୟ ପାରମ୍ପରିକ ହଳଲଙ୍ଗଳକୁ ପ୍ରାଧାନ୍ୟ ଦେଉଛନ୍ତି। ଆଧୁନିକତାର ଢ଼େଉରେ ଏହାର ବ୍ୟବହାର କମିଥିଲେ ମଧ୍ୟ ଏହାର ଆବଶ୍ୟକତା, ଉପଯୋଗିତା ଓ ଗୁରୁତ୍ୱ ଆଜି ମଧ୍ୟ ଅକ୍ଷୁର୍ଣ୍ଣ ରହିଛି।

# ଜୟପୁରରୁ ବିମାନ ଭଡ଼ାରେ ପୁଣି ବୃଦ୍ଧି; ଯାତ୍ରୀ ଅସନ୍ତୋଷ

ଜୟପୁର, ୧୭(ସମିସ): ସରକାରଙ୍କ ଉଡାନ ଯୋଜନାରେ ସାଧାରଣ ଲୋକଙ୍କୁ କମ୍ ମୂଲ୍ୟରେ ବିମାନ ସେବା ପ୍ରଦାନ ନେଇ ଏହି ଯୋଜନା ଆରମ୍ଭ ହୋଇଥିଲା; କିନ୍ତୁ ଗତ ୬ ମାସ ପୂର୍ବରୁ ବର୍ଷର ପହିଲା ଦିନଠାରୁ ଜୟପୁର ଭୁବନେଶ୍ୱର ଏବଂ ଜୟପୁର ବିଶାଖପାଟଣା ବିମାନସେବା ଟିକଟ ଭଡା ବୃଦ୍ଧି ହୋଇଥିବା ବେଳେ ପୁଣି ୬ ମାସ ପରେ ଆଜିଠାରୁ ବିମାନ ସେବା ଟିକଟ ଭଡା ବୃଦ୍ଧିକୁ ନେଇ ସାଧାରଣ ଓ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜୟପୁରଠାରୁ ଭୁବନେଶ୍ୱରକୁ ୪୧୩ ଟଙ୍କା ବୃଦ୍ଧି ହୋଇଥିବା ବେଳେ ବିଶାଖାପାଟଣାକୁ ୨୫୦ଟଙ୍କା ବୃଦ୍ଧି ହୋଇଛି। ଗତ ନବବର୍ଷରେ ଭଡା ବୃଦ୍ଧି କରାଯାଇ ଭୁବନେଶ୍ୱରକୁ ଜଣେ ଯାତ୍ରୀଙ୍କ ପିଛା ୪୬୨୦ ଟଙ୍କା ଯାତ୍ରୀ ଟିକଟଭଡା ରହିଥିବା ବେଳେ ବର୍ତ୍ତମାନ ଏହା ୫୦୩୩ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ବିଶାଖପାଟଣାକୁ ପୂର୍ବରୁ ୩୦୪୦ ଟଙ୍କା ରହିଥିବା ବେଳେ ଏହା ବୃଦ୍ଧି କରାଯାଇ ୩୨୯୦ ଟଙ୍କା ହୋଇଛି। ଏହିପରି ଚଳିତ ବର୍ଷ ଛଅ ମାସ ମଧ୍ୟରେ ବିମାନ କମ୍ପାନୀ



ଇଣ୍ଡିଆ ୱାନ ଯାତ୍ରୀ ଟିକଟ ଭଡା ବୃଦ୍ଧିକୁ ନେଇ ଯାତ୍ରୀ ଓ ସାଧାରଣରେ ସମାଲୋଚନା କରାଯାଇଛି। ପ୍ରକାଶଯେ କେନ୍ଦ୍ର ସରକାରଙ୍କ ଉଡାନ ଯୋଜନା ଏବଂ ରାଜ୍ୟ ସରକାରଙ୍କ ଜମି ଏବଂ ଅନ୍ୟାନ୍ୟ ସେବା ପ୍ରଦାନ ପରେ ଗତ ୨୦୨୨ ମସିହାଠାରୁ ୯ ସିଟ ବିଶିଷ୍ଟ ବିମାନ ଚଳାଚଳ ଆରମ୍ଭ ହୋଇଥିଲା। ଏହି ଯାତ୍ରୀବାହୀ ବିମାନ ସେବା ନିମନ୍ତେ ଭୁବନେଶ୍ୱର ପାଇଁ ପ୍ରାରମ୍ଭରୁ ଯାତ୍ରୀ ଟିକଟ ଭଡା ୩ହଜାର ୬୭୪ ଟଙ୍କା ଏବଂ ବିଶାଖପାଟଣାକୁ ୨୪୦୨ ଟଙ୍କା ଜଣକ ପିଛା ରହିଥିଲା। ଉପାନ୍ତ ଅବିଭକ୍ତ କୋରାପୁଟ ଜିଲ୍ଲାର ସାଧାରଣ ଲୋକ ମଧ୍ୟ ବିମାନ ଯୋଗେ ଯାତ୍ରା କରିବା ଉଦ୍ଦେଶ୍ୟରେ କମ୍ ଟିକଟ ଭଡାରେ ଭୁବନେଶ୍ୱରକୁ ବିମାନ ସେବା ନେଇ କେନ୍ଦ୍ର ସରକାରଙ୍କ ଉଡାନ ଯୋଜନାରେ ଗତ ୨୦୨୨ ମସିହା ୩୧ ତାରିଖରେ ୯ ସିଟ ବିଶିଷ୍ଟ ବିମାନ ସେବାର ଶୁଭାରମ୍ଭ ହୋଇଥିଲା। ଏହାର କିଛି ଦିନ ପରେ ବିଶାଖପାଟଣାକୁ ମଧ୍ୟ ଏହି ବିମାନ ଯାତ୍ରା ଜୟପୁରଠାରୁ ଆରମ୍ଭ କରିଥିଲା। ଲୋକଙ୍କ ଯାତ୍ରାର ଚାହିଦା ଏବଂ ଦାବି ଅନୁଯାୟୀ, ୨୦୨୩ ନଭେମ୍ବରରୁ ଅପରାହ୍ନରେ ୨ୟ ବିମାନ ସେବା ଆରମ୍ଭ ହୋଇଥିଲା। ନିତିଦିନିଆ ଏହି ବିମାନ ସେବା ଆରମ୍ଭ ହୋଇଥିବା ବେଳେ ପ୍ରଥମ ବିମାନ ଭୁବନେଶ୍ୱରରୁ ଜୟପୁର ଆସିବା ପରେ ପୁଣି ଫେରିଯାଉଛି। ଦ୍ୱିତୀୟ ବିମାନ ଭୁବନେଶ୍ୱରଠାରୁ ଯାତ୍ରା ଆରମ୍ଭ କରିବା ପରେ ଜୟପୁର ଠାରେ ପହଞ୍ଚି ଏଠାରୁ ବିଶାଖପାଟଣା ଯାଇ ପୁଣି ଜୟପୁର ଫେରିବା ସହିତ ଭୁବନେଶ୍ୱର ଯାତ୍ରା କରୁଛି। ଏହିପରି ବିମାନ ବନ୍ଦରର ସମ୍ପ୍ରସାରଣ ଓ ରନୱେ ବୃଦ୍ଧି ହୋଇଥିଲେ ସୁଦ୍ଧା, ପୂର୍ବରୁ ଘୋଷିତ ୪୨ କିମ୍ବା ୭୦ ସିଟ୍ ବିଶିଷ୍ଟ ଯାତ୍ରୀ ବିମାନ ଆରମ୍ଭ ହୋଇପାରିନାହିଁ।

# ରାୟଗଡ଼ରେ ଏନ୍ଆଇଏ ଟିମ୍

ରାୟଗଡ଼, ୧୭(ସମିସ ): ଗତ ଜୁନ୍ ୧୪ରେ ରାୟଗଡ ଜିଲ୍ଲା ପୁଲିସ ଆମ୍ବଦଲା ଥାନା ଅଧୀନ ଜଗଦଲପୁର ଆଉଟ୍‌ପୋଷ୍ଟ ଅନ୍ତର୍ଗତ ଢେପାଗୁଡ଼ା ସଂରକ୍ଷିତ ଜଙ୍ଗଲରେ ଡିଭିଏଫ୍ ଓ ଏସ୍‌ଓଜି ଯବାନଙ୍କ ମିଳିତ କମ୍ବିଂ ଅପରେସନ୍ ସମୟରେ ଏକ ଗୁପ୍ତ ମାଓ ଡମ୍ପ ଠାବ କରିଥିଲା। ଏହି ଘଟଣା ପରେ ଉଦ୍ଧାର ହୋଇଥିବା ଅସ୍ତ୍ରଶସ୍ତ୍ରର ଉତ୍ସ, ସେଗୁଡ଼ିକ କେଉଁଠାରୁ ଆସିଥିଲା ଏବଂ କେଉଁଠାରେ ପ୍ରସ୍ତୁତ ହୋଇଥିଲା, ସେ ସମ୍ପର୍କରେ ତଥ୍ୟ ସଂଗ୍ରହ ପାଇଁ ଏନ୍ଆଇଏର ଏକ ଟିମ୍ ରାୟଗଡ଼କୁ ଆସି ଦୁଇଦିନ ଧରି ତଦନ୍ତ କରିଥିବା ସୂଚନା ମିଳିଛି। ତେବେ ଏହି ଗସ୍ତ ସମ୍ପର୍କରେ ଜିଲ୍ଲା ପୁଲିସ ପକ୍ଷରୁ କୌଣସି ସରକାରୀ ପୁଷ୍ଟି ମିଳିନାହିଁ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦଙ୍କୁ ପଚାରିବାରୁ ସେ ଏନ୍ଆଇଏ ଟିମ୍‌ର ଗସ୍ତ ସମ୍ପର୍କରେ କୌଣସି ସୂଚନା ନ ଥିବା କହିଛନ୍ତି। ପ୍ରକାଶ ଥାଉ କି ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଏହି ଅପରେସନ୍ କରାଯାଇଥିଲା। ଡମ୍ପରୁ ଏକ ୩୦୩ ରାଇଫଲ, ୩୭ ରାଉଣ୍ଡ ଜୀବନ୍ତ ଗୁଳି, ୧୨ଟି ଖାଲି କାର୍ଟ୍ରିଜ୍, ଗୋଟିଏ ମାଗାଜିନ୍, ଜିଲେଟିନ, ଗନ୍ ପାଉଡର, କୋଡେକ୍ସ ତାର, ବିସ୍ଫୋରକ ସାମଗ୍ରୀ ସହ ମାଓବାଦୀଙ୍କ ବ୍ୟବହୃତ ପୁସ୍ତକ, ପୋଷାକ ଓ ଦୈନନ୍ଦିନ ସାମଗ୍ରୀ ଜବତ କରାଯାଇଥିଲା। ସେହି ସମୟରେ ଜିଲ୍ଲା ଏସ୍‌ପି ରାଜ ପ୍ରସାଦ ସାମ୍ବାଦିକ ସମ୍ମିଳନୀରେ ଉଦ୍ଧାର ହୋଇଥିବା ସମସ୍ତ ସାମଗ୍ରୀ ମାଓବାଦୀଙ୍କ ବୋଲି ସୂଚନା ଦେଇଥିଲେ।

# ରାୟଗଡ ଲେଡିଜ୍ ୱାକର୍ସ କ୍ଲବ ପକ୍ଷରୁ ଡାକ୍ତର ଦିବସ



ରାୟଗଡ଼, ୧୭(ସମିସ): ରାୟଗଡ ଲେଡିଜ୍ ୱାକର୍ସ କ୍ଲବ ପକ୍ଷରୁ ବୁଧବାର ପ୍ରେମ ପାହାଡ଼ କମ୍ୟୁନିଟି ହଲ୍‌ଠାରେ ଡାକ୍ତର ଦିବସ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ବିଶିଷ୍ଟ ଚିକିତ୍ସକ ଡା. ଦୁଃଖୀଶ୍ୟାମ ଦାଶ, ଡା. ତିରୁପତି ପ୍ରସାଦ ପଟ୍ଟନାୟକ ଏବଂ ଡା. ସଂଗ୍ରାମ କେଶରୀ ନିମାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥିମାନେ ସୁସ୍ଥ ଜୀବନଶୈଳୀ, ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ ଓ ସ୍ୱାସ୍ଥ୍ୟ ସଚେତନତା ଉପରେ ପରାମର୍ଶ ଦେଇଥିଲେ। କ୍ଲବର ସଭାନେତ୍ରୀ ସ୍ମିତା ପାଢ଼ୀଙ୍କ ନେତୃତ୍ୱରେ ଏବଂ ସମ୍ପାଦିକା ଅଞ୍ଜଳି ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ମୁଖ୍ୟ ସଂଯୋଜକ ଅଭିମନ୍ୟୁ ନାୟକ, ଡିଜି ପ୍ରତାପଚନ୍ଦ୍ର ବାଉରୀ ଏବଂ କ୍ଷେତ୍ର ସଂଯୋଜକ ଟି. ଜୟରାମ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କ୍ଲବର ବୋର୍ଡ ସଦସ୍ୟା ଅଲକା ଦାଶ, ଟି. ରଶ୍ମିତା, ସୁଜାତା ପାଲୋ, ଆଶାଲତା ପଟ୍ଟନାୟକ, ରୀନାରାଣୀ ଲେଙ୍କା, ଜେ. ମୀତାରାଣୀଙ୍କ ସମେତ ବହୁ ସଦସ୍ୟା ଉପସ୍ଥିତ ଥିଲେ।

# ୧୩ଟି ସାପ ଅଣ୍ଡା ଉଦ୍ଧାର



ଉମରକୋଟ, ୧୭(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷଦର ୱାର୍ଡ ନଂ ୩ ଦଶହରାପଦା ସାହିଠାରେ ୧୩ଟି ସାପ ଅଣ୍ଡା ଉଦ୍ଧାର କରାଯାଇଥିବା ବେଳେ ଘର ମାଲିକ ଓ ସାହିବାସୀ ଭୟରେ ରହିଛନ୍ତି। ସାପ ଅଣ୍ଡା ପକ୍ଷୀଙ୍କ ଅଣ୍ଡା ଭଳି ଟାଣ ହୋଇ ନଥାଏ, ବର୍ଷାଦିନେ ସାପଗୁଡ଼ିକ ଗାତରୁ ବାହାରକୁ ଆସିଥାନ୍ତି। ଘର ବାହାରେ ଏକ କୋଣ ମଧ୍ୟରେ ଥିବା ଏକ ଗୋଲି ମଧ୍ୟରେ ଏକ ଡଣ୍ଡିଆ ସାପ ୧୩ଟି ଅଣ୍ଡା ଦେଇଥିବା ଦେଖିବାକୁ ମିଳିଥିଲା। ପରେ ସେହି ଅଣ୍ଡା ସବୁ ବାହାରେ ଜଙ୍ଗଲ ମଧ୍ୟରେ ଛାଡ଼ିଦେଇ ଥିବା ସୂଚନା ମିଳିଛି।

■ ବ୍ୟାଙ୍କ ଋଣ ଠକେଇ ମାମଲା

# ଜବତ ସୁନା ଓ ଘରୋଇ ସାମଗ୍ରୀ ହସ୍ତାନ୍ତର

ଜୟପୁର, ୧୭(ସମିସ): ଜୟପୁରର ନୂଆସାହି ଅଞ୍ଚଳରେ ଏକ ସଂସ୍ଥା ଲୋକଙ୍କ ବ୍ୟାଙ୍କ ଋଣ ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବା ଲାଳସା ଦେଖାଇ ଠକିଥିବା ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ସୁନା ଅଳଙ୍କାର ଏବଂ ଅନ୍ୟାନ୍ୟ ଘରୋଇ ଉପକରଣ ସାମଗ୍ରୀ ଅଭିଯୋଗକାରୀଙ୍କୁ ଟାଉନଥାନାରେ ପୁଲିସ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ଅବସରରେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିଉଲ ଏବଂ ଟାଉନଥାନାଧିକାରୀ ଉଲ୍ଲାସଚନ୍ଦ୍ର ରାଉତଙ୍କ ଉପସ୍ଥିତରେ ସମୁଦାୟ ୪ ଜଣଙ୍କୁ ସୁନା ଅଳଙ୍କାର ଏବଂ ୩ ଜଣଙ୍କୁ ବିଦ୍ୟୁତ ଏ.ସି, ଫ୍ରିଜ୍ ଏବଂ ଇନଭେର୍ଟର ପ୍ରଦାନ କରାଯାଇଛି। ଏହିପରି ୪ ଜଣ ଅଭିଯୋଗକାରୀଙ୍କଠାରୁ ସୁନା ଅଳଙ୍କାର ଗିରଫ ଅଭିଯୁକ୍ତ ଠକ ନେଇଥିଲେ ସେମାନଙ୍କ ଆବଶ୍ୟକ ପ୍ରମାଣ ଅନୁଯାୟୀ ସୁନା ଅଳଙ୍କାର ପ୍ରଦାନ କରାଯାଇଛି। ସେହିପରି ସ୍ଥାନୀୟ ୩ ଜଣ ଅଭିଯୋଗକାରୀଙ୍କ ନାମରେ ମାସିକ ଟଙ୍କା ପୈଠ କରିବାକୁ କହି ଋଣ ନେଇ



ଏ.ସି, ଇନଭେଟର ଏବଂ ଫ୍ରିଜ୍ କ୍ରୟ କରିଥିଲେ। ମାସିକ ଋଣ ଦେୟ ପୈଠ କରୁନଥିବା ଯୋଗୁଁ ଉକ୍ତ ଅଭିଯୋଗକାରୀ ମାନେ ବାଧ୍ୟବାଧକ ହୋଇ ପୈଠ କରୁଥିଲେ। ଏହିପରି ନୂଆସାହି ଅଞ୍ଚଳର ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଗତ ମେ ମାସ ୧୨ ତାରିଖରେ ବ୍ୟାଙ୍କରୁ ଋଣ କରାଇଦେବା ନାମରେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ନେଇ ଟାଉନଥାନାରେ ଲିଖିତ ଅଭିଯୋଗ କରିଥିଲେ। ଟାଉନଥାନା ପୁଲିସ ପକ୍ଷରୁ ଏଥିନେଇ ଥାନାରେ ଏକ ମାମଲା ରୁଜ କରାଯାଇ ସହିତ ତଦନ୍ତ ଆରମ୍ଭ କରାଯାଇଥିଲା ଏବଂ ଠକ ତଥା ମୁଖ୍ୟ ଅଭିଯୁକ୍ତ ଭଦ୍ରକ ଜିଲ୍ଲା ଇଚ୍ଛାପୁର ଅଞ୍ଚଳ ବାସିନ୍ଦା ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ପଣ୍ଡା(୩୪)ଙ୍କୁ ଜୟପୁର ଟାଉନଥାନା ପୁଲିସ ଗତ ମାସ ୨୩ ତାରିଖରେ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଥିଲେ। ଏହିପରି ଗିରଫ ଠକଙ୍କଠାରୁ ତାଙ୍କ ନିକଟରୁ ୩ଲକ୍ଷ ୯୨ ହଜାର ନଗଦ ଟଙ୍କା, ୧୩ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର, ଗୋଟିଏ ବାଇକ, ଏ.ସି, କମ୍ପ୍ୟୁଟର ଏବଂ ଅନ୍ୟାନ୍ୟ ଗୃହରେ ବ୍ୟବହୃତ ଆସବପତ୍ର ସମୁଦାୟ ୨୦ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରିଥିଲେ। ଏହି ମାମଲାର ତଦନ୍ତକାରୀ ଏସ.ଆଇ ଦୀପକ ପଣ୍ଡା ଏବଂ ଗୋବିନ୍ଦଚନ୍ଦ୍ର ହାଂସଦା ସହାୟତାରେ ତଦନ୍ତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସାମଗ୍ରୀ ଜବତ କରିଥିଲେ।

# ସାପ ଦଂଶନରେ ମହିଳାଙ୍କ ମୃତ୍ୟୁ

ମାଲକାନଗିରି, ୧୭(ସମିସ): ମାଲକାନଗିରି ଜିଲ୍ଲାର ପାଲକୋଣ୍ଡା ଗ୍ରାମରେ ସାପ ଦଂଶନରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଆଡମେ କବାସି। ସୂଚନା ଅନୁଯାୟୀ, ଆଜି ସକାଳେ ଆଡମେ କବାସି ନିଜ ଘର ଅଗଣା ସଫା କରିବା ପାଇଁ ଝାଡୁ ଦେଉଥିବା ବେଳେ ସେଠାରେ ଲୁଚି ରହିଥିବା ଏକ ବିଷାକ୍ତ ସାପ ତାଙ୍କୁ ଦଂଶନ କରିଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଆଡମେ କବାସିଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ପରିବାର ଓ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

● ବିଦ୍ୟୁତ୍ ଆଘାତରେ ୩ ଗୋରୁ ମୃତ

# ବୀମାଭୁକ୍ତ ଗୋ-ପାଳକଙ୍କୁ ସହାୟତା ମିଳିବ: ଅଧିକାରୀ

ରାୟଗଡ, ୧୭(ସମିସ): ବିଦ୍ୟୁତ୍ ବିଭାଗ ପକ୍ଷରୁ ସୁରକ୍ଷା ସପ୍ତାହ ପାଳନ କରାଯାଉଥିବା ବେଳେ, ଅନ୍ୟପଟେ ବିଦ୍ୟୁତ୍ ଆଘାତରେ ତିନୋଟି ମୂଲ୍ୟବାନ ଗୋରୁଙ୍କ ମୃତ୍ୟୁ ଘଟିବା ଘଟଣା ବିଭାଗର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ରାୟଗଡ ସହରସ୍ଥିତ ଅଞ୍ଜିଆପେଟାରେ ଏକ ଦୁଧିଆଳି ଗାଈ ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିବା ବେଳେ, କିଛିଦିନ ପୂର୍ବରୁ ପିତାମହଲ ପଞ୍ଚାୟତ ଅନ୍ତର୍ଗତ ବେହେରାଗୁଡ଼ା ଗ୍ରାମରେ ବିଦ୍ୟୁତ୍ ଆଘାତରେ ଆଉ ଦୁଇଟି ଗୋରୁର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଗୋପାଳକମାନଙ୍କର ବ୍ୟାପକ ଆର୍ଥିକ କ୍ଷତି ହୋଇଛି। ବେହେରାଗୁଡ଼ା ଗ୍ରାମର ନରଜୁ ବିଡ଼ିକା ଓ ଅଶ୍ୱିନୀ ବୈଷ୍ଣବ ବିଡ଼ିକା ନିଜର ମୂଲ୍ୟବାନ ଗୋସମ୍ପଦ ହରାଇ ଗଭୀର ଦୁଃଖ ପ୍ରକାଶ କରିବା ସହ ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଥିବା ଅଭିଯୋଗ କରିଛନ୍ତି। ସେହିପରି ଅଞ୍ଜିଆପେଟାରେ ଦୁଧିଆଳି ଗାଈ ମରିଯିବା ପରେ ସମ୍ପୃକ୍ତ ଗୋପାଳକ ଗଭୀର ଚିନ୍ତାରେ ପଡ଼ିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟୁତ୍ ବିଭାଗ ସୁରକ୍ଷା ସଚେତନତା ସୃଷ୍ଟି କରୁଥିଲେ ମଧ୍ୟ ଗ୍ରାମାଞ୍ଚଳରେ ବିପଦପୂର୍ଣ୍ଣ ବିଦ୍ୟୁତ୍ ବ୍ୟବସ୍ଥାର ମରାମତି ଓ ରକ୍ଷଣାବେକ୍ଷଣ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ନଥିବାରୁ ବାରମ୍ବାର ଏପରି ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ଗ୍ରାମାଞ୍ଚଳ ବିଦ୍ୟୁତ୍ ବିଭାଗର ଅଧିକାରୀ ଦେବାଶିଷ ଜେନା କହିଛନ୍ତି ଯେ ଯେଉଁ ଗୋପାଳକମାନଙ୍କର ଗୋସମ୍ପଦ ବୀମାଭୁକ୍ତ ରହିଛି, ସେମାନଙ୍କୁ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ। ସେହି ସହ ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।

● ୬,୫୫୦ ଲିଟର ପୋଚ ଓ ୫୧୫ ଲିଟର ଦେଶୀମଦ ଜବତ

# ଦୁଇ ଗ୍ରାମରେ ଚଢ଼ଉ; ୩ ମାମଲା ରୁଜୁ, ଜଣେ ଅଭିଯୁକ୍ତ ଚିହ୍ନଟ



ରାୟଗଡ, ୧୭ (ସମିସ): ଜିଲ୍ଲାର ଗୁଣପୁର ଅବକାରୀ ରେଞ୍ଜ ପକ୍ଷରୁ ବୁଧବାର କୋଟାହୁଡ଼ା ଓ ନରସିମୁଣ୍ଡା ଗ୍ରାମରେ ଚଢ଼ଉ କରାଯାଇଥିଲା। ଅବକାରୀ ନିରୀକ୍ଷକ ଓ ଗୁଣପୁର ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ନେତୃତ୍ୱରେ, ଗୁଣପୁର ଉପଅବକାରୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଏହି ସ୍ୱତନ୍ତ୍ର ଚଢ଼ଉ ଅଭିଯାନ ପରିଚାଳିତ ହୋଇଥିଲା। ଚଢ଼ଉ ସମୟରେ ମୋଟ ୩ଟି ମାମଲା ରୁଜୁ କରାଯାଇଛି। ପ୍ରଥମ ମାମଲାରେ ୩,୫୦୦ ଲିଟର ପୋଚ ଓ ୨୪୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ, ଦ୍ୱିତୀୟ ମାମଲାରେ ୩,୦୫୦ ଲିଟର ପୋଚ ଓ ୨୬୦ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ତୃତୀୟ ମାମଲାରେ ପୀତବାସ ଶବର ନାମକ ଜଣେ ଅଭିଯୁକ୍ତ ନିକଟରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯାନରେ ସମୁଦାୟ ୬,୫୫୦ ଲିଟର ପୋଚ ଏବଂ ୫୧୫ ଲିଟର ଦେଶୀ ମଦ ଜବତ ହୋଇଥିବା ବେଳେ ବେଆଇନ ମଦ କାରବାର ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ଉ ଜାରି ରହିବ ବୋଲି ରାୟଗଡ ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତ ସୂଚନା ଦେଇଛନ୍ତି।

# ମଦ ଜବତ; ଜଣେ ଗିରଫ

କୁନ୍ଦୁରା, ୧୭(ସମିସ): କୁନ୍ଦୁରା ଥାନା ଅନ୍ତର୍ଗତ ଲିମା ଗାଁ ନିକଟରେ ଥିବା କୁରୁଲୁ ନଦୀ କୂଳରେ ଚାଲିଥିବା ଚୋରା ରନ୍ଧା ମଦ ଭାଟି ଉପରେ ପୁଲିସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଥାନାଧିକାରୀ ଅଶ୍ୱିନୀ ପଟ୍ଟନାୟକଙ୍କ ନେତୃତ୍ୱରେ ନିଶାମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଚଢ଼ଉ ସମୟରେ ୧୨୦ ଲିଟର ମହୁଲ ପୋଚ ଏବଂ ୩୫ ଲିଟର ଚୋରା ରନ୍ଧା ମଦ ଜବତ କରି ନଷ୍ଟ କରାଯାଇଥିଲା। ଜଣେ ଅଭିଯୁକ୍ତ କୈଳାସ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ପୁଲିସ ତରଫରୁ ସୂଚନା ରହିଛି। ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି।

# ନାବାଳିକା ଗର୍ଭବତୀ ମାମଲାରେ ଯୁବକ ଗିରଫ

ନାରାୟଣପାଟଣା,୧୭(ସମିସ): ଜଣେ ନାବାଳିକାକୁ ପ୍ରେମ କରି ବିବାହର ପ୍ରତିଶ୍ରୁତି ଦେଇ ଛ ମାସ ଗର୍ଭବତୀ କରିବା ଘଟଣାର ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। କୁମ୍ଭାରୀ ପଞ୍ଚାୟତର ଦଣ୍ଡା ବାଡ଼ି ଗ୍ରାମର ମାନୁ କେଣ୍ଡୁକା (୨୦) ଜଣେ ନାବାଳିକାକୁ ପ୍ରେମ କରି ବିବାହର ପ୍ରତିଶ୍ରୁତି ଦେଇଥିଲା। ନାବାଳିକା ଛ ମାସରେ ଗର୍ଭବତୀ ହୋଇଥିବା ଜଣାପଡ଼ିବା ପରେ ପୀଡିତାର ପରିବାର ବର୍ଗ ଜାଣି ପୁଅ ଏବଂ ପରିବାର ବର୍ଗଙ୍କୁ ଜଣେଇଥିଲେ। ନାବାଳିକାର ପରିବାର ପୁଅ ଘରକୁ ଯାଇ ଘଟଣା ବିଷୟରେ ଜଣେଇବାରେ ପରେ କୈଣସି ସୁଫଳ ପାଇ ନଥିଲେ। ଫଳରେ ନାବାଳିକାର ଭାଇ ଓ ଭାଉଜ ଥାନାକୁ ଆସି ଘଟଣା ବିଷୟରେ ଲିଖିତ ଅଭିଯୋଗ କରିବା ପରେ ଆଜି ପୁଲିସ ମାନକୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ମମତା ପଣ୍ଡା ସୂଚନା ଦେଇଛନ୍ତି।

## ଜାତୀୟ ଡାକ୍ତର ଦିବସରେ ରକ୍ତଦାନ ଶିବିର




କୋରାପୁଟ,୧୭(ସମିସ): ଜାତୀୟ ଡାକ୍ତର ଦିବସ ଅବସରରେ ଆଜି କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜର ଏସଏସଜି ସୋସାଇଟୀ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ହସ୍ପିଟାଲ ଅଧୀକ୍ଷକ ପ୍ରଫେସର ଡାଃ ସୁଶାନ୍ତ କୁମାର ସାହୁ ଓ ଡିନ୍ ଡାଃ ସସ୍ମିତା ସ୍ୱାଇଁ ମୁଖ୍ୟଅତିଥି ଭାବେ ଉଦଘାଟନ କରିଥିଲେ। ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ବାୟୋକେମିଷ୍ଟ୍ରି ବିଭାଗ ମୁଖ୍ୟ ଡାଃ ଅନୁଭା ମିଶ୍ର ଓ ପାଥୋଲୋଜି ବିଭାଗ ମୁଖ୍ୟ ଡାଃ ପି କେ ଦାସ ନିମନ୍ତ୍ରିତ ଅତିଥି ଭାବେ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଏମ୍‌ବିବିଏସ ଛାତ୍ରଛାତ୍ରୀ ପ୍ରଥମ ଥର ରକ୍ତଦାନ କରିଥିଲେ। ଏସଏଲଏନ୍ ମେଡିକାଲ୍ କଲେଜ ବ୍ଲଡ ବ୍ୟାଙ୍କର ଡ଼ଃ ମଧୁସୁଦନ ବଳିଆରସିଂ, ରଘୁନାଥ ମହନ୍ତ, ଗୀତା ପରିଡା ଓ ସଞ୍ଜୟ ସିଂଙ୍କ ସମେତ ଅନ୍ୟ ଷ୍ଟାଫ ରକ୍ତ ସଂଗ୍ରହ କରିଥିଲେ। ଅଂଶୁମାନ ପଣ୍ଡା ଓ ଅଙ୍କିତା ମାହାପାତ୍ର ସହଯୋଗ କରିଥିଲେ। ଶିବିରରେ ମୋଟ ୩୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

# ଚାରା ବିତରଣ କେନ୍ଦ୍ର ଉଦଘାଟିତ

କାଶୀପୁର,୧୭(ସମିସ): ରାୟଗଡା ଜିଲ୍ଲା କାଶୀପୁରଠାରେ ବନ ବିଭାଗ ପକ୍ଷରୁ ଚାରା ବିତରଣ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୁଲ୍ୟରେ 'ଏକ ପେଡ ମା କି ନାମ' କାର୍ଯ୍ୟକ୍ରମ ଆଧାରରେ ମାସ ବ୍ୟାପୀ ହେବାକୁ ଥିବା ବିତରଣ କାର୍ଯ୍ୟକ୍ରମକୁ କାଶୀପୁର ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡା ଉଦଘାଟନ କରି ଚାରା ବିତରଣ କରିଥିଲେ। ଫରେଷ୍ଟର, ବନରକ୍ଷୀଙ୍କ ସହ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଲୋକମାନେ ସେମାନଙ୍କ ଆଧାର କାର୍ଡ ନମ୍ବର ପଞ୍ଜିକୃତ କରାଇ ଏହି ବିତରଣ କେନ୍ଦ୍ରରୁ ୧ ଟଙ୍କା ଦେଇ ଗୋଟିଏ ଚାରା ନେଇ ପାରିବେ।

## ପାଠ୍ୟପୁସ୍ତକରେ ଅସଂଖ୍ୟ ତ୍ରୁଟିର ପ୍ରତିବାଦ; ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି

# ଜିଲ୍ଲା କଂଗ୍ରେସର ୧୨ ଘଣ୍ଟିଆ ବନ୍ଦ





ନବରଙ୍ଗପୁର,୧୭(ସମିସ): ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ଆଜି ୧୨ ଘଣ୍ଟିଆ ବନ୍ଦ ଡକରା ଦିଆଯାଇଥିଲା। ନବରଙ୍ଗପୁର ସହରରେ ଆଜି କିଛି ଦୋକାନ ଖୋଲା ରହିଥିବା ବେଳେ ଏହି ବନ୍ଦ ସମୟରେ କାର୍ଯ୍ୟାଳୟ ବ୍ୟାଙ୍କ୍ ବହୁ ବଡ ବଡ ଦୋକାନ ବଜାର ସବୁ ବନ୍ଦ ରହିଥିଲା। ସକାଳ ୬ ସମୟରେ ସଦର ମହକୁମାର ଚାଁଉରିଆଗୁଡାଠାରେ ଜିଲ୍ଲା କଂଗ୍ରେସ ସଭାପତି ଡ଼ଃ ଲିପିକା ମାଝୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ନଗର କଂଗ୍ରେସ ସଭାପତି ଗଣେଶ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଂପାଦକ ଗୋପାଳ ତ୍ରିପାଠୀ ଯୋଗଦେଇ ନାରାବାଜି ଦେବାସହ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। କୋରାପୁଟ ଜିଲ୍ଲା ପଟରୁ ଆସୁଥିବା ଶତାଧିକ ବସ ଓ ଟ୍ରକ ଅଟକି ରହିଥିଲା। ଜିଲ୍ଲା ବାହାରୁ ଆସିଥିବା ପିଲାମାନଙ୍କୁ ଅଟୋ ଦ୍ୱାରା ପରିକ୍ଷା କେନ୍ଦ୍ର ପଠାଯାଇଥିଲା। ଆମ୍ବୁଲାନ୍ସ, ରନ୍ଧନ ଗ୍ୟାସ, ପେଟ୍ରୋଲ, କ୍ଷୀର, ପିଇବା ପାଣି, ପରିମଳ ବ୍ୟବସ୍ଥା ଗାଡି ଗୁଡ଼ିକ ବନ୍ଦ କରାଯାଇ ନଥିଲା। ନବରଙ୍ଗପୁର ମଧ୍ୟଭାଗରେ କୋରାପୁଟ ଜିଲ୍ଲାର ଆଦିବାସୀ କଂଗ୍ରେସ ସଭାପତି ଅନାମୁ ଦ୍ୟାନ, ନବରଙ୍ଗପୁର ବ୍ଲକ ସଭାପତି ଅବଦୁଲ ଫିରୋଜ, ଜିଲ୍ଲା ମୁଖ୍ୟ ମୁଖପାତ୍ର ଦେବକାନ୍ତ ପଣ୍ଡା, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଦୀପ ସାହୁ ଓ ହୁସନା ବାନୋ, ବରିଷ୍ଠ ନେତା ଶିବରାମ ରାଜୁ, ନନ୍ଦ। ହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦା ତ୍ରିପାଠୀ ଯୋଗ ଦେଇଥିଲେ। ପିସିସି ସଭ୍ୟ ଦିଲ୍ଲିପ କୁମାର ବେହେରା, ବରିଷ୍ଠ ନେତା ବାମଦେବ ନାୟକ, ବାସୁଦେବ ପଟ୍ଟନାୟକ, ଭାସ୍କର ସୁବୁଦ୍ଧି, ଛାତ୍ର କଂଗ୍ରେସ ସଭାପତି ପବିତ୍ର ଗରଡା, ଯୁବନେତା ବିଙ୍କୁ ଜୁବଲି ଏହି ଆନ୍ଦୋଳନରେ ସାମିଲ ଥିଲେ। ଡାବୁଗାଁ: ଡାବୁଗାଁ ବ୍ଲକ ସଭାପତି ଜି. ସାଇରାଜୁ ଆହ୍ୱାନରେ ବ୍ଲକର ଶତାଧିକ କଂଗ୍ରେସ କର୍ମୀ ବନ୍ଦ୍ ପାଳନ କରିଥିଲେ। ସମସ୍ତ ଅଖଚକ ବନ୍ଦ୍ ରହିଥିଲା। କଂଗ୍ରେସ ତାରିଣୀ ଛକଠାରେ ଟେଣ୍ଟ୍ ଲଗାଇ ବସିଥିବା ଯୋଗୁଁ ବହୁତଗୁଡାଏ ଗାଡି ଅଟକି ରହିଥିଲା। କଂଗ୍ରେସ କର୍ମୀ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବିଇଓ ଓଫିସ୍ ଏବଂ କଲେଜକୁ ଯାଇ ବନ୍ଦ୍ କରିବାକୁ ନିବେଦନ କରିଥିଲେ। ବନ୍ଦରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ସେଥିପାଇଁ ପୁଲିସ ଫୋର୍ସ ମୁତୟନ ରହିଥିଲା। ପ୍ରକାଶ ପଣ୍ଡା, ବଂଶୀଧର ମାଝୀ, ବାବି ଜେନା, ଶଶି ମାଝୀ, ବଗୁଲା ଜେନା ସହ ବୋରିଗାଁ, ଜୁନାପାଣି, ଡଙ୍ଗରିଗୁଡା, ଜବାଗୁଡା, ବଡ ଓଲମା, ଘୋଡାଖୁଣ୍ଟା, ନନ୍ଦପୁରା, ମେଦନା ଏବଂ ଅଂଚଳାର ଶହ ଶହ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ନବନିର୍ମିତ ରଥର ଅଖରେ ଚକ ସଂଯୋଗ

ଜୟପୁର, ୧୭(ସମିସ): ଚଳିତବର୍ଷ ଜୟପୁରଠାରେ ନୂତନ ରଥ ନିର୍ମାଣ କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ ଆଜି ୪ଟି ଅଖରେ ୮ଟି ଚକ ସଂଯୋଗୀକରଣ କରାଯାଇଥିଲା। ଏହିପରି ରୀତନୀତି ଏବଂ ପୂଜାର୍ଚ୍ଚନାରେ ମୁଖ୍ୟ ରଥ ନିର୍ମାଣକାରୀ ମହରଣା ସନ୍ତୋଷ ମହାରଣାଙ୍କ ନେତୃତ୍ୱରେ ଅନ୍ୟାନ୍ୟ ମହାରଣା ଓ କାରିଗରମାନେ ଏହି ଅଖରେ ଚକ ସଂଯୋଗ କରିଥିଲେ। ଏହି ଅବସରରେ ଦେବତ୍ତୋର ଅଧିକାରୀ ତଥା ତହସିଲଦାର ସବ୍ୟସାଚୀ ଜେନା, ଉପଦେଷ୍ଟା କମିଟର ସଭାପତି ଦେବେନ୍ଦ୍ର



ବାହିନୀପତି, ଦେବତ୍ତୋର କର୍ମଚାରୀ କାଳୀପ୍ରସାଦ ଦାସ, ଶୁଭମ ମିଶ୍ର ଏବଂ ସହରର ବୁଦ୍ଧୀଜୀବୀ ଉପସ୍ଥିତ ଥିଲେ। ଚଳିତ ବର୍ଷ ନୂତନ କାଠରେ ୪୨ଫୁଟ ଉଚ୍ଚତା, ୨୮ ଫୁଟ ଓସାର ଏବଂ ସାଢେ ୬ ଫୁଟ ଉଚ୍ଚତାର ୮ଟି ନୂତନ ଚକ ନିର୍ମାଣ କରାଯାଇଛି। ଏଥିନିମନ୍ତେ ଜୟପୁର ବନଖଣ୍ଡ ବିଭାଗ ପକ୍ଷରୁ ସମସ୍ତ କାଠ ରାମଗିରି ଜଙ୍ଗଲକୁ ଗଛ ପ୍ରଦାନ କରାଯାଇଥିଲା। ପ୍ରକାଶ ଯେ ଦୁଇ ବର୍ଷ ପୂର୍ବରୁ ନୂତନ କାଠରେ ରଥ ନିର୍ମାଣ ହୋଇଥିଲା; କିନ୍ତୁ ନିର୍ମାଣର ବୈଷୟିକ ତ୍ରୁଟି ଯୋଗୁଁ ରଥର ଚକଗୁଡିକ ଅଖର ସଠିକ ଭାବେ ସଂଯୋଗ ହୋଇ ପାରୁ ନଥିବା ଫଳରେ ରଥ ଟାଣିବା ସମୟରେ ରଥ ଏକପାଖିଆ ରାସ୍ତା ପାର୍ଶ୍ୱକୁ ଚାଲିଯାଉଥିବା ଯୋଗୁଁ ଗତ ଦୁଇ ବର୍ଷ କ୍ରେନ ସହାୟତାରେ ରଥକୁ ଉଠାଯାଉଥିଲା। ବିଳମ୍ବରେ ସଂଧ୍ୟା ୮ ସମୟ ପର୍ଯ୍ୟନ୍ତ ରଥ ଟଣା ଚାଲୁ ରହୁଥିଲା। ଏଥିନେଇ ସ୍ଥାନୀୟ ବୁଦ୍ଧିଜୀବୀ, ଭକ୍ତ ଓ ଶ୍ରଦ୍ଧାଳୁ ମଧ୍ୟମରେ ଅସନ୍ତୋଷ ହେବା ସହିତ ଦେବତ୍ତୋର ବିଭାଗର କାର୍ଯ୍ୟଧାରା ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା।



## ଅଧପନ୍ତରିଆ ହୋଇ ପଡ଼ିଲା ତାଳଦଣ୍ଡା କେନାଲ କାମ

# ଖରିଫ ଫସଲ ପାଇଁ ଜଳସେଚନ ଚିନ୍ତା

କଟକ,୧୭(ସମିସ):



ତାଳଦଣ୍ଡା କେନାଲର ୱାଲ ଲାଇନିଂ କାମ ଯେଉଁଠି ଥିଲା ସେଇଠି ଅଟକିଛି। ଚଳିତବର୍ଷ ଖରିଫ ଫସଲ ପାଇଁ କେନାଲରେ ପାଣି ଆସିବା ପୂର୍ବରୁ ଲାଇନିଂ କାମ ଶେଷ ହେବ ବୋଲି କୁହାଯାଇଥିଲା ବେଳେ ଏହା ବେଶି ବାଟ ଆଗେଇପାରିନଥିବା ଜଣାପଡ଼ିଛି। ଯୋବ୍ରା ଠାରୁ କଲ୍ୟାଣିନଗର ପର୍ଯ୍ୟନ୍ତ କେନାଲ ୱାଲ୍‌କୁ ଅତ୍ୟାଧୁନିକ ତଥା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସିମେଣ୍ଟ ମିଶ୍ରିତ 'ସିନ୍ଥେଟିକ୍ ମାଟ୍ରେସ୍' ବ୍ୟବହାର କରାଯାଇ ଲାଇନିଂ କାର୍ଯ୍ୟ କରାଯାଇଥିଲା। ହେଲେ ଏବେ ବି ଏଠାରୁ ନୂଆବଜାର ପର୍ଯ୍ୟନ୍ତ ହେବାକୁ ଥିବା କାମ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଗୋଟିଏ ପଟରେ କଚ୍ଛପ ଗତିରେ ଚାଲିଥିବା କାମ ପାଇଁ ଧାର୍ଯ୍ୟ ସମୟରେ ଉଭୟ କଟକ ଓ ଜଗତସିଂହପୁର ଜିଲ୍ଲାକୁ କେନାଲରେ ପାଣି ଛଡ଼ାଯିବା ନେଇ ଆଶଙ୍କା ଉପୁଜିଛି। କଟକ ଜିଲ୍ଲାରେ ରହିଥିବା ୧ ଲକ୍ଷ ୮୮ ହଜାର ୧୫୦ ହେକ୍ଟର ଜମିରେ କେବଳ ଖରିଫ ଚାଷ କରାଯାଉଥିବାବେଳେ ଏହାର ସିଂହ ଭାଗ ଅର୍ଥାତ୍ ୧ଲକ୍ଷ ୩୦ହଜାର ହେକ୍ଟର ଜମିରେ କେବଳ ଧାନ ଚାଷ କରାଯାଇଥାଏ। ତାଳଦଣ୍ଡା କେନାଲ ପାଣି ଓ ଶାଖା କେନାଲ ମାଧ୍ୟମରେ ହିଁ ୨୮ହଜାର୮୦୦ହେକ୍ଟର ଜମିକୁ ଜଳସେଚନ କରାଯାଇଥାଏ। ସେହିଭଳି ତାଳଦଣ୍ଡା କେନାଲ ଓ ଏଥରୁ ବାହାରିଥିବା ମାଛଗାଁ କେନାଲ ଜରିଆରେ ମଧ୍ୟ ପଡୋଶୀ ଜଗତସିଂହପୁର ଜିଲ୍ଲାର ୩୦ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା ମିଳିଥାଏ। ତାଳଦଣ୍ଡା କେନାଲର ନୂଆବଜାର ନିକଟରେ ଏକ ସେତୁ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଏହାର ୨୫ପ୍ରତିଶତ କାମ ଶେଷ ହୋଇପାରିନି। ସେହିଭଳି କେନାଲ ମଧ୍ୟକୁ ସହରର ଯାବତୀୟ ବର୍ଜ୍ୟ ଜଳ ୮ଗୋଟି ଡ୍ରେନ ଦେଇ ନିଷ୍କାସନ କରାଯାଇଆସୁଛି। ଏହି ଡ୍ରେନ ଗୁଡିକ ମାତୃଭବନରୁ ବିଦ୍ୟାଧରପୁର ମଧ୍ୟରେ ରହିଥିବା ବେଳେ କେନାଲରେ ସିନ୍ଥେଟିକ ମ୍ୟାଟ୍ରେସ ୱାଲ ବଦଳରେ କଂକ୍ରିଟ ୱାଲ କରାଯିବାର ଯୋଜନା ରହିଛି। ନୂଆବଜାର ନିକଟରେ ସେତୁ କାମ ଚାଲୁଥିବାରୁ କେନାଲ ଦେଇ ଆସୁଥିବା ବର୍ଜ୍ୟଜଳ ଓ ବର୍ଷା ଜଳକୁ ସେଠାରେ ବର୍ତ୍ତମାନ ଅଟକାଯାଇଛି। ଜୁନ ମାସରେ ନିଅଣ୍ଟିଆ ବର୍ଷା ପାଇଁ ଚାଷୀକୂଳ ହତାଶ ହୋଇପଡିଥିବା ବେଳେ ଏବେ ବି କେନାଲ ଜଳକୁ ଚାହିଁ ବସିଛନ୍ତି। ମହାନଦୀରେ ପାଣି ଆସିବା ପୂର୍ବରୁ କେନାଲରେ ଜଳପ୍ରବାହ ଧାରାକୁ ସ୍ୱାଭାବିକ କରିବା ପାଇଁ ଆବଶ୍ୟକ କାମ ଶୀଘ୍ର ଶେଷ କରିବା ପାଇଁ ଦାବି ହୋଇଛି। ଯୋବ୍ରାଠାରୁ ବାହାରିଥିବା ୮୪ କିଲୋମିଟର ବ୍ୟାପୀ ତାଳଦଣ୍ଡା କେନାଲ ଏବେ ଜଳଶୂନ୍ୟ ହୋଇଯାଇଛି। ବର୍ତ୍ତମାନ ଖରିଫ ଋତୁରେ ଚାଷୀମାନେ ସେମାନଙ୍କର ବିଭିନ୍ନ କିସମର ଚାଷ କରିବା ପାଇଁ ଆଗଭର ହେଉଥିଲେ ହେଁ ବର୍ଷା ଅଭାବ ଓ ଜଳଶୂନ୍ୟ ତାଳଦଣ୍ଡା କେନାଲ ସେମାନଙ୍କୁ ଚିନ୍ତାରେ ପକାଇଛି। ଗତ ଜୁନ ମାସ ଶେଷ ସୁଦ୍ଧା ଜିଲ୍ଲାରେ ଖରିଫ ଚାଷ ପାଇଁ ୨୧୦ ମିଲିମିଟର ବର୍ଷାର ଆବଶ୍ୟକତା ଥିଲା ବେଳେ ୫୦ପ୍ରତିଶତ କମ ବର୍ଷା ହୋଇଛି। ଗୋଟିଏ ପଟରେ ସ୍ୱଳ୍ପ ବୃଷ୍ଟି, ଅନ୍ୟ ପଟରେ କେନାଲର ଜଳ ଯୋଗାଣ ବନ୍ଦ ଯୋଗୁଁ ଏବେ ଖରିଫ ଚାଷ ପ୍ରଭାବିତ ହେବା ନେଇ ଆଶଙ୍କା ଦେଖାଦେଇଛି। ପ୍ରକାଶଥାଉକି ଜିଲ୍ଲାରେ ଗତ ବର୍ଷ ଏହି ସମୟ ବେଳକୁ ଚାଷୀ ମାନେ ତଳି ପକା କାମ ଶେଷ କରିଥିବା ବେଳେ ଏଥର ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରିନାହିଁ।

## ପତ୍ନୀହନ୍ତା ସ୍ୱାମୀର ଆଜୀବନ କାରାଦଣ୍ଡାଦେଶ କୋହଳ କଲେ ହାଇକୋର୍ଟ

କଟକ, ୧୭ (ସମିସ): ଜଗତସିଂହପୁର ଜିଲ୍ଲାର ଏକ ଚାଞ୍ଚଲ୍ୟକର ପତ୍ନୀ ହତ୍ୟା ମାମଲାରେ ନିମ୍ନଅଦାଲତଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ସ୍ୱାମୀକୁ ପ୍ରଦତ୍ତ ଆଜୀବନ କାରାଦଣ୍ଡାଦେଶର ପରିବର୍ତ୍ତନ କରିଛନ୍ତି ହାଇକୋର୍ଟ। ହାଇକୋର୍ଟ ଏହାକୁ ସଂକଳ୍ପବଦ୍ଧ ହତ୍ୟା ନୁହେଁ, ବରଂ 'ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ଘଟିଥିବା ହତ୍ୟା' ବୋଲି ବିଚାର କରି ଅଭିଯୁକ୍ତର ଦଣ୍ଡାଦେଶକୁ ୧୦ ବର୍ଷକୁ ହ୍ରାସ କରିଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଭିଯୁକ୍ତ କାଳିଆ ଓରଫ୍ ରବି ନାୟକଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ରବି ନାୟକ ଗୀତା ଭୋଇଙ୍କୁ ପ୍ରେମ ବିବାହ କରିଥିଲେ ଏବଂ ସେମାନଙ୍କର ତିନୋଟି ସନ୍ତାନ ଥିଲେ। ମାତ୍ର ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିବାରୁ ଏବଂ ପ୍ରତିଦିନ ମାରପିଟ୍ ହେଉଥିବାରୁ ଗୀତା ନିଜ ବାପଘର ଜଗତସିଂହପୁର ଜିଲ୍ଲା ବିରିଡି ଅଞ୍ଚଳରେ ରହୁଥିଲେ। ୨୦୦୪ ମସିହା ନଭେମ୍ବର ୯ ତାରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ରବି ନିଜ ଶ୍ୱଶୁର ଘରକୁ ଆସି ଗୀତାଙ୍କୁ ନିଜ ସହ ଯିବାକୁ ବାଧ୍ୟ କରିଥିଲେ। ଗୀତା ମନା କରିବାରୁ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ଏଥିରେ ଉତକ୍ଷପ୍ତ ହୋଇ ରବି ଏକ ସାବଳ ସାହାଯ୍ୟରେ ଗୀତାଙ୍କ ମୁଣ୍ଡ ପଛପଟେ ଶକ୍ତ ଆଘାତ କରିଥିଲେ, ଯାହାଫଳରେ ଘଟଣାସ୍ଥଳରେ ହିଁ ଗୀତାଙ୍କର ମୃତ୍ୟୁ ହୋଇଥିଲା। ଗୀତାଙ୍କ ମା' ଶାନ୍ତିଲତା ରଥଙ୍କ ଏତଲା ଆଧାରରେ ଜଗତସିଂହପୁର ପୁଲିସ ମାମଲା ରୁଜୁକରି ତଦନ୍ତ କରିଥିଲା। ୨୦୦୬ ଅକ୍ଟୋବର ୩୧ ତାରିଖରେ ଜଗତସିଂହପୁରର ଅତିରିକ୍ତ ଦୌରା ଜଜ୍ ଅଭିଯୁକ୍ତ ରବିକୁ ଦଫା ୩୦୨ (ହତ୍ୟା) ଅଧୀନରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଏହା ବିରୋଧରେ ଅଭିଯୁକ୍ତ ଜେଲ୍‌ରୁ ଅପିଲ୍ ଦାୟର କରିଥିଲା।

## ଏସ୍‌ସିବି ଜୁନିଅର ଡାକ୍ତରଙ୍କ କଳାବ୍ୟାଜ୍ ପରିଧାନ



କଟକ, ୧୭ (ସମିସ): ଓଏମ୍‌ଏସ୍‌ଏ ପକ୍ଷରୁ ଦିଆଯାଇଥିବା ପ୍ରତିବାଦ ଡାକରାକୁ ସମର୍ଥନ ଜଣାଇ ଆଜିଠାରୁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲର ଜୁନିଅର ଡାକ୍ତରମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି। ମେଡିକାଲର ପ୍ରାୟ ୧ହଜାରରୁ ଅଧିକ ଜୁନିଅର ଡାକ୍ତର ମାନେ ଆଜି କଳା ବ୍ୟାଜ ପିନ୍ଧି ପ୍ରତିବାଦ କରିବା ସହ କାର୍ଯ୍ୟ କରିଛନ୍ତି। ପ୍ରକାଶଥାଉକି ଏସସିବି ଜୁନିଅର ଡାକ୍ତର ଆସୋସିଏସନ (ଜେଡିଏ) ପକ୍ଷରୁ ଓଏମ୍‌ଏସ୍‌ଏ (ଓମସା)ର ୧୦ ଦଫା ସମ୍ବଳିତ ଦାବିପତ୍ରକୁ ସମର୍ଥନ କରାଯାଇଛି। ଏସସିବି ଜେଡିଏ ସଭାପତି ଚିନ୍ମୟ ପ୍ରଧାନ ଆବଶ୍ୟକ ପଡିଲେ ଆଗକୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଯୋଗ୍ୟତା ତାରିଖ ଠାରୁ କେନ୍ଦ୍ରୀୟ ବେତନ ଗଠନ ଅନୁଯାୟୀ ଡିଏସିପିର କାର୍ଯ୍ୟକାରିତା, ଓଏମ୍‌ଏଚ୍‌ଏସ ବେତନ ଗଠନର ସଂଶୋଧନ ଏବଂ ଲେଭଲ-୧୫ର ପୂର୍ବ ସର୍ତ୍ତାବଳୀର ଉଚ୍ଛେଦ, ସମସ୍ତ ଗ୍ରେଡ ଆନୁପାତିକ କ୍ୟାଡର ପୁନର୍ଗଠନ, ସୁପର ସ୍ପେଶାଲିଷ୍ଟ, ସ୍ପେଶାଲିଷ୍ଟ, ଡିପ୍ଲୋମାଧାରୀ, ପ୍ରଶାସକ ମାନଙ୍କ ପାଇଁ କ୍ରମବର୍ଦ୍ଧିଷ୍ଣୁ ପ୍ରୋତ୍ସାହନ, କ୍ୟାଡର ପୁନର୍ଗଠନ ଆଦି ଦାବି କରାଯାଇଛି।

## କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନରେ ଧାନ ସ୍ୱାସ୍ଥ୍ୟ କ୍ଲିନିକର ଶୁଭାରମ୍ଭ

କଟକ, ୧୭ (ସମିସ): ଆଇସିଏଆର୍‌କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ଫସଲ ସୁରକ୍ଷା ବିଭାଗର ଧାନ ସ୍ୱାସ୍ଥ୍ୟ କ୍ଲିନିକ୍ ଆଜି ଠାରୁ ନିୟମିତ ଭାବେ ନିଦାନ ଓ ପରାମର୍ଶ ସେବା ଆରମ୍ଭ କରିଛି। ଏହି କ୍ଲିନିକ୍‌ର ଉଦ୍‌ଘାଟନ କରିଛନ୍ତି ଆଇସିଏଆର୍‌କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ, କଟକର ନିର୍ଦ୍ଦେଶକ ଡ.ଜି.ଏ.କେ. କୁମାର। ଫସଲ ସୁରକ୍ଷା ବିଭାଗର ମୁଖ୍ୟ ଡ. ଏସ.ଡି.ମହାପାତ୍ର, ସମସ୍ତ ବିଭାଗୀୟ ମୁଖ୍ୟ, ବରିଷ୍ଠ ପ୍ରଶାସନିକ ଅଧିକାରୀ, ବରିଷ୍ଠ ଅର୍ଥ ଓ ହିସାବ ଅଧିକାରୀ ଏବଂ ଫସଲ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଏହା କରାଯାଇଥିଲା। ଧାନ ଫସଲର ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସମୟୋପଯୋଗୀ, ନିର୍ଭରଯୋଗ୍ୟ ଓ ବିଶେଷଜ୍ଞ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି କ୍ଲିନିକ୍ ସ୍ଥାପନ କରାଯାଇଛି। ଏଠାରେ କ୍ଷେତ୍ର ପର୍ଯ୍ୟବେକ୍ଷଣ ଏବଂ ଆବଶ୍ୟକ ହେଲେ ପରୀକ୍ଷାଗାରରେ ପରୀକ୍ଷା ମାଧ୍ୟମରେ ଧାନର କୀଟପତଙ୍ଗ, ରୋଗ, ନେମାଟୋଡ୍ ଏବଂ ପୋଷକ ତତ୍ତ୍ୱର ଅଭାବ ଜନିତ ଲକ୍ଷଣର ବୈଜ୍ଞାନିକ ନିଦାନ କରାଯିବ। ସଠିକ୍ ନିଦାନ ପାଇଁ କୃଷକ ଏବଂ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସମସ୍ୟା ଥିବା ଧାନ ଗଛର ନମୁନା ସହିତ ଧାନର କିସମ, ଫସଲର ବୃଦ୍ଧି ପର୍ଯ୍ୟାୟ, ଚାଷ ସ୍ଥାନ ଏବଂ ସମ୍ଭବ ହେଲେ କ୍ଷେତ୍ରର ଫଟୋ ନେଇ ଆସିବାକୁ ଅନୁରୋଧ କରାଯାଉଛି। ଧାନର ଉତ୍ପାଦନ ବୃଦ୍ଧି କରିବା, ପରିବେଶ ଅନୁକୂଳ ଓ ସ୍ଥାୟୀ ଫସଲ ସୁରକ୍ଷା ପଦ୍ଧତିକୁ ପ୍ରୋତ୍ସାହନ ଦେବା ଏବଂ କୃଷକ ସମାଜ ମଧ୍ୟରେ ବୈଜ୍ଞାନିକ ଜ୍ଞାନର ବ୍ୟାପକ ପ୍ରସାର କରିବା।

## ବହି ବିଭ୍ରାଟ ନେଇ କଂଗ୍ରେସର ପ୍ରତିବାଦ



କଟକ, ୧୭ (ସମିସ): ପିଲାଙ୍କ ପାଠପଢ଼ା ବହିରେ ଅସଖ୍ୟ ତ୍ରୁଟି ଓ ଭୁଲ ବହି ଛାପା ପାଇଁ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡ଼ିବା ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି କଟକ-ଚୌଦ୍ୱାର କଂଗ୍ରେସ। ଏଥିସହ ଦଳ ପକ୍ଷରୁ ମୁଖ୍ୟ-ସଂଯୋଜକ ମାନସ ପରିଡ଼ାଙ୍କ ନେତୃତ୍ୱରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କ ନାମରେ କଟକ ମଧୁପାଟଣା ଥାନାରେ ଏତଲା ଦିଆଯାଇଛି। ସମ୍ପ୍ରତି ଜାତୀୟ ଶିକ୍ଷା ନୀତି-୨୦୨୨କୁ ରାଜ୍ୟ ସରକାର ଲାଗୁକରି ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକକୁ ବଦଳାଇ ନୂତନ ପାଠ୍ୟ ପୁସ୍ତକ ପ୍ରକାଶ କଲେ ମାତ୍ର ଶୈକ୍ଷିକ ଶିକ୍ଷା ବ୍ୟବସ୍ଥାକୁ ଧୂଳିସାତ୍ କରାଯାଇଥିବା ଅଭିଯୋଗ କରିଛି କଂଗ୍ରେସ। ଏସବୁ ପାଇଁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାୟୀ କରି ତାଙ୍କ ନାମରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ଏତଲା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ-ସଂଯୋଜକ ମାନସ ପରିଡ଼ାଙ୍କ ସହିତ ଯୁବନେତା ହରିଶଙ୍କର ରାଉତ୍, ବରିଷ୍ଠ କଂଗ୍ରେସ ନେତା ନିର୍ମଳ ସ୍ୱାଇଁ ଓ ଅଶୋକ ନାୟକ, ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ ଓ ହିମାଂଶୁ ରାଉତ୍, ସଚିଦାନନ୍ଦ ରାଉତ୍, ଶେଖ୍ ଜାଫର, ଦୀପକ ସାହୁ, ଅଜୟ ଦାସ ଓ ପ୍ରତ୍ୟୁଷ ସାହୁ, ଦିବ୍ୟରଞ୍ଜନ ପ୍ରଧାନ, ଉମାକାନ୍ତ ସାହୁ, ପ୍ରକାଶ ମୁଦୁଲି, ରଜନୀକାନ୍ତ ବସ୍ତିଆ ଓ ରଶ୍ମିକାନ୍ତ ସାମଲ, ଲକ୍ଷ୍ମୀଧର ଶରଣ , ଆଇନଜୀବୀ ଜ୍ୟୋତି ରଞ୍ଜନ ପରିଜାଙ୍କ ସମେତ ସ୍ୱପ୍ନ କୁମାର ସ୍ୱାଇଁ, ରଞ୍ଜନ ବେହେରା, ଲିପୂଲ୍ ରାଉତ୍ ପ୍ରମୁଖ ଯୋଗଦେଇ ଥିଲେ।

## ପ୍ରଧାନଶିକ୍ଷକଙ୍କ ଯୋଗଦାନ



କଟକ, ୧୭ (ସମିସ): ରେଭେନ୍ସା କଲିଜିଏଟ୍ ସ୍କୁଲର ବରିଷ୍ଠ ଶିକ୍ଷକ ବିଶ୍ୱନାଥ ମିଶ୍ର ପଦୋନ୍ନତି ପାଇ ବୁଧବାର କଟକ ମାରୱାଡି ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବରେ ଯୋଗଦାନ କରିଛନ୍ତି। ଶ୍ରୀ ମିଶ୍ର ବିଦ୍ୟାଳୟର ପ୍ରଧାନଶିକ୍ଷକ ବାବେ ଦାୟିତ୍ୱ ନେବାପରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍ୱାଗତ କରିଥିଲେ।

## ଡିପିଏସ୍ କଳିଙ୍ଗ ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କ ଶପଥ ଗ୍ରହଣ



ଫୁଲନଖରା, ୧୭ (ସମିସ): କଟକ ସଦର ଥାନା ଅଧିନ ଦିଲ୍ଲୀ ପବ୍ଲିକ୍ ସ୍କୁଲ, କଳିଙ୍ଗରେ ସ୍କାଉଟ୍ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ରଛାତ୍ରୀମାନେ ଔପଚାରିକ ଭାବରେ ସ୍କାଉଟ୍ ଓ ଗାଇଡ୍ ଆନ୍ଦୋଳନରେ ନିଜକୁ ସାମିଲ କରିବା ସହ ସମସ୍ତ ନିୟମ ପାଳନ କରିବା, ଦେଶର ସେବା କରିବା ଏବଂ ସର୍ବଦା ଅନ୍ୟମାନଙ୍କୁ ସାହାଯ୍ୟ କରିବାର ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରୋ ଭାଇସ୍ ଚେୟାରପର୍ସନ ମାଳା ମିଶ୍ର ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳାବଦ୍ଧ, ଦାୟିତ୍ୱବାନ ଓ ସର୍ବଦା ଅନ୍ୟମାନଙ୍କ ସେବା ପାଇଁ ପ୍ରସ୍ତୁତ ରହିବାକୁ ପ୍ରେରଣା ଦେଇଥିଲେ। ଏକ୍‌ଜିକ୍ୟୁଟିଭ୍ ଟ୍ରଷ୍ଟି ସୁନୟନା ପାତ୍ରୋ ଉକ୍ତ ସଭାକୁ ସମ୍ବୋଧନ କରିଥିବା ବେଳେ ଅଧ୍ୟକ୍ଷ ଶୁଭବ୍ରତ ମୁଖାର୍ଜୀ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ସଞ୍ଜୟ ଜେନା, ଉପାଧ୍ୟକ୍ଷା ସ୍ୱାତୀ ନାଥ ଏବଂ ପ୍ରଧାନଶିକ୍ଷକ ମୁସ୍ତାକ ଅହମ୍ମଦ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ପୁରସ୍କାରପ୍ରାପ୍ତ ସ୍କାଉଟ୍ ଓ ଗାଇଡ୍‌ମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସ୍କାଉଟ୍ ମାଷ୍ଟର ନୀରଦ ଚନ୍ଦ୍ର ଆର୍ଯ୍ୟ, ଗାଇଡ୍ କ୍ୟାପ୍ଟେନ୍ ସୁନନ୍ଦା ବୋଷ ପରିଚାଳନା କରିଥିଲେ। ଗାଇଡ୍ କ୍ୟାପ୍ଟେନ୍ ପାର୍ବଣୀ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## ବିନାସୂଚନାରେ ସୂତାହାଟ ଡାକଘର ବନ୍ଦ କରାଯିବାକୁ ନେଇ ଅସନ୍ତୋଷ

କଟକ, ୧୭ (ସମିସ): କଟକ ମହାନଗର ନିଗମର ୧୭ନମ୍ବର ୱାର୍ଡ ଅଧୀନ ସୂତାହାଟ ନ୍ୟୁ କଲୋନୀ ଠାରେ ଥିବା ଡାକଘର ଦୀର୍ଘ ୮୦ ବର୍ଷ ହେବ ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଆସୁଥିଲା। ଏହି ଅଞ୍ଚଳର ଅଧିକାଂଶ ଲୋକ ରିକ୍ସା ଚଳାଇ, ବାସନ ମାଜି , ସଫେଇ କାର୍ଯ୍ୟ, ମୂଲ ଲାଗି ନିଜ ଗୁଜୁରାଣ ମେଣ୍ଟାନ୍ତି। ଯାହାଫଳରେ କଷ୍ଟ ଅର୍ଜିତ ଧନରୁ କିଛି ସଞ୍ଚୟ କରି ନିକଟସ୍ଥ ଡାକ ଘରେ ଚାଲି ଚାଲି ଯାଇ ସଞ୍ଚୟ ପୁଞ୍ଜି ଜମା କରିପାରୁଥିଲେ।କୌଣସି ସୂଚନା ନ ଦେଇ ପୁଲିସ ସହାୟତାରେ ଡାକ ବିଭାଗର କର୍ମଚାରୀ ଆସି ଆସବାପତ୍ର ନେଇ କାର୍ଯ୍ୟାଳୟରେ ତାଲା ପକାଇଦେଇଥିଲେ। ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ସ୍ଥାନରେ ପୁନଶ୍ଚ ଡାକଘର କାର୍ଯ୍ୟକାରୀ କରି ସେବା ଯୋଗାଇବା ଦାବିରେ କଟକ ସହର ଡିଭିଜନର ଡାକ ବିଭାଗ ଅଧୀକ୍ଷକଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଆମ୍ ଆଦମୀ ପାର୍ଟି କଟକ ଜିଲ୍ଲା ଯୁବ ସଭାପତି ଆଶୁତୋଷ ପରିଡ଼ାଙ୍କ ନେତୃତ୍ୱରେ ନଗର ଯୁବ ସଭାପତି ରୋହିତ୍ କୁମାର ନନ୍ଦ, ଅମ୍ବିକା ନନ୍ଦ ସୁତାହାଟ ପଡାବାସୀ ସ୍ନେହାଶିଷ କର, ଦିଲୀପ ଜି, ରଞ୍ଜିତା ପରିଡ଼ା, ସାଗରିକା ଦାସ, ରୋଜାଲିନ ଦାସ, ଜ୍ୟୋସ୍ନାରାଣୀ ସେନା, ହେମା ରାଓ, ରେଖାରାଣୀ ଦେ ଉପସ୍ଥିତ ଥିଲେ।

## ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସ୍ମୃତି ଉତ୍ସବ



କଟକ, ୧୭ (ସମିସ): ପଲ୍ଲୀ ଜୀବନର ନିଆରା ରୂପକାର, କବି, ପ୍ରାବନ୍ଧିକ, ଔପନ୍ୟାସିକ ଏବଂ ବହୁ ସନେଟର ରଚୟିତା ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୯୮ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। କଟକ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଉତ୍କଳ ସାହିତ୍ୟ ସମାଜ ପ୍ରାଙ୍ଗଣରେ ଆୟୋଜିତ ଏହି ସ୍ମୃତି ଉତ୍ସବରେ ଡକ୍ଟର ଭାବଗ୍ରାହୀ ରାଉତ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଉମାଶଙ୍କର ସାହୁ, ସାରସ୍ୱତ ସଂଗଠକ ରଣଜିତ ସାହୁ, ସାମ୍ବାଦିକ ଶରତ କୁମାର ମଲ୍ଲିକ, ଚୌଧୁରୀ କାଶୀନାଥ ମଲ୍ଲିକ, ସାହିତ୍ୟିକ ଅଖିଳେଶ ମହାନ୍ତି, ସାହିତ୍ୟିକା ଦୀପା ଦାସ, ନିରଞ୍ଜନ ସିଂ, ରବୀନ୍ଦ୍ର ମହାନ୍ତି, ଫଟୋ ସାମ୍ବାଦିକ ସରୋଜ କୁମାର ମଲ୍ଲିକ, ସାମ୍ବାଦିକ ଜିତେନ୍ଦ୍ର ପଣ୍ଡା ପ୍ରମୁଖ କବି ନନ୍ଦକିଶୋରଙ୍କ ସାହିତ୍ୟର ବହୁ ଅନାଲୋଚିତ ଦିଗ ଉପରେ ଆଲୋକପାତ କରିଥିଲେ।

■ ବିଡାନାସୀ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଇଲାଇଟ -୧୧ ଚାମ୍ପିଅନ




କଟକ,୧୭(ସମିସ): ଗ୍ରେଟ୍‌ର ବିଡାନାସୀ ସ୍ପୋର୍ଟସ କ୍ଲବ୍ ପକ୍ଷରୁ 'ବିଡାନାସୀ କପ୍ ୨୦୨୬' କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବିଡ଼ାନାସୀ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଉଭୟଦଳ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିଲାବେଳେ ଇଲାଇଟ-୧୧ ଚାମ୍ପିଅନ ହୋଇଥିଲା ବେଳେ ଡିଭାଇନ ୱାରିଅର୍ସ ରନର୍ସ ଅପ୍ ହୋଇଛି। କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂହ, ଓଡ଼ିଶା ପୁଲିସ୍ ଅଫିସର୍ସ ଆସୋସିଏସନ୍ ସଭାପତି ଅସିତ କୁମାର ଜେନା, ସରକାରୀ ପ୍ଲିଡର ଆଇନଜୀବୀ ରାମକୃଷ୍ଣ ରଥ ଓ ସମାଜସେବୀ ସୁରେଶ ଚନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମନୋଜ କୁମାର ମହାନ୍ତି, କ୍ଲବ୍‌ର ଉପଦେଷ୍ଟା ଆଇନଜୀବୀ ଜଗନ୍ନାଥ ମହାନ୍ତି, ସମାଜସେବୀ ବିଜୟ ବେହେରା, ଜ୍ୟୋତି ରଞ୍ଜନ କର ଓ ରାମଚନ୍ଦ୍ର ଦାସ ପୁରସ୍କାର ବିତରଣ କରିଥିଲେ। ମଦନ ଦାସ ପ୍ଲେୟାର୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଓ ଶ୍ରେଷ୍ଠ ବ୍ୟାଟସମ୍ୟାନ୍ ଏବଂ ସୂର୍ଯ୍ୟନାରାୟଣ ସାହୁ ବୋଲର୍ ଭାବେ ପୁରସ୍କୃତ ହୋଇଥିଲେ।

## କଟକ ମହାନଗର ନିଗମ ପକ୍ଷରୁ ବନମହୋତ୍ସବ

# ଚାରାରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତାଦେଲେ ସ୍କୁଲ ଛାତ୍ରଛାତ୍ରୀ

କଟକ,୧୭(ସମିସ):




ପରିବେଶ ସୁରକ୍ଷାର ବାର୍ତ୍ତା ନେଇ କଟକ ମହାନଗର ନିଗମ ପକ୍ଷରୁ ବନ ମହୋତ୍ସବ-୨୦୨୬ ପାଳନ କରାଯାଇଛି। ବୁଧବାର ବାଲିଯାତ୍ରା ପଡ଼ିଆର କଟକ ଇନ୍ କଟକ ପରିସରରେ କଟକ ମହାନଗର ନିଗମର ମେୟର ସୁବାସ ସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଶନର କିରନଦୀପ୍ କୌର ସହୋତା, ସହକାରୀ ବନସଂରକ୍ଷକ ସିଦ୍ଧାର୍ଥ ଶଙ୍କର ସାହୁ, ଡେପୁଟି ମେୟର ଦମୟନ୍ତୀ ମାଝୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ରଶ୍ମିତା ପ୍ରିୟଦର୍ଶିନୀ, ସହରାଞ୍ଚଳ ବନଖଣ୍ଡ ଅଧିକାରୀ ଶର୍ମିଳୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମହାନଗର ନିଗମର ସମସ୍ତ ଅଧିକାରୀ, ସିଡିଏ ସେକ୍ଟର-୬ ଡିଏଭି ସ୍କୁଲ, ପଟ୍ଟାପୋଲ ସରକାରୀ ତେଲୁଗୁ ସ୍କୁଲର ଛାତ୍ରଛାତ୍ରୀ ଏବଂ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ଯୋଗଦେଇ ପରିବେଶ ସୁରକ୍ଷା ଓ ସବୁଜ କଟକ ଗଠନ ପାଇଁ ସଚେତନତାର ବାର୍ତ୍ତା ପ୍ରସାର କରିଥିଲେ। ସମସ୍ତେ ନିଶ୍ଚୟ ଗଛ ଲଗାଇ କଟକକୁ ଏକ ସୁସ୍ଥ, ସବୁଜ ଓ ସ୍ୱଚ୍ଛ କଟକ ଭାବେ ଗଢ଼ିବା ବୋଲି ମେୟର ଶ୍ରୀ ସିଂହ କହିଥିଲେ। କାର୍ଯ୍ୟକ୍ରମରେ ପରିବେଶ ବିଜ୍ଞାନୀ କାଞ୍ଚନବାଳା ବିହାରୀ, ସହକାରୀ ପରିବେଶ ବିଜ୍ଞାନୀ ବିଶ୍ୱନାଥ ସେଠୀ ଓ ସୁଭାଶିଷ ମାହାରୀ , କର୍ପୋରେଟର ଏ ଶ୍ରୀଦେବୀ, ବନଲତା ପ୍ରଧାନ, ଆରତୀ ସାହୁ ପ୍ରମୁଖ ସାମିଲହୋଇ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଅତିରିକ୍ତ କମିଶନର ସୋନା ଟୁଡୁ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିବାବେଳେ କମିଶନର କିରଣଦୀପ୍ କୌର ସହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଆସିଷ୍ଟାଣ୍ଟ କମିଶନର ସୀମାଜେନା ପରିଚାଳନା କରିଥିଲେ।

# ବ୍ରାଉନସୁଗର ଜବତ୍ ଘଟଣା: ମହିଳା ଅଭିଯୁକ୍ତ ଖଲାସ୍

ହାଟଡିହୀ, ୧୭(ସମିସ): ବ୍ରାଉନସୁଗର ଜବତ ଘଟଣାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ୪ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୩ ଜଣ ଜେଲ୍ ହାଜତ୍ ଯାଇଛନ୍ତି; କିନ୍ତୁ ମହିଳା ଅଭିଯୁକ୍ତ ଜଣଙ୍କ ଜେଲ୍ ହାଜତ୍ ଦଣ୍ଡରୁ ବାଦ୍ ପଡ଼ିଛନ୍ତି । କାହିଁକି ଏବଂ କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଛି ତାହା ଏଯାଏଁ ସ୍ପଷ୍ଟ ହୋଇପାରିନି । ଅପରପକ୍ଷେ, ରାତିରେ ମହିଳାଙ୍କୁ ଅଟକ ରଖାଯାଇ ପାରିବନି ବୋଲି ନିୟମ ଆଧାରରେ ମହିଳା ଜଣଙ୍କୁ ଛାଡ଼ି ଦିଆଯାଇଥିବା କୁହାଯାଉଛି । ନନ୍ଦିପଦା ଥାନାଞ୍ଚଳରୁ ପୁଲିସ୍ ଗତ ଶନିବାର ୧୧.୪୪ ଗ୍ରାମ ବ୍ରାଉନସୁଗର ଜବତ କରି ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଥିଲା । ସେହି ଅଭିଯୁକ୍ତମାନଙ୍କୁ କେନ୍ଦୁଝର ଏଡ଼ିଜେ କୋର୍ଟକୁ ଚାଲାଣ କରାଯାଇଥିଲା । ଗିରଫ ମଧ୍ୟରେ ଜଣେ ମହିଳା ଥିଲେ । ଗିରଫ ବ୍ୟକ୍ତିମାନେ ନନ୍ଦିପଦା ଥାନା ହାଟଡିହୀ ଗ୍ରାମର ଭାଗିରଥୀ ପଣ୍ଡା(୩୦), ଜଳକଙ୍କଣ ଗ୍ରାମର ଜଗନ୍ନାଥ ମଲ୍ଲିକ(୨୫), ଆନନ୍ଦପୁର ଥାନା ଫକୀରପୁର ଗ୍ରାମର ଦୀପ୍ତିରଞ୍ଜନ ଜେନା(୨୭) ଏବଂ ବାଲେଶ୍ୱର ଜିଲ୍ଲା ଖଇରା ଥାନା କୁପାରୀ ଗ୍ରାମର ନିଳିତା ମୁଣ୍ଡା(୨୭) ଅଟନ୍ତି । ଆନନ୍ଦପୁର ଉପଖଣ୍ଡରେ ଧଳାଜହର କାୟାବିସ୍ତାର କରୁଥିବା ବେଳେ ମହିଳା ଜଣକ ଜେଲ୍ ହାଜତ୍ ଦଣ୍ଡରୁ ବାଦ୍ ପଡ଼ିବା ଘଟଣା ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସାଜିଛି ।

# ଉନ୍ନତ ମତ୍ସ୍ୟଚାଷ ସମ୍ପର୍କିତ ତାଲିମ କର୍ମଶାଳା

ଆନନ୍ଦପୁର, ୧୭(ସମିସ): ଆନନ୍ଦପୁର ପଞ୍ଚାୟତସମିତି କାର୍ଯ୍ୟାଳୟରେ ମତ୍ସ୍ୟ ବିଭାଗ ପକ୍ଷରୁ ଉନ୍ନତ ମତ୍ସ୍ୟଚାଷ ପ୍ରଣାଳୀ ସମ୍ବନ୍ଧୀୟ ଏକଦିବସୀୟ ତାଲିମ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉପଖଣ୍ଡ ସହକାରୀ ମତ୍ସ୍ୟ ଅଧିକାରୀ ଦେବପ୍ରସାଦ ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଅସୀମା ମିଶ୍ର, ସରପଞ୍ଚ, ଶାଳବଣି ସୁଭାଷିନୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସହକାରୀ ମତ୍ସ୍ୟ ଅଧିକାରୀ, ହାଟଡିହି ବ୍ଲକ ଶୁଭମ୍ କୁମାର ପ୍ରଧାନ, ଘଷିପୁରା ବ୍ଲକ ଅଧିକାରୀ ପାବନୀ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଅତିଥି ବିସ୍ତୃତ ଆଲୋଚନା କରିଥିଲେ । ବିଶେଷକରି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅନ୍ତର୍ଗତ ନୂତନ ପୋଖରୀ ଖନନ, ପୁରୁଣା ପୋଖରୀର ପୁନରୁଦ୍ଧାର ଓ ମାଛଚାଷ ପାଇଁ ସହାୟତା, ଯାଆଁଳ ଚାଷ ପାଇଁ ଆର୍ଥିକ ସହାୟତା, ଜୈବପୁଞ୍ଜି ପଦ୍ଧତିରେ ମାଛଚାଷ, ଶ୍ୱେତ ପୋଖରୀ ପାଇଁ ଇନପୁଟ ସହାୟତା ଏବଂ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଗ୍ରାମପଞ୍ଚାୟତ ପୋଖରୀରେ ମତ୍ସ୍ୟଚାଷ ପ୍ରୋତ୍ସାହନ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଏହାସହ ପୋଖରୀର ବୈଜ୍ଞାନିକ ପ୍ରସ୍ତୁତି, ଉନ୍ନତମାନର ପୋନା ଚୟନ, ସନ୍ତୁଳିତ ମାଛ ଖାଦ୍ୟ ବ୍ୟବସ୍ଥାପନା, ଜଳର ଗୁଣବତ୍ତା ସଂରକ୍ଷଣ, ମାଛର ରୋଗ ଚିହ୍ନଟ ଓ ପ୍ରତିକାର, ଏବଂ ଆଧୁନିକ ମତ୍ସ୍ୟଚାଷ ପରିଚାଳନା ସମ୍ପର୍କରେ ବିଶେଷଜ୍ଞମାନେ ବିସ୍ତୃତ ଆଲୋଚନା କରିଥିଲେ ।

# ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ନେଇ ପ୍ରଶିକ୍ଷଣ କର୍ମଶାଳା

କେନ୍ଦୁଝର, ୧୭(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର୍ ହଲ୍‌ଠାରେ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ (ଡି ସିଏଚବି) ପ୍ରସ୍ତୁତି ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଉପଖଣ୍ଡ ଅନ୍ତର୍ଗତ ସମସ୍ତ ତହସିଲର ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଏବଂ ଅମିନମାନେ ଅଂଶଗ୍ରହଣ କରିଥିଲେ । ଏହି ହ୍ୟାଣ୍ଡବୁକ୍ ହେଉଛି ଜିଲ୍ଲାର ଏକ ପ୍ରାମାଣିକ ସୂଚନା ଭଣ୍ଡାର । ଏହି ପୁସ୍ତିକାରେ ଗୋଟିଏ ଜିଲ୍ଲାର ପ୍ରତି ଗ୍ରାମ ଓ ସହରାଞ୍ଚଳର ଜନସଂଖ୍ୟା, ସାକ୍ଷରତା ହାର, ଭିତ୍ତିଭୂମି, ସ୍ୱାସ୍ଥ୍ୟ ଓ ଶିକ୍ଷା ସୁବିଧା ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସ୍ଥାନ ପାଇଥାଏ, ଯାହା ସରକାରୀ ଯୋଜନା ପ୍ରସ୍ତୁତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ । ଏହା ଜିଲ୍ଲାସ୍ତରୀୟ ଯୋଜନା ପ୍ରଣୟନ, ପ୍ରଶାସନିକ କାର୍ଯ୍ୟକଳାପ ଏବଂ ବିଭିନ୍ନ ବିକାଶମୂଳକ ପଦକ୍ଷେପ ପାଇଁ ଏକ ମୁଖ୍ୟ ସନ୍ଦର୍ଭ ପୁସ୍ତିକା ଭାବେ କାର୍ଯ୍ୟ କରେ । ଏହାର ସଠିକ ପ୍ରସ୍ତୁତି ଦ୍ୱାରା ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଜନସାଂଖ୍ୟିକ ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ ତଥ୍ୟ ସୁସ୍ପଷ୍ଟ ଭାବେ ଉପଲବ୍ଧ ହୋଇପାରିବ, ଯାହା ଭବିଷ୍ୟତର ବିକାଶ କାର୍ଯ୍ୟରେ ସହାୟକ ହେବ । କାର୍ଯ୍ୟକ୍ରମରେ ତଥ୍ୟ ସଂଗ୍ରହ, ସଠିକତା ଯାଞ୍ଚ ଏବଂ ରିପୋର୍ଟ ପ୍ରସ୍ତୁତିର ସୂକ୍ଷ୍ମ କୌଶଳ ସମ୍ପର୍କରେ କର୍ମଚାରୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା ।

ଡାକ୍ତର ଦିବସରେ ଠପ୍ ଓପିଡି ସେବା

# ୧୦ ଦଫା ଦାବିରେ ଜିଲ୍ଲା ବ୍ୟାପୀ ଅନିର୍ଦ୍ଦିଷ୍ଟ କାର୍ଯ୍ୟବନ୍ଦ






କେନ୍ଦୁଝର/ଚମ୍ପୁଆ/ଆନନ୍ଦପୁର, ୧୭(ସମିସ)

ଗୋଟିଏ ପଟେ ଡାକ୍ତରମାନେ ଆନ୍ଦୋଳନରେ ବସିଥିବା ବେଳେ, ଅନ୍ୟପଟେ ରୋଗୀସେବା ବ୍ୟାହତ ହୋଇଛି । ୧୦ ଦଫା ଦାବି ନେଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଲେ ଜିଲ୍ଲାର ସମସ୍ତ ସ୍ଥାୟୀ ଡାକ୍ତର । ଆଜିଠାରୁ ରାଜ୍ୟର ସମସ୍ତ ସ୍ଥାୟୀ ଡାକ୍ତର ଧାରଣାରେ ବସିଥିବା ବେଳେ କେନ୍ଦୁଝର ଜିଲ୍ଲାର ୨୦ଟି ସ୍ୱାସ୍ଥ୍ୟ ସେବାକେନ୍ଦ୍ର ପକ୍ଷରୁ ୪ଟି ସ୍ୱାସ୍ଥ୍ୟକେନ୍ଦ୍ର ସୁରୁଖୁରରେ ଚାଲିଥିବା ବେଳେ ୧୬ଟି କେନ୍ଦ୍ରରେ ଧାରଣାରେ ବସିଛନ୍ତି ସମସ୍ତ ସ୍ଥାୟୀ ଡାକ୍ତର । ଏହାକୁ ନେଇ ବିଭିନ୍ନ ସ୍ଥାନରେ ରୋଗୀସେବା ବ୍ୟାହତ ହୋଇଛି । ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲା ତଥା ଜିଲ୍ଲା ବାହାରୁ ଏଠାକୁ ରୋଗୀ ଚିକିତ୍ସିତ ହେବାକୁ ଆସିଥାନ୍ତି । ଚିକିତ୍ସା ପାଇଁ ଡାକ୍ତର ନଥିବା ତାଙ୍କ ରୋଗକୁ ଦ୍ୱିଗୁଣିତ କରିଛି । ଅନ୍ୟପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପାଖାପାଖି ୫୦ ଜଣ ଡାକ୍ତର ଦୈନିକ ଚିକିତ୍ସା କରୁଥିବା ବେଳେ, ଏବେ ମାତ୍ର ୮ ଜଣ ଡିଏମଏଫ ଏବଂ ଅସ୍ଥାୟୀ ଡାକ୍ତର କାର୍ଯ୍ୟ କରୁଛନ୍ତି । ଏଥିମଧ୍ୟରୁ ଅସ୍ଥିଶୈଲ୍ୟ, ମେଡିସିନ୍ ଓ ଆଖି ବିଭାଗରେ ଜଣେ ବି ଡାକ୍ତର ନଥିବାରୁ ରୋଗୀମାନଙ୍କୁ ଫେରାଇ ଦିଆଯାଉଛି ।

ଡାକ୍ତର ଦିବସରେ ହିଁ ଆଜି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ଓଡ଼ିଶା ଡାକ୍ତର ସଂଘର ଆହ୍ୱାନକ୍ରମେ ୧୦ ଦଫା ଦାବି ପୂରଣ ଦାବିରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଅନିର୍ଦ୍ଦିଷ୍ଟ କାର୍ଯ୍ୟବନ୍ଦ ଯୋଗୁଁ ଉପଖଣ୍ଡ ଚିକିତ୍ସାଳୟର ବହିର୍ବିଭାଗ (ଓପିଡି) ସେବା ପ୍ରାୟ ଠପ୍ ହୋଇଯାଇଥିଲା । ଏହାର ପ୍ରଭାବରେ ସକାଳୁ ହିଁ ହସ୍ପିଟାଲ ପରିସରରେ ରୋଗୀଙ୍କ ଭିଡ଼ ଜମିଥିଲା । ଦୂରଦୁରାନ୍ତରୁ ଚିକିତ୍ସା ପାଇଁ ଆସିଥିବା ରୋଗୀମାନେ ଦୀର୍ଘ ସମୟ ଧରି ଲାଇନରେ ଅପେକ୍ଷା କରିବା ସହ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସ୍ୱାସ୍ଥ୍ୟସେବାକୁ ସମ୍ଭବପର୍ଯ୍ୟନ୍ତ ସ୍ୱାଭାବିକ ରଖିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୭ ଜଣ ଆୟୁଷ ଡାକ୍ତରଙ୍କୁ ଡେପୁଟେସନରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ

**ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ରୋଗୀଙ୍କ ଲମ୍ବା ଅପେକ୍ଷା**

ପଠାଯାଇଥିଲା । ତେବେ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ବ୍ୟବସ୍ଥା ପର୍ଯ୍ୟାପ୍ତ ହୋଇପାରି ନଥିଲା । ଫଳରେ ଅନେକ ରୋଗୀ ଚିକିତ୍ସା ନପାଇ ନିରାଶ ହୋଇ ଫେରିଥିବା ବେଳେ କିଛି ରୋଗୀ ବେସରକାରୀ ଚିକିତ୍ସାଳୟ ମୁହାଁ ହୋଇଥିଲେ । ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଦାବିଗୁଡ଼ିକ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହେବାରୁ ଏହି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିବା ସଂଘ କହିଛି । ଚମ୍ପୁଆ ଡାକ୍ତର ସଂଘର ସଦସ୍ୟ ଡଃ ଧର୍ମପଦ ଦାସ ମହାପାତ୍ର କହିଛନ୍ତି, ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ । ସରକାର ଯଦି ଶୀଘ୍ର ଆଲୋଚନା କରି ସମାଧାନର ପଦକ୍ଷେପ ନନିଅନ୍ତି, ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଘ ଚେତାବନୀ ଦେଇଛି । ଏହି କାର୍ଯ୍ୟବନ୍ଦ ଆନ୍ଦୋଳନରେ ଡଃ ଯୋଗେନ୍ଦ୍ରନାଥ ଆଦ୍ୟା, ଡଃ ସୁଜିତ କୁମାର ଲେଙ୍କା, ଡଃ ଧର୍ମପଦ ଦାସ ମହାପାତ୍ର, ସୁନାରାମ ମୁର୍ମୁ, ଡଃ ଜ୍ୟୋତିରଞ୍ଜନ ମଲ୍ଲିକ, ଡଃ ଚିରଞ୍ଜୀବୀ ଚୌଧୁରୀ, ଡଃ ସିରକା ଓ ଡଃ ଜେନା ପ୍ରମୁଖ ସାମିଲ ହୋଇଥିଲେ ।

ସେହିପରି ଓମସା ଆନନ୍ଦପୁର ଶାଖା ପକ୍ଷରୁ ସମସ୍ତ ଡାକ୍ତର ଧାରଣାରେ ବସିଥିଲେ । ସରକାରଙ୍କ ଖାମଖିଆଲି ନୀତିର ପ୍ରତିବାଦ କରି ଦାବିପୂରଣ ନେଇ ଜିଦରେ ଅଟଳ ବୋଲି ପ୍ରକାଶ କରିଛନ୍ତି । ଆଜି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ପରିସରରେ ସମସ୍ତ ଡାକ୍ତର ନିଜର ସ୍ୱରକୁ ଶାଣିତ କରିଥିଲେ । ରାଜ୍ୟ ସରକାର ଯଥାଶୀଘ୍ର ଡାକ୍ତରଙ୍କ ୧୦ ଦଫା ଦାବି ଉପରେ ବିଚାର ବିମର୍ଶ କରି କାର୍ଯ୍ୟ ବନ୍ଦ ଆନ୍ଦୋଳନ ପ୍ରତ୍ୟାହାର ଦିଗରେ ଉଚିତ ପଦକ୍ଷେପ ନନେଲେ ରୋଗୀଙ୍କ ଜୀବନହାନି ଆଶଙ୍କାକୁ ଏଡ଼ାଯାଇ ନପାରେ ।

# ସରକାରୀ ମଦ ଦୋକାନ ସ୍ଥାନାନ୍ତର ଦାବିରେ ଅଭିନବ ପ୍ରତିବାଦ

ତୁରୁମୁଙ୍ଗା, ୧୭(ସମିସ): କେନ୍ଦୁଝର ଜିଲ୍ଲାରେ ସରକାରୀ ମଦ ଦୋକାନକୁ ନେଇ ଦେଖିବାକୁ ମିଳିଛି ଏକ ଅଭିନବ ପ୍ରତିବାଦ । ମଦ ଦୋକାନ ସ୍ଥାନାନ୍ତର ଦାବିରେ ଶତାଧିକ ମହିଳା ମଦ ଦୋକାନ ସମ୍ମୁଖରେ ଟ୍ରାକ୍ଟରରେ ହଳ କରି ଧାନ ବୁଣି ପ୍ରତିବାଦ ଜଣାଇଛନ୍ତି । ପାଟଣା ବ୍ଲକର ଗୋଡିପୋଖରୀ ମୌଜାର ରେଙ୍ଗାଳବେଡା ସରକାରୀ ମଦ ଦୋକାନ ସମ୍ମୁଖରେ ବୁଧବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା । ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ଗୋଡିପୋଖରୀ ମୌଜାର ବାଉଁଶୁଳି ନିକଟରେ ଥିବା ରେଙ୍ଗାଳବେଡା ସରକାରୀ ମଦ ଦୋକାନର ଲାଇସେନ୍ସ ଅବଧି ଶେଷ ହେବା ପରେ ପୁନର୍ବାର ସେହି ସ୍ଥାନରେ ଦୋକାନ ଖୋଲିବା ପାଇଁ ପ୍ରସ୍ତୁତି ଚାଲିଥିବା ଅଭିଯୋଗ ହୋଇଛି । ଏହାକୁ ବିରୋଧ କରି ଗୋଡିପୋଖରୀ, ଯମୁନାପଶି, ବାଉଁଶୁଳି ସମେତ ଆଖପାଖ ଗ୍ରାମର ଶତାଧିକ ମହିଳା ଏକାଠି ହୋଇ ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ । ମହିଳାମାନେ ମଦ ଦୋକାନ ସମ୍ମୁଖରେ



ଟ୍ରାକ୍ଟରରେ ହଳ କରି ଜମିରେ ଧାନ ବୁଣିଥିଲେ । ମଦ ଦୋକାନକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସେମାନେ ଦାବି କରି ଅଭିନବ ପ୍ରତିବାଦ କରିବା ସହ ଗାଁରେ ମଦ ଦୋକାନ ନୁହେଁ ଚାଷ କରିବୁ ବୋଲି କହିଛନ୍ତି ।

# ବିଜେପି ଗୋଷ୍ଠୀ ବିବାଦ: ଉନ୍ନୟନ କାର୍ଯ୍ୟରେ ବାଧା ନେଇ ପ୍ରତିବାଦ



ଆନନ୍ଦପୁର, ୧୭(ସମିସ): ବିଜେପିର ଦୁଇ ଗୋଷ୍ଠୀ ଆନନ୍ଦପୁର ବ୍ଲକ ପ୍ରଶାସନକୁ କରାୟତ୍ତ କରିବା ପାଇଁ କସରତ କରିବା ଘଟଣା ଧୀରେ ଧୀରେ ଉଗ୍ର ହେଉଥିବା ପରିଲକ୍ଷିତ ହୋଇଛି । କେନ୍ଦୁଝର ସାଂସଦ ପ୍ରତିନିଧି ଟୁକୁନା ମହାନ୍ତଙ୍କୁ ଅନ୍ୟ ଏକ ଗୋଷ୍ଠୀ ବିରୋଧ କରି ଆସୁଛନ୍ତି । ଆଜି ବିଜେପିର ବିଭିନ୍ନ ମଣ୍ଡଳ ଓ ପଞ୍ଚାୟତ ସଂଗଠନ ଦାୟିତ୍ୱରେ ଥିବା କେତେକ କାର୍ଯ୍ୟକର୍ତ୍ତା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବ୍ଲକ ପ୍ରଶାସନ ଓ ବିଡ଼ିଓଙ୍କୁ ଅଯଥା ବିବାଦକୁ ଟଣାଯିବା ଘଟଣାର ପ୍ରତିବାଦ କରିଛନ୍ତି । ବ୍ଲକ ପ୍ରଶାସନକୁ ଏହି ବିବାଦ ଭିତରକୁ ଅଯଥା ଟାଣିବା ଯୋଗୁଁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ବିଡିଓଙ୍କ ଉପରେ ଉଠୁଥିବା ଅଭିଯୋଗକୁ ସାଂସଦ ପ୍ରତିନିଧି ଶ୍ରୀ ମହାନ୍ତ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ଯେ ଏହା ଦୁଇ ଗୋଷ୍ଠୀ ମଧ୍ୟରେ ବ୍ୟକ୍ତିଗତ ବିବାଦ ଏବଂ ଏହି ଘଟଣା ସହ ବିଡିଓଙ୍କ କୌଣସି ସମ୍ପୃକ୍ତି ନାହିଁ । ତଥ୍ୟ ନଜାଣି କେତେକ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ବିଡିଓଙ୍କୁ ବିବାଦରେ ଟାଣୁଛନ୍ତି, ଯାହା ଅତ୍ୟନ୍ତ ଦୁଃଖଦ । ବିଡିଓ ସର୍ବଦା ନିରପେକ୍ଷ ଭାବେ ସରକାରୀ କାର୍ଯ୍ୟ ସମ୍ପାଦନ କରୁଛନ୍ତି ଏବଂ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ପ୍ରାଥମିକତାର ସହ କାମ କରୁଛନ୍ତି ।

# ଚମ୍ପୁଆ ଶିଶୁ ମନ୍ଦିର ଆଚାର୍ଯ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା

ଚମ୍ପୁଆ, ୧୭(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ସଂସ୍କୃତ ଆଚାର୍ଯ୍ୟ କପିଳେନ୍ଦ୍ର ସାମନ୍ତରାଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଶିକ୍ଷା ବିକାଶ ସମିତି ଉତ୍ତର ସମ୍ଭାଗ ସମ୍ପାଦକ ଗଙ୍ଗାଧର କର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଭୋଳାନାଥ ମିଶ୍ର, ଯୁଗ୍ମ ସମ୍ପାଦକ ଅରୁଣ କୁମାର ନାଏକ ଆଚାର୍ଯ୍ୟ କପିଳେନ୍ଦ୍ର ସାମନ୍ତରାଙ୍କ ଶିଶୁ ମନ୍ଦିରରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ଓ ଅଭୁଲା ଅନୁଭୂତି ବିଷୟରେ ବର୍ଣ୍ଣନା କରି ତାଙ୍କର ଅବସର ପରବର୍ତ୍ତୀ ସୁଖ ଓ ନିରାମୟ ଜୀବନ କାମନା କରିଥିଲେ । ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ଆଭିମୁଖ୍ୟ କଥନ କରିବା ସହ ଗୁରୁଜୀଙ୍କ ସୁଖୀ ଓ ନିରାମୟ ଜୀବନ କାମନା କରିଥିଲେ । ଆଚାର୍ଯ୍ୟ ଭାସ୍କରଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରିଚାଳନା ସମିତିର କର୍ମକର୍ତ୍ତା, ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକାମାନଙ୍କ ଦ୍ୱାରା ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଆଚାର୍ଯ୍ୟ ଉମେଶଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓରିଆ ଗ୍ରାମରେ ନୂତନ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଉଦ୍‌ଘାଟିତ

ତେଲକୋଇ, ୧୭(ସମିସ): ତେଲକୋଇ ବ୍ଲକ ଓରିଆ ଗ୍ରାମରେ ଆଜି ଆର୍‌ବିଏନ୍ ନାମକ ଏକ ନୂତନ ଇଂରାଜୀ ମଧ୍ୟମ ବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେବା ସହିତ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆର୍‌ବିଏନ




ମଧ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚାରିଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ନିରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିବା ବେଳେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ଦେବାନନ୍ଦ ସାହୁ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ମହାନ୍ତ, ଉପାଧ୍ୟକ୍ଷ ଦୀପ୍ତିମୟୀ ସାହୁ ଉପସ୍ଥିତ ଥିଲେ । ଉକ୍ତ ବିଦ୍ୟାଳୟରେ ନର୍ସରୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯିବା ବ୍ୟବସ୍ଥା ରହିଛି ।

# ପାଞ୍ଚ ବେଆଇନ୍ ବାଲି ବୋଝେଇ ହାଇୱା ଜବତ

ହାଟଡ଼ିହୀ, ୧୭(ସମିସ): ଅପରେସନ୍ ବୈତରଣୀର କିଛିଦିନ ଅନ୍ତରରେ ପ୍ରତିଦିନ କିଛି କିଛି ବାଲି ବୋଝେଇ ହାଇୱା ବାଲି ପରିବହନ କରୁଥିଲା ବେଳେ ଆଜି ଆନନ୍ଦପୁର ଏସଡ଼ିପିଓ କମଲ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ବଡ଼ଧରଣର ଚଢ଼ଉ ହୋଇଥିଲା । ବାଲି ପରିବହନ ବେଆଇନ୍ ବୋଲି ଜଣାପଡ଼ିବାରୁ ସୋସୋ ଥାନାଞ୍ଚଳରୁ ୨ଟି ଏବଂ ନନ୍ଦିପଦା ଥାନାଞ୍ଚଳରୁ ୩ଟି ହାଇୱା ଜବତ କରି ପୃଥକ ଭାବେ ମାମଲା ରୁଜୁ ହୋଇଛି । ଜବତ ହାଇୱା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଡ଼ିପିଓ ଶ୍ରୀ ପଣ୍ଡା କହିଛନ୍ତି । ତେବେ, ପୁଲିସ୍ ପକ୍ଷରୁ ରୀତିମତ ବେଆଇନ୍ ବାଲି ପରିବହନ ଗାଡ଼ି ଜବତ ହେଉଥିଲା ବେଳେ ମାଇନିଂ ଅଧିକାରୀମାନେ ପଦକ୍ଷେପ ନେବାରେ କାହିଁକି କୁଣ୍ଠାବୋଧ ହେଉଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।

# ଆନନ୍ଦପୁରରେ ନୂତନ ଅଧୀକ୍ଷଣ ଯନ୍ତ୍ରୀ

ଆନନ୍ଦପୁର, ୧୭(ସମିସ): ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଜନରେ ହିମାଂଶୁ ଭୂଷଣ ସେଠୀ ନୂତନ ଅଦୀକ୍ଷଣ ଯନ୍ତ୍ରୀ ଭାବେ ଯୋଗଦେଇଥିବା ଜଣାଯାଇଛି । ଶ୍ରୀ ସେଠୀ କେନ୍ଦୁଝର ଜିଲ୍ଲା ବାଂଶପାଳ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଥାଇ ଆନନ୍ଦପୁର ବିଭାଜନର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଜି କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିବା



ପରେ ବିଭାଗୀୟ ଅଧିକାରୀ ଓ ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ । ପରେ ଆନନ୍ଦପୁର ଠିକାଦାର ସଂଘ ପକ୍ଷରୁ ଗଦାଧର ନାୟକ ଗଗନ ଭୂୟାଁ ବାବୁଲି ପଟନାୟକ ପ୍ରତାପ ରାମ ସହଦେବ ସାହୁ ପପୁ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ ।

# ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

କେନ୍ଦୁଝର, ୧୭(ସମିସ): କେନ୍ଦୁଝର ମାଇନିଂରୋଡ଼ସ୍ଥିତ ମନୋଜ ମଞ୍ଜରୀ ଶିଶୁ ଭବନ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସୁରମା ସାହୁଙ୍କୁ ବିଦ୍ୟାଳୟ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ତପନ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ କକ୍ଟର ଅନିଲ ଦାସ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିରେ ସଭାପତି ସତ୍ୟନାରାୟଣ ମିଶ୍ର, ଅତିରିକ୍ତ ସଦର ବ୍ଲକ ଶିକ୍ଷାଧିକାରୀ ମାନସ ରଞ୍ଜନ ମିଶ୍ର, ସମାଜସେବୀ ଭରତଚନ୍ଦ୍ର ପାତ୍ର, ସଦର ବ୍ଲକର ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷାଧିକାରୀ ପଦ୍ମିନୀ ସୁର, ଶିରଷପାଳ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳମଣି ପଣ୍ଡା ପ୍ରମୁଖ ଅତିଥି ବିଦାୟୀ ଶିକ୍ଷୟିତ୍ରୀ ସୁରମା ସାହୁଙ୍କ ସମ୍ପର୍କରେ ମତ ପୋଷଣ କରି ତାଙ୍କର ନିରାମୟ ଓ ଦୀର୍ଘାୟୁ କାମନା କରିଥିଲେ । ପ୍ରଧାନ ଶିକ୍ଷକ ତପନ ପଣ୍ଡା ସଭା ପରିଚାଳନା କରିଥିଲେ । ପୁରାତନ ଛାତ୍ରଛାତ୍ରୀ ସାମ୍ବାଦିକ ପବିତ୍ର ବେହେରା, ତାରାରାମ ଓ ସୁଚରିତା ରାଉତଙ୍କ ସମେତ ବିଦ୍ୟାଳୟର ଶିକ୍ଷୟତ୍ରୀ ସଂଯୁକ୍ତା ନାଥ, ଗୋପବନ୍ଧୁ ପାତ୍ର, କର୍ମଚାରୀ ନବକିଶୋର ଗିରି, ରଘୁନାଥ ମହାକୁଡ଼, ଚୈତନ୍ୟ ଆରୁକ, କହ୍ନେଇ ଚରଣ ମହାନ୍ତ ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ବନାନୀ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ ।

# ମୃତକଙ୍କ ପରିଚୟ ମିଳିଲା

ତେଲକୋଇ, ୧୭(ସମିସ): ତେଲକୋଇ ଥାନା ତାଳପଦା ପଞ୍ଚାୟତ ବଡ଼ଖମଣ ଛକ ନିକଟସ୍ଥ ସାତହଳିଆ ଜଙ୍ଗଲରୁ ଗତ ମଙ୍ଗଳବାର ଉଦ୍ଧାର ହୋଇଥିବା ଗଳିତ ମୃତଦେହର ପରିଚୟ ମିଳିଥିବା ପୁଲିସ ପକ୍ଷରୁ କୁହାଯାଇଛି । ମୃତକ ହେଲେ ତେଲକୋଇ ଥାନା ସାଙ୍କେଇ ଗ୍ରାମର ସ୍ୱର୍ଗତ ରଥିଆ ଜୁଆଙ୍ଗଙ୍କ ପୁଅ ଲିପୁନ (୧୭) । ତେବେ ଲିପୁନ ତାମିଲନାଡୁକୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ କହି ଆଜକୁ ୫ ଦିନ ପୂର୍ବରୁ ଘରୁ ଆସିଥିବା ବେଳେ ସ୍ଥାନୀୟ ଜଣେ ସମ୍ପର୍କୀୟଙ୍କ ସହିତ ଯିବା ପାଇଁ ତାଳପଦା ପୋଙ୍ଗା ଅଞ୍ଚଳକୁ ଆସିଥିଲେ । ଉକ୍ତ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ହାତୀ ଆକ୍ରମଣରେ ଶିକାର ହୋଇଥିବା କୁହାଯାଉଛି । ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି ।

# ଆନନ୍ଦପୁର ମହାବିଦ୍ୟାଳୟର ୬୩ତମ ପ୍ରତିଷ୍ଠା ଦିବସ

ଆନନ୍ଦପୁର, ୧୭(ସମିସ): ଆନନ୍ଦପୁର ମହାବିଦ୍ୟାଳୟର ୬୩ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ଡ଼ଃ ନିମାଇଁ ଚରଣ ରାଉତଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ନୀଳମାଧବ ସୁନା ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ମାୟାଧର ଜେନା, ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ପୌରପାଳିକାର ପୂର୍ବତନ ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ସାଂସଦ ପ୍ରତିନିଧି ରିରକ୍ଷକର ସାହୁ,




ପୁରାତନ ଛାତ୍ର ସଂସଦର ସଭାପତି ରାମଚନ୍ଦ୍ରସୁର, ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଗୋପବନ୍ଧୁ ପଣ୍ଡା, ରମାକାନ୍ତ ନାୟକ, ଡ. ନାରାୟଣ ମିଶ୍ର ଉପସ୍ଥିତ ଥିଲେ । ସଭାରେ ସଂଯୋଜନା ଅଧ୍ୟାପକ ରଘୁଦୀପ୍ତି ନାୟକ କରିଥିବା ବେଳେ ଅତିଥି ପରିଚୟ ପ୍ରାଧ୍ୟାପକ ଦୁର୍ଗାଶଙ୍କର ପରିଡ଼ା ପ୍ରଦାନ କରିଥିଲେ । ଅଧ୍ୟାପକ କାହ୍ନୁଚରଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ଲେଫ୍ଟନାଣ୍ଟ ରଘୁଦୀପ୍ତି ନାୟକ, ଡ. ମିତାଶ୍ରୀ ବେହେରା, ଡ. ଦେବାଶିଷ ମିଶ୍ରଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଫୁଲ୍ଲ ପଣ୍ଡା ତଥା ଛାତ୍ରଛାତ୍ରୀ, ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

# ପୁଲିସର ଥାନାୱାରୀ ନିଶାମୁକ୍ତି ଅଭିଯାନ

ଆନନ୍ଦପୁର, ୧୭(ସମିସ)



ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ରାଜ୍ୟ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ବ୍ୟାପକ ସଚେତନତା ଅଭିଯାନ ଆଜି ଆନନ୍ଦପୁର ଉପଖଣ୍ଡର ସମସ୍ତ ଥାନା ପକ୍ଷରୁ ଆରମ୍ଭ ହୋଇଛି । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ପୁଲିସ ଏସଡିପିଓ କମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଘସିପୁରା, ଆନନ୍ଦପୁର, ନନ୍ଦିପଦା, ସୋସୋ ଓ ରାମଚନ୍ଦ୍ରପୁର ଥାନାରେ ଏହି ସଚେତନତା କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା । ଭର୍ଚୁଆଲ୍ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିଶା ସେବନର କୁପ୍ରଭାବ, ବେଆଇନ ନିଶା କାରବାର ରୋକିବାରେ ପୁଲିସର ଭୂମିକା ଓ ସାଧାରଣ ଜନତାଙ୍କ ସହଯୋଗର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିଭିନ୍ନ ଥାନାର ଅଧିକାରୀ, 'ଆମ ପୁଲିସ'ର ସଦସ୍ୟ ଓ ପୁଲିସ କର୍ମଚାରୀମାନେ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସାମୂହିକ ସଂକଳ୍ପ ନେଇଥିଲେ । ନିଶା ବିରୋଧୀ ଅଭିଯାନକୁ ଅଧିକ ସଫଳ କରିବା ପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ପୁଲିସ ପକ୍ଷରୁ ଆହ୍ୱାନ କରାଯାଇଥିଲା ।

**ଘଟଗାଁ:** ଘଟଗାଁ ଥାନା ପରିସରରେ 'ନିଶା ମୁକ୍ତ ଓଡ଼ିଶା' ଅଭିଯାନ ଅନ୍ତର୍ଗତ ଏକ ସଚେତନତା କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ସାମାଜିକ କର୍ମୀ ଓ ବହୁସଂଖ୍ୟକ ସ୍ଥାନୀୟ ବାସିନ୍ଦା ଯୋଗ ଦେଇଥିଲେ । ସମସ୍ତେ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ । ଘଟଗାଁ ଥାନା ଦାୟିତ୍ୱରେ ଥିବା ଆଇଆଇସି ମାନସ କୁମାର ମହାକୁଡ଼, ପୁଲିସ ସବଇନ୍ସପେକ୍ଟର ପ୍ରଶାନ୍ତ ବେବେରା, ଏଏସଆଇ ବ୍ୟାସଦେବ ମିର୍ଧା, ପ୍ରେସ କ୍ଲବ ସଭାପତି ପ୍ରଦୀପ ସା, ବରିଷ୍ଠ ସାମ୍ବାଦିକ ଆନନ୍ଦଚନ୍ଦ୍ର ସିଂହ, ସଞ୍ଜୟ ମିଶ୍ର, ପ୍ରଫୁଲ ରାଉତ, ରାଜେନ୍ଦ୍ର ପଟ୍ଟନାୟକ, ପ୍ରଫୁଲ ସାହୁ, ନାରାୟଣ ପଲେଇ, ମାନସ ପେରେଇ, ଭୀମସେନ ବଳ, ଛବିନ୍ଦ୍ର ଜେନା, ଭବାନୀଶଙ୍କର ମହାନ୍ତ, ଦେବାଶିଷ ଭଞ୍ଜ, ବରିଷ୍ଠ ନାଗରିକ ଜଗବନ୍ଧୁ ସା, ସମାଜସେବୀ ଉତ୍ତମ ପ୍ରଧାନ, ଉଠାଦୋକାନୀ ସଂଘ ସମ୍ପାଦକ ଭରତଚନ୍ଦ୍ର ପଲେଇ ଉପସ୍ଥିତ ଥିଲେ । ପୁଲିସ କର୍ମଚାରୀ କୃଷ୍ଣଚନ୍ଦ୍ର ସେଠୀ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

**ତୁରୁମୁଙ୍ଗା:** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ପକ୍ଷରୁ ବୁଧବାର ତୁରୁମୁଙ୍ଗା ପଞ୍ଚାୟତ ସଭାଗୃହରେ ମଦ ବିରୋଧୀ ଅଭିଯାନକୁ ନେଇ ଏକ ସଚେତନତା ସଭା ଥାନାଧିକାରୀ ସବିତା ନାଏକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ, ଥାନା ଏସଆଇ କିଶୋରଚନ୍ଦ୍ର ପାତ୍ର ଏଏସଆଇ ବିରେନ୍ଦ୍ର କିଶୋର ବେହେରା, ସୁଜାତା ମହାନ୍ତ ପ୍ରମୁଖ ଯୋଗ ଦେଇ ମଦମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ । ସଚେତନତା ଅଭିଯାନରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ ।

# ନଦୀରେ ବୁଡ଼ି ନାବାଳକର ମୃତ୍ୟୁ

ଚମ୍ପୁଆ, ୧୭(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅଞ୍ଚଳରେ ନଦୀରେ ବୁଡ଼ି ଜଣେ ୧୨ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଚମ୍ପୁଆ ମୌଲାନାଗୁଡ଼ା ଅଞ୍ଚଳର ସରୱର ଆଲାମଙ୍କ ୧୨ ବର୍ଷର ପୁଅ ଆୟାନ ସରୱର । ଆୟାନ ଘରୁ ଦ୍ୱିପ୍ରହର ସମୟରେ ବାହାରିବା ପରେ ଦୀର୍ଘ ସମୟ ଧରି ଘରକୁ ଫେରି ନଥିଲେ । ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ଗାଧୋଇବାକୁ ଯାଇଥିବା ସନ୍ଦେହ କରି ନଦୀକୂଳରେ ଖୋଜାଖୋଜି କରିଥିଲେ । ଏହି ସମୟରେ ନଦୀ କୂଳରେ ତାଙ୍କର ପୋଷାକ ପଡ଼ିଥିବା ଦେଖି ସନ୍ଦେହ ବଢ଼ିଥିଲା । ପରେ ଆୟାନଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଚମ୍ପୁଆ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହି ଘଟଣାରେ ଅପମୃତ୍ୟୁ କେସ୍ ନଂ. ପ ୧୮/୨୦୨୬ ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି । ଏହି ଅକାଳ ମୃତ୍ୟୁକୁ ନେଇ ମୌଲାନାଗୁଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଡାକ୍ତର ଦିବସରେ କାର୍ଯ୍ୟବନ୍ଦ ଆନ୍ଦୋଳନ; ସେବା ବ୍ୟାହତ, ରୋଗୀ ହନ୍ତସନ୍ତ

ଭଦ୍ରକ, ୧୭(ସମିସ)



ଆଜିଠୁ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ୧୦ ଦଫା ଦାବି ପୂରଣ ଦିଗରେ ଆରମ୍ଭ ହୋଇଛି। ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସନ (ଓମସା) ଆକ୍ସନ କମିଟିର ଆହ୍ୱାନକ୍ରମେ ସମସ୍ତ ସରକାରୀ ଚିକିତ୍ସାଳୟରେ ଡାକ୍ତରମାନେ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସାଧାରଣ ଚିକିତ୍ସା ସହିତ ଜରୁରିକାଳୀନ ସେବାକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯାଇଛି, ଯାହା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। 'ଓମସା'ର କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ଗୁରୁତର ଭାବେ ବିପର୍ଯ୍ୟସ୍ତ ହୋଇଛି। ସେହିଭଳି ପେରିଫେରିରେ ଥିବା ସରକାରୀ ଡାକ୍ତରଖାନାରେ ମଧ୍ୟ ସ୍ୱାସ୍ଥ୍ୟସେବା ବନ୍ଦ ରହିଛି। ସଂଘ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଡାକ୍ତରମାନଙ୍କର ଦୀର୍ଘଦିନର ନ୍ୟାୟସଙ୍ଗତ ଏବଂ ବୈଧ ଦାବିଗୁଡ଼ିକ ପ୍ରତି ସରକାର ଓ ପ୍ରଶାସନ ଲଗାତାର ଭାବେ ଅବହେଳା ପ୍ରଦର୍ଶନ କରିଆସୁଛନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ସକାରାତ୍ମକ ପଦକ୍ଷେପ ନିଆନଯିବାରୁ ବାଧ୍ୟ ହୋଇ ସଂଘ ଏହି ଚରମ ନିଷ୍ପତି ଗ୍ରହଣ କରିଛି। ଏକ ଉତମ କାର୍ଯ୍ୟ ପରିବେଶ, କର୍ମଚାରୀଙ୍କ ସମ୍ମାନ ଏବଂ ରୋଗୀଙ୍କ ସୁରକ୍ଷିତ ସ୍ୱାସ୍ଥ୍ୟ ସେବା ପାଇଁ ଏହି ସଂଗ୍ରାମ ଜାରି ରହିବ। ଏହି ଅନିର୍ଦ୍ଦିଷ୍ଟ ଆନ୍ଦୋଳନ ଯୋଗୁଁ ରାଜ୍ୟର ସମସ୍ତ ସରକାରୀ ଚିକିତ୍ସା ପ୍ରତିଷ୍ଠାନରେ କୌଣସି ସେବା ଉପଲବ୍ଧ ହେବ ନାହିଁ। ଅନ୍ୟପକ୍ଷରେ ଭଦ୍ରକ ଜିଲ୍ଲା ଓମ୍‌ସା ସଭାପତି ଡାକ୍ତର ସୁଧୀରରଞ୍ଜନ ନାୟକ ଓ ସମ୍ପାଦକ ଡାକ୍ତର ଅମିତାଭ ଜେନା କହିଛନ୍ତି ଯେ ଆନ୍ଦୋଳନ ଯୋଗୁଁ ଜନସାଧାରଣ ଓ ରୋଗୀମାନଙ୍କର ଯେଉଁ ଅସୁବିଧା ହେଉଛି, ସେଥିପାଇଁ ସଂଘ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। ଏହା ସହିତ ନିଜର ହକ୍, ନ୍ୟାୟ ଏବଂ ସ୍ୱାସ୍ଥ୍ୟ ସେବାର ସମ୍ମାନ ପାଇଁ ଚାଲିଥିବା ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ଓଡ଼ିଶାବାସୀଙ୍କୁ ଓମସା ନିବେଦନ କରିଛି। ଆଜି ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସେବା ବ୍ୟାହତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳରେ ସ୍ପେଶାଲିଷ୍ଟ ଡାକ୍ତରଙ୍କ ରୋଗୀ ସେବା ବନ୍ଦ ଥିବା ବେଳେ କେବଳ ଆଡମିନିଷ୍ଟ୍ରେଟିଭ୍ ଅଧିକାରୀ ଦାୟିତ୍ୱରେ ଥିବା ଡାକ୍ତର ସଙ୍ଗୀତା ବଳ, ଡାକ୍ତର ମୀନତି ଦାସ, ଡାକ୍ତର କନକଲତା ସାହୁ, ଡାକ୍ତର ସନ୍ତୋଷ ପୃଷ୍ଟି, ଡାକ୍ତର ଜୟନ୍ତ ପଣ୍ଡା ଓ ଡାକ୍ତର ଲଳିତା ସୋରେନ୍‌ଙ୍କ ସମେତ କନଟ୍ରାକ୍‌ଟୁଆଲରେ ଥିବା ୭ଜଣ ଜଣ ଡାକ୍ତର ଆଉଟ୍‌ଡୋରରେ ରୋଗୀ ସେବା କରୁଥିବା ଦେଖିବାକୁ ମିଳିଥିଲା। ଆଜି ଓମ୍‌ସା ଡାକରାରେ ଆନ୍ଦୋଳନରତ ଶହେ ଭଳି ଡାକ୍ତର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ସହ ସେମାନଙ୍କ ଦାବିନେଇ ନାରାବାଜି କରିଥିଲେ।

## ନାୟକାଣୀଡିହି ଥାନା: ସ୍କୁଲ ପାଚେରି ଲାଗି ମଦ ବିକ୍ରି

ଭଦ୍ରକ, ୧୭(ସମିସ): ଭଦ୍ରକ ଜିଲ୍ଲା ନାୟକାଣୀଡିହି ଥାନାଞ୍ଚଳରେ ଚୋରା ମଦ କାରବାର ଏବେ ଚରମ ସୀମାରେ ପହଞ୍ଚିଛି। ଥାନାଠାରୁ ମାତ୍ର ୧ କିଲୋମିଟର ପରିସୀମା ମଧ୍ୟରେ ୭ରୁ ଅଧିକ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ୧୫ରୁ ଅଧିକ ଦେବାଳୟ ଏବଂ ଡାକ୍ତରଖାନା ରହିଥିବା ବେଳେ ଏହି ପବିତ୍ର ଅଞ୍ଚଳରେ ପ୍ରାୟ ୮ରୁ ଅଧିକ ଚୋରା ମଦ ମାଫିଆ ଖୁଲମଖୁଲା ଚୋରାମଦ କାରବାର ଚଳାଇଛନ୍ତି। ଖୋଦ୍ ନାୟକାଣୀଡିହି ପ୍ରାଥମିକ ବିଦ୍ୟାଳୟ ପାଚେରି ପାଖରେ ଏବଂ ଡାକ୍ତରଖାନା ନିକଟରେ ଠିପିଖୋଲା ମଦ ବିକ୍ରି ହେଉଥିବା ବେଳେ ବିବାହ, ବ୍ରତ ଏବଂ ଶବଦାହ କ୍ରିୟାକର୍ମ ଭଳି ସ୍ଥାନକୁ ମଧ୍ୟ ଏମାନେ ବେଆଇନ ମଦର 'ହୋମ ଡେଲିଭରୀ' କରାଉଥିବା ଅଭିଯୋଗ ହୋଇଛି। ଥାନାରୁ ମାତ୍ର ୩୦୦ ମିଟର ଦୂର ଗୋକୁଳପୁର ରାସ୍ତାରେ, ମାଛ ବଜାରରେ ଗୁମୁଟି ପକାଇ ବେଆଇନ ମଦ ବିକ୍ରି କରାଯାଉଛି। ପରିତାପର କଥା ନାୟକାଣୀଡିହି ପୋଲିସର ଜାଣତରେ ଏସବୁ ହେଉଥିବା ବେଳେ ମାସିକିଆ ଚାନ୍ଦାନେଇ ହାତବାନ୍ଧି ବସିପଡ଼ିଛି ପୁଲିସ। ଏନେଇ ନାୟକାଣୀଡିହିର ସର୍ବସାଧାରଣ ଜନତା ଏବଂ ମହିଳାମାନେ ଏକାଠି ହୋଇଛନ୍ତି। ଚୋରା ମଦ ବିକ୍ରେତାଙ୍କ ଉପରେ କଠୋର ଓ ଆଖିଦୃଶିଆ କାର୍ଯ୍ୟନୁଷ୍ଠାନ ଗ୍ରହଣ ନକରାଗଲେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଆଗରପଡ଼ାରେ ନିଶାମୁକ୍ତି ଅଭିଯାନ

ବନ୍ତ/ଆଗରପଡ଼ା, ୧୭(ସମିସ): ଆଗରପଡ଼ା ଥାନା ପରିସରରେ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗରପଡ଼ାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବାକୁ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତିମାନେ ଶପଥ ନେଇଥିଲେ। ସଭାରେ ଥାନାଧିକାରୀ ରାଜେଶ ସେଠୀ ସଭାପତିତ୍ୱ କରି ଏହି ଅଞ୍ଚଳକୁ ନିଶାମୁକ୍ତ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ବିଜେଡି ଯୁବନେତା ସତ୍ୟସାଧନ ବେଜ, ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ସମିତିସଭ୍ୟ ଧରଣୀଧର କର, ପ୍ରାକ୍ତନ ସରପଞ୍ଚ ରବିନାରାୟଣ ମହାନ୍ତି, ସତ୍ୟବାନ ଦାସ, ସୁରେନ୍ଦ୍ର ଜେନା ଏନେଇ ସଚେତନତା ସୃଷ୍ଟି କରିଥିଲେ। ଥାନା ଏସଆଇ ଇଭାରାଣୀ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

ବନ୍ତ/ଆଗରପଡ଼ା, ୧୭(ସମିସ): ବନ୍ତ ବ୍ଲକ ଅନ୍ତର୍ଗତ ଗଣିଜାଙ୍ଗ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ଭୂୟାଁ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଗାୟତ୍ରୀ ବେହେରା, ନିର୍ବାହୀ ଯନ୍ତ୍ରୀ ଇଂ ଭୀମ ହସଦା, ଇଲେକ୍ଟ୍ରିସିଆନ୍ ବିଶ୍ୱରଞ୍ଜନ ପରିଡ଼ା, ମଳୟ ବେହେରା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ, ସରପଞ୍ଚ ରଶ୍ମିତା ସେଠୀ, ସମିତିସଭ୍ୟ ମନୋରଞ୍ଜନ ସେଠୀ, ପ୍ରାକ୍ତନ ସରପଞ୍ଚ ରଞ୍ଜନ କୁମାର ସାହୁ, ଶିକ୍ଷୟିତ୍ରୀ ଶୋଭାରାଣୀ ଦାସ, ନିବେଦିତା ଘଡାଇ, ଅଞ୍ଜଶ୍ରୀ ଜେନା, ବିଶ୍ୱନାଥ ନାୟକ, ପ୍ରାକ୍ତନ ଦାସ ସମେତ ବିଦ୍ୟାଳୟର ଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଶକ୍ତି ବିଭାଗର କର୍ମଚାରୀମାନେ ଯୋଗଦେଇ ବିଦ୍ୟୁତ୍ ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ସଚେତନ କରିଥିଲେ। ବକ୍ତାମାନେ ବିଦ୍ୟୁତ୍ ଉପକରଣର ସଠିକ ବ୍ୟବହାର, ଓଦା ହାତରେ ବିଦ୍ୟୁତ୍ ଉପକରଣ ସ୍ପର୍ଶ ନ କରିବା, ଛିଣ୍ଡା ବିଦ୍ୟୁତ୍ ତାରଠାରୁ ଦୂରେ ରହିବା, ବର୍ଷା ସମୟରେ ସତର୍କତା ଅବଲମ୍ବନ କରିବା ଏବଂ ବିଦ୍ୟୁତ୍ ଦୁର୍ଘଟଣା ଘଟିଲେ ତୁରନ୍ତ ସମ୍ପୃକ୍ତ ବିଭାଗକୁ ସୂଚନା ଦେବା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ବିଦ୍ୟୁତ୍ ସୁରକ୍ଷା ସମ୍ପର୍କିତ ଶପଥ ପାଠ କରାଯାଇଥିବା ବେଳେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଏଭଳି କାର୍ଯ୍ୟକ୍ରମ ଛାତ୍ରୀମାନଙ୍କ ମଧ୍ୟରେ ସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର ସମ୍ପର୍କରେ ସଚେତନତା ବୃଦ୍ଧି କରିବ ବୋଲି ମତ ପ୍ରକାଶ କରିଥିଲେ। ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହକୁ ନେଇ ଏକ ସଚେତନତା ରାଲି କରାଯାଇଥିଲା। ଯମୁନା ମୁଣ୍ଡ, ମନୋରମା ଦାସ ଏବଂ ଏକାଦଶୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫିଲ୍ମ ସୁଟିଂ ପାଇଁ ଭଡ଼ାରେ ଥିଲା କି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ?

● ବିନା ଛୁଟିରେ ଗାଏବ ହେଲେ ମେଡିକାଲ ଅଫିସର; କାର୍ଯ୍ୟାନୁଷ୍ଠାନ ଶୂନ

ଭଦ୍ରକ/ବାସୁଦେବପୁର, ୧୭(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଇରମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବେଆଇନ ଭାବେ ରୋଗୀସେବା ବନ୍ଦ କରି ମେଡିକାଲ ଭିତରେ ଫିଲ୍ମ ସୁଟିଂ କରିବାର ୨୪ ଘଣ୍ଟା ଅତିକ୍ରମ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ୍। ରୋଗୀ ସେବା ବନ୍ଦ କରି ଫିଲ୍ମ ସୁଟିଂ ପାଇଁ ଭଡାରେ ଲାଗିଥିଲା କି ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ? ତେବେ ସ୍ୱାସ୍ଥ୍ୟ ଅଧିକାରୀ ଘଟଣାରେ ଚୁପ୍ ରହିଛନ୍ତି। ବିନା ଛୁଟିରେ ଗାଏବ ହୋଇଥିବା ଇରମ ମେଡିକାଲ ଅଫିସରଙ୍କୁ ବଞ୍ଚାଇବାକୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ



ଓ ବାସୁଦେବପୁର ସିଏଚସି ମେଡିକାଲ ଅଫିସର ଯୋଜନା କରିଥିବା ଅଭିଯୋଗ ହୋଇଛି। ଏପର୍ଯ୍ୟନ୍ତ କାହିଁକି ଫିଲ୍ମର ନିର୍ଦ୍ଦେଶକ ଉପରେ ଥାନାର ଏତଲା ହେଲା ନାହିଁ। ମେଡିକାଲ ମୁଖ୍ୟଦ୍ୱାରରେ ପରଦା ଢାଙ୍କି ଭିତରେ ଚାଲିଥିଲା ଫିଲ୍ମ ସୁଟିଂ। ନିରାଶରେ ଫେରିଲେ ରୋଗୀ। ସୁଟିଂ ସମୟରେ ଉପସ୍ଥିତ କର୍ମଚାରୀ ରୋଗୀ ସେବା ବଦଳରେ ଫିଲ୍ମ ସୁଟିଂର ମଜା ନେଉଥିଲେ। ଫିଲ୍ମ ସୁଟିଂ ପାଇଁ ସରକାରୀ ଡାକ୍ତରଖାନାକୁ ଭଡ଼ାରେ ଲଗାଇ ଦେଇଥିଲେ କର୍ମଚାରୀ। ପଚାରିବାରୁ ଫିଲ୍ମ ପ୍ରଡ୍ୟୁସର କହିଥିଲେ, ଆପୋଷ ବୁଝାମଣାରେ ଚଳଚ୍ଚିତ୍ର ସୁଟିଂ ଚାଲିଛି। ଆଜି ଏସମ୍ପର୍କରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ ପ୍ରହରାଜଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, କାହାରି ନାମରେ ଏତାଲା ଦିଆଯାଇନାହିଁ। ମେଡିକାଲ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି। ଅନ୍ୟପକ୍ଷରେ, ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗାମୀ ଦିନର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।

● ଭଦ୍ରକ ଜିଲ୍ଲା ଶିକ୍ଷା ବିଭାଗରେ ଅଚଳାବସ୍ଥା

## କେମିତି ଗଠନ ହେବ ବିଦ୍ୟାଳୟରେ ନୂତନ କମିଟି

ଭଦ୍ରକ, ୧୭(ସମିସ): ଭଦ୍ରକ ଜିଲ୍ଲାର ଶିକ୍ଷା ବିଭାଗରେ ଅଚଳାବସ୍ଥା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲ୍ଲାରେ ୭ଟି ବ୍ଲକରୁ ପ୍ରାୟ ୫ଟି ବ୍ଲକରେ ନାହାନ୍ତି ବ୍ଲକ ଶିକ୍ଷାଧିକାରୀ। ଭଣ୍ଡାରିପୋଖରୀ, ବନ୍ତ, ଧାମନଗର, ତିହିଡ଼ି ଓ ଚାନ୍ଦବାଲିରେ ଶିକ୍ଷାଧିକାରୀ ପଦ ଖାଲି ପଡ଼ିଛି। କେଉଁଠି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତ କେଉଁଠି ହାଇସ୍କୁଲର ବରିଷ୍ଠ ପ୍ରଧାନଶିକ୍ଷକ ଭାରପ୍ରାପ୍ତ ଭାବେ ଦାୟିତ୍ୱ ନେଇ କାମ ଚଳାଉଛନ୍ତି। ମାସ ଶେଷରେ ଶିକ୍ଷକଶିକ୍ଷୟିତ୍ରୀ ଦରମା ପାଇବାକୁ ହନ୍ତସନ୍ତ ହେଉଛନ୍ତି। ସେହିପରି ଜିଲ୍ଲାର ବିଭିନ୍ନ ବ୍ଲକରେ ଶହ ଶହ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନାହାନ୍ତି ସ୍ଥାୟୀ ପ୍ରଧାନଶିକ୍ଷକ। ସୂଚନା ଅନୁସାରେ ଜିଲ୍ଲାର ପ୍ରାୟ ୪୦୦ ପ୍ରାଥମିକ ଓ ୩୦୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖାଲି ପଡ଼ିଛି ପ୍ରଧାନ ଶିକ୍ଷକ ଆସନ। ସହକାରୀ ଶିକ୍ଷକ, ଏକ୍ସ କ୍ୟାଡର ଶିକ୍ଷକ ତ କେଉଁଠି ସିଆରସିସିମାନେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟ କରୁଛନ୍ତି। ସହକାରୀ ଶିକ୍ଷକ ପ୍ରଧାନ ଶିକ୍ଷକ ଭୂମିକାରେ ମଧ୍ୟାହ୍ନ ଭୋଜନ ଦେବା, ପୋଷକ ବାଣ୍ଟିବା, କୃମି ବଟିକା ଦେବା, କମିଟି ଗଠନ କରିବା ପୁଣି ସରକାରଙ୍କ ନୂଆ ଯୋଜନା ବୃଦ୍ଧବୃଦ୍ଧାଙ୍କୁ ଉଲ୍ଲାସ ପାଠ ପଢ଼ାଉଥିଲା ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଅବହେଳା ହେଉଛି। ଏବେ ସରକାରଙ୍କର ସ୍ଥାୟୀ ପ୍ରଧାନଶିକ୍ଷକ ପଦୋନ୍ନତି ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଅଧିକାରୀଙ୍କ ଅଭାବରୁ ବିଳମ୍ବ ହେଉଛି। ବିଦ୍ୟାଳୟର ସ୍ଥାୟୀ ପ୍ରଧାନଶିକ୍ଷକ ବ୍ଲକ ସ୍ତରରେ ସ୍ଥାୟୀ ଅଧିକାରୀ ପଦବି ପୂରଣ କରା ନ ଗଲେ ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ଅଚଳ ହେବାକୁ ବସିଲାଣି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନ ଥିଲା ବେଳେ ସରକାର ଏବେ ବିଦ୍ୟାଳୟଗୁଡିକରେ ନୂତନ ପରିଚାଳନା କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି ଗଠନ ପ୍ରକ୍ରିୟାକୁ ଜୁଲାଇ ମାସ ୧୭ ତାରିଖ ସୁଦ୍ଧା ପୂର୍ଣ୍ଣ କରିବାକୁ କୁହାଯାଇଛି। ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦ ଖାଲି ପଡ଼ିଛି ପୁଣି ୫ଟି ବ୍ଲକରେ ଶିକ୍ଷା ଅଧିକାରୀ ନ ଥିଲା ବେଳେ କେମିତି ସରକାରଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ ଛାତ୍ରଛାତ୍ରୀମାନେ ସରକାରୀ ସୁବିଧା ସୁଯୋଗ ପାଇ ପାରିବେ ଏଥିନେଇ ସଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**୫ ବ୍ଲକରେ ନାହାନ୍ତି ଶିକ୍ଷାଧିକାରୀ; ଖାଲି ପଡ଼ିଛି ଶତାଧିକ ପ୍ରଧାନଶିକ୍ଷକ ପଦ**

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ବାରିକପୁର, ୧୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ନପଙ୍ଗ ପଞ୍ଚାୟତ ଜୋରାଗଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନ୍ନଦାକୁମାରୀ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିକ୍ଷାବିତ ପ୍ରୀତିକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସଂଯତ ସାମଲ, ଉମାକାନ୍ତ ରାଉତ, ଗୋପୀନାଥ ମହାନ୍ତି, ବିକାଶ ଦାସ, ଆରତୀ ନାୟକ, ମୋନାଲିସା ରାୟ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଜଗନ୍ନାଥ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିବା ବେଳେ ଶିକ୍ଷୟିତ୍ରୀ ଟୁନି ନାୟକ ମାନପତ୍ର ପାଠ କରିଥିଲେ। ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଅଜୟ ପତି, ପରମେଶ୍ୱର ବଳ, ପ୍ରିତିକାନ୍ତ ସ୍ୱାଇଁ, ମହେଶ୍ୱର ମହାନ୍ତି, ନିର୍ମଳ ପାତ୍ର କୌଶଲ୍ୟା ସେଠୀ ପ୍ରମୁଖ ପରିଚାଳନା କରିଥିଲେ।

## ଓଡ଼ିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିଅନର ପ୍ରତିବାଦ ସଭା

ଭଦ୍ରକ, ୧୭(ସମିସ): ୬୨ ଜଣ ବାମପନ୍ଥୀ ସାଂସଦଙ୍କ ସମର୍ଥନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ନେତୃତ୍ୱାଧୀନ ଜାତୀୟ ପ୍ରଗତିଶୀଳ ମେଣ୍ଟ ସରକାର ସାଧାରଣ ସର୍ବନିମ୍ନ କର୍ମସୂଚୀ ଭିତରେ ୨୦୦୫ରେ ଭାରତର ଗ୍ରାମୀଣ ମଜଦୁରଙ୍କୁ ବର୍ଷକୁ ସର୍ବନିମ୍ନ ୧୦୦ ଦିନ କାମ ଯୋଗାଇ ଦେବାର ଆଇନଗତ ଗ୍ୟାରେଣ୍ଟି ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ପ୍ରଣୟନ କରିଥିଲେ। ମୋଦୀ ସରକାର ଶ୍ରମିକ ସପକ୍ଷବାଦୀ ଏମ୍‌ଏନ୍‌ଆରଇଜିଏ ଆଇନକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଭିଭିଜିରାମଜୀ ଆଣିଛନ୍ତି। ଯାହା ଫଳରେ ଶ୍ରମିକ କାମ ନପାଇଲେ ଆଉ କୋର୍ଟରେ ସରକାରଙ୍କ ବିରୁଦ୍ଧରେ ମକଦ୍ଦମା କରିପାରିବ ନାହିଁ କିମ୍ବା ସରକାର କାମ ଯୋଗାଇ ନଦେଲେ ଶ୍ରମିକ ସରକାରଙ୍କଠାରୁ ଆଉ ବେକାରୀ ଭତ୍ତା ପାଇବ ନାହିଁ। ଏହି ପ୍ରୋଜେକ୍ଟରେ ରାଜ୍ୟ ସରକାରଙ୍କ ଉପରେ କେନ୍ଦ୍ର ସରକାର ଶତକଡା ୪୦ ପ୍ରତିଶତ ଅର୍ଥ ଲଦିଦେଇଛନ୍ତି। ଆମ ମୁଖ୍ୟମନ୍ତ୍ରୀ ରାଜ୍ୟର ଅର୍ଥଅଭାବରୁ ଏହି ଭିବିଜିରାମଜି ପ୍ରୋଜେକ୍ଟକୁ ୨ ମାସ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରଖିଛନ୍ତି ଯାହା ଓଡ଼ିଶାର ଗ୍ରାମୀଣ ଶ୍ରମିକଙ୍କ ଜୀବନ ଜୀବିକା ଉପରେ ଆକ୍ରମଣ ବୋଲି ପ୍ରତିବାଦ ସଭାରେ ଉପସ୍ଥିତ ନେତୃତ୍ୱ ପ୍ରକାଶ କରିଥିଲେ। ଭିବିଜିରାମଜି ପ୍ରୋଜେକ୍ଟକୁ ସମ୍ପୂର୍ଣ୍ଣ ବନ୍ଦ ରଖି ଏମ୍‌ଏନ୍‌ଆରଇଜିଏ ଯୋଯନାରେ ବର୍ଷକୁ ସର୍ବନିମ୍ନ ୨୦୦ ଦିନର କାମ ଓ ଦୈନିକ ୭୦୦ ଟଙ୍କା ମଜୁରୀ ଯୋଗାଇବାକୁ ଆନ୍ଦୋଳନରତ ନେତୃତ୍ୱ ପ୍ରକାଶ କରିଥିଲେ। ଏମ୍‌ଏନ୍‌ଆରଇଜିଏ ଯୋଯନାକୁ ଭାରତରେ ପୁନର୍ବାର କାର୍ଯ୍ୟକାରୀ କରିବା ପାଇଁ ଆଜି ଦେଶବ୍ୟାପୀ ଅନୁଷ୍ଠିତ ପ୍ରତିବାଦ ଆନ୍ଦୋଳନ ପରିପ୍ରେକ୍ଷୀରେ ଭଦ୍ରକ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ ପକ୍ଷରୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ପାଢ଼ୀଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ



ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସିଆଇଟିୟୁ ଭଦ୍ରକ ଜିଲ୍ଲା ସଭାପତି ଦିବ୍ୟସିଂହ ନାୟକ, ଓଡ଼ିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ଓଡ଼ିଶା କ୍ଷେତ ଓ ଗ୍ରାମୀଣ ମଜଦୁର ୟୁନିୟନ ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ, ବରିଷ୍ଠ ଚାଷୀ ନେତା ନିରଞ୍ଜନ ପାଣି, ଶ୍ରମିକ ନେତା କାଳନ୍ଦୀ ପାତ୍ର, ବିଷ୍ଣୁ ଦାଶ, କ୍ଷେତମଜଦୁର ଜିଲ୍ଲା କମିଟି ସଭ୍ୟ ସୁରେନ୍ଦ୍ର ନାୟକ, ଘନଶ୍ୟାମ ଦାସ, ଜୟନୂଲ ଆବେଦିନ, ମହେଶ୍ୱର ନାୟକ, ସଂଗ୍ରାମ ବଳ, ଭାଗବତ ସେନାପତି, ଯୁବନେତା ବିପ୍ଳବ ଯେନା, ସେକ୍ ସନାଉଲ୍ଲା, ମହିଳା ନେତ୍ରୀ ସୁରଜିତା ନାୟକ, ରୋଜାଲିନ ସାମ୍ୟବାଦୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ପ୍ରଫେଟ ହଜରତ ମହମ୍ମଦଙ୍କ ବିରୋଧରେ ଆଶାଳୀନ ମନ୍ତବ୍ୟର ପ୍ରତିବାଦ

ଭଦ୍ରକ, ୧୭(ସମିସ): ପ୍ରଫେଟ ହଜରତ ମହମ୍ମଦଙ୍କ ପ୍ରତି କଟୁ ମନ୍ତବ୍ୟ ବିରୋଧରେ ଭଦ୍ରକ ମୁସଲିମ ଜମାତ ସମେତ ଭଦ୍ରକର ସମସ୍ତ ମସଜିଦର ମୌଲାନା (ପଣ୍ଡିତ) ଓ ଭଦ୍ରକର ସମସ୍ତ ଗ୍ରାମର ସରଦାର ମାନେ ନିନ୍ଦା କରିଛନ୍ତି। ପଶ୍ଚିମବଙ୍ଗର ନାଜିଆ ଏଲାହି ରିଜ୍ୱୀ ନାମକ ଜଣେ ମହିଳା ଆପତ୍ତିଜନକ ତଥା ବିବାଦୀୟ କଟୁ ମନ୍ତବ୍ୟ ଦେଇଥିବା ଘଟଣା ସୋସିଆଲ ମିଡ଼ିଆରେ ଦୃଷ୍ଟିକୁ ଆସିବା ପରେ ସମଗ୍ର ବିଶ୍ୱର ମୁସଲିମ ସମାଜରେ ତୀବ୍ର ଆଲୋଡନ ସୃଷ୍ଟି କରିଛି। ତେଣୁ ନାଜିଆ ଏଲାହି ରିଜ୍ୱୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଭଦ୍ରକ ମୁସଲିମ ଜମାତର ଉପସଭାପତି ମହମ୍ମଦ ଜ୍‌କାଉଲ୍ଲା ଓ ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦଙ୍କ ନେତୃତ୍ୱରେ ମଙ୍ଗଳବାର ଅପରାହ୍ନ ସମୟରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ଏକକିତା ନକଲ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପୁଲିସ ମହାନିର୍ଦ୍ଦେଶକ, ଡିଆଇଜି ଓ ଭଦ୍ରକ ଏସପିଙ୍କୁ ପ୍ରଦାନ ବେଳେ ଭଦ୍ରକ ମୁସଲିମ ଜମାତର କାର୍ଯ୍ୟକାରୀ ସଭ୍ୟ ଜମିଲ ଅଖତର ଖାନ, ଇଂ ରେଜାଏ-ରସୁଲ, ପୂର୍ବତନ ପାରିଷଦ ଅସରଫ ଅଲି ଖାନ, ଇଂ ମୁଖତାର ଅହେମଦ ରସିଦ, କୋଷାଧ୍ୟକ୍ଷ ମିର୍ଜା ଏକ୍ରାମ ବେଗ, ପାରିଷଦ ନାସର ଅଲି, ହାଜୀ ଅବୁ ହୋସେନ ଖାନ, ଜାମା ମସଜିଦ ଇମାମ ମହମ୍ମଦ ସାଦିକ ହୋସେନ, ମୌଲାନା ମହମ୍ମଦ ସିରାଜ, ମୌଲାନା ଲୋକମାନ ହବିବି, ଚୌଖଣ୍ଡି ବସ୍ତି ସରଦାର ଶେଖ ସାହାଜାହାନ, ମାଷ୍ଟର ମୁସ୍ତାକ ଗୌହର, ମିଡ଼ିଆ ସେଲ ସଂଯୋଜକ ଶେଖ ଅନୱର, ନସୀମ ଅଖତର, ଅବରାର ହୋସେନ ପ୍ରମୁଖ ଉପସ୍ଥିତ ଥିଲେ।



ଭଦ୍ରକ ମୁସଲିମ ଜମାତର ଦାବିପତ୍ର

## ଜାତୀୟସ୍ତରୀୟ ରଗବି ଫୁଟବଲ କ୍ୟାମ୍ପକୁ ୪ ମନୋନୀତ



ଧାମନଗର, ୧୭(ସମିସ): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଅଣ୍ଡର-୧୮ ରଗବି ଫୁଟବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଭଦ୍ରକ ଜିଲ୍ଲା ରଗବି ଏସୋସିଏସନର ୪ ଜଣ ଖେଳାଳି ଜାତୀୟସ୍ତରୀୟ ରଗବି ଫୁଟବଲ କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି। ମନୋନୀତ ଖେଳାଳିଙ୍କ ମଧ୍ୟରେ ବାଳିକା ବିଭାଗରୁ ସ୍ୱପ୍ନାରାଣୀ ବେହେରା (ଧାମନଗର) ଅଙ୍କିତା ସାହୁ (ଭଦ୍ରକ) ଥିବାବେଳେ ବାଳକ ବିଭାଗରୁ ଶଙ୍କର ବେହେରା ଏବଂ ହିତେଶ କୁମାର ଜେନା (ଉଭୟ ଭଦ୍ରକ) ସ୍ଥାନ ପାଇଛନ୍ତି। ଏହି ସଫଳତା ପାଇଁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ଜିଲ୍ଲା ରଗବି ଫୁଟବଲ ଆସୋସିଏସନର ସଭାପତି କୈଳାସଚନ୍ଦ୍ର ମହାପାତ୍ର (ସୁଶନ), ସମ୍ପାଦକ ଶ୍ରୀଧର ମହାଲିକ, କୋଷାଧ୍ୟକ୍ଷ ଲକ୍ଷ୍ମଣ ନାୟକ (ବାଙ୍କୁ) ଏବଂ ସଦସ୍ୟ ସଞ୍ଜୟ କୁମାର ସ୍ୱାଇଁ (ବାପିନା), ଏମଡି ଇଝାର (ଲାଲୁ) ପ୍ରମୁଖ ୪ଜଣ ଖେଳାଳିଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏଥିସହିତ ଏସୋସିଏସନର ସମ୍ପାଦକ ଶ୍ରୀଧର ମହାଲିକ, କୋଷାଦକ୍ଷ ତଥା ନ୍ୟୁରୋ ଥେରାପିଷ୍ଟ ଲକ୍ଷ୍ମଣ ନାୟକ (ବାଙ୍କୁ) ଓ ଏସୋସିଏସନର ସଦସ୍ୟ ସଞ୍ଜୟ କୁମାର ସ୍ୱାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ଆମ ଭଦ୍ରକ ଜିଲ୍ଲାକୁ ଆହୁରି ଗୌରବାନ୍ୱିତ କର ବୋଲି ସୂଚନା ଦେଇଥିବା ବେଳେ ସର୍ବଶେଷରେ ଏସୋସିଏସନର ସଦସ୍ୟ ବିଶ୍ୱବାନ୍ଦିତା ନାୟକ ମଧ୍ୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପୁଲିସ ପକ୍ଷରୁ ନିଶାମୁକ୍ତି ଅଭିଯାନ

ଧାମନଗର, ୧୭(ସମିସ): ରାଜ୍ୟ ବ୍ୟାପୀ ନିଶା ମୁକ୍ତ ଓଡ଼ିଶା ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମ ଅବସରରେ ପୁଲିସ ଅଧିକାରୀ, କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଓ ସାମ୍ବାଦିକ ଏକତ୍ରିତ ହୋଇ 'ନଶାମୁକ୍ତ ଓଡ଼ିଶା' ଗଠନ ପାଇଁ ଶପଥ ଗ୍ରହଣ କରିଛନ୍ତି। 'ନିଶାକୁ ନା, ଜୀବନକୁ ହଁ' ବାର୍ତ୍ତାକୁ ପ୍ରାଧାନ୍ୟ ଦିଆଯାଇଥିଲା। ଆଜି ଆଇଆଇସି ଶୁଭ୍ରଜିତ ଦାଶଙ୍କ ତତ୍ତ୍ୱାବଧାନରେ ଏସଡିପିଓ ବିଷ୍ଣୁଚରଣ ବାରିକ ଯୋଗ ଦେଇଥିବା ବେଳେ ଏସଆଇ ନାରାୟଣ ନାୟକ, ରଶ୍ମିତା ମଲ୍ଲିକ, ମହେଶ୍ୱର ପ୍ରଧାନ, ଏଏସଆଇ ନରେନ୍ଦ୍ର ରାଉତ, ସୁଜିତ ରାଉତ, କଳ୍ପନା ରାଉତଙ୍କ ସହ ଅନ୍ୟ କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ, ସରପଞ୍ଚ ପ୍ରତିନିଧି, ଜିଲ୍ଲା ପରିଷଦ ଓ ତାଙ୍କ ପ୍ରତିନିଧି ପ୍ରତାପ ସାମଲ, ସେକ ମୁସ୍ତାକ, ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼, ସାମ୍ବାଦିକ ବିରେନ୍ଦ୍ର ଜେନା, ସେକ ଜାଫର ଅଲ୍ଲୀ, ପ୍ରଦୀପ ମହାପାତ୍ର, ଦୁର୍ଗାପ୍ରସାଦ ମହାପାତ୍ର, କୁମାରେଶ ବଳଭଦ୍ର ଖିଲାର, ଏମଡି ଜାବିର ବାବୁ, ରଞ୍ଜନ ମଳିକ, ସମାଜସେବୀ ଏମଡି ତାଜୁଦ୍ଦିନ, ଜସିମୁଦ୍ଦିନ ଖାଁ, ସେକ ଖଲିଲୁଲ୍ଲା, ନରୋତ୍ତମ ଜେନା, ସେକ ହମିଦ, ସେକ ମକଦୁମ, ଧର୍ମେନ୍ଦ୍ର ଦାସ, ସେକ ପପୁ ପ୍ରମୁଖଙ୍କ ସମେତ ସମାଜସେବୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ଫୈଯେ ରଯା ଏଜୁକେସନଲ ଏଣ୍ଡ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧନା ସଭା

ଭଦ୍ରକ, ୧୭(ସମିସ): ଭଦ୍ରକସ୍ଥିତ ଫୈଯେ ରଯା ଏଜୁକେସନଲ ଏଣ୍ଡ ୱେଲଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ପୌରପାଳିକା ଅନ୍ତର୍ଗତ ୧୬ ନମ୍ବର ୱାର୍ଡ଼ କଣ୍ଟାବଣିଆଠାରେ ମଦ୍ରାସା ଫୈଯାନେ ଗରିବ ନୱାଜ ପରିସରରେ ସନ୍ଧ୍ୟା ୭ଟାରେ ଟ୍ରଷ୍ଟର ସଭାପତି ସେଖ ଗୋଲାମ ମହମ୍ମଦଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ସଭାରେ ମଦ୍ରସା ଫୈଯାନେ ଉମ୍ମୁଲୱରାର ଶିକ୍ଷକ କାରୀ ଦିଲବର ହୋସେନଙ୍କ କୋରାନ ପାଠରୁ ଓ ଶେଖ ଆସିକଙ୍କ ନାତ୍ ଶରିଫରୁ ଆରମ୍ଭ ହୋଇଥିଲା। ବିଶିଷ୍ଟ କବି ଓ ଶିକ୍ଷକ ସେଖ ମୁସ୍ତାକ ଗୌହର ଏହି ସଭାକୁ ସଞ୍ଚାଳନ କରିଥିଲେ। ଟ୍ରଷ୍ଟର ସଦସ୍ୟ ସେଖ ଅବଦୁଲ ବାରି ହଜରତ ଇମାମ ହୁସୈନଙ୍କ ବିଷୟରେ ଏକ ନୀତିବାଣୀ ଉପରେ ଆଲୋକପାତ କରିବା ସହ ଆସନ୍ତା ଇଦ-ମିଲାଦୁନ-ନବୀରେ ବିନା ଡିଜେରେ ଜୁଲୁସ ଓ କାଫେଲା ବାହାର କରିବା ପାଇଁ ଅନୁରୋଧ କରିଥିଲେ। ଏହି ବର୍ଷ ଯେଉଁ ବସ୍ତି ବିନା ଡିଜେରେ ଇସଲାମିକ ନୀତି ନିୟମ ଅନୁଯାୟୀ ଜୁଲୁସ ବା କାଫେଲା ବାହାର କରିଥିଲେ ସେହି ବସ୍ତିର ସରଦାରମାନଙ୍କୁ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁସଲିମ ଜମାତର ଉପସଭାପତି, ସମ୍ପାଦକ ଓ ମୋହରମ କମିଟିର ସଭାପତି ଓ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭଦ୍ରକର ଏକ ପ୍ରସିଦ୍ଧ ସଂଗଠନ ଏମଏସଏଫ ସଭାପତି ଶେଖ ଇମଦାଦଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।




ମୁଖ୍ୟଅତିଥି ଭାବରେ ପୁରୁଣାବଜାର ଥାନା ଆଇଆଇସି ସୁଶାନ୍ତ ସାହୁ ଏବଂ ଟାଉନ ଥାନା ଆଡିସନାଲ ଆଇଆଇସି ମନୋହର ପାତ୍ର ଯୋଗଦାନ କରିଥିଲେ। ମଦ୍ରାସାର ଶିକ୍ଷକ କାରୀ ୱଲିଉର ରହେମାନ, କାରୀ ଶାହା ମହମ୍ମଦ, ସେଖ ମୋହିନୁଦ୍ଦିନ, ସେଖ ଏଜାଜ ମହମ୍ମଦ, ସେକ ସାହିଦ ରଫିକ, ଅବଦୁଲ ଆବିଦ ଖାନ, ଇସ୍ତାକ ଖାନ, ମହମ୍ମଦ ଅବଦୁଲ ରହିମ, ସେଖ ଆଶିକ ସହଯୋଗ କରିଥିଲେ।

## ଉତ୍କଳ ସାମ୍ବାଦିକ ସଂଘର ୩ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ଉଦ୍‌ଯାପିତ

ଭଦ୍ରକ, ୧୭(ସମିସ)



ଉଦ୍ରକ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ଓ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବର ୩ୟ ଦିବସର ଉଦଯାପନୀ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଉଦଘାଟକ ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ମୁଖ୍ୟଅତିଥି ଭାବେ ଏସ୍‌ପି. ମନୋଜ କୁମାର ରାଉତ ଯୋଗ ଦେଇଥିଲେ। ଗଠନମୂଳକ ସମ୍ବାଦ ଜନସାଧାରଣଙ୍କୁ ପ୍ରଭାବିତ କରେ ତେଣୁ ସାମ୍ବାଦିକମାନେ ଏହାକୁ ନିଶା ଭାବେ ଗ୍ରହଣ କରିବା ଉଚିତ ବୋଲି ଅତିଥିମାନେ କହିଥିଲେ। ରାଜ୍ୟ ଶୃଙ୍ଖଳା କମିଟି ଅଧକ୍ଷ ତଥା ଜିଲ୍ଲା ସଭାପତି ରବିନାରାୟଣ ଖିଲାରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ପୌରାଧକ୍ଷା ଗୁଲମକ୍କି ଦଲୱାଜି ହବିବ, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ବରେଣ୍ୟ ବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ରାଜ୍ୟ ସଂଗଠନ ସମ୍ପାଦକ ଅପୂର୍ବ ବେହେରା, ରାଜ୍ୟ ସଦସ୍ୟ ପ୍ରଦୀପ ମହାପାତ୍ର, ଜିଲ୍ଲା ଉପସଭାପତି ଦୀପ୍ତି ନାୟକ ସାମ୍ବାଦିକଙ୍କ ଦାବି ପୂରଣ କରା ନ ଗଲେ ବିଧାନସଭା ସମ୍ମୁଖରେ ଧାରଣା ଓ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି କହିଥିଲେ। ବିଧାୟକ ଶ୍ରୀ ଦାସ ସାମ୍ବାଦିକଙ୍କ ଦାବି ଆଗାମି ବିଧାନସଭାର ଅଧିବେଶନରେ ଉଠାଇବେ ବୋଲି କହିଥିଲେ। ସାମ୍ବାଦିକ ଅଶୋକ ନାୟକ, ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, ରାଜେଶ ଦାସ, ସନ୍ତୋଷ ସାହୁ, ରମେଶଚନ୍ଦ୍ର ପାଗଳ, ସୁଜୟ ପାଢ଼ୀ, ସଞ୍ଜୀବ ନାୟକ, ଅକ୍ଷୟ ନାୟକ, ଅଶୋକ ସାହୁ, ମାନସ ପରିଡ଼ା, ମାନସ ମହାନ୍ତି, ଶୁଭାଶିଷ ଦ୍ୱିବେଦୀ, ଅଜିତ ରାୟ, ଫିରୋଜ ଖାନ, ସେଜ ଟିଙ୍କୁ, ମନୋରଞ୍ଜନ ମହାନ୍ତି, ଜୁନିୟର ରାଜେଶ ଦାସ, ପ୍ରକାଶ ସ୍ୱାଇଁ, ପିକେ କାଳନ୍ଦୀ ଯୋଗ ଦେଇଥିଲେ। ସମସ୍ତ ନୃତ୍ୟ ନିର୍ଦ୍ଦେଶକ ଓ ନିର୍ଦ୍ଦେଶିକା ଓ ସାମ୍ବାଦିକ ଦୟାନିଧି ନାୟକ, କବୟତ୍ରୀ ସୁପ୍ରଭାତ ମିଶ୍ର ସରପଞ୍ଚ ସୁପ୍ରଭା ପାଣି, ଦ୍ୱିବେଦୀ ଫାଉଣ୍ଡେସନ, କଣ୍ଠଶିଳ୍ପୀ ଶୁଭ୍ରସ୍ମିତା ରାଉତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଡାକ୍ତରଙ୍କ ଆନ୍ଦୋଳନ, ରୋଗୀସେବା ବିପର୍ଯ୍ୟସ୍ତ



ଢେଙ୍କାନାଳ, ୧୭(ସମିସ): ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁଁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରୋଗୀସେବା ସ୍ୱାଭାବିକ କରିବା ପାଇଁ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଅବସରପ୍ରାପ୍ତ ଡାକ୍ତର, ଆୟୁଷ ଡାକ୍ତର ଏବଂ ଚୁକ୍ତିଭିତ୍ତିକ ଡାକ୍ତରମାନଙ୍କୁ ନିୟୋଜିତ କରାଯାଇଛି। ମାତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜରୁରୀ ବିଭାଗଗୁଡ଼ିକରେ ଡାକ୍ତର ଅଭାବ ଯୋଗୁଁ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଭିନ୍ନ ଦାବି ନେଇ ଓମ୍‌ସାର ଡାକରାରେ ରାଜ୍ୟବ୍ୟାପୀ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମୁଖ୍ୟ ଚିକିତ୍ସାଳୟର କାର୍ଯ୍ୟରତ ୨୫ରୁ ଉର୍ଦ୍ଧ୍ୱ ଡାକ୍ତର ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେହିପରି ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟରତ ୬୫ରୁ ଉର୍ଦ୍ଧ୍ୱ ଡାକ୍ତର ଆନ୍ଦୋଳନ କରୁଛନ୍ତି।

## ମଙ୍ଗ ଧରିଛନ୍ତି ଆୟୁଷ ଡାକ୍ତର




ଗଁଦିଆ, ୧୭(ସମିସ): ଓମ୍‌ସାର ରାଜ୍ୟବ୍ୟାପୀ ଧର୍ମଘଟର ପ୍ରଭାବ ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରର ୬ ଡାକ୍ତର ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଫଳରେ ଆଉଟଡୋର ସେବା ବାଧାପ୍ରାପ୍ତ ହୋଇଥିବା ବେଳେ ବହୁ ରୋଗୀ ହଇରାଣ ହେଉଛନ୍ତି। ହସ୍ପିଟାଲର ୩ ଜଣ ଆୟୁଷ ଡାକ୍ତର ବର୍ତ୍ତମାନ ଆପାତକାଳୀନ ବିଭାଗର ମଙ୍ଗ ଧରିଛନ୍ତି। ଆପାତକାଳୀନ ଚିକିତ୍ସା ଓ ପ୍ରସୂତି ସେବା ଯେପରି କୌଣସି ପରିସ୍ଥିତିରେ ବାଧାପ୍ରାପ୍ତ ନ ହୁଏ ସେଥିପାଇଁ ସମସ୍ତ ପ୍ରୟାସ ଜାରି ରହିଛି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ଥିତପ୍ରଜ୍ଞ ମହାନ୍ତି କହିଛନ୍ତି।

## କ୍ରୀଡ଼ା ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଗଁଦିଆ, ୧୭(ସମିସ): ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ନରେଶ ଚନ୍ଦ୍ର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ରାଜଶ୍ରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍କୁଲ ପରିଚାଳନା ପରିଷଦ ଅଧ୍ୟକ୍ଷ ନୀଳମଣି ସାହୁ, ସିଆରସିସି ପୃଥ୍ୱୀରାଜ ନାୟକ, ସମାଜସେବୀ ଶରତ ଚନ୍ଦ୍ର ବେହେରା, ପ୍ରଦ୍ୟୁମ୍ନ କୁମାର ପଣ୍ଡା, ଶିକ୍ଷକ ଓ ଶିକ୍ଷୟିତ୍ରୀ ଜଳଧର ବେହେରା, ଦିଲୀପ କୁମାର ମହାଳିକ, ମାମୁନି ରାଉତ, ରଞ୍ଜିତ ବେହେରା, ସୁଭଦ୍ରା ବେହେରା, ରଶ୍ମିତା ରଥ, ପ୍ରମୋତେଶ ପତି, ଦୀପକ କୁମାର ସାହୁ, ମହେଶ୍ୱର ସାହୁ, ଶିବରାମ ପଟେଲ, ରୀନା ସେଠୀ, ଦେବୀପ୍ରସାଦ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

### ଜାତିଗତ ହିଂସା ଘଟଣାରେ ଦୋଷୀଙ୍କୁ ଗିରଫ ଦାବି

# ନିହଲପ୍ରସାଦ ଥାନା ଘେରିଲେ ଶତାଧିକ ଲୋକ

ଢେଙ୍କାନାଳ, ୧୭(ସମିସ)



ନିହାଲପ୍ରସାଦ ଥାନା ମଞ୍ଜିରିପଡ଼ା ଗ୍ରାମରେ ଜାତିଗତ ହିଂସା ଘଟଣାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ, ପୀଡ଼ିତ ପରିବାରଙ୍କୁ ସୁରକ୍ଷା, ନିରପେକ୍ଷ ତଦନ୍ତ ଓ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର ଶତାଧିକ ମହିଳା ଓ ପୁରୁଷ ନିହଲପ୍ରସାଦ ଥାନା ଘେରଉ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଡ. ବି.ଆର୍ ଆମ୍ବେଦକର ସେବକ ସଂଘ, ଆମ୍ବେଦକର ସେବାସଂଘ, ଆମ୍ବେଦକର ଦଳିତ ସେବା ସଂଘ, ଦଣ୍ଡିମାଳ ସେବକ ସଂଘ, ଆର୍‌ପିଆଇ ଏବଂ ମଞ୍ଜିରିପଡ଼ା ଗ୍ରାମବାସୀଙ୍କ ମିଳିତ ଆହ୍ୱାନରେ ବିକ୍ଷୋଭ କରାଯାଇଥିଲା। ପୁଲିସ ନିଷ୍କ୍ରିୟତା ବିରୋଧରେ ନାରା ଦେଇ ଶତାଧିକ ଲୋକ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଥାନାରେ ପହଞ୍ଚିବା ପରେ ବିକ୍ଷୋଭ କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଥାନା ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଥାନାର ମୁଖ୍ୟ ପ୍ରବେଶ ଦ୍ୱାରରେ ବ୍ୟାପକ ପୁଲିସ ମୁତୟନ ରହିଥିଲେ। ଆନ୍ଦୋଳନକୁ ସମ୍ବୋଧିତ କରି ଡ. ବିଆର ଆମ୍ବେଦକର ସେବକ ସଂଘ ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନା, ଆମ୍ବେଦକର ସେବା ସଂଘର ଜିଲ୍ଲା ସଭାପତି ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ନାୟକ, ରାଜ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ଦୈତାରୀ ନାୟକ, ରାଜ୍ୟ ମହିଳା ସଭାନେତ୍ରୀ ସୁପ୍ରଭା ମଲ୍ଲିକ, ଶଙ୍କର ମଲ୍ଲିକ, ଆର୍‌ପିଆଇର ରାଜ୍ୟ ସଭାପତି ଶେଖ ଅବଦୁଲ ୱାଲୀ, ଆମ୍ବେଦକର ଫାଉଣ୍ଡେସନର ଧର୍ମଶାଳା ସଭାପତି ସୁରେନ୍ଦ୍ର କୁମାର ମଲ୍ଲିକ, ଯଶୋବନ୍ତ ଜେନା, ରାଜ୍ୟ ଉପଦେଷ୍ଟା କାର୍ତ୍ତିକ ମଲ୍ଲିକ, ଗଁଦିଆ ବ୍ଲକ ସଭାପତି ଅକ୍ଷୟ କୁମାର ମଲ୍ଲିକ, ସେବକ ସଂଘର ଉପଦେଷ୍ଟା ସୁବଳ ନାୟକ, ଦଣ୍ଡିମାଳ ସେବକ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ନାୟକ, ନାରୀନେତ୍ରୀ ପ୍ରମୋଦିନୀ ମଲ୍ଲିକ, ରୁନୁ ମଲ୍ଲିକ, ସନ୍ଧ୍ୟାରାଣୀ ମଲ୍ଲିକ ଓ ପଦ୍ମାବତୀ ମଲ୍ଲିକ ପ୍ରମୁଖ ପୁଲିସର ନିଷ୍କ୍ରିୟତା ନେଇ ବର୍ଷିଥିଲେ। ମଞ୍ଜିରିପଡ଼ା ଜାତିଗତ ହିଂସା ଘଟଣାରେ ଗୁରୁତର ଦଫା ଲାଗିଥିଲେ ମଧ୍ୟ ଅଧିକାଂଶ ଅଭିଯୁକ୍ତ ଏପର୍ଯ୍ୟନ୍ତ ଗିରଫ ହୋଇନାହାନ୍ତି। ପୀଡ଼ିତ ପରିବାରମାନେ ଭୟଭୀତ ଅବସ୍ଥାରେ ଜୀବନଯାପନ କରୁଥିବାରୁ ସେମାନଙ୍କୁ ସୁରକ୍ଷା ପ୍ରଦାନ, ନିରପେକ୍ଷ ତଦନ୍ତ ଏବଂ ଶୀଘ୍ର ନ୍ୟାୟ ସୁନିଶ୍ଚିତ କରିବାକୁ ସେମାନେ ଦାବି କରିଥିଲେ। ଶେଷରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ, ଜିଲ୍ଲାପାଳ ଏବଂ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟପଟେ ୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକୁ ସାମୟିକ ଭାବେ ପ୍ରତ୍ୟାହାର କରାଯାଇଛି। ପ୍ରତିଶ୍ରୁତି ଅନୁଯାୟୀ, ଅବଶିଷ୍ଟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରା ନ ଗଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଆନ୍ଦୋଳନକାରୀ ସୂଚନା ଦେଇଛନ୍ତି।

## ଜରୁରୀ ସେବା ସମ୍ଭାଳୁଛନ୍ତି ୨ ଜୁନିୟର ଡାକ୍ତର

ଭୁବନ, ୧୭(ସମିସ): ବିଭିନ୍ନ ଦାବି ନେଇ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ଏହାର ପ୍ରଭାବ ଗଁଦିଆ ବ୍ଲକ ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଡ଼ିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ୬ ଜଣ ଡାକ୍ତର ଧର୍ମଘଟରେ ସାମିଲ ହୋଇଥିବା ବେଳେ ସ୍ୱାସ୍ଥ୍ୟସେବା ପରିଚାଳନାରେ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ତେବେ ରୋଗୀସେବାକୁ ସମ୍ପୂର୍ଣ୍ଣ ବନ୍ଦ ନ କରିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇଛି। ୨ ଜଣ ଜୁନିୟର ଡାକ୍ତର ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପରିଚାଳନା କରୁଥିବା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରମେଶ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ସେହିପରି ମଠକରଗୋଲା ଜିରାଳ, ଓଡ଼ିଶରେ ମଧ୍ୟ ରୋଗୀସେବା ବାଧାପ୍ରାପ୍ତ ହୋଇଛି।

### ● ଜିଲ୍ଲାପାଳଙ୍କ ହିନ୍ଦୋଳ ଉପଖଣ୍ଡ ଗସ୍ତ

## ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା



ଢେଙ୍କାନାଳ, ୧୭(ସମିସ): ଢେଙ୍କାନାଳ ଜିଲାପାଳ ଆଶିଷ ଇଶ୍ୱର ପାଟିଲ ଅଚାନକ ହିନ୍ଦୋଳ ଉପଖଣ୍ଡ ପରିଦର୍ଶନ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଚାଲୁଥିବା ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ଅବସରରେ ସେ ହିନ୍ଦୋଳ ତହସିଲ କାର୍ଯ୍ୟାଳୟ, ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟ, ବ୍ଲକ କାର୍ଯ୍ୟାଳୟ ଏବଂ ରାଜମୋହନପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏଥିସହିତ ବିଭିନ୍ନ କାର୍ଯ୍ୟାଳୟରେ ନାଗରିକଙ୍କୁ ପ୍ରଦାନ କରାଯାଉଥିବା ସେବା, ପାରିପାର୍ଶ୍ୱିକ ବ୍ୟବସ୍ଥା ଓ ସରକାରୀ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସେ ସମୀକ୍ଷା କରିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ଗୁଣାତ୍ମକ ଓ ସମୟବଦ୍ଧ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳ ବିଭିନ୍ନ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ମଧ୍ୟ ସମୀକ୍ଷା କରି ପ୍ରକଳ୍ପଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣାତ୍ମକ ଭାବେ ସମ୍ପୂର୍ଣ୍ଣ କରିବା ସହ ସାଧାରଣ ଲୋକଙ୍କୁ ସରକାରୀ ସେବା ଓ ସୁବିଧାର ସୁଫଳ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ହିନ୍‌ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲ୍ଲୀପ କୁମାର ସେଠୀ, ବିଡିଓ କଲ୍ୟାଣ ସୌରଭ ଦାଶ ଏବଂ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ନକଲି ଦସ୍ତଖତରେ ୯୦ ହଜାର ଟଙ୍କା ଗାଏବ

### ● ଥାନାରେ ଅଭିଯୋଗ କଲେ ହିତାଧିକାରୀ

ପରଜଙ୍ଗ, ୧୭(ସମିସ): ନକଲି ଦସ୍ତଖତରେ ପରଜଙ୍ଗ ଥାନା ରୋଡ଼ ଗ୍ରାମର ପ୍ରସନ୍ନ ସାହୁ (୫୫)ଙ୍କ ସ୍ଥାନୀୟ ଗ୍ରାମ୍ୟ ବ୍ୟାଙ୍କ ଆକାଉଣ୍ଟରୁ ୯୦ ହଜାର ଟଙ୍କା ଗାଏବ ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରସନ୍ନ ଥାନାରେ ଅଭିଯୋଗ କରିଛନ୍ତି। ପ୍ରସନ୍ନ ଚାଷବାସ କରି ପରିବାର ପ୍ରତିପୋଷଣ କରନ୍ତି। କଷ୍ଟ ଅର୍ଜିତ ଟଙ୍କାକୁ ସେ ସ୍ଥାନୀୟ ଲୁଧୋଣୀ ଗ୍ରାମ୍ୟ ବ୍ୟାଙ୍କ ଜମା ଖାତାରେ ରଖିଥିଲେ। ତେବେ ନିକଟରେ ପ୍ରଦାନ କରାଯାଇଥିବା ପିଏମ କିଶାନ ଟଙ୍କା ଖାତାକୁ ଆସିଛି କି ନାହିଁ ଜାଣିବା ପାଇଁ ସୋମବାର ସେ ବ୍ୟାଙ୍କକୁ ଯାଇ ଖାତାକୁ ଅପଡେଟ କରିବା ବେଳେ ୯୦ ହଜାର ଟଙ୍କା ଜମା ଖାତାରୁ ଉଠାଣ ହୋଇଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ମ୍ୟାନେଜରଙ୍କୁ ଅଭିଯୋଗ କରିଥିଲେ। ଯାଞ୍ଚରୁ ଜଣାପଡ଼ିଥିଲା ଯେ ପ୍ରସନ୍ନଙ୍କ ନକଲି ଦସ୍ତଖତ କରି ଉଠାଣ ଫର୍ମରେ ଗତ ଜୁନ ୧୮ ତାରିଖ ୯୦ ହଜାର ଟଙ୍କା ଉଠାଣ ହୋଇଛି। ଏହାର ଉପଯୁକ୍ତ ତଦନ୍ତ କରି ଟଙ୍କା ଫେରସ୍ତ କରିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପ୍ରସନ୍ନ ପରଜଙ୍ଗ ଥାନାରେ ଏତଲା ଦେଇଛନ୍ତି। ଏ ସଂକ୍ରାନ୍ତରେ ମତାମତ ପାଇଁ ଲୋଧଣୀ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରିୟରଞ୍ଜନ ବଣିଆଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ପ୍ରସଙ୍ଗକୁ ଏଡ଼ାଇ ଦେଇ ଫୋନ୍ ବନ୍ଦ କରିଦେଇଥିଲେ।

### ସମସ୍ୟା ଘେରରେ ଗୋଡା ଛକ

## ଯାତ୍ରୀ ବିଶ୍ରାମାଗାର ପାଇଁ ଦାବି, ହାଇମାଷ୍ଟ ଲାଇଟ ଅଚଳ



ଭୁବନ, ୧୭(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ଗୋଡ଼ା ଛକ ଏକ ପ୍ରମୁଖ ସ୍ଥାନ। ତେବେ ଏହି ଛକରେ ବିଭିନ୍ନ ସମସ୍ୟା ରହିଛି। ଛକଟି ଜାତୀୟ ରାଜପଥ ୫୩ ସହ ସୁକିନ୍ଦା ବ୍ଲକ କାଳିଆପାଣି ଖଣି ଅଞ୍ଚଳକୁ ସିଧାସଳଖ ସଂଯୋଗ ରହିଛି। ଭୁବନ ମୁଖ୍ୟ ବଜାର ଠାରୁ ୮ କିମି ଦୂରରେ ରହିଛି ଗଡ଼ନୃସିଂହପ୍ରସାଦ ଗୋଡା ଛକ। ଏହି ଛକରୁ ଉତରକୁ ଗଲେ ଭୁବନ ବ୍ଲକର ବାରୁଆଁ, ଓଡ଼ିଶ, ଧଳପଡ଼ା ଗ୍ରାମ ପଞ୍ଚାୟତ, ଡ଼ମଶାଳ ଆଶ୍ରମ ସ୍କୁଲ, କୃଷି ଫାର୍ମ, ମା ମଙ୍ଗଳା ଓ ଚର୍ଚ୍ଚିକା ପୀଠ ରହିଛି। ତେବେ ସୁକିନ୍ଦା ବ୍ଲକର କାଳିଆପାଣି ଖଣି ଅଞ୍ଚଳର ୮ ପଞ୍ଚାୟତ କୁ ବି ଯାତ୍ରୀ ମାନେ ଏହି ଛକରୁ ଯାତାୟାତ କରୁଥିଲେ। ଏବେ ଅବଶ୍ୟ ଆଉ ଏଭଳି ଅସୁବିଧା ନାହିଁ ଅନେକ ଲୋକ ବାଇକରେ ଯିବା ଆସିବା କରୁଛନ୍ତି। କେନ୍ଦୁଝର, ମୟୁରଭଞ୍ଜ ଜିଲ୍ଲାର ଅନେକ ଛାତ୍ର ଡ଼ମଶାଳ ଆଶ୍ରମ ସ୍କୁଲରେ ପାଠ ପଢୁଛନ୍ତି। ଛାତ୍ର ଛାତ୍ରୀ ଅଭିଭାବକ ଭୁବନରୁ ବସରେ ଆସି ଗୋଡା ଛକରେ ଅପେକ୍ଷା କରି ବିଭିନ୍ନ ଉପାୟରେ ସ୍କୁଲ କୁ ଯାଇଥାନ୍ତି। ସୂଚନା ଯୋଗ୍ୟ ଭାରତ ସ୍ୱାଧୀନତା ପାଇବା ପରେ ଗଡ଼ନୃସିଂହପ୍ରସାଦ ପଞ୍ଚାୟତର ଦବଦବା ରହିଛି। ଏହି ପଞ୍ଚାୟତର ୩ ଜଣ ବ୍ୟକ୍ତି ବିଧାୟକ ହୋଇଛନ୍ତି। ୪ ଜଣ ବ୍ୟକ୍ତି ୪୦ ବର୍ଷ ଧରି ବ୍ଲକ ଅଧ୍ୟକ୍ଷ ରହିଛନ୍ତି। ବ୍ୟସ୍ତ ବହୁଳ ସ୍ଥାନ ଟିରେ ଯାତ୍ରୀ ବିଶ୍ରାମଗାର ନାହିଁ। ପାଣି ଟିକେ ପିଇବାକୁ ସୁବିଧା ନାହିଁ। ଜାତୀୟରାଜପଥ ସମ୍ପ୍ରସାରଣ ଓ ଓଭର ବ୍ରିଜ ହେବା ବେଳେ ଏହି ଛକକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। କାମାକ୍ଷାନଗର ବ୍ଲକର ବାଇସିଙ୍ଗା, ମାଳପୁରା, ବାଲିଗୋରଡ଼, ନୂଆପାଣି, ହଦଗଡ଼ ପାଖରେ ୫ଟି ବ୍ରିଜ ହୋଇଥିବା ବେଳେ ଭୁବନ ବ୍ଲକର ପଳାଶପିଠିଆଠାରେ ଅନାବଶ୍ୟକ ଭାବେ ବ୍ରିଜ କରାଯାଇଛି। ଫଳରେ ଗୋଡ଼ା ଛକ ସମ୍ପୂର୍ଣ୍ଣ ଗୁରୁତ୍ୱ ହରାଇ ବସିଛି। ଗ୍ରାମ ସଭାପତି ବିଭୂତି ଭୂଷଣ ମହାନ୍ତିଙ୍କ ନେତୃତ୍ୱରେ ପ୍ରାୟ ୫ ମାସ କାଳ ଦାବି ଆପତି ଅଭିଯୋଗ କରାଗଲା ପରେ ଛକର ପୂର୍ବ ଗାରିମା ପ୍ରାୟ ଫେରିଛି।

## ବଧିର ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ଓ ପରିଚାଳନା କମିଟିର ମିଳିତ ବୈଠକ





ଢେଙ୍କାନାଳ, ୧୭(ସମିସ): ସ୍ଥାନୀୟ କଣ୍ଟାନାଳୀ ବାଇପାସ୍‌ସ୍ଥିତ ନନ୍ଦିନୀ ଦେବୀ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଓ ଅଭିଭାବିକା, ଶିକ୍ଷକ ଓ ପରିଚାଳନା କମିଟି ସଭ୍ୟଙ୍କର ଏକ ମିଳିତ ବୈଠକ ବିଦ୍ୟାଳୟ ସଭାଗୃହରେ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଅନୁଷ୍ଠିତ ହୋଇଥିଲା। ଅଭିଭାବକ ଓ ଅଭିଭାବିକା ତାଙ୍କ ବିଦ୍ୟାର୍ଥୀ ପୁତ୍ରକନ୍ୟାଙ୍କ ସହ ଏଥିରେ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଉପସଭାପତି ରାଜକୁମାର ରାଜୀବ ଲୋଚନ ସିଂହଦେଓ, ସାଧାରଣ ସମ୍ପାଦକ ମଳୟ ପାଣିଗ୍ରାହୀ, ସହସମ୍ପାଦକ ପ୍ରଦୀପ କୁମାର ଧଳ ଓ ପରିଚାଳନା କମିଟି ସଭ୍ୟ କୃଷ୍ଣଚନ୍ଦ୍ର ଦ୍ୱିବେଦୀ ପ୍ରମୁଖ ମଞ୍ଚାସୀନ ରହିଥିଲେ। ବଧିର ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମରେନ୍ଦ୍ର ସାହୁ, ଶିକ୍ଷକ ଚନ୍ଦ୍ରକାନ୍ତ ପଣ୍ଡା ଓ ସରୋଜ କୁମାର ସାମଲଙ୍କ ସହ ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଆକାଂକ୍ଷା ମାନ୍‌ସିଂ ମଧ୍ୟ ଏହି ବୈଠକରେ ଯୋଗଦେଇଥିଲେ। ଅଭିଭାବିକା ସଦର ବ୍ଲକ ମଙ୍ଗଳପୁରର ସୁନିତା ବେହେରା ଓ ବିରାଡିଆ ଗ୍ରାମର ଲକି ଗଡ଼ନାୟକ, ଓଡାପଡ଼ା ବ୍ଲକ ମାନିଆନାଳୀ ଗ୍ରାମର ପ୍ରମିଳା ବେହେରା, ଗଁଦିଆ ବ୍ଲକ ରତନପୁରର ପଦ୍ମିନୀ ସ୍ୱାଇଁ ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଗୋପାଳ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ପିଲାଙ୍କ ଖାଦ୍ୟପେୟ ବ୍ୟବସ୍ଥାରେ ସନ୍ତୋଷ ପ୍ରକାଶ କରିବା ସହ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ ରାଜ୍ୟ ସରକାର ମାସବ୍ୟାପୀ ପିଲାଙ୍କ ଖାଦ୍ୟପେୟ ବାବଦ ଦେଉଥିବା ୧୬୦୦ଟଙ୍କା ବର୍ତ୍ତମାନର ଦରଦାମ୍ ବୃଦ୍ଧି ପରିପ୍ରେକ୍ଷୀରେ ଯଥେଷ୍ଟ ନଥିବା ଅନୁଭବ କରି ଏହାକୁ ବୃଦ୍ଧି କରିବାକୁ ଦାବୀ କରିଥିଲେ। ପିଲା ପିଛା ଦୈନିକ ପ୍ରାୟ ୫୫ ଟଙ୍କାରେ ଦୁଇବେଳା ଜଳଖିଆ ଓ ଦୁଇବେଳା ମିଲ୍ ଦେବା ସହ ତା' ମଧ୍ୟରେ ସପ୍ତାହକୁ ଥରେ ଅଣ୍ଡା, ଥରେ ମାଛ ଓ ଥରେ ଚିକେନ୍ ଦେବା ଏକ ପ୍ରକାର ଅସମ୍ଭବ ବ୍ୟାପାର ବୋଲି ଅଭିଭାବକବୃନ୍ଦ ଅନୁଭବ କରିଥିଲେ। ସରକାର ତୁରନ୍ତ ଏ ବିଷୟ ବିଚାରକୁ ନେବାକୁ ସେମାନେ ଅନୁରୋଧ କରିଥିଲେ। ଅଭିଭାବକଙ୍କ ଉଦ୍‌ବେଗକୁ ଦୃଷ୍ଟିରେ ରଖି ସଭାପତି ପ୍ରଦ୍ୟୁମ୍ନ ରଥ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ପ୍ରତି ମାସରେ ଗୋଟିଏ ଦିନ ଶିକ୍ଷାଦାନ ଉପରେ ଶିକ୍ଷକଙ୍କୁ ନେଇ ସମୀକ୍ଷା ବୈଠକ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ବୈଠକର ନିର୍ଯ୍ୟାସ ସଭାପତିଙ୍କ ଦୃଷ୍ଟିକୁ ଆଣିବାକୁ କହିଥିଲେ। ପରିଶେଷରେ ଉପସଭାପତି ରାଜୀବ ଲୋଚନ ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ଅକ୍ଷମ କଲ୍ୟାଣ ସମିତି ପକ୍ଷରୁ ସମସ୍ତ ଅଭିଭାବକଙ୍କ ପାଇଁ ଭୋଜନର ବ୍ୟବସ୍ଥା କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି

ହିନ୍ଦୋଳ, ୧୭(ସମିସ)

**● ହିତାଧିକାରୀଙ୍କୁ ମଗାଯାଉଛି ଅଗ୍ରୀମ ଟଙ୍କା ସହ ଡକୁମେଣ୍ଟ**


**● ପଞ୍ଚାୟତ ଅଫିସ ଓ ଅଙ୍ଗନବାଡ଼ି କେନ୍ଦ୍ରରୁ ତାଲିକା ଗାଏବ**

ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ଦୀର୍ଘ ୨ ବର୍ଷ ହେଲା ଉପଖଣ୍ଡର ହିତାଧିକାରୀ ଚାତକ ପରି ଚାହିଁ ବସିଛନ୍ତି। ୩ ମାସ ପୂର୍ବରୁ କିଛି ହିତାଧିକାରୀଙ୍କ ଆବେଦନକୁ ଭିତ୍ତି କରି ଅଧିକାରୀଙ୍କ ଦ୍ୱାରା ସ୍ୱତନ୍ତ୍ର ତଦନ୍ତ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେଇ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକା ପ୍ରସ୍ତୁତ କରାଯାଇଛି। ସେହି ତାଲିକାକୁ ଉପଖଣ୍ଡର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ସମେତ ଅଙ୍ଗନବାଡ଼ି କେନ୍ଦ୍ରରେ ଲଗାଇବା ପାଇଁ ନିର୍ଦ୍ଦେଶ ଥିବା ବେଳେ କିଛି ପଞ୍ଚାୟତର ଅଧିକାରୀ କେବଳ ପଞ୍ଚାୟତ ସମ୍ମୁଖରେ ତାଲିକା ମାରିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରରେ ତାଲିକା ମରାଯାଇ ନାହିଁ। ଅନ୍ୟପଟେ ଏବେ ପଞ୍ଚାୟତ କାର୍ଯ୍ୟାଳୟରେ ଲାଗିଥିବା ତାଲିକା ଉଭାନ ହୋଇଯାଇଛି। ତାଲିକା ସବୁ ଚିରି ଦିଆଯାଇଥିବା କୁହାଯାଉଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ତାଲିକା ରହିବ ଏବଂ ତାହାକୁ ଦେଖି ଅଯୋଗ୍ୟ ହିତାଧିକାରୀଙ୍କ ନାମରେ କୌଣସି ବ୍ୟକ୍ତି ପଞ୍ଚାୟତ ଅଭିଯୋଗ ବାକ୍ସରେ ଅଭିଯୋଗ କରିପାରିବେ ବୋଲି ସରକାରୀ ନିର୍ଦ୍ଦେଶନାମା ରହିଛି। ଅଭିଯୋଗକୁ ଭିତ୍ତିକରି ୧୪ ତାରିଖ ପରେ ସ୍ୱତନ୍ତ୍ର ତଦନ୍ତ କରିବା ପରେ ସମ୍ପୂର୍ଣ୍ଣ ତାଲିକା ବାହାରିବ ବୋଲି ନିର୍ଦ୍ଦେଶନାମା ଥିବାବେଳେ ଏବେ ଉପଖଣ୍ଡର ବିଭିନ୍ନ ପଞ୍ଚାୟତରେ କିଛି କୁଜିନେତା ଲୋକଙ୍କଠାରୁ ଡକୁମେଣ୍ଟ ସହ ଟଙ୍କା ଆଦାୟ କରୁଥିବା ଦେଖିବାକୁ ମିଳିଛି। ଏବେ ହିତାଧିକାରୀଙ୍କଠାରୁ କୌଣସି ଡକୁମେଣ୍ଟ ଆଣିବା ସରକାରୀ ନିର୍ଦ୍ଦେଶନାମା ନ ଥିବା ବେଳେ ବିଭିନ୍ନ ପଞ୍ଚାୟତର କିଛି ନେତା ଓ ଗ୍ରାମାଞ୍ଚଳର କୁଜିନେତାଙ୍କ ଦ୍ୱାରା ଡକୁମେଣ୍ଟ ଆଦାୟ କରାଯାଉଛି। ଏଭଳି ଘଟଣା ଉପଖଣ୍ଡର ପ୍ରାୟ ସମସ୍ତ ପଞ୍ଚାୟତରେ ହେଉଥିବା ବେଳେ ସବୁଠୁ ଆଗରେ ରହିଛି ନୂଆବଗ ପଞ୍ଚାୟତ। ଯେଉଁ ହିତାଧିକାରୀ ଡକୁମେଣ୍ଟ କିମ୍ବା ଟଙ୍କା ଦେବାପାଇଁ ରାଜି ହେଉନାହାନ୍ତି ସେମାନଙ୍କ ନାମ ଆଗାମୀ ୧୪ ତାରିଖ ଭିତରେ ଅଭିଯୋଗ ଦର୍ଶାଇ ତାଲିକାରୁ ନାମ କାଟିଦିଆଯିବ ବୋଲି ହିତାଧିକାରୀଙ୍କୁ ଧମକ ଦିଆଯାଉଥିବା ଅଭିଯୋଗ ହୋଇଛି। ଘର ଖଣ୍ଡିଏ ପାଇବା ପାଇଁ ଦୀର୍ଘବର୍ଷ ହେଲା ଅପେକ୍ଷା କରିଥିବା ହିତାଧିକାରୀ ବାଧ୍ୟ ହୋଇ ନିଜ ଡକୁମେଣ୍ଟ ସହ କିଛି ଅଗ୍ରିମ ଟଙ୍କା ଦେଉଛି। ଘର କରିସାରିଲେ ଅବଶିଷ୍ଟ ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଉଥିବା ଦେଖିବାକୁ ମିଳୁଛି।

ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ସମେତ ହିନ୍ଦୋଳ ସାମ୍ବାଦିକ ସଙ୍ଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦାବି କରାଯାଇଛି। ଏ ସମ୍ପର୍କରେ ନୂଆବଗ ପଞ୍ଚାୟତ ଅଧିକାରୀ ଜ୍ୟୋତିରଞ୍ଜନ ଜେନାଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ଆମ ପଞ୍ଚାୟତ ପକ୍ଷରୁ କୌଣସି ହିତାଧିକାରୀଙ୍କଠାରୁ ଆବାସ ଯୋଜନା ସମ୍ବନ୍ଧୀୟ ଡକୁମେଣ୍ଟ ଆଣିବା ପାଇଁ କାହାକୁ କୁହାଯାଇନାହିଁ। ହିନ୍ଦୋଳ ବ୍ଲକ ଅଧିକାରୀଙ୍କୁ ଯୋଗାଯୋଗ କରିବାରେ ସେ କୁହନ୍ତି, ଏବେ ଲୋକଙ୍କ ଅଭିଯୋଗ ଚାଲିଛି। ଅଭିଯୋଗ ସରିବା ପରେ ତଦନ୍ତ ହୋଇ ଗୃହ ବଣ୍ଟନ କରାଯିବ। ଡକୁମେଣ୍ଟ ଯୋଗାଡ଼ ପାଇଁ ବ୍ଲକ ପକ୍ଷରୁ କାହାକୁ କୁହାଯାଇ ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

## ସ୍ୱତନ୍ତ୍ର ସଘନ ସଂଶୋଧନର ଅଗ୍ରଗତି ସମ୍ପର୍କିତ ବୈଠକ

ଢେଙ୍କାନାଳ, ୧୭(ସମିସ): ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିମାନଙ୍କୁ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଛନ୍ତି। ଜିଲ୍ଲାରେ ସମୁଦାୟ ୯ ଲକ୍ଷ ୬୨ ହଜାର ୮୨୬ ଜଣ ଭୋଟର ତାଲିକାଭୁକ୍ତ ଥିଲେ। ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ୯, ୬୨, ୮୨୬ ଏନ୍ୟୁମେରେସନ୍ ଫର୍ମ ଭୋଟରମାନଙ୍କୁ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ୫୮ ହଜାର ୫୬୭ ଫର୍ମ ଭୋଟରମାନଙ୍କଠାରୁ ବିଭିନ୍ନ କାରଣ ଯୋଗୁଁ ସଂଗ୍ରହ କରାଯାଇ ପାରିନାହିଁ। ସେମାନଙ୍କ ମଧ୍ୟରୁ ୬, ୧୨୩ ଜଣ ଅନୁପସ୍ଥିତ ଅଛନ୍ତି। ୨୧, ୪୭୭ ଜଣ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ହୋଇଥିବା ବେଳେ ୫, ୪୮୨ ଜଣ ଅନ୍ୟ ସ୍ଥାନରେ ପଞ୍ଜିକୃତ ହୋଇଛନ୍ତି। ୫୩୦ ଜଣ ଅନ୍ୟାନ୍ୟ କାରଣରୁ ଅନୁପସ୍ଥିତ ଥିବା ଜଣାପଡ଼ିଥିବା ବେଳେ ୨୪, ୯୫୫ ଜଣ ମୃତ୍ୟୁ ହୋଇଛି। ଆସନ୍ତା ଜୁଲାଇ ୫ ତାରିଖ ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକାକୁ ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ଯାଞ୍ଚ୍ କରି କୌଣସି ଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରେ ନ ଥିଲେ, ଜୁଲାଇ ୫ରୁ ଅଗଷ୍ଟ ୪ ମଧ୍ୟରେ ବିଏଲ୍‌ଓ, ପଞ୍ଜୀକରଣ ଅଧିକାରୀ, ସହକାରୀ ପଞ୍ଜୀକରଣ ଅଧିକାରୀଙ୍କ ସହ ଯୋଗାଯୋଗ କରି କିମ୍ବା ଅନ୍‌ଲାଇନ ମାଧ୍ୟମରେ




ନିଜ ନାମ ପଞ୍ଜୀକରଣ କରାଇବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ବିଜେପିର ବିଘ୍ନେଶ୍ୱର ଦୋରା, କଂଗ୍ରେସର ଶିଳ୍ପୀଶ୍ରୀ ହରିଚନ୍ଦନ, ବିଜେଡିର ବିଷ୍ଣୁପ୍ରସାଦ କର ଏବଂ ଆମ୍ ଆଦମୀ ପାର୍ଟିର ପ୍ରତିନିଧି ପଙ୍କଜ କୁମାର ନାୟକ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣି ପାଇଁ ପ୍ରଶାସନର ଦ୍ୱାରସ୍ଥ ଅମାସମା ଗ୍ରାମବାସୀ



**କିଶୋରନଗର,୧।୭(ସମିସ):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ଅମାସମା ଗ୍ରାମରେ ପାନୀୟ ଜଳ ସଙ୍କଟ ଉଗ୍ରରୂପ ଧାରଣ କରିଛି । ଜଳ ସମସ୍ୟା ସ୍ଥାୟୀ ସମାଧାନ ଦାବିରେ "ମା' ମାହେଶ୍ୱରୀ ଗ୍ରାମ କମିଟି' ଆନୁକୂଲ୍ୟରେ ଗ୍ରାମବାସୀ ଆଠମଲ୍ଲିକ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଅମାସମା ଗ୍ରାମରେ ୪୦୦ରୁ ଅଧିକ ଲୋକ ବାସ କରୁଛନ୍ତି । ଏଠାରେ ପ୍ରାୟ ୮୦ ପ୍ରତିଶତ ପରିବାର ଆଦିବାସୀ ଓ ଦଳିତ ବର୍ଗର ଅଟନ୍ତି । ଗାଁ ନିକଟରେ କୌଣସି ନଦୀ କିମ୍ବା ନାଳ ନ ଥିବାରୁ ଗ୍ରାମବାସୀ ସମ୍ପୂର୍ଣ୍ଣ ଭାବେ ନଳକୂପ ଉପରେ ନିର୍ଭର କରିଥାନ୍ତି । ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗ୍ରାମର ଅଧିକାଂଶ ନଳକୂପରୁ କାଦୁଅ ମିଶ୍ରିତ ପାଣି ବାହାରୁଛି । ପାଣି ଟୋପାଏ ପାଇଁ ଭୋର ୩ଟାରୁ ମହିଳାମାନେ ଗରା, ବାଲଟି ଧରି ନଳକୂପ ସମ୍ମୁଖରେ ଲମ୍ବା ଲାଇନ ଲଗାଉଛନ୍ତି, ଯାହାକୁ କେନ୍ଦ୍ରକରି ଅନେକ ସମୟରେ ଗଣ୍ଡଗୋଳ ମଧ୍ୟ ସୃଷ୍ଟି ହେଉଛି । ଗାଧୋଇବା ପାଇଁ ପାଣି ମିଳୁ ନ ଥିବାରୁ ଗ୍ରାମବାସୀ ପ୍ରାୟ ୩ କିଲୋମିଟର ଦୂରରେ ଥିବା ବାସୁଦେବପୁର ନାଳକୁ ଯିବାକୁ ବାଧ୍ୟ ହେଉଛନ୍ତି । ଏହାସହ ଗ୍ରାମରେ ଥିବା ନଳକୂପଗୁଡ଼ିକ ମଧ୍ୟରୁ ୨ଟି ନଳକୂପ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିରହିଛି । ଗ୍ରାମ କଲ୍ୟାଣ ମଣ୍ଡପ ନିକଟରେ ଏକ ନୂତନ ନଳକୂପ ଖନନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ପ୍ରତିଦିନ ଟ୍ୟାଙ୍କର ଯୋଗେ ପ୍ରତ୍ୟେକ ପରିବାରକୁ ପାଣି ଯୋଗାଇ ଦେବାକୁ ଗ୍ରାମ କମିଟି ସଭାପତି କୀର୍ତ୍ତନ ବେହେରା ଏବଂ ସମ୍ପାଦକ ଅଜିତ ମହାପାତ୍ରଙ୍କ ସମେତ ସମସ୍ତ ଗ୍ରାମବାସୀ ଦାବି କରିଛନ୍ତି ।

## ପଞ୍ଚ ଶ୍ରୀକ୍ଷେତ୍ରରେ ସ୍ନାନପୂର୍ଣ୍ଣିମା ଓ ଶ୍ରୀଜୀଉଙ୍କ ଗଜ ବେଶ

**ବଆଁରପାଳ,୧।୭(ସମିସ):** ସ୍ଥାନୀୟ ପଞ୍ଚ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା ଓ ମହାପ୍ରଭୁଙ୍କ ଗଜ ବେଶ ଅନୁଷ୍ଠିତ ହୋଇଛି । ଶ୍ରୀଜୀଉମାନଙ୍କ ସମସ୍ତ ନୀତିକାନ୍ତି ପରେ ଧାଡ଼ି ପହଣ୍ଡି କରାଯାଇ ସ୍ନାନମଣ୍ଡପକୁ ଅଣାଯାଇଥିଲା । ପଣ୍ଡିତ ଅଶୋକ ଶତପଥୀ, ହରମୋହନ ପଣ୍ଡା, ପ୍ରାଣବନ୍ଧୁ ନାଥ ପ୍ରମୁଖ ଶ୍ରୀଜୀଉମାନଙ୍କୁ ୧୦୮ ଗରା ସୁବାସିତ ଜଳରେ ଦିବ୍ୟସ୍ନାନ କରାଇଥିଲେ । ପ୍ରଭୁଙ୍କ ଗଜ ବେଶ ଦର୍ଶନ ପାଇଁ ପାଞ୍ଚ ଗଡ଼ର ବନ୍ଦା, ବଆଁରପାଳ, ନୂଆହତା, ବୁଢ଼ାପଙ୍କ, ଚହରିଡିହ, ତୁଳସୀପାଳ, ସନ୍ତ୍ରୀ, ଝଜିରୀବାହାଲ ଗାଁର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ତରଫରୁ ମହାପ୍ରସାଦ ବ୍ୟବସ୍ଥା କରାଯାଇଥିଲା । ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । କର୍ତ୍ତା ଭାବେ ସତ୍ୟବାନ ବରାହ ଓ କୁମୁଦିନୀ ବରାହ ସମସ୍ତ ନୀତି ସମ୍ପାଦନ କରିଥିଲେ । ଦଇତାପତି ଛବି ମୋହନ ସାହୁ, ପ୍ରଦୀପ କୁମାର ମାଝି, ସୁବାସ ପଟ୍ଟନାୟକ, ଉପେନ୍ଦ୍ର ସାମଲ, ପ୍ରେମାନନ୍ଦ ପ୍ରଧାନ, ନିମାଇଁ ସାମଲ, ରବୀନ୍ଦ୍ର ବେହେରା, ଶ୍ରୀମୁଖ ଭୂତିଆ, ବାଲିଆ ସାମଲ, ଚିନ୍ତାମଣି ବେହେରା, ଅଭୟ ଭୂତିଆ ସମସ୍ତ ନୀତିକାନ୍ତି କରିଥିଲେ । ମନ୍ଦିର ମୁଖ୍ୟ ପରାମର୍ଶଦାତା ନରେଶ ଚନ୍ଦ୍ର ସାହୁ, ନିର୍ମଳ ଗଡ଼ନାୟକ, ଉପସଭାପତି ପୀତାମ୍ବର ସାହୁ, ସୁଧୀର ବରାହ, ଶୁଭେନ୍ଦୁ ବେଉରା, ସଦସ୍ୟ ଶୈଳେନ୍ଦ୍ର ରାଉତ, ଅଖିଳ କୁମାର ମହପାତ୍ର, ଅକ୍ଷୟ ପଟ୍ଟନାୟକ, ଗୁରୁଦେବ ରାଉତ, ଗଗନ ମହାଳିକ ପ୍ରମୁଖ ସହଯୋଗ କରିଥିଲେ ।



## ଅନୁଗୋଳରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



**ଅନୁଗୋଳ,୧।୭(ସମିସ):** ଦୀର୍ଘଦିନ ହେବ ଡାକ୍ତରଙ୍କ ଦାବି ଉପରେ ସରକାର ଧ୍ୟାନ ଦେଉନାହାନ୍ତି ।ତେଣୁ ବାରମ୍ବାର ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଡିଏସିପି ଲାଗୁ କରିବା, କେନ୍ଦ୍ରୀୟ ହାରରେ ଦରମା, କ୍ୟାଡର ପୁନର୍ଗଠନରେ ସଂଶୋଧନ, ନିୟମିତ ବ୍ୟବଧାନରେ ପଦୋନ୍ନତି, କାର୍ଯ୍ୟକ୍ଷେତ୍ରରେ ଡାକ୍ତରଙ୍କୁ ସୁରକ୍ଷା ଆଦି ବିଭିନ୍ନ ଦାବି ନେଇ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି । ଏ ଅବସରରେ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକାଠି ହୋଇ ପ୍ରତିବାଦ ସଭା କରିବା ସହ ସିଡିଏମଓଙ୍କୁ ଅବଗତ କରିଥିଲେ । ଓମ୍‌ସା ନେତା ଡା. ବିଶ୍ୱଜିତ୍ ସାମଲ କହିଛନ୍ତି, ସରକାର ଆଲୋଚନାକୁ ନ ଡାକିଲେ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଚାଲିବ । ଆଜିର ଏହି ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡା. ସୁକାନ୍ତ ପଣ୍ଡା, ଡା. ସୌମ୍ୟକାନ୍ତ ବିଶୋଇ, ଡା. ପରମେଶ୍ୱର ଜେନାଙ୍କ ସମେତ ବହୁ ଡାକ୍ତର ସାମିଲ ହୋଇଥିଲେ ।

**ମାସେ ପରେ ପହଞ୍ଚିଲା ପ୍ରଶାସନ**

# ଆନ୍ଦୋଳନକାରୀଙ୍କ ସହ ଆଲୋଚନା ବିଫଳ

**ପାଲଲହଡ଼ା,୧।୭(ସମିସ):**



ଦୀର୍ଘ ଏକ ମାସ ଧରି ଡାକ୍ତରଖାନା ପରିଚାଳନାରୁ ଏନଜିଓକୁ ହଟାଇବା ଦାବିରେ ପାଲଲହଡ଼ା ଉପଖଣ୍ଡର ଉପାନ୍ତ ଅଞ୍ଚଳ ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅଞ୍ଚଳବାସୀଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନ ସ୍ଥଳକୁ ମାସେ ପରେ ଉପଖଣ୍ଡ ପ୍ରଶାସନ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ତେବେ ଅଞ୍ଚଳବାସୀ ଜିଦ୍‌ରେ ଅଟଳ ରହିଥିବାରୁ ଆଲୋଚନା ବିଫଳ ହୋଇଛି ।

ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩ଟି ଅଦିବାସୀ ଆବାସିକ ସ୍କୁଲର ୧୫୦୦ ଛାତ୍ରଛାତ୍ରୀ ଏବଂ ୫ ପଞ୍ଚାୟତର ପ୍ରାୟ ୭ ହଜାରରୁ ଅଧିକ ଲୋକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରୁଥିବାବେଳେ ଗତ ଜୁନ ୧ ତାରିଖରୁ ସରକାର ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ପରିଚାଳନା ଦାୟିତ୍ୱ ଏକ ଏନଜିଓକୁ ହସ୍ତାନ୍ତର କରିଛନ୍ତି । ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବରୁ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ପ୍ରତ୍ୟାହାର କରି ଅନ୍ୟତ୍ର ବଦଳି କରାଯାଇଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଉକ୍ତ ଏନଜିଓ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଦାୟିତ୍ୱ ନେବା ଦିନଠାରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକ ଭାବେ ଡା. ରହୁ ନ ଥିବାବେଳେ ଏନଜିଓ କିଛି ଅନଭିଜ୍ଞ କର୍ମଚାରୀଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଚଳାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିଭଳି କର୍ମଚାରୀ ଅଭାବରୁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ସ୍ଥାନୀୟ ବିଧାୟକ, ଉପଖଣ୍ଡ ଏବଂ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଜଣାଇଲା ପରେ ବି ସୁଫଳ ମିଳୁନି । ଏହାର ପ୍ରତିବାଦରେ ଗତ ମାସ ୧୭ ତାରିଖ ଆଦିବାସୀ ସଂଗଠନ ଡାକରାରେ ଶହ ଶହ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ସରକାର ବିରୋଧୀ ନାରାବାଜି କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ପୂର୍ବତନ ସାଂସଦ ମହେଶ ସାହୁ ଏବଂ ପୂର୍ବତନ ବିଧାୟକ ମୁକେଶ ପାଲଙ୍କ ନେତୃତ୍ୱରେ ବିଜେଡି ମଧ୍ୟ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ । ସରକାର ଯେପର୍ଯ୍ୟନ୍ତ ଏନଜିଓକୁ ବାହାର କରି ପୂର୍ବରୁ ନିୟୋଜିତ ସରକାରୀ ଡାକ୍ତର ଏବଂ କର୍ମଚାରୀଙ୍କୁ ପୁନଃ ନିୟୋଜିତ କରିନାହାନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ପ୍ରକାଶ କରିଥିଲେ ।

ଦୀର୍ଘ ଏକ ମାସ ପରେ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ବୁଧବାର ଅପରାହ୍ନ ୧ଟାରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ବୈଠକ କରି ଆଲୋଚନା କରିଥିଲେ । ବୈଠକରେ ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶଶିକାନ୍ତ ବେହେରା, ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ ମହାନ୍ତ, ପାଲଲହଡ଼ା ବ୍ଲକ ଅଧକ୍ଷା ରୀନାରାଣୀ ନାଏକ ଏବଂ ଗ୍ରାମବାସୀଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏନଜିଓ ମାଧ୍ୟମରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ ନିଷ୍ପତ୍ତି ଏବଂ ରାଜ୍ୟର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ସୁଧାରିବା ପାଇଁ ଏହି ବ୍ୟବସ୍ଥା କରାଯାଉଛି । ଆଗରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ ଡାକ୍ତର ନିଯୁକ୍ତ ହୋଇଥିଲେ କିନ୍ତୁ ଏବେ ଏନଜିଓ ସହଯୋଗରେ ଏମବିବିଏସ ଡାକ୍ତର ନିୟୋଜିତ କରାଯାଇ ଉନ୍ନତ ଚିକିତ୍ସା ଯୋଗାଇଦିଆଯିବ । ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ଏନଜିଓ ସେବାକୁ ଏକରୁ ଦୁଇ ମାସ ପାଇଁ ପରୀକ୍ଷାମୂଳକ ଭାବେ ଜାରି ରଖିବାକୁ ଉପରିସ୍ଥ ଅଧିକାରୀ କହିଥିବା ଉପଜିଲ୍ଲାପାଳ ପଟେଲ ଆନ୍ଦୋଳନକାରୀଙ୍କୁ ଜଣାଇଥିଲେ । ମାତ୍ର ଗ୍ରାମବାସୀ ଏନଜିଓର ପରିଚାଳନାକୁ ବିରୋଧ କରି ଏହାର ତୁରନ୍ତ ସମାପ୍ତି ଦାବି କରିଥିଲେ । ଜମରଡିହ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ସିଧାସଳଖ ସରକାରୀ ନିୟନ୍ତ୍ରଣ ପୁନଃସ୍ଥାପନ କରାଯାଉ ବୋଲି ଦାବି କରିଥିଲେ । ସେହିପରି ଗ୍ରାମବାସୀଙ୍କ ବସ୍ ସେବା ଦାବି ପୂର୍ବରୁ ଅନୁମୋଦିତ ହୋଇଛି ଏବଂ ଖୁବ୍‌ଶୀଘ୍ର ବସ୍ ସେବା ଆରମ୍ଭ ହେବ ବୋଲି ଉପଜିଲ୍ଲାପାଳ ପ୍ରକାଶ କରିଥିଲେ । ତେବେ ଏନଜିଓ ବ୍ୟବସ୍ଥା ବନ୍ଦ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବା ପାଇଁ ଗ୍ରାମବାସୀ ପ୍ରକାଶ କରିଥିଲେ । ଉପଜିଲ୍ଲାପାଳ ସେମାନଙ୍କ ଦାବି ଏବଂ ଅଭିଯୋଗଗୁଡ଼ିକୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇବେ ବୋଲି କହିଛନ୍ତି ।

### ଡାକ୍ତରଖାନା ପରିଚାଳନାରୁ ଏନଜିଓକୁ ହଟାଇବା ଜିଦ୍‌ରେ ଅଞ୍ଚଳବାସୀ

## ଗଣ୍ଡ ସମାଜକୁ ଅପମାନଜନକ ମନ୍ତବ୍ୟକୁ ବିରୋଧ

### ଦାବିପତ୍ର ପ୍ରଦାନ

**କିଶୋରନଗର,୧।୭(ସମିସ):** ଗଣ୍ଡ ସମାଜକୁ ଅପମାନଜନକ ମନ୍ତବ୍ୟ ଦିଆଯାଇଥିବା ଅଭିଯୋଗ ନେଇ ଅନୁଗୋଳ ଜିଲ୍ଲା ଆଠମଲ୍ଲିକରେ ଦେଖାଦେଇଛି ତୀବ୍ର ଅସନ୍ତୋଷ । ସୋମବାର ଶତାଧିକ ଗଣ୍ଡ ସମାଜର ଲୋକ ଆଠମଲ୍ଲିକ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉପଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସାର୍ବଜନୀନ କ୍ଷମା ପ୍ରାର୍ଥନାର ଦାବି କରାଯାଇଛି ।

ସମାଜ ପକ୍ଷରୁ କୁହାଯାଇଛି ଯେ ଗତ ଜୁନ୍ ୧୯ରେ ପ୍ରକାଶିତ ଏକ ଦୈନିକ ଓଡ଼ିଆ ଖବରକାଗଜ ଓ ସାମାଜିକ ଗଣମାଧ୍ୟମରେ ଗଣ୍ଡ ଜନଜାତି ସମ୍ପ୍ରଦାୟକୁ ଅପମାନିତ କରିବା ଭଳି ଶବ୍ଦ ବ୍ୟବହାର କରାଯାଇଛି । ଏହାଦ୍ୱାରା ସମଗ୍ର ସମାଜର ଭାବାବେଗ ଓ ଆତ୍ମସମ୍ମାନ ଆହତ ହୋଇଥିବା ସେମାନେ କହିଛନ୍ତି । ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ଏଭଳି ପ୍ରକାଶନ ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ନିବାରଣ ଆଇନ-୧୯୮୯ର ବିଭିନ୍ନ ଧାରାର ଉଲ୍ଲଂଘନ କରୁଛି । ଏହା ସମାଜର ସମ୍ମାନ ଓ ଅସ୍ମିତା ଉପରେ ସିଧାସଳଖ ଆଘାତ ବୋଲି ଅଭିଯୋଗ କରିଛନ୍ତି । ସୋମବାର ଠାକୁରଗଡ଼ ଥାନା ରାଜିଙ୍ଗ ପୁଞ୍ଜି ସଭାପତି ମଧୁସୂଦନ ନାୟକ, କଲଚିକଟା ସମ୍ପାଦକ ସାନନ୍ଦ ନାୟକ, ଖମାର ପୁଞ୍ଜି ସଭାପତି ମାଗୁଣି ନାୟକ, ମହାସଚିବ ବସନ୍ତ ନାୟକ, ପିଣ୍ଟୁ ନାୟକ, ଧଜ ନାୟକ, ପ୍ରଫୁଲ୍ଲ ନାୟକଙ୍କ ନେତୃତ୍ୱରେ ଗଣ୍ଡ ସମାଜର ଶତାଧିକ ଲୋକ ଆଠମଲ୍ଲିକ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି ।



## ଭାରସାମ୍ୟ ହରାଇ ଓଲଟିଲା ଟ୍ରକ



**ବଆଁରପାଳ,୧।୭(ସମିସ):** ବଆଁରପାଳ ଥାନା ନୂଆହତା ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଛି । ନୂଆହତା ପଞ୍ଚାୟତ ଯୋରାଗାଡ଼ିଆ ଗ୍ରୀଡ ସମ୍ମୁଖରେ ବୁଧବାର ମଧ୍ୟାହ୍ନରେ ଏକ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଛି । ତେବେ ଚାଳକ ସୁରକ୍ଷିତ ଅଛନ୍ତି । ଟ୍ରକ ଢେଙ୍କାନାଳରୁ ମାଲ ବୋଝେଇ କରି ଛତିଶଗଡ଼ ଅଭିମୁଖେ ଯାଉଥିବା ବେଳେ କୌଣସି କାରଣରୁ ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିଲା । ସ୍ଥାନୀୟ ଲୋକେ ଚାଳକଙ୍କୁ ଗାଡ଼ିରୁ ଉଦ୍ଧାର କରିଥିବା ବେଳେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ହିନ୍ଦୀ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ସାତକୋଶିଆ,୧।୭(ସମିସ):** ଅନୁଗୋଳ ବ୍ଲକ ଟାଇଁସି ପଞ୍ଚାୟତ ଦୀନବନ୍ଧୁ ଜନକଲ୍ୟାଣ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଭାଗ୍ୟରଥି ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପୁରାତନ ଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଗ୍ରାମବାସୀ ଉପସ୍ଥିତ ଥିଲେ । ଅନୁଗୋଳ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ସାମ୍ବାଦିକ ରାଜେନ୍ଦ୍ର କୁମାର ପ୍ରଧାନ ସମ୍ମାନିତ ଅତିଥି, ବିଦ୍ୟାଳୟ ସଭାପତି ସୁଶୀଳ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ।

## ତୁକୁଡ଼ା କାଳୀ ମନ୍ଦିରରୁ ଲୁଟ୍

**ଅନୁଗୋଳ,୧।୭(ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ା ତୁକୁଡା ଗ୍ରାମର ମା' କାଳୀଙ୍କ ମନ୍ଦିରରୁ ୨ଟି ହୁଣ୍ଡି ଭାଙ୍ଗି ଲୁଟ୍ କରିଛନ୍ତି ଦୁର୍ବୃତ୍ତ । ମନ୍ଦିରକୁ ପୂଜାରୀ ସଫା କରିବାକୁ ଆସିଥିବା ବେଳେ ହୁଣ୍ଡି ଖୋଲାଥିବା ଦେଖିବାକୁ ପାଇଥିଲେ । ମନ୍ଦିର ଭିତରେ ଓ ବାହାରେ ଥିବା ହୁଣ୍ଡିକୁ ଦୁର୍ବୃତ୍ତ ଭାଙ୍ଗି ଟଙ୍କା ଓ ସୁନା ଲୁଟ୍ କରି ନେଇଛନ୍ତି । ଏହାର ଭିଡିଓ ସିସିଟିଭିରେ କଏଦ ହୋଇଛି । ଏକ ମାସ ହେଲା ହୁଣ୍ଡି ଖୋଲାଯାଇ ନ ଥିବା ବେଳେ ୩୦ ହଜାରରୁ ଅଧିକ ଟଙ୍କା ଥିବା ଗ୍ରାମବାସୀ କହିଛନ୍ତି । ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି ।

- ସିସିଟିଭିରେ କଏଦ ହେଲା ଭିଡିଓ
- ୩୦ ହଜାରରୁ ଅଧିକ ଟଙ୍କା ଥିବା ସୂଚନା



**'ନିଶା ମୁକ୍ତ ଓଡ଼ିଶା ଅଭିଯାନ'**

# ନିଶାଠୁ ଦୂରେଇ ରହିବାକୁ ଯୁବଗୋଷ୍ଠୀଙ୍କୁ ଆହ୍ୱାନ


ଛେଣ୍ଡିପଦା


ଖମାର


କିଶୋରନଗର


ବଆଁରପାଳ

**ଛେଣ୍ଡିପଦା:** ନିଶାମୁକ୍ତ ଭାରତ ଅଭିଯାନକୁ ସମର୍ଥନ କରି ବାଗଡ଼ିଆ ଥାନା ପୁଲିସ ପକ୍ଷରୁ ଥାନାରେ ସାମୂହିକ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିସହ ଆମ ପୁଲିସ ସମିତି ବୈଠକ ଆୟୋଜନ କରାଯାଇଛି । ଏଥିରେ ସ୍ଥାନୀୟ ଜନସାଧାରଣ ଏବଂ ଆମ ପୁଲିସ ସମିତି ସଦସ୍ୟମାନେ ଯୋଗଦେଇ ନିଶା ବିରୋଧରେ ଲଢ଼ିବା ଏବଂ ସୁସ୍ଥ, ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ । ଆଜି ଦେଶର ବିକାଶରେ ସବୁଠାରୁ ବଡ ଆହ୍ୱାନ ହେଉଛି ଯୁବପିଢ଼ି ନିଶା ସେବନ କରିବା । ବର୍ତ୍ତମାନ ଯୁବଗୋଷ୍ଠୀ ଅଧିକ ମାତ୍ରାରେ ନିଶା ସେବନ କରୁଥିବା ଦେଖାଯାଉଛି । ନିଶା କେବଳ ସେମାନଙ୍କ ସ୍ୱାସ୍ଥ୍ୟ ନୁହେଁ ବରଂ ସେମାନଙ୍କ କ୍ୟାରିୟର, ସ୍ୱପ୍ନ ଏବଂ ଦେଶର ଶକ୍ତି ଉପରେ ମଧ୍ୟ ପ୍ରଭାବ ପକାଉଛି । ଏଥିରୁ ଯୁବଗୋଷ୍ଠୀଙ୍କୁ କିପରି ଦୂରେଇ ରଖାଯିବ ସେ ନେଇ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି ଥାନା ଅଧିକାରୀ ଦେବବ୍ରତ ନାୟକ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଏସଆଇ ଦୟାନିଧି ଓରାମ୍, ଏଏସ୍‌ଆଇ ତ୍ରୈଲୋକ୍ୟ ଜେନା, ଅଜୟ କୁମାର ସ୍ୱାଇଁଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଓ ୯ ପଞ୍ଚାୟତର ଜନସାଧାରଣ ଯୋଗଦେଇଥିଲେ ।

**ଖମାର:** ଖମାର ଥାନାରେ ଆମ ପୁଲିସ ସମିତି ବୈଠକ ନିଶାମୁକ୍ତ ଭାରତ ଓ ନିଶାମୁକ୍ତ ଓଡ଼ିଶା ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଥାନା ଅଧିକାରୀ ଅରୁଣ କୁମାର ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ଯୋଗଦେଇ ନିଶା ସେବନର କୁପରିଣାମ ବିଷୟରେ ବୁଝାଇଥିଲେ । କଲେଜ ଛାତ୍ରମାନେ ନିଶା ସେବନ କରୁଥିବା ଲୋକଙ୍କୁ ବୁଝାଇ ନିଶାମୁକ୍ତ ଭାରତ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ । ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ରାଜ୍ୟର ସମସ୍ତ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆଭାସୀ ମାଧ୍ୟମରେ ରାଜ୍ୟରେ ଜବତ ହୋଇଥିବା ଗଞ୍ଜେଇ ସହ ଅନ୍ୟ ନିଶାଦ୍ରବ୍ୟକୁ ପ୍ରତ୍ୟେକ ଜିଲ୍ଲାର ଗୋଟିଏ ଗୋଟିଏ ସ୍ଥାନରେ ନିଆଁ ଲଗାଇ ନଷ୍ଟ କରାଯାଇଥିଲା ।

**କିଶୋରନଗର:** କିଶୋରନଗର ଥାନାରେ ଆଇଆଇସି ହରେକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୁସ୍ଥ ଜୀବନଯାପନ କରିବାକୁ ହେଲେ ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ଆଇଆଇସି ଆହ୍ୱାନ ଦେଇଥିଲେ । ଏହି ଅବସରରେ ରାଜ୍ୟ ପୁଲିସ ଭବନରୁ ଡିଜିପିଙ୍କ ଦ୍ୱାରା ନିଶାମୁକ୍ତ ଓଡ଼ିଶା ଅଭିଯାନ ଉପରେ ରଖିଥିବା ସଚେତନତା ବାର୍ତ୍ତା ଆଭାସୀ ମାଧ୍ୟମରେ ସିଧାପ୍ରସାରଣ ହୋଇଥିଲା । ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସମସ୍ତେ ଶପଥ ନେଇଥିଲେ । ଏସ୍‌ଆଇ ପ୍ରସନ୍ନ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

**ବଆଁରପାଳ:** ବଆଁରପାଳ ଥାନା ଅଭ୍ୟର୍ଥନା କକ୍ଷରେ ଆମ ପୁଲିସ ସମିତି ବୈଠକ ଓ ନିଶାମୁକ୍ତ ଓଡ଼ିଶା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହୀଧରପୁର ଫାଣ୍ଡି ଅଧିକାରିଣୀ ତଅପୋଇ ନାୟକ, ଏସଆଇ ମନୋଜ କୁମାର ମିଶ୍ର, କାମାକ୍ଷାପ୍ରସାଦ ନାୟକ, ଅମିତ କୁମାର ମିଶ୍ର, ଜୟକୃଷ୍ଣ ସାଏ, ବିଜୟଲକ୍ଷ୍ମୀ ନାୟକଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି, ଆମ ପୁଲିସ ସମିତି ସଦସ୍ୟ, ବୁଦ୍ଧିଜୀବୀ ଏବଂ ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ । ବୈଠକରେ ନିଶା କାରବାର ବନ୍ଦ, ବେଆଇନ ମଦ ଓ ଅନ୍ୟ ମାଦକଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଇବା ଏବଂ ଗାଁ ଗାଁରେ ସଚେତନତା ସୃଷ୍ଟି କରିବା ପାଇଁ ଆଲୋଚନା ହୋଇଥିଲା । ବେଆଇନ ନିଶା କାରବାର ସମ୍ପର୍କରେ ସୂଚନା ମିଳିଲେ ତୁରନ୍ତ ପୁଲିସକୁ ଜଣାଇବା ଏବଂ ସୂଚନାଦାତାଙ୍କ ନାମ ଗୋପନ ରଖାଯିବ ବୋଲି ଆଇଆଇସି କହିଥିଲେ । ବିଶେଷକରି ଯୁବ ଗୋଷ୍ଠୀ କ୍ରୀଡ଼ା ଓ ଗଠନମୂଳକ କାର୍ଯ୍ୟରେ ନିୟୋଜିତ ହୋଇ ନିଶାଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଛି । ଶେଷରେ ଉପସ୍ଥିତ ସମସ୍ତ ସଦସ୍ୟ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥପାଠ କରିଥିଲେ ।

**ଆଠମଲ୍ଲିକ:** ଆଠମଲ୍ଲିକ ଥାନା ପରିସରରେ ଭାରପ୍ରାପ୍ତ ଥାନା ଅଧିକାରୀ ପି. ସ୍ୱରୂପ କିସେନଙ୍କ ତତ୍ତ୍ୱାବଧାନରେ ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଲଇଡି ଟିଭି ମାଧ୍ୟମରେ ରାଜ୍ୟ ପୁଲିସ ମୁଖ୍ୟାଳୟରୁ ସଚେତନତାର ବାର୍ତ୍ତା ସିଧାପ୍ରସାରଣ କରାଯାଇଥିଲା । ଆଇଆଇସି କିସେନ ଦେଶକୁ ନିଶାମୁକ୍ତ କରିବା ପାଇଁ ସାମର୍ଥ୍ୟ ଓ କ୍ଷମତା ଅନୁଯାୟୀ ସମସ୍ତେ ପ୍ରୟାସ କରିବେ ବୋଲି ଶପଥପାଠ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଆଇଆଇସି ବିକାଶ ସାମଲ, ଏସଆଇ କାର୍ତ୍ତିକେଶ୍ୱର ବେହେରା, ଏଏସଆଇ ମନୋଜ କୁମାର ସାହୁ, ମିଥୁନ ମଲ୍ଲିକ, ନରୋତ୍ତମ ମାଝୀ, କର୍ମଚାରୀ ଶିଶିର ବେହେରା ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ଆମ ପୁଲିସ ସମିତିର ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା ।

## ଜବତ ନିଶାଦ୍ରବ୍ୟ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରାଗଲା



**ଅନୁଗୋଳ,୧।୭(ସମିସ):** ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମରେ ନିଶାମୁକ୍ତ ଓଡ଼ିଶା ଗଠନ ପ୍ରତିବଦ୍ଧତାକୁ ନେଇ ଅନୁଗୋଳ ଜିଲ୍ଲା ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବୁଧବାର ଏକ ସମୟରେ ଜିଲ୍ଲାର ସମସ୍ତ ୨୫ ଥାନାରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ପୁଲିସ କର୍ମଚାରୀ, ଜନପ୍ରତିନିଧି, ଛାତ୍ର, ସ୍ୱେଚ୍ଛାସେବୀ ଓ ସାଧାରଣ ଜନତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପ୍ରାୟ ୧,୩୦୦ ଜନସାଧାରଣ ନିଶାମୁକ୍ତ ଓଡ଼ିଶା ପାଇଁ ଶପଥପାଠ କରିଥିଲେ । ସୁରକ୍ଷିତ, ସୁସ୍ଥ ଏବଂ ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଅନୁଗୋଳ ଜିଲ୍ଲା ପୁଲିସ ସମସ୍ତ ନାଗରିକଙ୍କୁ, ବିଶେଷକରି ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରହିବା ଏବଂ ସଚେତନତା ପ୍ରସାର କରିବା ସହ ପୁଲିସ ସହିତ ନିଶା ସମ୍ପର୍କିତ କାର୍ଯ୍ୟକଳାପ ବିଷୟରେ ସୂଚନା ବାଣ୍ଟି ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ସମର୍ଥନ କରିବାକୁ ନିବେଦନ କରାଯାଇଥିଲା । ଅନୁଗୋଳ ଜିଲ୍ଲା ନିଶା ନିବାରଣ କମିଟି ଆଇନଗତ ପ୍ରକ୍ରିୟା ଅନୁସରଣ କରି ଅନୁଗୋଳ ପୁଲିସ ଏବଂ ଅବକାରୀ ବିଭାଗ ଦ୍ୱାରା ବିଭିନ୍ନ ମାମଲାରେ ଜବତ ହୋଇଥିବା ୯୬୬.୨୫ କେଜି ଗଞ୍ଜେଇ ଏବଂ ୨ ଗ୍ରାମ ବ୍ରାଉନସୁଗରକୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରାଯାଇଛି ।

## ହାଇୱାରେ ପିଟି ହୋଇ ଯୁବକ ମୃତ

**ଦାନଗଦି,୧।୭ (ସମିସ):** କଳିଙ୍ଗନଗର ଥାନା ଅଞ୍ଚଳ ଟାଟା ନୀଳାଚଳ କାରଖାନା ଫାଟକ ନିକଟରେ ମଙ୍ଗଳବାର ରାତିରେ ରାସ୍ତା ଉପରେ ଛିଡ଼ା ହୋଇଥିବା ଏକ ହାଇବା ଗାଡ଼ି ପଛପଟୁ ଅନ୍ୟ ଏକ ବାଇକ ଧକ୍କା ଦେବାଫଳରେ ବାଇକ ଚଳକଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଟମକା ଥାନା ଅଞ୍ଚଳ ଚିତ୍ରୀ ନୂଆସାହିର ରାଜେନ୍ଦ୍ର ବେହେରାଙ୍କ ପୁଅ ଦିବ୍ୟନାରାୟଣ ବେହେରା (୨୨)। ଦିବ୍ୟନାରାୟଣ ମଙ୍ଗଳବାର ରାତିରେ ନିଜ ବାଇକ ରେ ଯାଜପୁର ରୋଡ ଅଭିମୁଖେ ଆସୁଥିବାବେଳ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଯୋଗେ ଦାନଗଦି ଡାକ୍ତରଖାନାକୁ ପଠାଇଥିଲେ। ସେଠାରୁ କଟକ ପଠାଯାଇଥିଲା। କଟକରେତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ ସାହୁ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ କରୁଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

**ଧର୍ମଶାଳା,୧।୭ (ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ କୁମାରୀ ପଞ୍ଚାୟତ ଦେଉଳୀ ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ନିଜ ଘର ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତକ ଦେଳି ଗ୍ରାମର ପୁରୁଷୋତ୍ତମ ବେହେରାଙ୍କ ପୁଅ ସୁନିଲ କୁମାର ବେହେରା (୩୮) ବୋଲି ଜଣାପଡିଛି। ତାଙ୍କ ପତ୍ନୀ ବାପଘରକୁ ଯାଇଥିବା ବେଳେ କୌଣସି କାରଣକୁ ନେଇ ପରିବାର ମଧ୍ୟରେ କଳହ ଲାଗିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁନିଲ ଆଜି ଅପରାହ୍ନରେ ନିଜ ଘରେ ବେକରେ ଲୁଗାବାନ୍ଧି ଫ୍ୟାନରେ ଝୁଲିପଡି ଆତ୍ମହତ୍ୟା କରିଛନ୍ତି। ଏନେଇ ପରିବାର ପକ୍ଷରୁ ଥାନାରେ ଜଣାଇବା ପରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ଲାଗି ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ କରୁଛି।

## ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ

**ଯାଜପୁର,୧।୭ (ସମିସ):** ଓଡ଼ିଶା ସରକାର ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶିକା ଅନୁଯାୟୀ ଯାଜପୁର ବ୍ଲକ ସାନସୁଆର ପଞ୍ଚାୟତ କପାସି ଠାରେ ଥିବା ମହାବୀର ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ୩୫ଦିନିଆ ସଂସ୍କୃତ ସମ୍ଭାଷଣ ଶିବିର ଉତ୍ସବରେ ଅଧ୍ୟକ୍ଷ ବିଷ୍ଣୁ ଚରଣ ବାରିକଙ୍କ ସଭାପତିତ୍ୱ କରିଥିଲେ। ଉକ୍ତ ସଭାର ପ୍ରାରମ୍ଭରେ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯିବା ସହିତ ଅଧ୍ୟାପକ ଧୀରେନ୍ଦ୍ର କୁମାର ତ୍ରିପାଠୀଙ୍କ ଦ୍ୱାରା ବେଦପାଠ କରାଯାଇଥିଲା। ଏହାପରେ କାର୍ଯ୍ୟକ୍ରମର ସଂଯୋଜକ ତଥା ମହାବିଦ୍ୟାଳୟର ଅଧ୍ୟାପକ ରମାକାନ୍ତ ବରାଳ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଲୋକଭାଷା ପ୍ରଚାର ସମିତିର ରାଜ୍ୟ ସଂଯୋଜକ ବିଭୂତି ନାରାୟଣ କର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ପ୍ରାଧାନ ପଣ୍ଡିତ ତଥା ରାଜ୍ୟ ସଂସ୍କୃତ ମହାମଣ୍ଡଳର ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ସଂସ୍କୃତ ଭାଷାର ମହତ୍ୱ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟରେ ଇଣ୍ଟର୍ନସିପ୍‌ରେ ଭାଗନେଇଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ ସହିତ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶାସ୍ତ୍ରୀ ୩ୟ ବର୍ଷର ଛାତ୍ରୀ କାଦମ୍ବିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ସୁଜାତା ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପୂର୍ଣ୍ଣିମା ମିଶ୍ର କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଦୁର୍ଘଟଣା ମାମଲାରେ ଚାଳକ ଅଦାଲତ ଚାଲାଣ

**ପାଣିକୋଇଲି,୧।୭ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସିଂଗଡା ବ୍ରିଜ ନିକଟରେ ହାଇୱା ଧକ୍କାରେ ସ୍କୁଟି ଆରୋହୀର ମୃତ୍ୟୁ ଘଟିଥିଲା। ଏହି ମାମଲାରେ ହାଇୱା ଚାଳକଙ୍କୁ ପୁଲିସ ଗିରଫ କରି ଆଜି ଅଦାଲତ ଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ଖମଣ ପଞ୍ଚାୟତ ଗୋଡିପାଟଣା ଗ୍ରାମର ହରେକୃଷ୍ଣ ସାହୁଙ୍କ ପୁଅ ଜୟନ୍ତ (୪୦) ଏକ ସ୍କୁଟି ଯୋଗେ ଘରକୁ ଫେରିବା ସମୟରେ ଜାତୀୟ ରାଜପଥରେ କଟକ ପଟୁ ଏକ ଚିପ୍ସ ବୋଝେଇ ହାଇୱା (ଓଡି ୦୪ପି ୫୭୮୯) ଦ୍ରୁତଗତିରେ ବେପରୁଆ ଭାବେ ଆସି ଟିକର ପୋଲ ନିକଟରେ ସ୍କୁଟିକୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢ଼ାଇ ଦେଇଥିଲା। ଫଳରେ ଘଟଣାସ୍ଥଳେ ଜୟନ୍ତଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଏକ ମାମଲା ୨୫୬/୨୬ ରୁଜୁ କରାଯାଇ ସବଇନ୍ସପେକ୍ଟର ସୁମିତ କୁଜୁର ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଥିଲେ। ଆଜି ଅଟକଥିବା ହାଇୱା ଚାଳକ ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କେନ୍ଦୁଆପଦା ଗ୍ରାମର ରବିନ୍ଦ୍ର ଖୁଣ୍ଟିଆ (୫୨)କୁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଛି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବ୍ରହ୍ମବରଦା,୧।୭ (ସମିସ):** ରସୁଲପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ପାଢ଼ୀ ଏବଂ ଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସେକ ଫସିଉଲ ହକଙ୍କ ଅବସର ଉପଲକ୍ଷେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗୀତିକବି ପ୍ରତାପ ରୁଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରସୁଲପୁର ମଣ୍ଡଳ ସହ ଶିକ୍ଷାଧିକାରୀ ଡ. ପ୍ରଭଞ୍ଜନ ପତି ମୁଖ୍ୟଅତିଥି ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଯୁଧିଷ୍ଠିର ଖଟୁଆ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଝରଣା ପାତ୍ର, ଆଲ୍ଲାଉଦ୍ଦିନ ଖାନ, ସେକ ଅବଦୁଲ ହାକିମ, କୋରେଇ ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ସଭାପତି ବିଜୟ କୁମାର ଶତପଥୀ, ରସୁଲପୁର ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଅରୁଣ କୁମାର ସ୍ୱାଇଁ, ପୂର୍ବତନ ବିଆର୍‌ସିସି ପ୍ରଦୀପ କୁମାର ସାମଲ, ରବୀନ୍ଦ୍ର କୁମାର ମିଶ୍ର, ବିଶ୍ୱନାଥ ପଣ୍ଡା, ପୂର୍ବତନ ପ୍ରଧାନଶିକ୍ଷକ ସୁଦର୍ଶନ ପଣ୍ଡା, ରାଜ୍ୟ ଶିକ୍ଷକ ସଂଘର ଉପଦେଷ୍ଟା ବିକ୍ରମ କୁମାର ଦାସ, ପରିଚାଳନା କମିଟି ସଭାପତି କନକଲତା ଦାସ, ଜଗବନ୍ଧୁ ଶତପଥୀ, ବିଜୟ କୁମାର ଭଦ୍ର, ହିମାଂଶୁ ଭୂଷଣ ପାଳ, ଶିକ୍ଷକ ଦୀନବନ୍ଧୁ ତ୍ରିପାଠୀ ଓ ରଞ୍ଜନ କୁମାର ବାରିକ, ଅବିନାଶ ଆଇଚ ପ୍ରମୁଖ ଉପସ୍ଥିତଥିଲେ।

## ସାମ୍ବାଦିକ ସଂଘ ପକ୍ଷରୁ ଡାକ୍ତରଙ୍କୁ ସମ୍ବର୍ଦ୍ଧନା

**ମଙ୍ଗଳପୁର,୧।୭ (ସମିସ):** ଆଜି ଡାକ୍ତର ଦିବସ ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକ ଅହିୟାସ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ରାଜେନ୍ଦ୍ର କୁମାର ପୃଷ୍ଟି ଓ କମାଳପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ଅଧିକାରୀ ଡ. ଶେଷଦେବ ପୃଷ୍ଟିଙ୍କୁ ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଆନ୍ଦୋଳନ ଚାଲୁ ଥିବାରୁ ଉଭୟ ଡାକ୍ତରଙ୍କୁ ତାଙ୍କ ବାସଭବନରେ ଉତ୍କଳ ସାମ୍ବାଦିକ ସଂଘ ତରଫରୁ ସଭାପତି ଜୟପ୍ରକାଶ ନାୟକ, ସହ ସମ୍ପାଦକ ସୀତାଂଶୁ ଶେଖର ଯେନା, କୋଷାଧକ୍ଷ ରାକେଶ କୁମାର ସାହୁ, ବରିଷ୍ଠ ସଭ୍ୟ ମନୋରଞ୍ଜନ ମଲ୍ଲିକ ଉପସ୍ଥିତ ରହି ଡା. ରାଜେନ୍ଦ୍ର ପୃଷ୍ଟି ଓ ଡା. ଶେଷଦେବ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନିଶା ମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ

**ପାଣିକୋଇଲି,୧।୭ (ସମିସ):**



ସାରା ରାଜ୍ୟରେ ପ୍ରତ୍ୟେକ ଥାନାରେ ଆଜି ନିଶା ମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ପାଣିକୋଇଲି ଥାନାରେ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ନେତୃତ୍ୱରେ ସହକର୍ମୀ ଓ ଉପସ୍ଥିତ ସ୍ଥାନୀୟ ବ୍ୟକ୍ତି ମାନେ ଓଡିଶାକୁ ନିଶାମୁକ୍ତ କରିବା ପାଇଁ ଶପଥ ପାଠ କରିଥିଲେ। ଏଥିରେ ଏସ୍‌ଆଇ ପ୍ରଶାନ୍ତ କୁମାର ଦାଶ, ବିଶ୍ୱରଞ୍ଜନ ଦାସ, ସୁମିତ କୁଜୁର, ମିନତୀ ବେହେରାଙ୍କ ସମେତ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଚରଣ ଦଳାଇ, ଅଦୈତ୍ୟ ଚରଣ ଦାଶ, ଚନ୍ଦ୍ରମଣି ସ୍ୱାଇଁ, ପ୍ରଶାନ୍ତ ରାୟ, ସମ୍ବାଦିକ ସୁବାସ ଧଳ, ମନୋଜ ସାହୁ, ତୁଷାର ବେହୁରା, ପ୍ରଦୀପ ମାଝୀ, ହରେକୃଷ୍ଣ ପଣ୍ଡାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତି ଥିଲେ।

**ବରୁଆଁ:** ଯାଜପୁର ସଦର ଥାନା ପରିସରରେ ନିଶାମୁକ୍ତ ଭାରତ ଅଭିଯାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରିଣୀ ଚିନ୍ମୟୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲି ପରିଚାଳନା କରିଥିଲେ। ଏହି ଆଲୋଚନାଚକ୍ରରେ ସଦର ଥାନା ଅନ୍ତର୍ଗତ ୧୮ ଗୋଟି ପଞ୍ଚାୟତରୁ ବହୁ ବୁଦ୍ଧିଜୀବୀ ଓ ସମାଜସେବୀ ଭାଗ ନେଇଥିଲେ। ଏଏସ୍‌ଆଇ ଚିତ୍ତରଞ୍ଜନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**କୟାଁଗୋଲା:** ମଙ୍ଗଳପୁର ଥାନା ପରିସରରେ ଆଜି ନିଶା ମୁକ୍ତ ଅଭିଯାନକୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଅଞ୍ଚଳର ବରିଷ୍ଠ ନାଗରିକ, ବୃଦ୍ଧିଜୀବୀ, ଯୁବ ଗୋଷ୍ଠୀ ଯୋଗ ଦେଇଥିଲେ। ଦେଇଥିଲେ। ଉପସ୍ଥିତ ସମସ୍ତେ ନିଜ ଗାଁକୁ ନିଶା ମୁକ୍ତ କରିବା ପାଇଁ ଶପଥ ନେଇଥିଲେ। ଏହି କାର୍ଯ୍ୟକ୍ରମ ଥାନା ଏସ୍‌ଆଇ ଅନିତା ପ୍ରଧାନ, ଏଏସଆଇ ଜଟାଧାରୀ ଦାସ ଉପସ୍ଥିତ ଥିଲେ।

**ବିଞ୍ଝାରପୁର:** ବିଞ୍ଝାରପୁର ଥାନା ପରିସରରେ "ନିଶା ମୁକ୍ତ ଓଡିଶା' ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଥାନା ଅଧିକାରୀ ପାର୍ବତୀ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ସେକ ଇର୍ସାଦ, ସମାଜସେବୀ ରବୀନ୍ଦ୍ର ପରିଡ଼ା, କୈଳାଶ ସେଠୀ, ବିଜେପି ସଂଯୋଜକ ନିରଞ୍ଜନ ବେହୁରିଆ, ବିଞ୍ଝାରପୁର ସରପଞ୍ଚ ପ୍ରତିନିଧି ଅଶୋକ ସାହୁ, ଅରେଇ ସମବାୟ ସମିତି ସଭାପତି ହେମେନ୍ଦ୍ର ସାମଲ, କଏଣା ରଘୁନାଥପୁର ସରପଞ୍ଚ ପ୍ରତିନିଧି ନାରାୟଣ ଜେନା, ବିଜେଡି ସଂଖ୍ୟାଲଘୁ ସଭାପତି ମୋଜାହିଦ ଖାଁ, କଂଗ୍ରେସ ବ୍ଲକ ସଭାପତି ପ୍ରତାପ ଦାସ, ସମାଜସେବୀ ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶପଥ ପାଠ କରାଯାଇଥିଲା।

**ଦାନଗଦି/ଟମକା:** ଟମକା ପୁଲିସ୍ ଆନୁକୂଲ୍ୟରେ ଥାନା ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ବିନତୀ ଦାସଙ୍କ ତତ୍ତ୍ୱାବଧାନରେ ଟମକା ଥାନା ଅଞ୍ଚଳର ଜନ ପ୍ରତିନିଧି, ଯୁବବର୍ଗ, ବୁଦ୍ଧିଜୀବୀ ନିଶାମୁକ୍ତ ଓଡିଶା ଗଠନ ପାଇଁ ମିଳିତ ଶପଥ ପାଠ କରାଇଥିଲେ। ପୁଲିସ୍ ତରଫରୁ ଅତିରିକ୍ତ ସହକାରୀ ଅମିତ ପଣ୍ଡା, ଦୀପ୍ତି ଶେଖର ଦାସ, ହାବିଲଦାର ଶରତ ଜେନା, କନଷ୍ଟେବଳ ମଳୟ ପ୍ରଧାନ, ରାଜେଶ ବଳ, କାର୍ତ୍ତିକ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଏୟାରଟେଲ୍ ସେବା ବ୍ୟାହତ

**ସୁକିନ୍ଦା,୧।୭ (ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକର ବିଭିନ୍ନ ଅଞ୍ଚଳରେ ଏୟାରଟେଲ୍ ସେବା ବାଧାପ୍ରାପ୍ତ ହୋଇଥିବା ଦେଖାଦେଇଛି। ମୋବାଇଲ୍ ଟାୱାରରେ ଗଛଲତା ମାଡ଼ିଯିବାରୁ କିଛି ଯାନ୍ତ୍ରିକ ତ୍ରୁଟି ସୃଷ୍ଟି ହୋଇଥିବା ସନ୍ଦେହ କରାଯାଉଛି। ନେଟୱାର୍କ ବ୍ୟାହତ ହେବା ଫଳରେ ଫୋନ୍ କଲ୍, ଇଣ୍ଟରନେଟ୍ ସେବା ଓ ଅନଲାଇନ୍ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବାରୁ ସ୍ଥାନୀୟ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ଦାବି ହେଉଛି।

## ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସହାୟତା

**କୁଆଖିଆ,୧।୭ (ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ଛାତ୍ରୀଙ୍କ ରିଆଡ୍‌ମିଶନ ପାଇଁ ଆର୍ଥିକ ସାହାଯ୍ୟ ଦିଆଯାଇଛି। ରସୁଲପୁର ବ୍ଲକ ଟିକରପଡ଼ା ପଞ୍ଚାୟତ ଅନ୍ତର୍ଗତ କୁଜିବର ଗ୍ରାମର ବିଜୟ କୁମାର ମଲ୍ଲିକଙ୍କ କନ୍ୟା ମଧୁପୁର ମହାବିଦ୍ୟାଳୟ ରାଜନୀତି ବିଜ୍ଞାନର ପ୍ରଥମ ବର୍ଷର ଛାତ୍ରୀଙ୍କ ରିଆଡ୍‌ମିଶନ ପାଇଁ ଅର୍ଥ ବାଧକ ସାଜିବାରୁ ପାଠପଢା ବନ୍ଦ କରିବାକୁ ତାଙ୍କ ମାଆ ମଣିମାଳା ମଲ୍ଲିକ ନିଷ୍ପତି ନେଇଥିଲେ। ମଣିମାଳା କିଛି ବର୍ଷ ହେବ ନିଜର ସ୍ୱାମୀ ଓ ପୁଅକୁ ହରାଇ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ଖବର ପାଇ ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷା ମିନତୀ ସାହୁ, ଉପାଧ୍ୟକ୍ଷ ଜନ୍ମେଜୟ ସାହୁ, ସଭାପତି ନିମାଇଁ ପଣ୍ଡା, କୋଷାଧ୍ୟକ୍ଷ ଭଗବାନ ଦାଶ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ଉପସଭାପତି ସଙ୍ଗୀତା ଆଚାର୍ଯ୍ୟ, ଯତୀଶ ଚନ୍ଦ୍ର ମହାନ୍ତି, ପୂର୍ବତନ ସଭାପତି ବସନ୍ତ କୁମାର ଶତପଥୀ, ଉପଦେଷ୍ଟା ଅରବିନ୍ଦ ଦାଶ, ବିଷ୍ଣୁଚରଣ ସାମଲ, ବୃନ୍ଦାବନ ପାଢ଼ୀ, ସନ୍ତୋଷ ଦାସ, ଶୁଭାଶିଷ ନାୟକ, ପ୍ରଭାସିନୀ ମଲ୍ଲ, ଅଶୋକ କୁମାର ସାହୁ, ମନସ୍ୱିନୀ ସାହୁ, ଶିବାନନ୍ଦ ପଣ୍ଡା, ଶିବରାମ ନନ୍ଦ, କୁଳମଣୀ ନାୟକ, ସନ୍ତୋଷ କୁମାର ନାୟକ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ରିଆଡ୍‌ମିଶନ ଫି' ସହିତ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଟ୍ରଷ୍ଟ ପକ୍ଷରୁ ପାଠପଢାର ସମସ୍ତ ଖର୍ଚ୍ଚ ବହନ କରିବାକୁ ସମ୍ପାଦକ ଗୋପାଳ ପାତ୍ର ସୂଚନା ଦେଇଛନ୍ତି।

## କଲେଜ ସମ୍ମୁଖରେ ଚାଲିଥିବା ଗଣଧାରଣା ପ୍ରତ୍ୟାହୃତ




**ବଡ଼ଚଣା,୧।୭ (ସମିସ):** ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ମଦମାଂସ ଆସର ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବିଳମ୍ବକୁ ନେଇ ବିଜେଡି ପକ୍ଷରୁ ଚାଲୁଥିବା ଗଣଧାରଣା ପ୍ରତ୍ୟାହୃତ ହୋଇଯାଇଛି। ବିଜୁ ଯୁବ ଓ ଛାତ୍ର ଜନତା ଦଳ, ବଡଚଣା ତରଫରୁ କଲେଜ ଅଧ୍ୟକ୍ଷ ଓ ଏଡିଏମଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ଗତ ଜୁନ ୨୯ ତାରିଖରେ ଉଭୟ ପକ୍ଷଙ୍କୁ ଅଭିଯୋଗକାରୀ ଓ କର୍ମଚାରୀ କଲେଜ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଏଡିଏମ୍ ଅଫିସରେ ତଦନ୍ତ କରାଯାଇଥିଲା। ପ୍ରଶାସନ ତରଫରୁ କୌଣସି କାଯ୍ୟାନୁଷ୍ଠାନ ନ ହେବାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କଲେଜ ଆଗରେ ବଡଚଣା ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ଗଣଧାରଣା ଦିଆଯାଇଥିଲା। ଆଜି କଲେଜର ଅଧ୍ୟକ୍ଷ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଧାରଣାସ୍ଥଳକୁ ଆସି ଉପସ୍ଥିତ ଥିବା ଯୁବଛାତ୍ରଙ୍କ ସହିତ ଆଲୋଚନା କରିବା ପରେ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ୧୫ ଦିନ ଭିତରେ ଏଡିଏମ୍ ଅଫିସ ଆଗରେ ଧାରଣାରେ ବସିବାକୁ ଚେତାବନୀ ଦିଆଯାଇଛି।

## ପବ୍ଲିକ ସ୍କୁଲ ପକ୍ଷରୁ ଡାକ୍ତର ଦିବସ

**ଧର୍ମଶାଳା,୧।୭ (ସମିସ):** ଧର୍ମଶାଳା ବ୍ଲକ ନେଉଳପୁର ସ୍ଥିତ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲରେ ଚେୟାରମ୍ୟାନ୍ ଦୁଷ୍ମନ୍ତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଛାତ୍ରଛାତ୍ରୀ ଡାକ୍ତର ଦିବସ ପାଳନ କରିଛନ୍ତି। ସ୍କୁଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ସହ ସ୍କୁଲ ଅଧ୍ୟକ୍ଷ ରବୀନ୍ଦ୍ର କୁମାର ତ୍ରିପାଠୀ, ଉପାଧ୍ୟକ୍ଷ ଚନ୍ଦ୍ରକାନ୍ତ ପଣ୍ଡା ଓ ଶିକ୍ଷକ ନିହାର ରଞ୍ଜନ ଷଡ଼ଙ୍ଗୀ, ମନୋରଞ୍ଜନ ସିନ୍ହା, ରାକେଶ ଦାସ, ମାନସ ରଞ୍ଜନ ସାମଲ, ଏମ୍‌ଡି ଏହେତେସାମ୍, ଶିକ୍ଷୟିତ୍ରୀ ସାଇନାଜ୍ ପରବୀନ, ଅନିତା ମହାରଣା, ମନୀଷା କୁମାରୀ ମଧୁସ୍ମିତା ନାୟକ, ପ୍ରମୋଦିନୀ ସାହାଣୀ, ପୂର୍ଣ୍ଣିମା ବେହେରା, ସୁପ୍ରିୟା ପରିଡା, କାମିନୀ ଦାସ, ଦେବଶ୍ରୀ ଓଝା, ଜୟନ୍ତୀ ସାହୁ, ରାକିଆ ଫିର୍ଦୋଷ, ସମର୍ପିତା ବ୍ରହ୍ମ, ସଙ୍ଗୀତା ରାଉତ, ପ୍ରଜ୍ଞା ବାରିକ, କବିତା ସାହୁ ସମେତ ଚଣ୍ଡିଖୋଲ ଅଞ୍ଚଳର ବିଶିଷ୍ଟ ଡାକ୍ତର ପ୍ରାକ୍ତନ ସିଡିଏମଓ ବିଜୟ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଡାକ୍ତର ସନ୍ତୋଷ କୁମାର ବେହେରା, ଡାକ୍ତର ହରିହର ପଣ୍ଡା ଓ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଡାକ୍ତର ନିଶାନ୍ତ କୁମାର ଦାଶଙ୍କୁ ସମ୍ମାନିତ କରାଯାଇଥିଲା।

## ପ୍ରଧାନ ଶିକ୍ଷକ ଦମ୍ପତିଙ୍କୁ ସମ୍ବର୍ଦ୍ଧନା



**ପାଣିକୋଇଲି,୧।୭ (ସମିସ):** କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର କରଦା ବାପୁଜୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସଦାନନ୍ଦ ପଣ୍ଡା ଓ କରଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେହ୍ନଲତା ଷଡ଼ଙ୍ଗୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବାପୁଜୀ ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ନୃସିଂହ ଚରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସଭାରେ ମୁଖ୍ୟଅତିଥି ଭାବେ ସିଆର୍‌ସିସି ପ୍ରଶାନ୍ତ କୁମାର ମାଝୀ, ସମ୍ମାନୀତ ଅତିଥି ଭାବେ ପରିଚାଳନା କମିଟିର ସଭାପତି ଗଣେଶ ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଚିନ୍ତାମଣି ବେହେରା, ଉଚ୍ଚ ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷକ ଗଣେଶ୍ୱର ପୁହାଣ, ସରକାରୀ ଉପ୍ରା ବିଦ୍ୟାଳୟର ନୂତନ ପ୍ରଧାନଶିକ୍ଷକ ପଦ୍ମନାଭ ମିଶ୍ର, ପରିଚାଳନା କମିଟି ସଭାପତି ସାବିତ୍ରୀ ରଣା, ଶିକ୍ଷାବିତ୍ ଗୋବିନ୍ଦ ସାହୁ, ରଘୁନାଥ ମୁଦୁଲି, ପୁରାତନ ଛାତ୍ର ଭାସ୍କର ସାହୁ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ସେକ ମହମ୍ମଦ ଜିଲାନୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ଉଭୟ ଦମ୍ପତିଙ୍କୁ ସଂଯୁକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ବିଭିନ୍ନ ସଂଗଠନ ପକ୍ଷରୁ ମାନପତ୍ର, ଉପଢୌକନ ଏବଂ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

## ଅବକାରୀ ପ୍ରଶିକ୍ଷାର୍ଥୀ ପ୍ରଥମ ବ୍ୟାଚ୍‌ର ଦୀକ୍ଷାନ୍ତ ସମାରୋହ



**ଯାଜପୁର,୧।୭ (ସମିସ):** ସୋଲର (ବୈରୀ) ସ୍ଥିତ ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ୨୨ ଜଣ ପ୍ରଥମ ବ୍ୟାଚ୍ ଅବକାରୀ ଡେପୁଟି ଏସ୍‌ଇ ଏବଂ ୧୦୦ ଜଣ ସବ୍-ଇନ୍ସପେକ୍ଟର (ଏସ୍‌ଆଇ) ପ୍ରଶିକ୍ଷାର୍ଥୀମାନଙ୍କର ଏକ ଭବ୍ୟ "ଦୀକ୍ଷାନ୍ତ ସମାରୋହ' ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଆଇନ୍, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ଅଧିକାରୀମାନଙ୍କ ପ୍ୟାରେଡ୍ ପରିଦର୍ଶନ କରିବା ସହ ସେମାନଙ୍କର ଅଭିବାଦନ ଗ୍ରହଣ କରିଥିଲେ। ସମାଜ ଗଠନରେ ଅବକାରୀ ବିଭାଗର ନୂତନ ସଙ୍କଳ୍ପ ତଥା "ସ୍ୱଚ୍ଛତା, ଦୃଢ଼ ଶୃଙ୍ଖଳା ଏବଂ ନିଶାମୁକ୍ତ ଓଡ଼ିଶା' ଗଠନର ମୁଖ୍ୟ ଆଭିମୁଖ୍ୟକୁ ନେଇ ନୂତନ ଅଧିକାରୀମାନଙ୍କୁ ଉଦ୍‌ବୋଧନ କରିଥିଲେ। ମୁଖ୍ୟଅତିଥିଙ୍କ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପରେ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ଶପଥ ଗ୍ରହଣ ଏବଂ ପ୍ୟାରେଡ୍ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଏହାପରେ ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଅଶୋକ କୁମାର ଦେହୁରୀ ଅଧିକାରୀମାନଙ୍କର ଉଚ୍ଚସ୍ତରୀୟ ପ୍ରଶିକ୍ଷଣ ପାଠ୍ୟକ୍ରମ ସମ୍ପର୍କରେ ଏକ ବିସ୍ତୃତ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣ ଅବଧି ମଧ୍ୟରେ ବିଭିନ୍ନ ବିଭାଗରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତୀ ପ୍ରଶିକ୍ଷାର୍ଥୀଙ୍କୁ ମନ୍ତ୍ରୀଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଏହାପରେ ଅବକାରୀ ବିଭାଗର କମିଶନର ପି ଅନ୍ୱେଷା ରେଡ୍ଡୀ ନିକଟ ଭବିଷ୍ୟତରେ ଲାଗୁହେବାକୁ ଯାଉଥିବା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଏହି ସମାରୋହରେ ବଡ଼ଚଣାର ବିଧାୟକ ଅମର କୁମାର ନାୟକ, ଜିଲ୍ଲାପାଳ ଅମ୍ବର କୁମାର କର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## ଓଲିଆରେ ସ୍ୱାସ୍ଥ୍ୟ ଶିବିର

**ସୁକିନ୍ଦା,୧।୭ (ସମିସ):** ଆଜି ଡାକ୍ତର ଦିବସ ଅବସରରେ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଓଲିଆ ପଞ୍ଚାୟତରେ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍, ଯାଜପୁର ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ବିଭାଗର ବିଶିଷ୍ଟ ଡାକ୍ତରମାନେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ଓ ପରାମର୍ଶ ପ୍ରଦାନ କରିଥିଲେ। ଏହି ଶିବିରରେ ଯାଜପୁରର ବିଶିଷ୍ଟ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପିକେ ସାହୁ ମଧ୍ୟ ଯୋଗଦେଇ ରୋଗୀ ସେବା ପ୍ରଦାନ କରିଥିଲେ।

## ବିଧାୟକଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

**ଧର୍ମଶାଳା,୧।୭ (ସମିସ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଜାରକା କୁମାରୀସ୍ଥିତ ବିଜେପି କାର୍ଯ୍ୟାଳୟରେ ବିଧାୟକ ହିମାଂଶୁ ଶେଖର ସାହୁ ନିଜ ନିର୍ବାଚନ ମଣ୍ଡଳୀ ଅଧିବାସୀଙ୍କ ଆପତି ଅଭିଯୋଗ ଶୁଣି ସମସ୍ୟା ଗୁଡିକର ସମାଧନ କରିଛନ୍ତି। ବିଧାୟକଙ୍କ ଜନଶୁଣାଣିରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରୁ ଲୋକମାନେ ପହଞ୍ଚି ବିଶେଷ କରି ଅବାସ ଗୃହ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହୟତା, ରାସନ କାର୍ଡ, ଭତା, ଜମିପଟା ଏବଂ ରୋଗରେ ପଡ଼ିଥିବା ଲୋକମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସାଧାରଣ ଲୋକେ ବିଧାୟକଙ୍କୁ ଭେଟି ନିଜର ଅଭିଯୋଗମାନ କରିଥିଲେ। ବିଧାୟକ ଶ୍ରୀ ସାହୁ ଅନେକ ସମସ୍ୟା ସମାଧନ କରିବା ସହ ସମୟ ସାପେକ୍ଷ କେତେକ ସମସ୍ୟାକୁ ସମାଧାନ କରିବା ଲାଗି ଦାୟିତ୍ୱରେ ଥିବା ନିଜର କର୍ମକର୍ତାମାନଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଦାବି

**ବିଞ୍ଝାରପୁର,୧।୭ (ସମିସ):** ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ଅଧିକ ବନାନଗତ, ବ୍ୟାକରଣଗତ ଓ ତଥ୍ୟଗତ ତ୍ରୁଟି ପରିଲକ୍ଷିତ ହୋଇଛି। ତେଣୁ ତୁରନ୍ତ ପିଲାମାନଙ୍କୁ ନୂତନ ତ୍ରୁଟିମୁକ୍ତ ବହି ଯୋଗାଇ ଦେବାକୁ ଦାବି ହୋଇଛି। ବିଞ୍ଝାରପୁରରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦିଆଯାଇଥିବା ପ୍ରତିବାଦ ଦିବସ ଅବସରରେ ଆଜି କ୍ଷୀରୋଦ କର, ଅଚ୍ୟୁତ ପ୍ରଧାନ, ତରଙ୍ଗିଣୀ ଦାସ, ରାଧାବଲ୍ଲଭ ମଲ୍ଲିକ, ସଂଯୁକ୍ତା ନାୟକ, ବ୍ରହ୍ମାନନ୍ଦ ମଲ୍ଲିକ, ଗୋବିନ୍ଦ ସାହୁ, ମାଧବୀ ମଲ୍ଲିକ, ଧନେଶ୍ୱର ଦାସ, କାମଦେବ ମଲ୍ଲିକ, କୃଷ୍ଣ ମଲିକ, ମାନସ ଯେନା, କ୍ଷୀରୋଦ ଯେନା ଆଦିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ କହିଛନ୍ତି।

# ଡାକ୍ତରଙ୍କ ଧାରଣା; ରୋଗୀ ସେବା ବାଧାପ୍ରାପ୍ତ

**ଯାଜପୁର/ଧର୍ମଶାଳା,୧।୭ (ସମିସ):**



ବିଭିନ୍ନ ଦାବିକୁ ନେଇ ଓଡ଼ିଶା ମେଡିକାଲ ସର୍ଭିସେସ ଆସୋସିଏସ (ଓମସା) ପକ୍ଷରୁ ଯାଜପୁର ଜିଲ୍ଲା ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ଡାକ୍ତର ମାନଙ୍କ ପକ୍ଷରୁ ଧାରଣା ଦିଆଯାଇଛି। ବିଭିନ୍ନ ମେଡିକାଲର ଡାକ୍ତର କାମ ବନ୍ଦ କରି ନିଜ ହକ ପାଇଁ ଆନ୍ଦୋଳନ ଜାରିରଖିଛନ୍ତି। ଫଳରେ ବିଭିନ୍ନ ଡାକ୍ତରଖାନାରେ ରୋଗୀ ସେବା ବ୍ୟାହତ ହୋଇଛି। କିଛି ଦିନ ହେଲା ଡାକ୍ତରଖାନା ଗୁଡିକରେ ମେଡିକାଲ କର୍ମଚାରୀମାନେ ଦିନକୁ ୨ ଘଣ୍ଟା ଲେଖାଏଁ ଆନ୍ଦୋଳନ ଚଳାଇଥିବା ବେଳେ ଆଜି ଡାକ୍ତରମାନେ ପଦୋନ୍ନତି ସମସ୍ୟା, ବଦଳି ପଲିସି, ସୁରକ୍ଷାବ୍ୟବସ୍ଥା ସହିତ ଡାକ୍ତରମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଆଦି ନିଜର ଦାବି ଜଣାଇବା ଲାଗି ସିଡିଏମଓଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି। ଫଳରେ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନ ସଂପର୍କରେ ଖବର ପାଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ସେଠାରେ ପହଞ୍ଚି ଡାକ୍ତରମାନଙ୍କ ବିଭିନ୍ନ ସମସ୍ୟା ଓ ସେମାନଙ୍କ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କ ଯୁକ୍ତିସଙ୍ଗତ ଦାବି ପ୍ରତି ବିଧାୟକ ସହାନୁଭୂତି ପ୍ରକାଶ କରିଥିଲେ। ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଅଲୋଚନା କରି ସମସ୍ୟାର ସମାଧାନ କରିବାକୁ ବିଧାୟକ ଶ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିଲେ। ଡାକ୍ତରମାନଙ୍କ ଦାବି ଖୁବଶିଘ୍ର ପୂରଣ ହେବା ସହିତ ସେମାନେ ପୂର୍ବଭଳି ରୋଗୀସେବା ଯୋଗାଇଦେବେ ବୋଲି ବିଧୟକ ଶ୍ରୀ ସାହୁ ଆଶାବ୍ୟକ୍ତ କରିଛନ୍ତି। ତେବେ ଲିଖିତ ପ୍ରତିଶ୍ରୁତି ନମିବା ଯାଏଁ ଧର୍ମଘଟ ଜାରି ରହିବ ବୋଲି ଡକ୍ତର ସଂଘ ପକ୍ଷରୁ କୁହାଯାଇଛି।



## ଜାଲ୍ କାଗଜପତ୍ର ଦେଇ ୩ କୋଟି ଆତ୍ମସାତ୍

# ୟୁକୋ ବ୍ୟାଙ୍କର ପୂର୍ବତନ ବ୍ରାଞ୍ଚ୍ ମ୍ୟାନେଜର ଗିରଫ

- ପୁରୁଣା ଗାଡ଼ିକୁ ନୂଆ ଦର୍ଶାଇ କାର୍ ଋଣ ମଞ୍ଜୁର କରୁଥିଲେ
- ଜାଲିଆତି କରି ୨୪ଟି ଋଣ ଦେଇଛନ୍ତି
- ନିଜ ଆକାଉଣ୍ଟକୁ ଯାଇଛି ସବୁତକ ଟଙ୍କା



ଭୁବନେଶ୍ୱର, ୧୭(ସମିସ): ପୁରୁଣା କାରକୁ ନୂଆ ବୋଲି ଦର୍ଶାଇଥିଲେ। ଖାଲି ସେତିକି ନୁହେଁ, ସିବିଲ୍ ରେକର୍ଡ ଠାରୁ ଆରମ୍ଭ କରି ଗାଡ଼ିର ନକଲି ରେଜିଷ୍ଟ୍ରେସନ ସାର୍ଟିଫିକେଟ ଦାଖଲ କରି ଋଣ ମଞ୍ଜୁର କରୁଥିଲେ। ଆଉ ସବୁତକ ଟଙ୍କା ଯାଉଥିଲା ନିଜ ବ୍ୟାଙ୍କ୍ ଆକାଉଣ୍ଟକୁ। ଆଉ କେହି ନୁହେଁ, ଖୋଦ୍ ୟୁକୋ ବ୍ୟାଙ୍କର ଶାଖା ପରିଚାଳକଙ୍କ ଏଭଳି କାରନାମା ପଦାକୁ ଆସିଛି। କାଗଜପତ୍ର ଜାଲିଆତି କରି ଋଣ ମଞ୍ଜୁର କରିବା ମହଙ୍ଗା ପଡ଼ିଛି। ଅଭିଯୋଗ ପାଇବା ପରେ ଅଭିଯୁକ୍ତ ପୂର୍ବତନ ମ୍ୟାନେଜରଙ୍କୁ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ଗିରଫ ଅଭିଯୁକ୍ତ ହେଉଛନ୍ତି ଶିବ କୁମାର ଦାସ।

ସୂଚନାନୁସାରେ, ୨୦୨୧ରୁ ୨୦୨୫ ପର୍ଯ୍ୟନ୍ତ ଶିବପ୍ରସାଦ କଟକର ପୁରୁଣା ସଚିବାଳୟ ଶାଖା ଓ ସାଲେପୁର ଶାଖା ପରିଚାଳକ ଭାବେ କାମ କରୁଥିଲେ। ସେଠାରେ କାମ କରିବା ମଧ୍ୟରେ ପୁରୁଣା କାରର ଡକ୍ୟୁମେଣ୍ଟକୁ ଜାଲିଆତି କରି ନୂଆ ଗାଡ଼ି ବୋଲି ଦର୍ଶାଉଥିଲା। ରେଜଷ୍ଟ୍ରେସନ ସାର୍ଟିଫିକେଟ, କେୱାଇସି, ଇନ୍ସ୍ୟୁରାନ୍ସ ଓ ତତ୍ ସମ୍ବନ୍ଧୀୟ ଅନ୍ୟାନ୍ୟ କାଗଜପତ୍ରକୁ ଜାଲ୍ କରି ଋଣ ଆବେଦନ କରୁଥିଲା। ଏମିତିକି ନକଲି ସିବିଲ୍ ରିପୋର୍ଟ ମଧ୍ୟ ଦାଖଲ କରୁଥିଲା। ୧୬ଟି କାର୍? ଋଣର କାଗଜପତ୍ର ଅନୁମୋଦନ କରି ୧ କୋଟି ୮୫ ଲକ୍ଷ ୯୫ହଜାର ଟଙ୍କା ଓ ୮ଟି ବ୍ୟବସାୟିକ ଋଣ ବାବଦରେ ୧ କୋଟି ୩୯ ଲକ୍ଷ ୪୮ ହଜାର ଟଙ୍କା ମଞ୍ଜୁର କରିଥିଲା। ଜାଲିଆତି କରି ମୋଟ ୨୪ଟି ଋଣ ମଞ୍ଜୁର କରି ନିଜ ଆକାଉଣ୍ଟକୁ ୩ କୋଟି ୨୫ ଲକ୍ଷ ଟଙ୍କା ନେଇ ଯାଇଥିଲା। କେୱାଇସି ନକରି କିଛି କିଛି ଲୋକଙ୍କ ନାମରେ ସଞ୍ଚୟ ବ୍ୟାଙ୍କ ଆକାଉଣ୍ଟ ଖୋଲି କିସ୍ତି ପରିଶୋଧ କରୁଥିଲା।

ବ୍ୟାଙ୍କର ଆଭ୍ୟନ୍ତରୀଣ ତଦନ୍ତ ବେଳେ ଜାଲିଆତି ଋଣ କଥା ସାମ୍ନାକୁ ଆସିଥିଲା। ଶିବପ୍ରସାଦ ନିଜେ ଋଣ ମଞ୍ଜୁର କରି ନିଜ ଆକାଉଣ୍ଟକୁ ଟଙ୍କା ନେଇଥିବା ଯାଞ୍ଚରୁ ଜଣାପଡ଼ିଥିଲା। ବ୍ୟାଙ୍କର ମହାପ୍ରବନ୍ଧକ ତଥା ଜୋନାଲ ମୁଖ୍ୟ ବର୍ଷା ଇଓଡ଼ବ୍ଲ୍ୟୁରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ବୁଧବାର ଶିବପ୍ରସାଦଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ଜାଲ୍ କାଗଜପତ୍ର, ନକଲି କେୱାଇସି, ଦରମା ସ୍ଲିପ୍, ଗାଡ଼ି ନକଲି କୋଟେସନ୍ ଓ ଅନ୍ୟାନ୍ୟ ନଥିପତ୍ର ଜବତ ହୋଇଛି। ଏହା ସହିତ ୨୪ଟି ଋଣର ସମସ୍ତ କାଗଜପତ୍ର ଜବତ କରାଯାଇଛି। ପ୍ରାଥମିକ ତଦନ୍ତ ପରେ ଶିବପ୍ରସାଦଙ୍କୁ କଟକ ସ୍ଥିତ ଓପିଆଇଡି କୋର୍ଟକୁ ଚାଲାଣ କରିଛି ଇଓଡ଼ବ୍ଲ୍ୟୁ।

## 'ଆମ ବସ୍' ଚାଳକଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ

ଭୁବନେଶ୍ୱର, ୧୭(ସମିସ): ଆମ ବସ୍‌କୁ ନେଇ ପ୍ରତି ମାସରେ କିଛି ନା କିଛି ଛୋଟ ବଡ଼ ଦୁର୍ଘଟଣା ଦେଖିବାକୁ ମିଳୁଛି। କେଉଁଠି ଆମ ବସ୍ ଲୋକଙ୍କ ଉପରେ ମାଡ଼ି ଗଲାଣି ତ ଆଉ କେଉଁଠି ବସ୍‌ରେ ନିଆଁ ଲାଗିଗଲାଣି।

ରାଜଧାନୀରେ ଗତ ଶନିବାର ମଧ୍ୟ ମଞ୍ଚେଶ୍ୱର ଅଞ୍ଚଳରେ ଏକ ଆମ ବସ୍‌ର ଦୁର୍ଘଟଣା ଦେଖିବାକୁ ମିଳିଥିଲା। ପୂର୍ବରୁ ମଧ୍ୟ ଅନେକ ଦୁର୍ଘଟଣାରେ ଘଟି କିଛି ଲୋକ ପଙ୍ଗୁ ହୋଇଯାଇଛନ୍ତି ତ ଆଉ କିଛି ଲୋକଙ୍କ ଜୀବନ ଚାଲି ଯାଇଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ରୁପାଲି ଛକ ଅଟୋ ଡ୍ରାଇଭରଙ୍କ ମୃତ୍ୟୁ। ଫଳରେ ଏମିତି ଛୋଟ ବଡ଼ ଦୁର୍ଘଟଣା ପ୍ରତିମାସରେ ଘଟୁଥିବାରୁ ଫଳରେ ଏବେ ଆମ ବସ୍ ଚାଳକଙ୍କ ଦକ୍ଷତା ଉପରେ ଅନେକ ପ୍ରଶ୍ନ ସାଧାରଣରେ ଶୁଣିବାକୁ ମିଳିଛି। ଆମ ବସ୍‌ରେ ଯାତାୟତ କରିବା ଲୋକଙ୍କ ପାଇଁ ଯେତିକି ସୁବିଧା ହଉଛି। ଏପରି ବାର ବାର ଦୁର୍ଘଟଣା ଘଟୁଥିବାରୁ ଆମ ବସ୍ ପ୍ରତି ମଧ୍ୟ ଜନ ଆକ୍ରୋଶ ଦେଖିବାକୁ ମିଳୁଛି।



ଏବେ ପ୍ରତିଦିନ ଦୁଇ ଲକ୍ଷରୁ ଅଧିକ ଲୋକ ଆମ ବସ୍‌ରେ ଯାତାୟତ କରୁଛନ୍ତି। କ୍ରୁଟ୍ ପକ୍ଷରୁ ଏଥିପାଇଁ ୬୭୦ ଆମ ବସ୍ ଚାଲୁଛି। ୧୧୫ ଟି ରୁଟ୍‌ରେ ୨୦୯ ୯ଟି ଆମ ବସ୍ ଷ୍ଟପ୍ ସେଣ୍ଟର ରହିଛି। ଏଥିସହିତ କ୍ରୁଟ୍ ପକ୍ଷରୁ ଚାଳକ ମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଟ୍ରେନିଂ ସ୍କୁଲ ମାନଙ୍କରେ ଉଚ୍ଚମାନର ପ୍ରଶିକ୍ଷଣ ଦିଆଯାଉଛି। ସମସ୍ତ ଆଡ଼ଭାନ୍ସଡ୍ ଡ୍ରାଇଭର ଆସିଷ୍ଟାନ୍ସ ସିଷ୍ଟମ୍ ବ୍ୟବହାର କରାଯାଉଛି ଯାହାଦ୍ୱାରା ସଡ଼କ ସୁରକ୍ଷା ଅଧିକ ସୁଦୃଢ଼ ହୋଇପାରିବ। ହେଲେ ଫଳ ଘର ଯେଉଁ ଶୂନ୍ୟକୁ ସେହି ଶୂନ୍ୟ। ଆମ ବସ୍ ଦୁର୍ଘଟଣା କମିବାର ନାଁ ଧରୁନାହିଁ। ଯାହା ଫଳରେ ଚାଳକଙ୍କ ଆମ ବସ୍ ଚାଳନା ଉପରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି।

ମଝିରେ ବାର ବାର ଆମ ବସ୍ ଦୁର୍ଘଟଣା ଘଟିବାରୁ ବିଭାଗ ସମେତ ସବୁ ସ୍ଥାନରେ ଚାଳକ ନିଶା ଖାଇ ଗାଡ଼ି ଚଲାଉଛନ୍ତି ବୋଲି ଧରପଗଡ଼ କରାଗଲା। ଏହି ବ୍ୟବସ୍ଥା କିଛି ଦିନ ଚାଲିଲା। ହେଲେ ଏବେ ଯଥାଡ଼ ପରଂ ତଥା ପୂର୍ବଂ ହୋଇପଡ଼ିଛି। କ୍ରୁଟ୍‌ର ଜଣେ ଅଧିକାରୀଙ୍କ କହିବା ଅନୁଯାଇ ରାଜଧାନୀକୁ ଛାଡ଼ି ଅନ୍ୟ ସହରରେ ଚାଲୁଥିବା ନୂଆ ଆମ ବସ୍‌ରେ ବ୍ରେଥ୍‌ଆନାଲାଇଜର ସିଷ୍ଟମ ଲାଗିଛି। ଯାହା ଫଳରେ ଡ୍ରାଇଭର ଯଦି ନିଶା ଖାଇ ଗାଡ଼ି ଉପରେ ବସିବେ ତେବେ ଗାଡ଼ି ଷ୍ଟାର୍ଟ ହବନାହିଁ। ହେଲେ ଏହି ସୁବିଧା ଏଠାରେ ନାହିଁ। ଏଠାରେ ପ୍ରତିଦିନ ଚାଳକମାନଙ୍କୁ ନିଶା ସେବନ କରିଛନ୍ତି କି ନାହିଁ ପରୀକ୍ଷା କରି ଗାଡ଼ିକୁ ଛଡ଼ାଯାଉଛି ବୋଲି ସେ କହିଛନ୍ତି। ହେଲେ ଏଟାରେ କଥା ଉଠୁଛି ଯଦି ସବୁ କରାଯାଉଛି ତେବେ ଏତେ ଦୁର୍ଘଟଣା ଘଟୁଛି କଣ ପାଇଁ ବୋଲି ସାଧାରଣରେ ପ୍ରଶ୍ନ ଆସୁଛି।

## ବିନ୍ଧ୍ୟଗିରିରେ ଜଳ ପ୍ରକଳ୍ପ କେବେ!

- ଅଧା କାମରୁ ଖତ ଖାଉଛି ପାଇପ୍ ପ୍ରକଳ୍ପ



ଯାଁଲା ୧୭(ସମିସ): ସମିସ ରାଜଧାନୀ ଉପକଣ୍ଠ ଜଟଣୀ ବ୍ଲକ ଅଧୀନ ଛତାବର ପଞ୍ଚାୟତ ବିନ୍ଧ୍ୟଗିରୀ ଗ୍ରାମରେ ପାଇପ ଜଳ ଯୋଗାଣ ପ୍ରକଳ୍ପ ସାତ ସପନ ହୋଇପଡ଼ିଛି। ନଳକୂପ ଗୁଡିକ ଯଥେଷ୍ଟ ଜଳ ଯୋଗାଇ ପାରୁନାହିଁ। ପାଖାପାଖି ଦେଢ ହଜାର ଲୋକ ୪/୫ଟି ନଳକୂପରୁ ପାଣି ସଂଗ୍ରହ କରି କଷ୍ଟେ ମଷ୍ଟେ ଦିନ କାଟୁଛନ୍ତି। ଅନ୍ୟପଟେ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରୁ ଭାଙ୍ଗି ରୁଜି ଖତ ଖାଇଲାଣି। ବସୁଧା ଯୋଜନା ହେଉ ବା ମେଗା ପ୍ରକଳ୍ପ ହେଉ ସରକାର ଘରେ ଘରେ ପାଣି ଯୋଗାଇ ଦେବାକୁ ଡିଣ୍ଡିବ ପିଟୁଥିବା ବେଳେ ଏଠାରେ ଗୁହାରି ଶୁଣିବାକୁ କେହି ନାହିଁ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଏହି ଗ୍ରାମରେ ୧୫୦ ପରିବାର ଓ ପାଖାପାଖି ୧୬ ଶହ ଲୋକ ବସବାସ କରନ୍ତି। ଅଧିକାଂଶ ଲୋକ ଚାଷବାସ ଉପରେ ନିର୍ଭର କରି ଚଳନ୍ତି। ପ୍ରତିବର୍ଷ ଭଳି ଖରାଦିନ ହେଲେ ସାଧାରଣ କୂଅ ପୋଖରୀ ଶୁଖିଯାଏ। ତେଣୁ ନଳକୂପ ଏକ ମାତ୍ର ଜଳ ଯୋଗାଣର ଉତ୍ସ। ଏବେ ଗାଁ ରେ ମାତ୍ର ୪/୫ ଟି ନଳକୂପ ଅଛି।ଗାଧୁଆପାଧୁଆ ଏବଂ ପିଇବା ପାଣି ସାଙ୍ଗକୁ ଗୋରୁ ଗାଇଙ୍କ ପାଇଁ ଏହି ନଳକୂପରୁ ହିଁ ପାଣି ସଂଗ୍ରହ କରାଯାଏ। ତେଣୁ ଗୋଟିଏ ନଳକୂଅ ଉପରେ ପ୍ରାୟ ୪ଶହ ଲୋକ ନିର୍ଭର କରୁଛନ୍ତି।ଭୂତଳ ଜଳସ୍ତର କମିଯିବାରୁ ନଳକୂଅରୁ ଯଥେଷ୍ଟ ପାଣି ବାହାରୁ ନାହିଁ।ବାଲିଟିଏ ପାଣି ପାଇଁ ନଳକୂଅ ହ୍ୟାଣ୍ଡେଲ ତଳ ଉପର କରି ହାଲିଆ ହେବାକୁ ପଡୁଛି।ଏଭଳି ସ୍ଥିତିରେ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ବର୍ଷ ବର୍ଷ ଧରି ନିର୍ମାଣଧିନ ଥିବାରୁ ଗ୍ରାମରେ ତିବ୍ର ଅସନ୍ତୋଷ ଦେଖାଦେଇଛି।

ଗ୍ରାମବାସୀଙ୍କ କହିବା କଥା ଏହି ଗ୍ରାମରେ ନିର୍ମାଣ ହୋଇଥିବା ଜଳ ପ୍ରକଳ୍ପ ବଡ ବିଚିତ୍ର ଧରଣର।ଭୂତଳ ଜଳ ବିଭାଗ ଦ୍ୱାରା ୧୦ /୧୨ ବର୍ଷ ତଳେ ଦୁଇଟି ବୋରୱେଲ ଖୋଳାଯାଇଥିଲା। କିନ୍ତୁ ଖୋଳାଯିବା ଦିନଠାରୁ ଦୁଇଟି ବୋରୱେଲ ମୁହଁରେ ଯାବ ଦିଆଯାଇ ରହିଛି।ଭିତରେ ତାର ଅବସ୍ଥା କେମିତି ଅଛି କାହାକୁ ଜଣା ନାହିଁ।ଓଭର ହେଡ ଟ୍ୟାଙ୍କ କେଉଁଠି ହେବ ତାହା ମଧ୍ୟ ସ୍ଥିର ହୋଇନାହିଁ।ବୋଲୱେଲ ଖୋଳାଯିବା ପରେ ପୁଣି କାମ ଧିମେଇ ଯାଇଥିଲା।କିଛି ବର୍ଷ ପରେ ପୁଣି ପ୍ରଶାସନର ନିଦ ଭାଙ୍ଗିଥିଲା। ପରବର୍ତ୍ତୀ ସମୟରେ ଗାଁ ଭିତରେ ଠିକାଦାର ପାଇପ୍ ବିଛାଇଥିଲେ। ତିନି ବର୍ଷ ତଳୁ ଠିକା ସଂସ୍ଥା ଗାଁ ଦାଣ୍ଡ ଖୋଳି ପାଇପ୍ ବିଛାଇବା ସହ ସମସ୍ତଙ୍କ ଦୁଆରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରି ଦେଇଥିଲା। ଗାଁ ଲୋକ ଭାବିଥିଲେ ଏବେ ଯୁଦ୍ଧ କାଳିନ ଭିତରେ ଓଭରହେଡ ଟ୍ୟାଙ୍କ ନିର୍ମାଣ ହେବ, ଗ୍ରାମବାସୀ ମାନେ ପାଣି ପାଇବେ ଏବଂ ଜଳ କଷ୍ଟ ଦୂର ହେବ। କିନ୍ତୁ ପାଣି ଟାଙ୍କି ନଥିବାରୁ ପାଇପରେ ପାଣି ଚଳାଚଳ ହେଲା ନାହିଁ। ଦିର୍ଘ ଦିନ ପାଇପ୍ ପଡ଼ି ରହିବା ଫଳରେ ଆପେ ଆପେ ଷ୍ଟାଣ୍ଡ ପୋଷ୍ଟ ଭାଙ୍ଗିରୁଜି ଗଲାଣି। ଏବେ ପ୍ରାୟ ଷ୍ଟାଣ୍ଡ ପୋଷ୍ଟ ନାହିଁ।ଭିତରେ ପାଇପ୍ ଅବସ୍ଥା କଣ ତାହାବି କହି ହେବନାହିଁ। ପାଇପ୍ ବିଛାଯିବା ପରେ ମେଗା ଜଳ ଯୋଗାଣ ପ୍ରକଳ୍ପ ନେଇ ଏକ ଗ୍ରାମ କମିଟି ଗଠନ କରାଗଲା। କିନ୍ତୁ ନା ବସୁଧା ଯୋଜନାରେ ପାଣି ମିଳିଲା ନାଁ ମେଗା ପ୍ରକଳ୍ପରେ। ଆଜିକୁ ତିନି ବର୍ଷ ବିତିଯାଇଥିଲେ ମଧ୍ୟ ଗ୍ରାମବାସୀମାନେ ପାଣି ଟୋପେ ପାଇଲେ ନାହିଁ। ଖରାଦିନ ଆସିଲେ ପାଣି ଟୋପେ ପାଇଁ ଡହଳ ବିକଳ ହେଉଥିବା କ୍ଷୋଭର ସହ ଗ୍ରାମବାସୀମାନେ କହିଛନ୍ତି।

## ୟୁପିରୁ ଓଡ଼ିଶାକୁ ଲମ୍ବିଛି ନକଲି 'ମୋନାଡ୍' ଚେର

- ନକଲି ସାର୍ଟିଫିକେଟ ରାକେଟ ଧରିଥିଲା ୟୁପି ଏସ୍‌ଟିଏଫ୍
- ନକଲି ବିସିଏ ସାର୍ଟିଫିକେଟ ଦେଇ ଧରାପଡ଼ିଥିଲେ ଏଆରଆଇ
- ଧରପଗଡ଼ ହେଲେ ଧରାପଡ଼ିବେ ଅନେକ ସରକାରୀ ଚାକିରିଆ

ଭୁବନେଶ୍ୱର, ୧୭ (ସମିସ): ଉତ୍ତରପ୍ରଦେଶ ମୋନାଡ୍ ୟୁନିଭର୍ସିଟିର ନକଲି ସାର୍ଟିଫିକେଟ ଚେର ଓଡ଼ିଶାକୁ ଲମ୍ବିଛି। ନକଲି ସାର୍ଟିଫିକେଟ ଦେଇ ସରକାରୀ ଚାକିରି ଆବେଦନ କରି ସହାୟକ ରାଜସ୍ୱ ନୀରିକ୍ଷକ ଧରାପଡ଼ିବା ପରେ ଏପରି କଥା ପଦାକୁ ଆସିଛି। ଗତବର୍ଷ ୟୁପି ଏସ୍‌ଟିଏଫ୍ ବିପୁଳ ପରିମାଣର ସାର୍ଟିଫିକେଟ ଜବତ କରିବା ସହ ମାଷ୍ଟରମାଇଣ୍ଡ ସମେତ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେହି ନକଲି ସାର୍ଟିଫିକେଟ ରାକେଟ ଓଡ଼ିଶାକୁ ଲମ୍ବିଥିବା ଜଣାପଡ଼ିବା ପରେ ଓଡ଼ିଶା ପୁଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଅନେକ ଲୋକ ନକଲି ସାର୍ଟିଫିକେଟ ଦେଇ ସରକାରୀ ଚାକିରି କରିଥିବା ଆଶଙ୍କା କରାଯାଉଥିବା ବେଳେ ଧରପଗଡ଼ ହେଲେ ଚାକିରିଆମାନଙ୍କୁ ଚିହ୍ନଟ କରାଯାଇପାରିବ ବୋଲି କୁହାଯାଉଛି।

ସୂଚନା ଅନୁସାରେ, ଉତ୍ତରପ୍ରଦେଶ ହାପୁର ସ୍ଥିତ ମୋନାଡ୍ ୟୁନିଭର୍ସିଟିର ନକଲି ସାର୍ଟିଫିକେଟ ତିଆରି କରି ବିକ୍ରି କରୁଥିବା ଖବର ସାମ୍ନାକୁ ଆସିଥିଲା। ଗତବର୍ଷ ମେ' ମାସରେ ୟୁପିର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଘଟଣାର ତଦନ୍ତ କରି ବଡ଼ ଧରଣର ଜାଲ୍ ସାର୍ଟିଫିକେଟ ରାକେଟର ଫର୍‌ଦ୍ଧାଫାସ କରିଥିଲେ। ମାମଲାରେ ୟୁନିଭରସିଟିର କୁଳାଧିପତି ବିଜେନ୍ଦ୍ର ସିଂ ହୁଡ଼ା ସମେତ ୧୧ ଜଣଙ୍କୁ ଗିରଫ କରିବା ସହ ହଜାରରୁ ଅଧିକ ନକଲି ସାର୍ଟିଫିକେଟ ଜବତ କରିଥିଲା। ସେହିବର୍ଷ ନଭେମ୍ବର ମାସରେ ଉତ୍ତରପ୍ରଦେଶର ୧୬ଟି ସ୍ଥାନରେ ଚଢ଼ଉ କରିଥିଲା ଇଡି।

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନଙ୍କ ସୁପାରିଶ କ୍ରମେ ଗୃହ ବିଭାଗରେ ଜୁନିୟର ଏକ୍ଜିକ୍ୟୁଟିଭ ଆସିଷ୍ଟାଣ୍ଟ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗୋପ ତହସିଲ ଅଧିନସ୍ଥ ନାଗପୁର ସର୍କଲର ଏଆରଆଇ ଶିବପ୍ରସାଦ ରଥ ସେହି ପଦବୀ ପାଇଁ ଆବେଦନ କରି ଅସ୍ଥାୟୀ ଭାବେ ଚୟନ ହୋଇଥିଲେ। ସେ ଉତ୍ତର ପ୍ରଦେଶ ସ୍ଥିତ ମୋନାଡ୍ ୟୁନିଭର୍ସିଟିରୁ ଏମସିଏ ପାଠ୍ୟକ୍ରମ ପଢ଼ିଥିବାର ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରିଥିଲେ। ସାର୍ଟିଫିକେଟର ସତ୍ୟତା ଯାଞ୍ଚ ପାଇଁ ମୋନାଡ୍ ୟୁନିଭର୍ସିଟି ଓ ଉତ୍ତର ପ୍ରଦେଶର ହାପୁର ପୁଲିସର ସହଯୋଗ ନିଆଯାଇଥିଲା। ହେଲେ ଶିବପ୍ରସାଦ ମୋନାଡ୍ ୟୁନିଭର୍ସିଟିରେ ପଢ଼ି ନଥିବା ଯାଞ୍ଚ ପ୍ରକ୍ରିୟାରୁ ଜଣାପଡ଼ିଥିଲା। ଜାଲ୍ ପ୍ରମାଣପତ୍ର ଦେଇ ଚାକିରି ହାତେଇଥିବାରୁ ଗୃହ ବିଭାଗର ଉପ ସଚିବ ପ୍ରଦୀପ କୁମାର ବେହେରା କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ୧୦ ଦିନ ପୂର୍ବରୁ ପୁଲିସ ଶିବପ୍ରସାଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ଶିବପ୍ରସାଦ ଗିରଫ ହେବାପରେ ସେ ଭୁବନେଶ୍ୱରରୁ ହିଁ ସାର୍ଟିଫିକେଟ କିଣିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହେଲେ ସେ ନିର୍ଦ୍ଦିଷ୍ଟ କାହାରି ନାମ କହି ନଥିବାରୁ, ପୁଲିସ କୌଣସି ନିଷ୍କର୍ଷରେ ପହଞ୍ଚି ପାରିନାହିଁ। ହେଲେ ଭୁବନେଶ୍ୱରରୁ ହିଁ ନକଲି ସାର୍ଟିଫିକେଟ ରାକେଟ ପରିଚାଳନା ହେଉଥିବା ସନ୍ଦେହ କରାଯାଉଛି। ମୋନାଡ୍ ୟୁନିଭର୍ସିଟିର ବିପୁଳ ନକଲି ସାର୍ଟିଫିକେଟ ଜବତ ହେବା ଓ ଏପଟେ ଏଆରଆଇ ଶିବପ୍ରସାଦ ମଧ୍ୟ ସେହି କଲେଜର ସାର୍ଟିଫିକେଟ ଦେଇ ଗିରଫ ହେବାପରେ ଓଡ଼ିଶାକୁ ମଧ୍ୟ ମୋନାଡ୍ ଚେର ଲମ୍ବିଥିବା ସ୍ପଷ୍ଟ ହୋଇଛି। ନକଲି ସାର୍ଟିଫିକେଟ ରାକେଟରେ ଓଡ଼ିଶାର ଅନେକ ଲୋକଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହାସହିତ ଅନେକ ବ୍ୟକ୍ତି ନକଲି ସାର୍ଟିଫିକେଟ ଦେଇ ସରକାରୀ ଚାକିରି ହାତେଇ ଥିବା କଥାକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ। ସ୍ୱତନ୍ତ୍ର ଧରପଗଡ଼ ହେଲେ ନକଲି ସାର୍ଟିଫିକେଟ ଦେଇ ଚାକିରିଆ ଧରାପଡ଼ିବାର ଆଶଙ୍କା କରାଯାଉଛି।

## ୧୬ରେ ମୁକ୍ତିଲାଭ କରିବ 'ଦ ମିଲେଟ୍ ଡାଏରୀ'

ଭୁବନେଶ୍ୱର, ୧୭(ସମିସ): ଚଳିତ ରଥଯାତ୍ରାରେ ମୁକ୍ତିଲାଭ କରିବାକୁ ଯାଉଛି ଓଡ଼ିଆ ଚଳଚ୍ଚିତ୍ର 'ଦ ମିଲେଟ୍ ଡାଏରୀ'। ଇନଫାଇସନ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ଟିଜର ଆଜି ସ୍ଥାନୀୟ ଏକ ହୋଟେଲରେ ମୁକ୍ତିଲାଭ କରିଛି। 'ଦ ମିଲେଟ୍ ଡାଏରୀ' ଫିଲ୍ମରେ ମାଣ୍ଡିଆର ଇତିହାସ ଓ ଉପକାରିତା ସମ୍ପର୍କରେ ସ୍ପଷ୍ଟ ଭାବେ ଦର୍ଶାଯାଇଛି। ସିନେମାରେ ମୁଖ୍ୟ ଭୂମିକାରେ ସିଦ୍ଧାନ୍ତ ମହାପାତ୍ର ରହିଥିବା ବେଳେ ଅଭିଷେକ ପଣ୍ଡା, ଶିବାନୀ ସଙ୍ଗୀତା, ରାଜ୍ ରାଜେଶ, ଶ୍ରୀତମ ଦାସ, କୁନା ତ୍ରିପାଠୀ, ଶକ୍ତି ବରାଳ, ସୁଶାନ୍ତ ଦାଶମହାପାତ୍ର, ରେଭାଂଶ ମହାନ୍ତି ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଜେଆରଏମ୍ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ରାଜେନ୍ଦ୍ର ମହାନ୍ତ ଦେଇଥିବା ବେଳେ ଚିତ୍ରନାଟ୍ୟ ଓ ସଂଳାପରେ ଦିଲ୍ଲୀପ ବିଶୋଇ ଏବଂ ଉତ୍ତମ କୁମାର ରହିଛନ୍ତି। ସେହିପରି ସଙ୍ଗୀତ ଦାୟିତ୍ୱ ତୁଲାଇଛନ୍ତି ପ୍ରେମ ଆନନ୍ଦ। ଚଳିତ ମାସ ୧୬ ତାରିଖରେ 'ଦ ମିଲେଟ ଡାଏରୀ' ସାରା ଓଡ଼ିଶାରେ ମୁକ୍ତିଲାଭ କରିବାକୁ ଯାଉଛି।



## ସିକ୍ୟୁରିଟି ଓନର୍ସ ଆସୋସିଏସନ୍‌ର ସଭାପତି ହେଲେ ମନୋରଞ୍ଜନ

ଭୁବନେଶ୍ୱର, ୧୭(ସମିସ): ଅଲ୍ ଓଡ଼ିଶା ସିକ୍ୟୁରିଟି ଓନର୍ସ ଆସୋସିଏସନ୍‌ର କର୍ମକର୍ତ୍ତା ଚୟନ ବୈଠକ ଆଜି ଇନଫୋସିଟି ନିକଟ ସାଇ ମନ୍ଦିରରେ ଅନୁଷ୍ଠିତ ହୋଇଛି। ସଭାପତି ଭାବେ ମନୋରଞ୍ଜନ ବେଉରା ମନୋନୀତ ହୋଇଥିବା ବେଳେ ଉପ ସଭାପତି ଭାବେ ବିକାଶ ରଞ୍ଜନ ଦାଶ ଓ ଜିତେନ୍ଦ୍ର କୁମାର ଦାଶ, ସାଧାରଣ ସମ୍ପାଦକ ଭାବେ ଦେବାଶିଷ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ମନୋରଞ୍ଜନ ସୁନ୍ଦରାୟ ଓ ତପନ ପୁଣ୍ଡିଆ, ସହକାରୀ ସମ୍ପାଦକ ଭାବେ ମିହିର ମହାପାତ୍ର, କୋଷାଧକ୍ଷ ଭାବେ ବିପିନ ବିହାରୀ ଦାସ, ସହକାରୀ କୋଷାଧକ୍ଷ ଭାବେ ରଜତ ସାମଲ ଓ ଯୁଗ୍ମ କୋଷାଧକ୍ଷ ଭାବେ ଅମରେଶ ସାହୁ ମନୋନୀତ ହୋଇଛନ୍ତି। ସେହିପରି ଉପଦେଷ୍ଟା କମିଟିରେ ପୁଲିନ୍ ମହାନ୍ତି, ପ୍ରତାପ ପଲାଇ, ପ୍ରଶାନ୍ତ ନାୟକ, ରାଜେନ୍ଦ୍ର ଦିଗଲ୍, ଭରତ ଶତପଥୀ, ଅବନୀ ବେହେରା, ଲୁଲୁ ବେହେରା, ପ୍ରଦୀପ ମହାନ୍ତି ରହିଛନ୍ତି। ଅନୁରୂପ ଭାବେ କାର୍ଯ୍ୟନିର୍ବାହୀ କମିଟି ଗଠିତ ହେବା ସହ ଜେନେରାଲ ବଡ଼ିରେ ୩୨ ଜଣ ସଦସ୍ୟ ସ୍ଥାନ ପାଇଛନ୍ତି।

## ଅବସରପ୍ରାପ୍ତ ଭିଜିଲାନ୍ସ ଅଧିକାରୀଙ୍କ ଘରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୧୭ (ସମିସ): ରାଜଧାନୀର ଡମଣା ଅଞ୍ଚଳରେ ରହୁଥିବା ଜଣେ ଅବସରପ୍ରାପ୍ତ ଭିଜିଲାନ୍ସ ଅଧିକାରୀଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ପ୍ରଥମ ମହଲାରେ ଅଗ୍ନିକାଣ୍ଡ ଘଟି କ୍ଷୟକ୍ଷତି ହୋଇଛି। ଘରେ ଥିବା ଦୁଇ ବରିଷ୍ଠ ନାଗରିକଙ୍କ ସମେତ ୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ।

ମିଳିଥିବା ସୂଚନା ଅନୁସାରେ, ଅବସରପ୍ରାପ୍ତ ଭିଜିଲାନ୍ସ ଅଧିକାରୀ ଜୟ ଗୋପାଳ ପରିଜା ତାଙ୍କ ପରିବାର ସହ ଡମଣା ପ୍ରଗତି ବିହାର ଅଞ୍ଚଳରେ ରହୁଛନ୍ତି। ସବୁଦିନ ଭଳି ମଙ୍ଗଳବାର ରାତିରେ ମଧ୍ୟ ସମସ୍ତେ ଖାଇପିଇ ଶୋଇ ପଡ଼ିଥିଲେ। ରାତି ପ୍ରାୟ ୧ଟା ୨୦ରେ ୩ ମହଲା ବିଶିଷ୍ଟ କୋଠାରେ ପ୍ରଥମ ମହଲାରେ ନିଆଁ ଲାଗି ଯାଇଥିଲା। ଗୋଟିଏ ରୁମରେ ନିଆଁ ଲାଗି ଜୟଗୋପାଳ ଓ ତାଙ୍କ ପତ୍ନୀ ଶୋଇଥିବା ଘର ଭିତରକୁ ଧୂଆଁ ବ୍ୟାପି ଯାଇଥିଲା। ନିଦ ହୋଇ ଯାଇଥିବାରୁ ପରିବାର ଲୋକେ ନିଆଁ ଲାଗିବା ପରେ ମଧ୍ୟ ଜାଣି ପାରିନଥିଲେ। ଲୋକମାନେ ହୋ ହାଲ୍ଲା କରିବା ପରେ ସେମାନଙ୍କ ନିଦ ଭାଙ୍ଗି ଯାଇଥିଲା। ଖବରପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଓ ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା।

ଅଗ୍ନିଶମ କର୍ମଚାରୀମାନେ ହାଇଡ୍ରୋଲିକ ଡୋର୍ ବ୍ରେକର୍, ହାଇଡ୍ରୋଲିକ୍ କଟର୍ ଓ ବୋଲ୍ଟ କଟର୍ ବ୍ୟବହାର କରି ରୁମ୍ ଭିତରକୁ ପଶିଥିଲେ। ରୁମ୍ ଭିତରେ ଫସି ରହିଥିବା ବରିଷ୍ଠ ନାଗରିକ ଜୟଗୋପାଳ ଓ ତାଙ୍କ ପତ୍ନୀଙ୍କ ସମେତ ୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପ୍ରାୟ ଅଧଘଣ୍ଟାର ଅପରେସନ ପରେ ନିଆଁ ସମ୍ପୂର୍ଣ୍ଣ ଆୟତ୍ତକୁ ଆସିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନଥିବାବେଳେ ସର୍ଟ୍ ସର୍କିଟରୁ ଏପରି ଘଟିଥିବା ଅନୁମାନ କରାଯାଉଛି।

## ରାସ୍ତାକଡ଼ରେ ଡମ୍ପିଂୟାର୍ଡ

# ବର୍ଷା ହେଲେ ନାକ ଫାଟିପଡୁଛି

ଭୁବନେଶ୍ୱର, ୧୭(ସମିସ): ରାଜଧାନୀର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବାକୁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା କରାଯାଉଛି। ବିଶେଷ କରି ରାସ୍ତାଘାଟ ଠାରୁ ଆରମ୍ଭ କରି ସହର ମଧ୍ୟରେ ରହିଥିବା ବିଭିନ୍ନ ଜନଗହଳି ସ୍ଥାନକୁ ସଫା ରଖିବାକୁ ଉଭୟ ଓଦା ଓ ଶୁଖିଲା ବର୍ଯ୍ୟବସ୍ତୁ ସଂଗ୍ରହ କରିବାକୁ ସଫେଇ ଗାଡ଼ି ଗଳି କନ୍ଦିରୁ ଅଳିଆ ସଂଗ୍ରହ କରୁଛି। ହେଲେ ଏତେସବୁ ବ୍ୟବସ୍ଥା ପରେ ବି ବଦଳିପାରୁନି ସହରର ଚିତ୍ର। ଏମିତିକି ସହରର ପ୍ରମୁଖ ସ୍ଥାନ ଗୁଡ଼ିକରେ ଗଦା ଗଦା ଆବର୍ଜନା ପଡ଼ି ରହି ପଚି ସଢ଼ି ଯାଇଥିଲେ ବି କାହାର ନଜର ପଡୁନି। ଏଭଳି ଚିତ୍ର ଦେଖିବାକୁ ମିଳିଛି ରାଜଧାନୀର ଜନଗହଳି ଅଞ୍ଚଳ କୁହାଯାଉଥିବା ନୟାପଲ୍ଲୀ ଅଞ୍ଚଳ ଇନ୍ଦିରା ମଇଦାନ ଗେଟ୍ ସମ୍ମୁଖରେ। ଏଠାରେ ରାସ୍ତାକଡ଼ ପାଲଟିଛି ଡମ୍ପିଂୟାର୍ଡ। ଯେଉଁଠାରେ ବର୍ଷା ପାଣି ପଡ଼ିଲେ ଦୁର୍ଗନ୍ଧରେ ଫାଟିପଡୁଛି।

ରାଜଧାନୀର ମୁଖ୍ୟ ରାସ୍ତା ଠାରୁ ମାତ୍ର ୨ଶହ ମିଟର ଦୂର ତଥା ସିଆର୍‌ପି ଛକକୁ ସଂଯୋଗ କରୁଥିବା ଏହି ରାସ୍ତାରେ କୁଢ଼ କୁଢ଼ ଅଳିଆ ସାଙ୍ଗକୁ ବଳକା ଖାଦ୍ୟ। ଚାରିପାଖରେ ବୁଲା କୁକୁର ଓ ଷଣ୍ଢମାନେ ଏକତ୍ରିତ ହୋଇ ପଡ଼ି ରହିଥିବା ଅଇଁଠା ଓ ଅଳିଆ ଭିତରୁ ଖାଦ୍ୟ ଖୋଜୁଛନ୍ତି। ଫଳରେ ଏହାକୁ ବାରମ୍ବାର ଖେଳାଉଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଅସରାଏ ବର୍ଷାରେ ସ୍ଥିତି ଆହୁରୀ ସାଂଘାତିକ। ଏହି ବାଟ ଦେଇ ଯାଉଥିବା ଲୋକେ ନାକରେ ହାତ ନଦେଇ ଯିବା ସମ୍ଭବ ହେଉନଥିବା ଅଭିଯୋଗ କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଇନ୍ଦିରା ମଇଦାନକୁ ପ୍ରତିଦିନ ସକାଳ ସନ୍ଧ୍ୟାରେ ଭ୍ରମଣ କରିବାକୁ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ବ୍ୟକ୍ତି ଆସିଥାନ୍ତି। ଇନ୍ଦିରା ମଇଦାନରେ ଓପନ୍ ଜିମ୍ ସାଙ୍ଗକୁ କ୍ରିକେଟ୍ କୋଚିଂ ମଧ୍ୟ ପ୍ରଦାନ କରାଯାଉଥିବାରୁ ଯୁବଗୋଷ୍ଠୀଙ୍କ ଭିଡ଼ ଜମେ। ହେଲେ ଏଠାକୁ ଯିବାକୁ ଏକମାତ୍ର ରାସ୍ତାରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ସ୍ଥାନୀୟ ଲୋକଙ୍କ କହିବା କଥା ହେଉଛି, ଏହି ରାସ୍ତାକଡ଼ ଏକ ଅସ୍ଥାୟୀ ଡମ୍ପିଂୟାର୍ଡ ପାଲଟିଛି। ସ୍ଥାନୀୟ ଆଖ ପାଖ ଅଞ୍ଚଳର ଅଳିଆ ସଂଗ୍ରହ କରାଯାଇ ଏଠାରେ ଗଦା କରାଯାଉଛି। ତେବେ ଏହି ରାସ୍ତା ଦେଇ ଶହଶହ ଲୋକେ ଯାତାୟତ କରୁଥିବା ବେଳେ ନିକଟରେ ଏକ ଶିକ୍ଷାନୁଷ୍ଠାନ ମଧ୍ୟ ରହିଛି। ଏଠାରେ ଥିବା ଜଳଖିଆ ଦୋକାନକୁ ଯିବାକୁ ଭୟ କରୁଛନ୍ତି ଲୋକେ। ଏହି ସ୍ଥାନରେ ନିୟମିତ ଆଳିଆ ପଡ଼ି ପଡ଼ି ସ୍ଥାନଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଯଦିଓ ବିଏମ୍‌ସି ଗାଡ଼ି ଅଳିଆ ସଂଗ୍ରହ କରୁଛି କିନ୍ତୁ ତାହା ନିୟମିତ ସଂଗ୍ରହ କରାନଯିବା ସହ ସ୍ଥାନଟିକୁ ଭଲ ଭାବେ ସଫା କରାଯାଉ ନଥିବାରୁ ବର୍ଷା ସମୟରେ ସ୍ଥିତି ଆହୁରୀ ଗମ୍ଭୀର ହୋଇ ପଡୁଛି। ଅଧିକ ଦିନ ଧରି ଖାଦ୍ୟ ପଡ଼ି ରହୁଥିବାରୁ ଦୁର୍ଗନ୍ଧ ସାଙ୍ଗକୁ ମାଛି ଓ ଅନ୍ୟ ପୋକଙ୍କ ଦାଉ ଦିନକୁ ଦିନ ଅସମ୍ଭାଳ ହୋଇ ପଡୁଛି। ରାସ୍ତା ଉପରେ ବି ପୋକ ସାଲୁ ବାଲୁ ହେଉଥିବା ଲୋକେ କହିଛନ୍ତି। ଏମିତିକି ନିକଟରେ ରହିଥିବା ଲୋକଙ୍କ ଘର ଝରକା ଖୋଲିଲେ ଦୁର୍ଗନ୍ଧ ସାଙ୍ଗକୁ ମାଛି ଘର ଭିତରକୁ ପଶି ଯାଉଥିବା ଅଭିଯୋଗ ହୋଇଛି। ସେହିପରି ସ୍କୁଲ ଛାତ୍ରଛାତ୍ରୀମାନେ ଚାଲି ଚାଲି ଏହି ରାସ୍ତା ଦେଇ ଯିବା ବେଳେ ନାକେରେ ହାତ ନଦେଇ ଯାଇପାରୁ ନଥିବା କହିଛନ୍ତି। ତେବେ ଏଭଳି ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ ରାସ୍ତା ଉପରେ ଏଭଳି ଡମ୍ପିଂୟାର୍ଡ ସଦୃଶ ରହିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିବା ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ଏନେଇ ସ୍ଥାନୀୟ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ କହିଛନ୍ତି ଯେ, ଏହା ଏକ ସ୍ଥାୟୀ ଡମ୍ପିଂୟାର୍ଡ ନୁହେଁ, ପ୍ରତିଦିନ ଅଳିଆ ଗଦା କରାଯାଉଛି ଏବଂ ଉଠାଯାଉଛି। ଏହି ୱାର୍ଡରେ ୫ଟି ସ୍ଥାନରେ ଆବର୍ଜନା ଗଦା କରାଯାଉଥିଲା। ବାରମ୍ବାର ଅଭିଯୋଗ ପରେ ମାତ୍ର ୨ଟି ସ୍ଥାନରେ ଅସ୍ଥାୟୀ ଡମ୍ପିଂୟାର୍ଡ କରାଯାଇଛି। ଏହା ନିଶ୍ଚିତ ଭାବେ ଲୋକମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି, କିନ୍ତୁ ଏହି ଅଞ୍ଚଳରେ ପ୍ରତିଦିନ ସଂଗ୍ରହ ଅଳିଆ ରଖାଯିବାକୁ କୌଣସି ଖାଲି ସ୍ଥାନ ନାହିଁ। ଏହାର ବିକଳ୍ପ ବ୍ୟବସ୍ଥା ନହେବା ଯାଏ କିଛି କରାଯାଇ ପାରିବ ନାହିଁ। ତଥାପି ଏକ ଫାଙ୍କା ସ୍ଥାନ ଦେଖି ଏହାକୁ ସ୍ଥାନାନ୍ତର କରାଯିବାକୁ ଯୋଜନା ରହିଛି। ଯଦି ସେଭଳି ସ୍ଥାନ ମିଳିବ ତେବେ ନିଶ୍ଚିତ ସେଠାରେ ଅସ୍ଥାୟୀ ଡମ୍ପିଂୟାର୍ଡ କରାଯିବ।





# ଭୁବନେଶ୍ୱର ସିଟି

# ରାଜ୍ୟ ବାହାରେ ଗଢ଼ିବ ଓଡ଼ିଶା କାରିଗରଙ୍କ ରଥ



## ୧୬ଟି ସ୍ଥାନକୁ ଗଲାଣି ସୁମିତଙ୍କ ହାତ ତିଆରି ରଥ

ଭୁବନେଶ୍ୱର, ୧୭(ସମିସ):ରଥଯାତ୍ରା ପାଇଁ ଏଥର ରାଜ୍ୟ ବାହାରେ ୧୬ଟି ରାଜ୍ୟରେ ସ୍ଥାନରେ ଗଢ଼ିବ ଭୁବନେଶ୍ୱର ପାତ୍ରପଡ଼ାର ସୁମିତ୍ କୁମାର ପ୍ରଧାନଙ୍କ ଦ୍ୱାରା ନିର୍ମିତ ରଥ। ପିଲାଦିନରୁ କାଳିଆ ପ୍ରତି ଏକ ଆଧ୍ୟାତ୍ମିକ ବିଶ୍ୱାସ ରହିଥିବାରୁ ଆଜକୁ ୧୬ ବର୍ଷ ହେବ ସୁମିତ ନିଜ ଅଞ୍ଚଳରେ ରଥଯାତ୍ରା ପାଳନ କରୁଛନ୍ତି। ପ୍ରତିବର୍ଷ ସେ ନିଜେ ରଥ ନିର୍ମାଣ କରିବା ସହ ଶ୍ରୀମନ୍ଦିର ରୀତିକାନ୍ତି ଅନୁସାରେ ଘୋଷଯାତ୍ରା ମଧ୍ୟ ପାଳନ କରିଥାନ୍ତି। ରଥ ଅନୁକୂଳ ଠାରୁ ଆରମ୍ଭ କରି ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ସହ ବଡ଼ ଠାକୁର ଅଣସର ଘରେ ଥିବା ବେଳେ ସୁମିତ ମଧ୍ୟ ତାଙ୍କ ଦିଅଁଙ୍କୁ ଏକ ଅଲଗା ଘର ରଖି ସମସ୍ତ ନୀତିକାନ୍ତି ପାଳନ କରିଥାନ୍ତି। ତେବେ ୨୦୨୪ ମସିହା ନିଳାଦ୍ରିବିଜେରେ ନିଜ ଗାଁ ଅନୁଷ୍ଠାନ ପାଇଁ ନିର୍ମାଣ କରାଯାଇଥିବା ରଥର ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ପୋଷ୍ଟ ହୋଇଥିବା ରଥକୁ ଦେଖି ପ୍ରଥମେ ଗୁଜୁରାଟରୁ ପ୍ରଥମ ଅର୍ଡର ଆସିଥିଲା। ଏହାପରେ ମହାରାଷ୍ଟ୍ର, ପୁଣେ, ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ପଶ୍ଚିମବଙ୍ଗ, ବିଶାଖପାଟଣା, ଆନ୍ଧ୍ରପ୍ରଦେଶ, ବେଙ୍ଗାଲୁରୁ ଆଦି ରାଜ୍ୟ ବାହାରୁ ଅର୍ଡର ଆସୁଥିବା ବେଳେ ଚଳିତ ବର୍ଷ ରଥଯାତ୍ରା ପାଇଁ ରାଜ୍ୟ ବାହାରର ୧୬ଟି ସ୍ଥାନରୁ ରଥ ନିର୍ମାଣ ପାଇଁ ଅର୍ଡର ଆସିଥିବା ବେଳେ ରଥ ଗୁଡ଼ିକ କୋରିୟର ମାଧ୍ୟମରେ ଠିକଣାରେ ପହଞ୍ଚାଇବା ପରେ ସୁମିତ ଓ ତାଙ୍କ ସହଯୋଗୀ ଉକ୍ତସ୍ଥାନକୁ ଯାଇ ଫିକ୍ସ କରିଥାନ୍ତି। ନିକଟରେ ବେଙ୍ଗାଲୁରୁକୁ ଏକ ୨୦ ଫୁଟ ଉଚ୍ଚର ରଥ ପାଇଁ ଅର୍ଡର ଆସିଥିବା ବେଳେ ଏହାର ଦାମ୍ ରହିଛି ୭ଲକ୍ଷ ଟଙ୍କା। ସେହିପରି ସାମାଜିକ ଗଣମାଧ୍ୟମରେ ବିଭିନ୍ନ ଆକୃତିର ରଥ ନିର୍ମାଣ ପୋଷ୍ଟ କରି ମିଲିୟନ ଭ୍ୟୁ ପାଇବାରେ ବି ସଫଳ ହୋଇଛନ୍ତି ସୁମିତ୍। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ରଥ ନିର୍ମାଣ ପାଇଁ ଧଅରା, ଅସନ୍, ଫାସୀ, ସାହାଜ ଆଦି କାଠ ବ୍ୟବହାର ହେଉଥିବା ବେଳେ ବିଗ୍ରହ ତିଆରି ପାଇଁ ନିମ୍ବ କାଠ ବ୍ୟବହାର କରୁଛନ୍ତି। ଅଯୋଧ୍ୟା ରାମମନ୍ଦିରେ ଏକ ରଥ ସ୍ଥାନିତ କରାଯିବାକୁ ତାଙ୍କ ନିକଟକୁ ଅର୍ଡର ଆସିଥିବା ଜଣାପଡ଼ିଛି।

## ପୁରୁଣା ଫଟୋ : ପୁରୁଣା ସ୍ମୃତି




ଭୁବନେଶ୍ୱର, ୧୭(ସମିସ): ସମୟ ସୁଅରେ ଅନେକ ଉତ୍‌ଥାନ ପତନ ଦେଇ ଦୁନିଆ ଗତି କରି ଚାଲିଛି, ଯାହା ଅନେକଙ୍କୁ ପରବର୍ତ୍ତୀ ସମୟରେ ଅବିସ୍ମରଣୀୟକରି ରଖିଥାଏ। ସେମିତି ଏକ ଫଟୋ ରହିଛି ଯାହା ଅନେକଙ୍କୁ ପୁରୁଣା ସମୟକୁ ଫେରେଇ ନେଇଥିବ ନିଶ୍ଚିତ। ପୁରୁଣା ଫଟୋ ଅତୀତର ଅଭୁଲା ସ୍ମୃତି ପରି ସବୁବେଳେ ସତେଜ। ଯିଏ ମନେପକାଇ ଦିଏ ଚାଲିଯାଇଥିବା ସମୟ, ମଣିଷ ଏବଂ ଫେରେଇନିଏ କିଛି ସ୍ମୃତିର ଠିକଣା ସ୍ଥାନକୁ। ସେ ସମୟର କିଛି ମୁହୂର୍ତ୍ତ, ଯାହାକି ଏବେ କଳାଧଳା ଫଟୋ ହୋଇ ବର୍ତ୍ତମାନ ପିଢି ପାଇଁ ମୁକସାକ୍ଷୀ ପାଲଟିଛି।

ଏହି ଫଟୋଟି କୋଣାର୍କ ଏକ୍ସପ୍ରେସ ଟ୍ରେନ୍‌ର, ଯାହା ଭୁବନେଶ୍ୱରରୁ ସିକନ୍ଦରାବାଦ୍ ପାଇଁ ଶୁଭାରମ୍ଭ ହୋଇଥିଲା। ଏହି ଦୃଶ୍ୟଟି ଅଗଷ୍ଟ ୧୬, ୧୯୭୮ ମସିହାର ଅଟେ। ଏହାକୁ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ମଧୁ ଦଣ୍ଡବତେଙ୍କ ଦ୍ୱାରା ଆନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା। ତାଙ୍କ ସହ ଫଟୋରେ ମୁଖ୍ୟମନ୍ତ୍ରୀ ନିଳମଣି ରାଉତରାୟ ମଧ୍ୟ ଅଛନ୍ତି। କୋଣାର୍କ ଏକ୍ସପ୍ରେସ୍ ହେଉଛି କେନ୍ଦ୍ରୀୟ ରେଳବାଇ ଦ୍ୱାରା ପରିଚାଳିତ ଦୈନିକ ସୁପରଫାଷ୍ଟ ଟ୍ରେନ୍, ଯାହା ମୁମ୍ବାଇ ଏବଂ ଓଡ଼ିଶା ମଧ୍ୟରେ ସିଧାସଳଖ ସଂଯୋଗ ପାଇଁ ଜଣାଶୁଣା।

## ବିଜେଡି ଦ୍ୱାରା ପଲ୍ଲୀକବି ନନ୍ଦକିଶୋରଙ୍କ ଶ୍ରାଦ୍ଧୋତ୍ସବ



ଭୁବନେଶ୍ୱର, ୧୭(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର ଜୟଦେବ ବିହାର ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳ ଜଗଦଲପୁର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ଏହି ଅବସରରେ ପୀର ପ୍ରସାଦ ପଲେଇ, ଚୈତନ୍ୟ ତ୍ରିପାଠୀ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସଂଯୁକ୍ତା ପାଣିଗ୍ରାହୀ, ଦିଲ୍ଲୀପ ଗଡ଼ନାୟକ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ସରକାରଙ୍କୁ ୭ ଦିନର ମହଲତ ଦେଲା ଓଡ଼ିଶା ସ୍ୱାଭିମାନ ମଞ୍ଚ

ଭୁବନେଶ୍ୱର, ୧୭(ସମିସ): ପାଠ୍ୟପୁସ୍ତକରେ ତ୍ରୁଟିର ସମାଧାନର ରାସ୍ତା ବାହାର କରିବା ପାଇଁ ସରକାର ଲିଖିତ ଭାବେ ଜଣାନ୍ତୁ। ୭ ଦିନ ମଧ୍ୟରେ କୌଣସି ଠୋସ ପଦକ୍ଷେପ ନେବେ ନାହିଁ, ତାହାଲେ ଓଡ଼ିଶା ସ୍ୱାଭିମାନ ମଞ୍ଚ ରାଜ୍ୟର ବୁଦ୍ଧିଜୀବୀ, ଶିକ୍ଷକ, ଅଭିଭାବକ ଓ ବିଭିନ୍ନ ସଂଗଠନର ସହଯୋଗରେ 'ଜନତା ସଂସ୍କରଣ' ପ୍ରକାଶ କରିବ। ଯେଉଁଥିରେ ସମସ୍ତ ବହିକୁ ସଂଶୋଧିତ କରି ଅନାବଶ୍ୟକ ବିଷୟ ବସ୍ତୁକୁ ବାଦ୍ ଦେଇ ଚାଳିତ ବର୍ଷ ସୀମିତ ବିଷୟ ବସ୍ତୁକୁ ନେଇ ପିଲାଙ୍କୁ ପାଠ ପଢ଼ିବାକୁ ସୁଯୋଗ ଦେବାରେ ସହଯୋଗ କରିବ। ଏନେଇ ଓଡ଼ିଶା ସ୍ୱାଭିମାନ ମଞ୍ଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛି। ଓଡ଼ିଶା ସ୍ୱାଭିମାନ ମଞ୍ଚର ଦାବି ସହ ଜାତୀୟ ଅଭିଭାବକ ସାମୁଖ୍ୟର ସଭାପତି ଗୋମୋହନ ପଟ୍ଟନାୟକ ଓ ରାଜ୍ୟ ବେସରକାରୀ ଶିକ୍ଷକ ସଂଗଠନର ସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ ଦାବୀକୁ ସମର୍ଥନ ଜଣାଇଛନ୍ତି। ସାମ୍ବାଦିକ ସମ୍ମିଳନୀର ଓଡ଼ିଶା ସ୍ୱାଭିମାନ ମଞ୍ଚ ଯୁବ ନେତୃତ୍ୱ ଅନିଲ ମିଶ୍ରଙ୍କୁ ରାଜ୍ୟ ପୁସ୍ତକ ସଂଶୋଧନ କମିଟିର ସଂଯୋଜକ ଭାବେ ନିଯୁକ୍ତ କରିଛି। ପୂର୍ବରୁ ଭତ୍ତା ସମସ୍ୟାକୁ ନେଇ ଓଡ଼ିଶା ସ୍ୱାଭିମାନ ମଞ୍ଚ ଜ୍ୟୋସ୍ନା ରାଣୀ ପ୍ରଧାନଙ୍କୁ ଛାୟା ଭତ୍ତା ମନ୍ତ୍ରୀ ଭାବେ ନିଯୁକ୍ତ କରିଛି।

## ବିଧାନସଭା ପରିସରରେ ଆରମ୍ଭ ହେଲା ଫିଜିଓଥେରାପି ସେଣ୍ଟର





ଭୁବନେଶ୍ୱର, ୧୭(ସମିସ): ବିଧାନସଭା ପରିସରରେ ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣବିଭାଗପକ୍ଷରୁଆରମ୍ଭହୋଇଥିବାଫିଜିଓଥେରାପି ସେଣ୍ଟରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏଠାରେ କ୍ୟାପିଟାଲ ହସ୍ପିଟାଲ ଏବଂ ଏନଆଇଆରଟିଏଆର ଡାକ୍ତର ଓ ପାରାମେଡିକାଲ କର୍ମଚାରୀମାନେ ନିୟୋଜିତ ହୋଇଥିବା ବେଳେ ଏହି ଫିଜିଓଥେରାପି କେନ୍ଦ୍ର ମାଧ୍ୟମରେ ସମସ୍ତ ବିଧାୟକ, ପୂର୍ବତନ ବିଧାୟକ ସେମାନଙ୍କ ସମ୍ପର୍କୀୟ ଏବଂ ଓଡ଼ିଶା ବିଧାନସଭା ଅଧିକାରୀ ଓ କର୍ମଚାରୀମାନେ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଓଡ଼ିଶା ବିଧାନସଭା ପକ୍ଷରୁ ପ୍ରସ୍ତୁତ ଦୁଇଟି କଫି ଟେବୁଲ ବୁକ୍ 'ପ୍ରିଜାଇଡିଙ୍ଗ ୱିଥ୍ ପରପୋସ୍-ଟୁ ଇୟର୍ସ ଲେଜିସଲେଟିଭ ଜର୍ଣ୍ଣି ଅଫ୍ ସ୍ପିକର ସୁରମା ପାଢ଼ୀ' ଏବଂ 'ଟୁ ଇୟର୍ସ ଅଫ୍ ଟ୍ରାନ୍ସଫରମେଟିଭ୍ ଲିଡରସିପ୍ ଅଣ୍ଡର ସ୍ପିକର ସୁରମା ପାଢ଼ୀ'କୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ସରକାରୀ ଦଳ ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ, ବିଧାୟମାନେ ଉପସ୍ଥିତ ଥିଲେ।

## ଜାତୀୟ ମହାବୀର ସମ୍ମାନ ପାଇଁ ଓଡ଼ିଶାରୁ ନାମାଙ୍କନପତ୍ର ଆମନ୍ତ୍ରଣ

BHAGWAN MAHAVEER FOUNDATION CHENNAI

ଭୁବନେଶ୍ୱର, ୧୭(ସମିସ): ଭଗବାନ ମହାବୀର ଫାଉଣ୍ଡେଶନ ଏହାର ପ୍ରତିଷ୍ଠିତ ଜାତୀୟ ମହାବୀର ସମ୍ମାନର ୩୦ତମ ସଂସ୍କରଣ ପାଇଁ ନାମାଙ୍କନ ଆମନ୍ତ୍ରଣ କରିଛି। ପ୍ରତ୍ୟେକ ଆୱାର୍ଡରେ ୧୦ ଲକ୍ଷ ଟଙ୍କାର ନଗଦ ପୁରସ୍କାର ସହିତ ଏକ ପ୍ରମାଣପତ୍ର ଓ ଏକ ସ୍ମାରକୀ ରହିଛି। ଏହି ଆୱାର୍ଡ ପାଇଁ ନାମାଙ୍କନ ଜୁଲାଇ ୩୧ ତାରିଖ ୨୦୨୬ ପର୍ଯ୍ୟନ୍ତ ଖୋଲା ରହିଛି। ଭଗବାନ ମହାବୀର ଫାଉଣ୍ଡେଶନ ଗତ ତିନି ଦଶନ୍ଧ ଧରି ଏବଂ ନିକଟରେ ଘୋଷଣା କରାଯାଇଥିବା ୨୯ତମ ସଂସ୍କରଣ ସମେତ ଦେଶର ୨୬ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳରୁ ମୋଟ ୧୦୧ ଜଣ ଅସାଧାରଣ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନକୁ ସମ୍ମାନିତ କରିଛି। ନାମାଙ୍କନ ଫର୍ମକୁ www.bmfawards.orgରେ ଡାଉନଲୋଡ କରାଯାଇପାରିବ। ଏହି ସମ୍ମାନ ହାସଲ କରିଥିବା ଓଡ଼ିଶାର ୪ ଜଣ ଜାତୀୟ ମହାବୀର ସମ୍ମାନପ୍ରାପ୍ତ ବ୍ୟକ୍ତି ନିସ୍ୱାର୍ଥପର ସେବା ଓ ସାମାଜିକ ଦାୟିତ୍ୱର ପ୍ରତୀକ ଭାବେ ଛିଡା ହୋଇଛନ୍ତି।

## ନାଟ୍ୟଧାରାର 'ତାପୀ ତୁଳସୀ' ମଞ୍ଚସ୍ଥ



ଭୁବନେଶ୍ୱର, ୧୭(ସମିସ): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ନାଟ୍ୟ ଧାରା କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଜଟଣୀର ହାୱାହାୱା ନାଟ୍ୟ ସଂସଦ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ନାଟକ 'ତାପୀ ତୁଳସୀ' ଭଞ୍ଜକଳା ମଣ୍ଡପଠାରେ ମଞ୍ଚସ୍ଥ ହୋଇଛି। ଯାହାର ରଚନା ଏବଂ ନିର୍ଦ୍ଦେଶନା ଗୋପାଳ ଦେ ଏବଂ ସଙ୍ଗୀତ ନିର୍ଦ୍ଦେଶନା ପ୍ରତାପ ରାଉତ ଦେଇଛନ୍ତି।

ଏହି ସନ୍ଧ୍ୟାରେ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ଡ. ରମା ରମଣ ପାଢ଼ୀ, ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପାଣିଗ୍ରାହୀ ଏବଂ ମଞ୍ଚ ନାଟକ ଅଭିନେତା ଜୀବନ ପଣ୍ଡା ଉପସ୍ଥିତ ଥିଲା। ଏହା ସହିତ ମିହିର କୁମାର ମେହେର ସଭାପତିତ୍ୱ କରିଥିବାବେଳେ ମଞ୍ଚ ପରିଚାଳନା କରିଥିଲେ ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ।

## ବନ ମହୋତ୍ସବ ସପ୍ତାହ ପକ୍ଷରୁ ବୃକ୍ଷରୋପଣ

ଭୁବନେଶ୍ୱର, ୧୭(ସମିସ): ବନ ମହୋତ୍ସବ ସପ୍ତାହ ଓ ଡାକ୍ତର ଦିବସ ପାଳନ ଅବସରରେ ସବୁଜ ଭାରତ ତରଫରୁ ଆଜି ଭୁବନେଶ୍ୱର ବାଙ୍କୁଆଳ ଗ୍ରାମରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆର୍ଯ୍ୟଭଟ୍ଟ ମହାନ୍ତି, ତୃପ୍ତିମୟ ହରିଚନ୍ଦନ, ଅଳକା ମହାନ୍ତି, ସଭାପତି ସତ୍ୟବ୍ରତ ଜେନା, ଅନ୍ନପୂର୍ଣ୍ଣା ରାଉତ, ଝରଣା ପଣ୍ଡା ଚାରା ରୋପର କରିଥିଲେ।

## ବିଦ୍ୟାଳୟ ପରିସରରେ ବୃକ୍ଷ ଚାରାରୋପଣ

ଭୁବନେଶ୍ୱର, ୧୭(ସମିସ): ବନ ମହୋତ୍ସବ ସପ୍ତାହ ଅବସରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ-୪, ଭୁବନେଶ୍ୱର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତୃପ୍ତିମୟୀ ଶ୍ରୀଚନ୍ଦନ, ଜୁନିୟର ରେଡକ୍ରସ କାଉନସେଲର ବିଶ୍ୱଜିତ ମହାନ୍ତି, ମନୋଜ କୁମାର ବେହେରାଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ, ଜୁନିୟର ରେଡକ୍ରସ୍ ସ୍ୱେଚ୍ଛାସେବୀ ଏବଂ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ବୃକ୍ଷରୋପଣ ସହ ତାହାର ସୁରକ୍ଷା ଓ ପରିଚର୍ଯ୍ୟା ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ।

## ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଚାରା ବଣ୍ଟନ




ଭୁବନେଶ୍ୱର, ୧୭(ସମିସ): ରାଜ୍ୟରେ ଆରମ୍ଭ ହୋଇଛି ୭୭ ତମ ବନମହୋତ୍ସବ। ଏହି ମହୋତ୍ସବ ପାଳନର ପ୍ରଥମ ଦିନରେ ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଚାରା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ବନ ବିଭାଗର ନର୍ସରୀରେ ପ୍ରସ୍ତୁତ ବିଭିନ୍ନ ପ୍ରଜାତିର ଚାରାଗଛ ସ୍ଥାନୀୟ ଜନସାଧାରଣ, ଇକୋ-ଡେଭେଲପମେଣ୍ଟ କମିଟି (ଇଡିସି) ସଦସ୍ୟ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ପରିବେଶପ୍ରେମୀମାନଙ୍କୁ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡର ବନ୍ୟପ୍ରାଣୀ ଅଧିକାରୀ କହିଥିଲେ ଯେ, ବନମହୋତ୍ସବ କେବଳ ବୃକ୍ଷରୋପଣରେ ସୀମିତ ନୁହେଁ, ବରଂ ପରିବେଶ ସୁରକ୍ଷା ଏବଂ ବନ ସମ୍ପଦର ସଂରକ୍ଷଣ ପ୍ରତି ସମାଜରେ ସଚେତନତା ସୃଷ୍ଟି କରିବା ଏହାର ମୂଳ ଉଦ୍ଦେଶ୍ୟ।

# ବିଭିନ୍ନ ସ୍ଥାନରେ ଜାତୀୟ ଡାକ୍ତର ଦିବସ

### ସମ୍ ପକ୍ଷରୁ ୩୫ ଡାକ୍ତରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୭(ସମିସ): ଜାତୀୟ ଡାକ୍ତର ଦିବସ ଅବସରରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ କ୍ୟାମ୍ପସ ୧ ପକ୍ଷରୁ



ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋଆର ଉପସଭାପତି ଶାଶ୍ୱତି ଦାସ ଯୋଗଦେଇ ଡାକ୍ତରମାନେ ରୋଗୀମାନଙ୍କୁ ନିଜର ଆତ୍ମୀୟ ଭଳି ବିବେଚନା କରି ଚିକିତ୍ସା କରନ୍ତୁ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର ଡ.ଅଶୋକ କୁମାର ମହାପାତ୍ର, ସମ ହସ୍ପିଟାଲ୍ କ୍ୟାମ୍ପସ-୧ର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ଆଡିସନାଲ୍ ଡିନ୍ ପ୍ରଫେସର ଡ. ଅଜୟ କୁମାର ଜେନା, ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, କ୍ୟାମ୍ପସ-୨ର ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ରାଜେଶ କୁମାର ଲେଙ୍କା ପ୍ରମୁଖ ଡାକ୍ତରମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ୩୫ ଜଣ ଡାକ୍ତର ଓ ବିଭାଗୀୟ ମୁଖ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଡାକ୍ତରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ଆଇଆରସି ଭିଲେଜ ସରକାରୀ ଡାକ୍ତରଖାନା




ତୁଷାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଇଆରସି ଭିଲେଜସ୍ଥିତ ସରକାରୀ ଡାକ୍ତରଖାନାରେ ଆର୍ନ୍ତଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଉପଦେଷ୍ଟା ଶିବିର ପରିଡ଼ା, ସୁନାରାମ ସିଂ ଓ ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ବାରିକ କାର୍ଯ୍ୟ ପରିଚାଳନା କରିବା ସହିତ ବିବରଣୀ କରିଥିଲେ। ଆଜିର ଯୁଗରେ ଚଳନ୍ତି ଭଗବାନ ହେଲେ ଡାକ୍ତର, ସମାଜରେ ତାଙ୍କର ଆବଶ୍ୟକ ଅଟେ ଏବଂ ଆଜିର ଦିନରେ ସହରାଞ୍ଚଳରେ ନିଜସ୍ୱ ଡାକ୍ତରଖାନା ଖୋଲିବାର ଲାଗିଛି। ତାହା ଫଳରେ ସରକାରୀ ଡାକ୍ତରଖାନାରେ ଡାକ୍ତର ସଂଖ୍ୟା କମ୍। କିପରି ସେଗୁଡ଼ାକ ଡାକ୍ତରଖାନାରେ ରୋଗୀ କିପରି ସେବା ପାଇପାରିବେ ଏ ବିଷୟରେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ୧୦ରୁ ଉର୍ଦ୍ଧ୍ୱ ଡାକ୍ତରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଶିବିର କୁମାର ପରିଡ଼ା, ସୁରେଖା ମହାପାତ୍ର, ମମତା ସାହୁ, ଅନିଲ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ହାଇଟେକ୍ ମେଡିକାଲ କଲେଜ




ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଛି। ଚଳିତ ବର୍ଷର ଥିମ୍ ଥିଲା 'ବିହାଇଣ୍ଡ ଦି ମାସ୍କ, ହୁ ହିଲ ଦି ହିଲର୍ସ'। ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀଙ୍କ ନେତୃତ୍ୱରେ ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ରୋଗୀଙ୍କ ଉତ୍ତମ ସେବା ସହ ଡାକ୍ତରଙ୍କ ସ୍ୱାସ୍ଥ୍ୟ ଓ କ୍ୟାରିୟର ଉପରେ ସର୍ବାଧିକ ଗୁରୁତ୍ୱ ଦେଇଆସିଛି। କାର୍ଯ୍ୟକ୍ରମରେ ମେଡିକାଲ୍ କଲେଜ୍ ଅଧ୍ୟକ୍ଷ ପ୍ରଫେସର ଡା. ଦେବାନନ୍ଦ ମହାପାତ୍ର, ମେଡିକାଲ୍ ଅଧିକ୍ଷକ ଓ ପ୍ରାଶାସନିକ ନିର୍ଦ୍ଦେଶକ ପ୍ରଫେସର ଡା. ସୀତାରାମ ମହାପାତ୍ର ଯୋଗଦେଇ ଡାକ୍ତରୀ ପେଶା ଓ ନିଜ ସ୍ୱାସ୍ଥ୍ୟ ପ୍ରତି ସଜାଗ ରହିବାକୁ ଉପସ୍ଥିତ ଡାକ୍ତରଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ସମାଜରେ ଡାକ୍ତରୀ ପେଶାକୁ ଅତ୍ୟନ୍ତ ସମ୍ମାନର ସହ ଗ୍ରହଣ କରାଯାଉଥିବା ବେଳେ, ରୋଗୀସେବାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପିତ କରିଥିବା ଡାକ୍ତର ନିଜ ସ୍ୱାସ୍ଥ୍ୟ ଓ ପରିବାର ପ୍ରତି ବେଳେବେଳେ ଅବହେଳା କରିଦେଇଥାନ୍ତି ଓ କିନ୍ତୁ, ପ୍ରଥମେ ନିଜ ସ୍ୱାସ୍ଥ୍ୟ ପ୍ରତି ଯଥେଷ୍ଟ ସଜାଗ ରହିଲେ ହିଁ ସମାଜର ଉତ୍ତମ ସେବା କରିପାରିବେ ବୋଲି ପ୍ରଫେସର ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ହାଇଟେକ୍ ମେଡିକାଲ୍‌ର ସମସ୍ତ ବିଭାଗୀୟ ମୁଖ୍ୟ, ପ୍ରଫେସର ଓ ଡାକ୍ତରମାନେ ଯୋଗଦେଇଥିଲେ।


### ଏଫ୍‌ଏଫ୍‌ସି ପକ୍ଷରୁ ୯ ଡାକ୍ତରଙ୍କୁ ସମ୍ବର୍ଦ୍ଧନା

ଫନ୍ ଆଣ୍ଡ ଫିଟନେସ୍ ୱାକର୍ସ କ୍ଲବ୍ ଏନ୍-୩ ଯୁଧିଷ୍ଠିର ଦାସ ପାର୍କରେ ବୁଧବାର ସଭାପତି ସୁଧାକର ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ 'ଜାତୀୟ ଡାକ୍ତର ଦିବସ' ପାଳିତ



ହୋଇଯାଇଛି। ଉକ୍ତ ଉତ୍ସବରେ ସମ୍ ହସ୍ପିଟାଲ ଭୁବନେଶ୍ୱରର ଭେଷଜ ବିଭାଗର ପ୍ରଫେସର ଡା. ସୁରେନ୍ଦ୍ର ନାଥ ସ୍ୱାଇଁ, ପଲ୍ମୋଲଜି ବିଭାଗର ଡା. ପ୍ରୀତମ୍ ଛୋଟରାୟ, ଡେଣ୍ଟାଲ ସାଇନ୍ସର ପ୍ରଫେସର ଡା. ସନତ୍ କୁମାର ଭୂୟାଁ, ଇଆଇଏସ ହସ୍ପିଟାଲର ପୂର୍ବତନ ନିର୍ଦ୍ଦେଶକ ଡା. ଦିବାକର ସେଠୀ, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ନିର୍ଦ୍ଦେଶକ ତଥା ଶିଶୁ ରୋଗ ବିଶେଷଜ୍ଞ ଡା. ଶଶିକାନ୍ତ ମିଶ୍ର, ନିଉରୋଲଜିଷ୍ଟ, ସୋଆ ୟୁନିଭରସିଟି ଡା. ସୂର୍ଯ୍ୟ ପ୍ରକାଶ ଚୌଧୁରୀ, କଳିଙ୍ଗ ହସ୍ପିଟାଲ ଗାଇନୋକୋଲଜିଷ୍ଟ, ଡା. ବୀଣାପାଣି ପଣ୍ଡା, କ୍ୟାପିଟାଲ ହସ୍ପିଟାଲ ଡା. ଶାଶ୍ୱତୀ ମିଶ୍ର, ପଦ୍ମିନୀ ହସ୍ପିଟାଲ୍, ଜରୁରୀକାଳୀନ ସେବା, ଡା. ଶିବାନନ୍ଦ ମିଶ୍ରଙ୍କୁ ତାଙ୍କର ନିରନ୍ତର ନିଃସ୍ୱାର୍ଥପର ସେବା ମନୋବୃତ୍ତି ଓ 'ମାନବ ସେବା ହିଁ ମାଧବ ସେବା' କୁ ଜୀବନର ଆଦର୍ଶ କରି ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରି ଚାଲିଥିବାରୁ ଏଫ୍‌ଏଫ୍‌ସି ତରଫରୁ ଏହି ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଅଛି। ସମ୍ପାଦକ ସୌଭାଗ୍ୟ ନାୟକ, କୋଷାଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡା, ପ୍ରାକ୍ତନ ସଭାପତି ଆଶିଷ ପଟ୍ଟନାୟକ ଉପସ୍ଥିତ ରହିଥିଲେ।

### ଡାକ୍ତର ଦିବସରେ ରକ୍ତଦାନ ଶିବିର




ରୋଟାରୀ କ୍ଲବ୍ ଭୁବନେଶ୍ୱର କନ୍ ଫ୍ଲୁଏନ୍ସ ଆନୁକୂଲ୍ୟରେ ରାଜଧାନୀ ମୁଖ୍ୟ ଚିକିତ୍ସାଳୟ ପରିସର ବ୍ଲଡ଼ ବ୍ୟାଙ୍କ ଠାରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବା ସହିତ ଡାକ୍ତର ଦିବସ ପାଳିତ ହୋଇଯାଇଛି। କ୍ଲବ୍‌ର ସଭାପତି ରୋଟାରୀ ଆନ୍ ଅଶୋକ କୁମାର ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରୁ ୩୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇ ଥିଲା। ଡାକ୍ତର ଦିବସ ପାଳନ ଅବସରରେ କ୍ଲବ୍ ତରଫରୁ ବରିଷ୍ଠ ଭେଷଜ ବିଶେଷଜ୍ଞ ଡାକ୍ତର ଲଳିତ କୁମାର ବେହେରା, ଡାକ୍ତର ନଳିନୀକାନ୍ତ ମହାପାତ୍ର ଓ ଡାକ୍ତର ସୌଭିକ୍ ସିଂଘା କୁଁ ପୁଷ୍ପ ଗୁଚ୍ଛ ସହିତ ଉତ୍ତରୀୟ ପ୍ରଦାନ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲା (୩୨୬୨)ର ପ୍ରାନ୍ତପାଳ ରୋଟରିଆନ୍ ଅନିଲ କୁମାର ସାମଲ ଯୋଗଦେଇ ଥିବା ସ୍ଥଳେ ପୂର୍ବତନ ପ୍ରାନ୍ତ ପାଳ ସୌମ୍ୟ ରଞ୍ଜନ ମିଶ୍ର, ବରିଷ୍ଠ ରୋଟାରୀ ଆନ୍ ଭକ୍ତ ରଞ୍ଜନ ମହାନ୍ତି, କ୍ଷୀରୋଦ କୁମାର ମିଶ୍ର, ନିଳାଚଳ ପ୍ରଧାନ, ସମ୍ପାଦକ ଅଭିଳାଷ ପତି, ନାରାୟଣ ବେହେରା, ଉପେନ୍ଦ୍ର ପାତ୍ର, ଆଲୋକ ସାମଲ, ସତ୍ୟାନନ୍ଦ ସାହୁ ଓ ରବୀନ୍ଦ୍ର ନାଥ ସାହୁ ଙ୍କ ବ୍ୟତୀତ ଇନ୍‌ର ହୁଇଲୀ ସଦସ୍ୟାମାନେ ଉପସ୍ଥିତ ହୋଇଥିଲା।

# ଅଖଣ୍ଡ ମୟୂରଭଞ୍ଜ ସୁରକ୍ଷା ପାଇଁ ଆଇନଜୀବୀଙ୍କ ହୁଙ୍କାର




କରଞ୍ଜିଆ,୨/୭(ସମିସ): ରାଜ୍ୟରେ କିଛି ଜିଲ୍ଲାର ପ୍ରଶାସନିକ ପୁନର୍ଗଠନ ଓ ବିଭାଜନକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଓଡ଼ିଶାର ସର୍ବବୃହତ୍ ଜିଲ୍ଲା ମୟୂରଭଞ୍ଜକୁ ଅଖଣ୍ଡ ରଖିବା ଦାବି କ୍ରମଶଃ ଅଧିକ ଶକ୍ତିଶାଳୀ ହେବାରେ ଲାଗିଛି। ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ, ଛାତ୍ର ସଂଗଠନ ଓ ସଚେତନ ନାଗରିକଙ୍କ ପରେ ବର୍ତ୍ତମାନ ଆଇନଜୀବୀ ମହଲ ମଧ୍ୟ ଅଖଣ୍ଡ ମୟୂରଭଞ୍ଜ ସପକ୍ଷରେ ଏକଜୁଟ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଅପରାହ୍ଣ ୩ଟାରେ ବାର୍ ଆସୋସିଏସନ୍ ସଭାଗୃହରେ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏକ ବୃହତ୍ ବୈଠକ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜର ଅଖଣ୍ଡତା ସୁରକ୍ଷା, ଜିଲ୍ଲା ବିଭାଜନକୁ ନେଇ ଉଠୁଥିବା ଚର୍ଚ୍ଚା ଏବଂ ଆଗାମୀ କାର୍ଯ୍ୟପନ୍ଥା ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ବରିଷ୍ଠ ଆଇନଜୀବୀ ବିଶ୍ୱଜିତ ଚୌଧୁରୀ, ବାଞ୍ଛାନିଧି ପୃଷ୍ଟି, ଦିବ୍ୟ ପ୍ରସାଦ ସାହୁ, କୁମାର ଦେବାଶିଷ ବେହେରାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ନିଜ ମତାମତ ଉପସ୍ଥାପନ କରିଥିଲେ। ବକ୍ତାମାନେ କହିଥିଲେ ଯେ ମୟୂରଭଞ୍ଜ କେବଳ ଏକ ପ୍ରଶାସନିକ ଜିଲ୍ଲା ନୁହେଁ, ଏହା ଓଡ଼ିଶାର ଐତିହ୍ୟ, ଆଦିବାସୀ ସଂସ୍କୃତି, ପରମ୍ପରା, ଭୌଗୋଳିକ ବୈଶିଷ୍ଟ୍ୟ ଓ ସାମାଜିକ ଏକତାର ଏକ ଅନନ୍ୟ ପ୍ରତୀକ। ତେଣୁ ଏହାର ଅଖଣ୍ଡତାକୁ କ୍ଷୁଣ୍ଣ କରିବା ଭଳି ଯେକୌଣସି ପଦକ୍ଷେପକୁ ସମଗ୍ର ଜିଲ୍ଲାବାସୀ ଦୃଢ଼ତାର ସହ ବିରୋଧ କରିବେ। ବୈଠକରେ କିଛି ବକ୍ତା ମତ ରଖିଥିଲେ ଯେ, ମୟୂରଭଞ୍ଜକୁ ବିଭାଜନ କରିବାର କୌଣସି ପ୍ରୟାସକୁ ସଫଳ ହେବାକୁ ଦିଆଯିବ ନାହିଁ। ପାଞ୍ଚପିଢ଼ ଅଞ୍ଚଳକୁ ରାଇରଙ୍ଗପୁର ସହ ଯୋଡ଼ାଯିବା ନେଇ ଚାଲିଥିବା ଚର୍ଚ୍ଚା ପ୍ରତି ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ପଦକ୍ଷେପ ସ୍ଥାନୀୟ ଜନସାଧାରଣଙ୍କ ଭାବାବେଗ ଓ ଜିଲ୍ଲାର ଐତିହାସିକ ପରିଚୟ ଉପରେ ପ୍ରଭାବ ପକାଇବ ବୋଲି ବକ୍ତାମାନେ ମତ ରଖିଥିଲେ। ଆଇନଜୀବୀମାନେ ମତ ଦେଇଥିଲେ ଯେ, ଜନମତକୁ ଅବହେଳା କରି କୌଣସି ପ୍ରଶାସନିକ ନିଷ୍ପତ୍ତି ଗ୍ରହଣ କରାଗଲେ ତାହା ଗଣତନ୍ତ୍ରର ମୂଳ ଆଦର୍ଶ ବିରୋଧୀ ହେବ। ତେଣୁ ଅଖଣ୍ଡ ମୟୂରଭଞ୍ଜର ସ୍ୱାର୍ଥ ରକ୍ଷା ପାଇଁ ସମସ୍ତ ଶ୍ରେଣୀର ଲୋକଙ୍କୁ ଏକାଠି ହେବାକୁ ସେମାନେ ଆହ୍ୱାନ ଜଣାଇଥିଲେ। ବୈଠକ ଶେଷରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା ଯେ, ଅଖଣ୍ଡ ମୟୂରଭଞ୍ଜ ଦାବିରେ ଚାଲିଥିବା ଆନ୍ଦୋଳନକୁ ଆଗାମୀ ଦିନରେ ଆହୁରି ବ୍ୟାପକ, ସଂଗଠିତ ଓ ଦୃଢ଼ କରାଯିବ। ଆବଶ୍ୟକ ପଡ଼ିଲେ

- ବାର୍ ଆସୋସିଏସନର ବୃହତ୍ ବୈଠକରେ ଜିଲ୍ଲା ବିଭାଜନକୁ ତୀବ୍ର ବିରୋଧ
- ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ସଂକଳ୍ପ

ଗଣଆନ୍ଦୋଳନ, ସଚେତନତା ଅଭିଯାନ ଏବଂ ଆଇନଗତ ଲଢ଼େଇ ମାଧ୍ୟମରେ ଅଖଣ୍ଡ ମୟୂରଭଞ୍ଜର ସ୍ୱାର୍ଥ ରକ୍ଷା କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଅଖଣ୍ଡ ମୟୂରଭଞ୍ଜ କେବଳ ଏକ ପ୍ରଶାସନିକ ଦାବି ନୁହେଁ, ବରଂ ଜିଲ୍ଲାର ଅସ୍ମିତା, ଐତିହ୍ୟ, ସଂସ୍କୃତି ଓ ସ୍ୱାଭିମାନର ପ୍ରତୀକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

## ବିଶୋଇରେ ସିଧୁ-କାହ୍ନୁ ସାନ୍ତାଳ ବିଦ୍ରୋହ ଦିବସ



ବିଶୋଇ,୨/୭ (ସମିସ): ବିଶୋଇସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ପାଠାଗାରଠାରେ ୧୭୨ତମ ସିଧୁ-କାହ୍ନୁ ସାନ୍ତାଳ ବିଦ୍ରୋହ ଦିବସ ପାଳିତ ହୋଇଯାଇଛି। ପାର୍ଗାନା ବାବା ଦୁର୍ଗା ମୁର୍ମୁଙ୍କ ଅଧ୍ୟକ୍ଷତାରେ ସିଧୁ-କାହ୍ନୁ ସାନ୍ତାଳ ବିଦ୍ରୋହ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା, ମୁଖ୍ୟବକ୍ତା ଭାବେ ସମାଜସେବୀ ସୁରାଇ ହାଁସଦା, ସମ୍ମାନିତ ଅତିଥି ଭାବେ ଦୁଃଖିଶ୍ୟାମ ମୁର୍ମୁ, ସାୱତା ମାଝୀବାବା ସାଉନା ହେମ୍ବ୍ରମ, ପ୍ରଶାନ୍ତ ବେଶ୍ରା, ମାଝିବାବା ଚୁନକା ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ବୀର ସିଧୁ-କାହ୍ନୁଙ୍କ ସଂଗ୍ରାମୀ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମୀ ବୀର ସିଧୁ ମୁର୍ମୁ, କାହ୍ନୁ ମୁର୍ମୁ, ଚାନ୍ଦ ମୁର୍ମୁ, ଭାୟର ମୁର୍ମୁ, ଫୁଲ ମୁର୍ମୁ ଓ ଝାନ ମୁର୍ମୁଙ୍କ ଅବଦାନ ତଥା ସାହୁକାର-ମହାଜନ, ଇଂରେଜଙ୍କ ଅତ୍ୟାଚାର, ନିରୀହ ଆଦିବାସୀ ମୂଳବାସୀଙ୍କ ଉପରେ ଦମନଲୀଳା ଚଳାଇବାରୁ ୧୮୫୫ ଜୁନ୍ ୩୦ରେ ସିଧୁ-କାହ୍ନୁଙ୍କ ନେତୃତ୍ୱରେ ବ୍ରିଟିଶ ହଟାଓ ଅଭିଯାନ ସାନ୍ତାଳ ବିଦ୍ରୋହ ବିହାର ରାଜ୍ୟ ଭଗନାଡ଼ିହିଠାରୁ ଆରମ୍ଭ କରିଥିଲେ। ସେହି ଆନ୍ଦୋଳନରେ ହଜାର ହଜାର ସାନ୍ତାଳ ସମ୍ପ୍ରଦାୟର ବୀର ସଂଗ୍ରାମୀ ସହିଦ ହୋଇଥିଲେ। ସାନ୍ତାଳ ସଂଗ୍ରାମୀ ବିଦ୍ରୋହରୁ ଓହରି ନ ଯିବାରୁ ଫଳସ୍ୱରୂପ ୧୮୫୫ ଡିସେମ୍ବର ୨୨ରେ ବ୍ରିଟିଶ ସରକାର "ସାନ୍ତାଳ ପାର୍ଗାନା ଦିଶମ" ସାନ୍ତାଳ ଆଦିବାସୀଙ୍କ ନିମନ୍ତେ ଉତ୍ସର୍ଗ କରିଥିଲେ। ସେହିଦିନଠାରୁ ସାନ୍ତାଳ ପାର୍ଗାନାର ଆଦିବାସୀ ସାନ୍ତାଳଙ୍କ ପାଇଁ ସାନ୍ତାଳୀ ପାର୍ଗାନା ଟେଣ୍ଡସି ଆକ୍ଟ-୧୮୫୫ ଅନୁଯାୟୀ ଶାସନ ହୋଇଆସୁଛି ବୋଲି ଅତିଥିମାନେ କହିଥିଲେ। ଏହି ଉତ୍ସବରେ ୩୪ନଂ ଜୋନର ସମସ୍ତ ଗ୍ରାମର ମୁଖ୍ୟ ମାଝୀ ବାବା, ନାୟକେ ବାବା, ସାୱତା ମାଝୀବାବା, ପିଳ ପାର୍ଗାନା ବାବା ଓ ମଣେକଙ୍କ ଦ୍ୱାରା ସାନ୍ତାଳ ଆଦିବାସୀଙ୍କ ମୌଳିକ ଦାବି ସମାଧାନ ନିମନ୍ତେ ୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଶୋଇ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ବିଶୋଇ ବ୍ଲକର ସମସ୍ତ ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ମାତୃଭାଷା ସାନ୍ତାଳୀ ଅଲଚିକି ଲିପି ମାଧ୍ୟମରେ ଶିକ୍ଷା ପ୍ରଚଳନ ସହିତ ଚଳିତ ଶିକ୍ଷାବର୍ଷଠାରୁ ପ୍ରସ୍ତୁତି ଓ ପାଠ୍ୟ ଖସଡ଼ାରେ ପ୍ରଚଳନ, ଆଦିବାସୀଙ୍କ ପାରମ୍ପରିକ ପୂଜାସ୍ଥଳୀ ଜାହେରଗାଳ, ଗୋଷାଣେଥାନ, ମାଗ ବଙ୍ଗ -ଗୋଟ ବଙ୍ଗା ସ୍ଥାନ, ଶ୍ମଶାନ ଓ ମୁକାମ ପ୍ରଭୃତି ସ୍ଥାନକୁ ଚିହ୍ନଟ କରି ମାନ୍ୟତା ପ୍ରଦାନ, ଆଦିବାସୀ ପରମ୍ପରାକୁ ଉଜ୍ଜୀବିତ କରିଆସୁଥିବା ପାରମ୍ପରିକ ଗ୍ରାମ ମୁଖ୍ୟଙ୍କୁ ମାସିକ ସ୍ୱତନ୍ତ୍ର ପାରିଶ୍ରମିକ, ଭତ୍ତା ଲାଗୁ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି।

## ଭାରତୀୟ ଡାକ ବିଭାଗ ତରଫରୁ ମାସ୍କଟ୍ ଡିଜାଇନ ପ୍ରତିଯୋଗିତା

ବାରିପଦା,୨/୭(ସମିସ): ୧୭୦ବର୍ଷଧରିଭାରତୀୟଡାକବିଭାଗଦେଶରଯୋଗାଯୋଗକ୍ଷେତ୍ର ସହିତ ଗ୍ରାମୀଣ ଜୀବନର ଆର୍ଥିକ ମେରୁଦଣ୍ଡ ଭାବେ କାର୍ଯ୍ୟ କରିଆସୁଛି। ଏହି ଡାକ ବିଭାଗକୁ ଏକ ସଶକ୍ତ ଓ ଆଧୁନିକ ପରିଚୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତୀୟ ଡାକ ବିଭାଗ ପକ୍ଷରୁ ଏକ ମାସ୍କଟ୍ ଡିଜାଇନ ପ୍ରତିଯୋଗିତା ଆୟୋଜନ କରାଯାଇଛି। ପ୍ରତିଯୋଗିତାଟି ଆସନ୍ତା ୧୫ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଚାଲିବ। ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ସହଭାଗିତାକୁ ପ୍ରୋତ୍ସାହିତ କରି ଡାକ ବିଭାଗର ଲକ୍ଷ୍ୟ ଓ ଭାବନାକୁ ସୃଜନଶୀଳ ଭାବେ ଉପସ୍ଥାପନ କରିବା ପାଇଁ ଏହି ମାସ୍କଟ ଡିଜାଇନ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତା ମାଇଁଗୋଭଡବ୍ଲୁଡବ୍ଲୁଡବ୍ଲୁ.ମାଇଁଗୋଭ.ଇନ୍ ମାଧ୍ୟମରେ ଅନୁଷ୍ଠିତ ହେବ ଏବଂ ଦେଶର ସମସ୍ତ ଇଚ୍ଛୁକ ନାଗରିକ ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରତ୍ୟେକ ଡିଜାଇନ ୧୦ ଏମ୍‌ବି ମଧ୍ୟରେ ଜେପିଜି, ପିଏନ୍‌ଜି କିମ୍ବା ପିଡିଏଫ ଫର୍ମାଟରେ ହେବା ଆବଶ୍ୟକ। ଏହାକୁ ମାଇଁଗୋଭ ପୋର୍ଟାଲ ମାଧ୍ୟମରେ ଦାଖଲ କରାଯାଇପାରିବ। ଆବଶ୍ୟକ ହେଲେ ପ୍ରତିଯୋଗୀଙ୍କୁ ଡିଜାଇନର ମୂଳ ସିଡିଆର୍ କିମ୍ବା ଅନ୍ୟାନ୍ୟ ଏଡିଟେବଲ ଭେକ୍ଟର ସୋର୍ସ(ଇଭିଏସ) ଫାଇଲ ମଧ୍ୟ ଦାଖଲ କରିବାକୁ ପଡ଼ିପାରେ। ମନୋନୀତ ମାସ୍କଟ୍ ଡିଜାଇନକୁ ଭାରତୀୟ ଡାକ ବିଭାଗର ବ୍ରାଣ୍ଡ ଆମ୍ବାସାଡର ଭାବେ ବିବେଚନା କରାଯିବ। ଏଥିସହ କୃତୀ ପ୍ରତିଯୋଗୀମାନଙ୍କୁ ୧୦ ହଜାର ଟଙ୍କାରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ। ବିଶେଷକରି ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଚିତ୍ରକଳା ତଥା କଳା ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଏହି ପ୍ରତିଯୋଗିତାରେ ସକ୍ରିୟ ଓ ଉତ୍ସାହର ସହିତ ଅଂଶଗ୍ରହଣ କରିବା ପାଇଁ ଡାକ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଛି। ଏହି ପ୍ରତିଯୋଗିତା ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ଆବେଦନ ପ୍ରକ୍ରିୟା ମାଇଁଗୋଭ ପୋର୍ଟାଲରେ ଉପଲବ୍ଧ ଅଛି ବୋଲି ମୟୂରଭଞ୍ଜ ଡାକ ମଣ୍ଡଳର ଅଧୀକ୍ଷକ ସୂଚନା ପ୍ରଦାନ କରିଛନ୍ତି।

## ରରୁଆଁ ପୁଲିସର ନିଶାମୁକ୍ତ ଓଡ଼ିଶା ଅଭିଯାନ

ଶୁକ୍ରୁଲି,୨/୭(ସମିସ): ବୁଧବାର ରରୁଆଁ ଥାନା ପରିସରରେ ଥାନା ଅଧିକାରୀ ଅନାଦି ଚରଣ ପଟ୍ଟାୟତଙ୍କ ସଭାପତିତ୍ୱରେ ରରୁଆଁ ଶୁକ୍ରୁଲି ବ୍ଲକ୍‌ର ବରିଷ୍ଠ ନାଗରିକ ଥାନାର ସମସ୍ତ କର୍ମଚାରୀ ବୃନ୍ଦ ତଥା ଉପସ୍ଥିତ ଜନସାଧାରଣଙ୍କୁ ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।



ସର୍ବପ୍ରଥମେ ଓଡ଼ିଶାକୁ କିପରି ନିଶାମୁକ୍ତ ରଖାଯିବ ସେଥିପାଇଁ ଏକ ସାମୂହିକ ଶପଥ ନିଆଯାଇଥିଲା। ନିଶା କିପରି ସମାଜକୁ ନଷ୍ଟ କରୁଛି ଓ ଯୁବ ସମାଜ ନଷ୍ଟ ହେଉଛନ୍ତି ଏବଂ ଏହାର କୁପରିଣାମ ଆମକୁ ଭୋଗିବାକୁ ପଡୁଛି ସେ ବିଷୟରେ ଆଲୋଚନା ହୋଇଥିଲା। ଏହା କିପରି ବନ୍ଦ ହେବ ଜବତ ନିଶା ଦ୍ରବ୍ୟ କିପରି ନଷ୍ଟ କରାଯିବ ତାହା ଆଲୋଚନା ହୋଇଥିଲା। ସର୍ବଶେଷରେ ଶୁକ୍ରୁଲି ବରିଷ୍ଠ ନାଗରିକ ସଂଘର ଉପସଭାପତି ପ୍ରସନ୍ନ କୁମାର ପଣ୍ଡା ପୁଲିସର ଏଭଳି ମହନୀୟ କାର୍ଯ୍ୟକୁ ପ୍ରଶଂସା କରିଥିଲେ।

## ମହୁଲିଆଶୂଳିରେ ବନ ମହୋତ୍ସବ ପାଳିତ



ଶୁକ୍ରୁଲି,୨/୭(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବନାଞ୍ଚଳ ମହୁଲିଆଶୂଳିଠାରେ ବନାଞ୍ଚଳ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବରେ ଗାଲୁସାହି ଗ୍ରାମପଞ୍ଚାୟତର ସରପଞ୍ଚ ଉଷାରାଣୀ ନାଏକ, ମୁଖ୍ୟ ଅତିଥି ଭାବରେ ପ୍ରଶାନ୍ତ କୁମାର ସ୍ୱାଇଁ ବନାଞ୍ଚଳ ଅଧିକାରୀ କରଞ୍ଜିଆ, ସିଙ୍ଗଡ଼ା ସେକ୍ସନର ନୂଆ କରି ଯୋଗ ଦେଇଥିବା ବନପାଳ ଚନ୍ଦ୍ର ମୋହନ ମହାନ୍ତ, ପୂର୍ବତନ ବନପାଳ ଦୀପ୍ତିମୟୀ ସେଠୀ, ସାମ୍ବାଦିକ ସନ୍ତୋଷ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଆଜିର ଦିନରେ ଗଛ ଏବଂ ଜଙ୍ଗଲର ମୂଲ୍ୟବୋଧ, ଗଛ ନ ହେଲେ ଆମର କ'ଣ ଅସୁବିଧା ହେବ ଗ୍ରାମବାସୀଙ୍କୁ ଅବଗତ କରିଥିବା ଦେଖିବାକୁ ମିଳିଥିଲା। ସଭା ପରେ ଗ୍ରାମର ଦେହୁରୀ ପୂଜା କରି ଗଛ ଲଗାଇବା ଆରମ୍ଭ କରିଥିଲେ। ମହୁଲିଆଶୂଳିଠାରେ ୧୫ ହଜାର ଗଛ ଲଗାଇବାର ଧାର୍ଯ୍ୟ କରିଛି ବନ ବିଭାଗ।

## ବାଛି ବାଛି ଚୋରା ମଦ ବେପାରୀଙ୍କ ଘରେ ଚଢ଼ଉ

ମୋରଡ଼ା,୨/୭(ସମିସ): ଗତ ରବିବାର ଚୋରା ଦେଶୀ ଓ ବିଦେଶୀ ମଦ କାରବାରରେ ଜଡ଼ିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ମୋରଡ଼ା ପୁଲିସ। ତେବେ ସେମାନଙ୍କ ନିକଟରୁ ଦେଶୀ ଓ ବିଦେଶୀ ମଦ ଏବଂ ଗୋଟାଏ ଫ୍ରିଜ୍‌କୁ ଜବତ କରିଛି। କିନ୍ତୁ ପୁଲିସ ପକ୍ଷରୁ ହେଉଥିବା ଅବକାରୀ ଚଢ଼ଉକୁ ନେଇ କିଛି ଚୋରା ମଦ ବ୍ୟବସାୟୀଙ୍କୁ ଅହେତୁକ ଅନୁକମ୍ପା ଏବଂ ଅନ୍ୟ କିଛି ବ୍ୟବସାୟୀ ଯିଏ ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନରୁ ମଦ ଆଣି ପରିବାର ପ୍ରତିପୋଷଣ କରୁଛି ସେମାନଙ୍କୁ ଗିରଫ କରାଯାଉଥିବାର ଅଭିଯୋଗ ହେଉଛି। ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରିକୁ ନେଇ ମୋରଡ଼ା ଥାନାର ବିବାଦୀୟ ଥାନା ଅଧିକାରୀ ସୁମିତ ସରେନ ରବିବାର ଘୋଳମୁହାଁ ପଞ୍ଚାୟତର ଗଣ୍ଡଗୁହାଳୀ ଗ୍ରାମରେ ଚଢ଼ଉ କରି ସୁରେନ୍ଦ୍ର ଚପେୟାର(୪୧)ଙ୍କଠାରୁ ୨୩ଲିଟର ଦେଶୀ ଓ ୩ଲିଟର ୪୦୦ମି.ଗ୍ରା. ବିଦେଶୀ ମଦ ଜବତ କରିଥିବା ବେଳେ ସେହି ଗ୍ରାମରେ ଚୋରାରେ ମଦ ବିକ୍ରି କରୁଥିବା ଅନ୍ୟ ଦୁଇ ବ୍ୟବସାୟୀଙ୍କ ଘରେ ପାଦ ମଧ୍ୟ ପକାଇ ନ ଥିଲେ। ଠିକ୍ ସେହିପରି ଭୋଳଘାଟି ଗ୍ରାମର ଲେପା ବାସ୍କେ(୩୫)ଙ୍କଠାରୁ ୨୨ଲି ଦେଶୀ ଓ ୧୧ଲି. ୭୦୦ ମି.ଗ୍ରା. ବିଦେଶୀ ମଦ ସମେତ ଏକ ଫ୍ରିଜ୍‌କୁ ଜବତ କରାଯାଇଥିବା ବେଳେ ତାଙ୍କ ଘରଠାରୁ ଅଳ୍ପ କିଛି ଦୂରରେ ଖୁଲମ୍‌ଖୁଲା ଜନୈକ ବ୍ୟକ୍ତି ମଦ ବିକ୍ରି କରୁଥିବାର ଜାଣି ମଧ୍ୟ ପୁଲିସ ଉଦ୍ଦେଶ୍ୟମୂଳକ ଭାବେ କେବଳ ଲେପା ଘରେ ଚଢ଼ଉ କରିଥିବାର ଆଲୋଚନା ହେଉଛି। ମୋରଡ଼ା ଥାନାରେ ଏନେଇ ଦୁଇଟି ମାମଲା ରୁଜୁ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ବିଭିନ୍ନ ସ୍ଥାନରେ ଅହେତୁକ ମଦ ବିକ୍ରି ହେଉଥିଲେ ମଧ୍ୟ ଚଢ଼ାଉ ନ କରି ଚୁପ୍ ବସିଛି।

- ଗୋଟିଏ ଗ୍ରାମରେ ୩ ଜଣ ବିକୁଛନ୍ତି କିନ୍ତୁ ଜଣକୁ ବାନ୍ଧୁଛି ପୁଲିସ
- ଅନ୍ୟମାନଙ୍କ ସହ ପୁଲିସର କି ସମ୍ପର୍କ ଅଛି?

## ସନତ ବାଗାନ ସିରିଜ୍ କ୍ଲବ୍ ପକ୍ଷରୁ ହୁଲ୍ ଦିବସ




ରାଇରଙ୍ଗପୁର,୨/୭(ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ବ୍ଲକ୍ ଅନ୍ତର୍ଗତ ଲୁପୁଙ୍ଗ ଗ୍ରାମପଞ୍ଚାୟତ ଲୁପୁଙ୍ଗଠାରେ ସନତ ବାଗାନ ସିରିଜ କ୍ଲବ୍ ପକ୍ଷରୁ ପ୍ରଥମ ବାର୍ଷିକ ସିଦୋ-କାହ୍ନୁ ସାନ୍ତାଳୀ ହୁଲ୍ (କ୍ରାନ୍ତି) ଦିବସ ପାଳିତ ହୋଇଯାଇଛି। ସନତ ବାଗାନ ସିରିଜ କ୍ଲବ୍ (ଏସ୍‌ବିଏସ୍) ପରିସରରେ ଆୟୋଜିତ ୧୭୧ତମ ସିଦୋ-କାହ୍ନୁ ସାନ୍ତାଳୀ ହୁଲ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିରିଂ ବ୍ଲକ୍ ଅଧ୍ୟକ୍ଷ ପରମେଶ୍ୱର ସାମାଡ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଲୁପୁଙ୍ଗ ସରପଞ୍ଚ ଦିଗି ହେମ୍ବ୍ରମ, ସମିତିସଭ୍ୟ ଦୁର୍ଗୀ ହେମ୍ବ୍ରମ, ନାଏବ ସରପଞ୍ଚ ଗୋପାଳ ଟୁଡୁ, ମାଝୀବାବା ସୁଶିଲ କୁମାର ଟୁଡୁ, ମାଘୁଆ ପିଢ଼ ପାରଗାନା ରାମଚନ୍ଦ୍ର ହେମ୍ବ୍ରମ ଏବଂ ଅବସରପ୍ରାପ୍ତ ନୌସେନା ଅଧିକାରୀ ରାଉତୁ ଟୁଡୁ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଗ୍ରାମବାସୀ ଏବଂ ଲୁପୁଙ୍ଗ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ବୀରସହିଦ ସିଦୋ-କାହ୍ନୁଙ୍କ ଫଟୋଚିତ୍ରରେ ଗ୍ରାମ ନାଏକେ ପୂଜକଙ୍କ ଦ୍ୱାରା ସାନ୍ତାଳୀ ରୀତିନୀତିରେ ପୂଜାପାଠ କରାଯିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ପ୍ରଣାମ ଜଣାଇଥିଲେ। ଏହାପରେ ମୁଖ୍ୟ ଅତିଥି ଶ୍ରୀ ସାମାଡ କ୍ରାନ୍ତୀକାରୀ ସିଦୋ-କାହ୍ନୁ ଏବଂ ଭଗିନୀ ଫୁଲୋ-ଝାନୋ କିପରି ଇଂରେଜମାନଙ୍କ ଅତ୍ୟାଚାର ବିରୋଧରେ ଯୁଦ୍ଧ କରି ଇଂରେଜମାନଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଥିଲେ। ଆଜିର ପିଢ଼ିକୁ ତାଙ୍କର ଅଦମ୍ୟ ସାହସ ଓ ବଳିଦାନକୁ ମନେ ପକାଇ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅତିଥିଗଣ ମଧ୍ୟ କ୍ରାନ୍ତିକାରୀ ସିଦୋ-କାହ୍ନୁ ଏବଂ ବୀର ପୁରୁଷ ଓ ବୀରଙ୍ଗନାମାନଙ୍କ ସ୍ମୃତିଚାରଣ କରିଥିଲେ। ସନତ ବାଗାନ ସିରିଜ କ୍ଲବ୍‌ର ସଭାପତି ସୁନ୍ଦର ଟୁଡୁଙ୍କ ସଭପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଲେମ୍ବୋ ମାର୍ଣ୍ଡି, ସାଧାରଣ ସମ୍ପାଦକ ନନାରାମ ମାର୍ଣ୍ଡି ଏବଂ ସହ ସମ୍ପାଦକ ବୁଧୁରାୟ ମାର୍ଣ୍ଡି ପ୍ରମୁଖଙ୍କ ସହ କ୍ଲବ୍‌ର ସଦସ୍ୟ କୁବେର ମାର୍ଣ୍ଡି, ଆନିପା ହେମ୍ବ୍ରମ, କୁଶାଳ ମାର୍ଣ୍ଡି ଓ ନାରାନ ମାର୍ଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏମ୍‌ସିଏମ୍‌ରେ ୩ ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ଖୋଲିବାକୁ ଉଚ୍ଚଶିକ୍ଷା ବିଭାଗର ଅନୁମତି

ବାରିପଦା,୨/୭(ସମିସ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ଉଚ୍ଚଶିକ୍ଷା ଅନୁଷ୍ଠାନ ବାରିପଦାର ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏମ୍) ପାଇଁ ଏକ ବଡ଼ ସଫଳତା ଆସିଛି। ରାଜ୍ୟ ସରକାର ୨୦୨୬-୨୭ ଶିକ୍ଷାବର୍ଷରୁ ଅନୁଷ୍ଠାନରେ ୩ ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ଆରମ୍ଭ କରିବା ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି। ଦୀର୍ଘ ୨୭ ବର୍ଷ ଧରି ଉଚ୍ଚଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଆସୁଥିବା ଏମ୍‌ସିଏମ୍ ବର୍ତ୍ତମାନ +୩ ସ୍ତରରେ ୨୧ଟି ଅନର୍ସ ବିଷୟ ଏବଂ ସ୍ନାତକୋତ୍ତର ସ୍ତରରେ ୧୧ଟି ବିଷୟରେ ଶିକ୍ଷାଦାନ କରୁଛି। ଏହା ସହିତ ଅନୁଷ୍ଠାନଟି ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧୀନରେ ୫ ବର୍ଷିଆ ସମନ୍ୱିତ ବିଏ ଏଲ୍‌ଏଲ୍‌ବି (ଅନର୍ସ) ପାଠ୍ୟକ୍ରମ ମଧ୍ୟ ସଫଳତାର ସହ ପରିଚାଳନା କରୁଛି। ନୂତନ ୩ ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ଆରମ୍ଭ ହେବା ଫଳରେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ସମେତ ଉତ୍ତର ଓଡ଼ିଶାର ହଜାର ହଜାର ଛାତ୍ରଛାତ୍ରୀ ଉପକୃତ ହେବେ। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଏବଂ ଆର୍ଥିକ ଭାବେ ପଛୁଆ ଅଞ୍ଚଳର ଛାତ୍ରଛାତ୍ରୀମାନେ ଅଳ୍ପ ବ୍ୟୟରେ ଆଇନ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଇବେ। ଏଥିପାଇଁ ସେମାନଙ୍କୁ ଭୁବନେଶ୍ୱର କିମ୍ବା ଅନ୍ୟ ବଡ଼ ସହରକୁ ଯିବାର ଆବଶ୍ୟକତା ରହିବ ନାହିଁ। ସରକାରଙ୍କ ଏହି ପଦକ୍ଷେପକୁ ପରିଚାଳନା ସମିତି ସଭାପତି ତଥା ପୂର୍ବତନ ବିଧାୟକ କିଶୋର ଦାଶ, ସମ୍ପାଦକ ପ୍ରଦୀପ କୁମାର ନାୟକ, ମହାବିଦ୍ୟାଳୟର ଆଇନ ବିଭାଗ ଡିନ୍ ଡ. ପ୍ରଫୁଲ୍ଲ କୁମାର ବେହେରା ସ୍ୱାଗତ କରିବା ସହ ଏଥିପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ରାଜ୍ୟସଭା ସଦସ୍ୟ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ ଓ ଉଚ୍ଚଶିକ୍ଷା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା ଉତ୍ତର ଓଡ଼ିଶାରେ ଆଇନ ଶିକ୍ଷାର ବିକାଶକୁ ନୂତନ ଗତି ପ୍ରଦାନ କରିବ ଏବଂ ଗ୍ରାମାଞ୍ଚଳର ମେଧାବୀ ଯୁବପିଢ଼ିଙ୍କୁ ଆଇନ କ୍ଷେତ୍ରରେ କ୍ୟାରିୟର ଗଢ଼ିବା ପାଇଁ ଏକ ସୁଦୃଢ଼ ମଞ୍ଚ ଯୋଗାଇବ। ସ୍ଥାନୀୟ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ଅଭିଭାବକମାନେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିବାବେଳେ ଏହା ମୟୂରଭଞ୍ଜ ଜିଲ୍ଲାର ଉଚ୍ଚଶିକ୍ଷା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ମତ ପ୍ରକାଶ କରିଛନ୍ତି।

## କୃଷକ ଏକତା ପଦଯାତ୍ରା ନେଇ ପ୍ରସ୍ତୁତି ବୈଠକ



ବେତନଟୀ/ବୈଶିଙ୍ଗା,୨/୭(ସମିସ): ନବନିର୍ମାଣ କୃଷକ ସଂଗଠନ ତରଫରୁ ବେତନଟୀ ବ୍ଲକ୍ ନଡ଼ପୁର ଓ ନୂଆଗାଁ ପଞ୍ଚାୟତରେ କୃଷକ ଏକତା ପଦଯାତ୍ରା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସରକାର ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ ନିଶାମୁକ୍ତ ଓଡ଼ିଶା ଗଠନ, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ବେକାରୀ ସମସ୍ୟା, ବିଜୁଳି ଛାଡ଼, ଶୀତଳ ଭଣ୍ଡାର, ଜଳସେଚନ, ଧାନ ମଣ୍ଡିରେ କଟ୍‌ନୀଛଟ୍‌ନୀ ବନ୍ଦ, ସାର କଳାବଜାରୀ ବନ୍ଦ ବା ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ କାର୍ଯ୍ୟରେ ଅସଫଳ ହୋଇଛନ୍ତି ସରକାର। ତେଣୁ କୃଷକ ଏକତା ପଦଯାତ୍ରା ମାଧ୍ୟମରେ ସରକାର ଦେଇଥିବା ପ୍ରତିଶ୍ରୁତିକୁ କାର୍ଯ୍ୟକାରୀ କରେଇବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଭାରୀ ଚିନୁ ଦାଶ ବୈଠକରେ ଆଲୋଚନା କରିଥିଲେ। ଛାତ୍ର ନେତୃତ୍ୱ ଏମ୍‌ଡି ମନୱର ଅଲ୍ଲି ସଭାରେ ଯୋଗଦେଇ କହିଥିଲେ, ରାଜ୍ୟର ସରକାର କେବଳ ପୁଞ୍ଜିପତି କମ୍ପାନୀମାନଙ୍କ ପାଇଁ କାର୍ଯ୍ୟରତ। ଜଙ୍ଗଲ, ଜଳ ଜମି ଓ ଖଣି ଲୁଟ୍‌କୁ ଅଟକାଇବା ପାଇଁ ମଧୁବନ ପଡ଼ିଆରେ ସମସ୍ତ ଯୁବକ କୃଷକ ବୁଦ୍ଧିଜୀବୀମାନଙ୍କୁ ଆସନ୍ତା ୬ ତାରିଖ ପୂର୍ବାହ୍ଣ ୧୦ଟା ସମୟରେ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ। ବ୍ଲକ୍ ସଭାପତି ପ୍ରଶାନ୍ତ କରଣ, ଶ୍ରବଣ ଛାଟିଆ, ହରିଶ୍ଚନ୍ଦ୍ର ଦାସ, ଜୟନ୍ତ ମହାନ୍ତି, ହରିଶ୍ଚନ୍ଦ୍ର ସାହୁ, ଗୌରାଙ୍ଗ ସାହୁ, ବିମଳ କରଣ, ସୁନିଲ ପାତ୍ର, ସନ୍ତୋଷ କବାଟ, ପ୍ରଣବ ନନ୍ଦି, ସରୋଜ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ବନ ମହୋତ୍ସବ ପାଳନ ଓ ଚାରା ବଣ୍ଟନ କେନ୍ଦ୍ର ଶୁଭାରମ୍ଭ

ଠାକୁରମୁଣ୍ଡା,୨/୭(ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ପକ୍ଷରୁ ଠାକୁରମୁଣ୍ଡାରେ ବୁଧବାର ଚାରା ବଣ୍ଟନ କେନ୍ଦ୍ରର ଶୁଭାରମ୍ଭ ହେବା ସହିତ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଠାକୁରମୁଣ୍ଡା ରେଞ୍ଜ ପକ୍ଷରୁ ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ପରିସରରେ ଚାରା ବଣ୍ଟନ କେନ୍ଦ୍ରକୁ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଡିଏଫ୍‌ଓ ଅଜୟ କୁମାର ସାହୁ ଫିତା କାଟି ଶୁଭାରମ୍ଭ କରିଥିଲେ। ପରେ ସେଠାରେ ଉପସ୍ଥିତ ଲୋକମାନଙ୍କୁ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରିଥିଲେ। ପରେ ଠାକୁରମୁଣ୍ଡା ଗ୍ରାମର ବନ୍ଧସାହିଠାରେ ଆୟୋଜିତ ବନ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଡିଏଫ୍‌ଓ ଶ୍ରୀ ସାହୁ, ସମ୍ମାନିତ ଅତିଥି ଭାବରେ କେନ୍ଦୁଝର ଲୋକସଭା ସାଂସଦଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବ୍ଲକ୍ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ, ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ବନ୍ୟପ୍ରାଣୀ ଅଧିକାରିଣୀ ପ୍ରିୟଦର୍ଶିନୀ ସାହୁ, ଠାକୁରମୁଣ୍ଡା ସରପଞ୍ଚ ସୁଜିତ ଲୁଗୁନ, ସମାଜସେବୀ ସାୟଦ ହୁସେନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ପଦ୍ମଲୋଚନ ନନ୍ଦ ପରିଚାଳନା କରିଥିଲେ। ଶେଷରେ ଜ୍ୟୋତ୍ସ୍ନା ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



# ରାଇରଙ୍ଗପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ତରଫରୁ ପରିବର୍ଦ୍ଧିତ ବୈଠକ

ରାଇରଙ୍ଗପୁର,୨/୭(ସମିସ):




ମୟୂରଭଞ୍ଜ ଜିଲ୍ଲା ବାମନଘାଟୀ ଉପଖଣ୍ଡ ରାଇରଙ୍ଗପୁର ସହରସ୍ଥ ସ୍ଥାନୀୟ ପିସିଏମ୍ କଲ୍ୟାଣ ମଣ୍ଡପଠାରେ ରାଇରଙ୍ଗପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ତରଫରୁ ପରିବର୍ଦ୍ଧିତ ବୈଠକ କମିଟି ସଭାପତି ତଥା ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପ୍ରହଲ୍ଲାଦ ପୂର୍ତ୍ତୀ, ସାଇବା ସୁଶୀଲ କୁମାର ହାଁସଦା, ଉପଦେଷ୍ଟା ମଣ୍ଡଳୀ ରସାନନ୍ଦ ଲେଙ୍କା, ମନୋରଞ୍ଜନ ମହାନ୍ତି, ସୁଦୂର ଜର୍ମାନ ଦେଶର ଡାକ୍ତର ଶିବାଶିଷ ଗିରି, ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ମନୋଜ ଦାସ ଓ ସହିଦ ନନ୍ଦୁରାମ ସୋରେନ ମେମୋରିଆଲ ଟ୍ରଷ୍ଟ ମୁଖ୍ୟ ମନୋରଞ୍ଜନ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ରାଇରଙ୍ଗପୁର ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତି ସ୍ୱାଗତ ଭାଷଣ ଦେବା ପରେ ପୂର୍ବତନ ସାଂସଦ, ପୂର୍ବତନ ବିଧାୟକଗଣ, ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷ, ଉପଦେଷ୍ଟା ମଣ୍ଡଳୀ ତଥା ଜର୍ମାନୀ ଡାକ୍ତର ରାଇରଙ୍ଗପୁର ଜିଲ୍ଲା ଗଠନ ନିମନ୍ତେ ସୁଚିନ୍ତିତ ବକ୍ତବ୍ୟ ଦେବା ସହ ଏହାକୁ କିପରି ଭାବେ ବ୍ୟାପକ କରାଯାଇପାରିବ, ଯେପରି ପ୍ରତି ବ୍ଲକ୍, ପଞ୍ଚାୟତସ୍ତରରେ ଲୋକେ ଏହାକୁ ହୃଦୟଙ୍ଗମ କରିପାରିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୂର୍ଣ୍ଣ ସହଯୋଗ କ୍ରମେ ଏଠାରେ ରାଇରଙ୍ଗପୁର ପୁଲିସ ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ ହେବା ଜିଲ୍ଲା ପୁଲିସ ଅଧୀକ୍ଷକ ନିଯୁକ୍ତ ହୋଇସାରିଲେଣି। ନିକଟରେ ଜିଲ୍ଲାପାଳ କେମିତି ଯଥାଶୀଘ୍ର ନିଯୁକ୍ତ ହେବେ ତାହା ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯିବ ବୋଲି ଆଲୋଚିତ ହୋଇଥିଲା। ରାଇରଙ୍ଗପୁର ଜିଲ୍ଲା ହେବା ପାଇଁ ଏଠାରେ ଆବଶ୍ୟକୀୟ ଭିତ୍ତିଭୂମି ରହିଛି। ରାଇରଙ୍ଗପୁର ଜିଲ୍ଲା ହେଲେ ସ୍ଥାନୀୟ ଲୋକମାନଙ୍କୁ କୌଣସି କାର୍ଯ୍ୟରେ ଖର୍ଚ୍ଚାନ୍ତ ହୋଇ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟାଳୟ ବାରିପଦା ଯିବାକୁ ପଡ଼ିବ ନାହିଁ। ଜିଲ୍ଲା ହେଲେ ଜିଲ୍ଲା ନ୍ୟାୟାଳୟ, ଜିଲ୍ଲା ଡାକ୍ତରଖାନା, ଜିଲ୍ଲା ଅଫିସ ଦପ୍ତର ତଥା ସ୍କୁଲ କଲେଜର ଉନ୍ନତମାନର ଗଢ଼ି ଉଠିଲେ ରାଇରଙ୍ଗପୁର ସହରର ବିକାଶ ସାଧିତ ହୋଇପାରିବ। ଏହି ଅବସରରେ ବରିଷ୍ଠ ନେତା ଇସାନ ମିଶ୍ର, ସୁନୀଲ ମାଝୀ, ସୁବାସ ମଣ୍ଡଳ, ଭାରତୀୟ ମଜଦୁର ସଂଘ ସଭାପତି ନିଗମାନନ୍ଦ ପଟ୍ଟନାୟକ, ନାରୀ ନେତ୍ରୀ ତନୁଜା ମହାନ୍ତ, ୨୦ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ମୁଣ୍ଡା ତଥା ଅନ୍ୟମାନେ ରାଇରଙ୍ଗପୁର ଜିଲ୍ଲା ଗଠନ ନିମନ୍ତେ ସେମାନଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ମନୋଜ ଦାସ ସଭା ପରିଚାଳନା କରିଥିଲାବେଳେ ସହିଦ ନୁନ୍ଦୁରାମ ସୋରେନ ମେମୋରିଆଲ ଟ୍ରଷ୍ଟ ମୁଖ୍ୟ ମନୋରଞ୍ଜନ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ବାମନଘାଟୀ ଉପଖଣ୍ଡର ସମସ୍ତ ବ୍ଲକ୍‌ର ସଭାପତି, ସରପଞ୍ଚ, ପଞ୍ଚାୟତ ସମିତି ମେମ୍ବର, ଜିଲ୍ଲା ପରିଷଦ ସଦସ୍ୟସଦସ୍ୟା, ବୁଦ୍ଧିଜୀବୀ, ରାଇରଙ୍ଗପୁର ଜିଲ୍ଲା ଗଠନ ପ୍ରେମୀ ତଥା ସମସ୍ତ ଗଣମାଧ୍ୟମର ପ୍ରତିନିଧିଗଣ ଯୋଗଦେଇଥିଲେ।

### ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘର ନିଷ୍ପତ୍ତି

# ସମସ୍ୟା ସମାଧାନ ନ ହେଲେ ଗୃହମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଅସହଯୋଗ

ବରଗଡ଼,୨।୭ (ସମିସ):

ଆସନ୍ତା ୪ ଓ ୫ ତାରିଖରେ ପଶ୍ଚିମ ଓଡ଼ିଶାର ବରଗଡ଼ ଏବଂ ସମ୍ବଲପୁର ଜିଲ୍ଲାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ କାର୍ଯ୍ୟକ୍ରମ ରହିଛି। ଏହାକୁ ଘରୋଇ ବସ୍ ମାଲିକ ସଂଘ ସମ୍ପୂର୍ଣ୍ଣ ଅସହଯୋଗ କରିବ। କାର୍ଯ୍ୟକ୍ରମକୁ ସଂଘ ଘରୋଇ ବସ୍ ସେବା ଯୋଗାଇ ଦେବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମ ପାଇଁ ୯ ଶହ ବସ୍ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରିଥିଲା। ବରଗଡ଼ ବସ ମାଲିକ ସଂଘ ସଭାପତି ବିନୋଦ ମାହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଜୁ ପଟ୍ଟନାୟକ ଟାଉନ୍ ହଲ୍‌ରେ ବୁଧବାର ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ବସ୍ ମାଲିକ ସଂଘର ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।



ଏଥିରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବସ୍ ମାଲିକ ଏବଂ ସଂଘର ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ। ବୈଠକରେ ପରିବହନ କ୍ଷେତ୍ରର ବିଭିନ୍ନ ସମସ୍ୟା, ବେସରକାରୀ ବସ୍ ଚାଳକ ଓ ମାଲିକଙ୍କ ସମସ୍ୟା, ବିଭିନ୍ନ ଅଞ୍ଚଳରେ ଚାଲୁଥିବା ଇଭି ବସ୍ ଚଳାଚଳ ସାଙ୍ଗକୁ ରେଶ୍ନାଲାଇଜେସନ୍ ସମସ୍ୟାର ସମାଧାନ ନ ହେଲେ ଆଗାମୀ ୪ ଓ ୫ ତାରିଖରେ ହେବାକୁ ଥିବା କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ କାର୍ଯ୍ୟକ୍ରମରେ ସହଯୋଗ କରାଯିବ ନାହିଁ ବୋଲି ପଶ୍ଚିମାଞ୍ଚଳ ଓ ଦକ୍ଷିଣାଞ୍ଚଳ ବସ୍ ମାଲିକ ଏକତା ମଞ୍ଚ କହିଛି। ସମ୍ବଲପୁର ଓ ବରଗଡ଼ ପାଇଁ ପ୍ରାୟ ୯ ଶହଟି ବସ୍ ମଗାଯାଇଥିବା ବେଳେ ସମସ୍ୟାର ସମାଧାନ ନ ହେଲେ କାର୍ଯ୍ୟକ୍ରମ ପାଇଁ ବସ୍ ଯୋଗାଇ ଦିଆଯିବ ନାହିଁ ତଥା ଅସହଯୋଗ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ଗଣମାଧ୍ୟମ ଆଗରେ ସ୍ପଷ୍ଟ କରିଛନ୍ତି ବସ୍ ମାଲିକ।

ବଲାଙ୍ଗୀରରୁ ଚଗଲା ପରିଛା, ସମ୍ବଲପୁରରୁ ଚିନ୍ଟୁ କର, ନୂଆପଡ଼ାରୁ ପପୁ ସ୍ୱାଇଁ, ପଦମପୁରରୁ ଶରତ ବଡ଼ପଣ୍ଡା, ଅବିନାଶ ମିଶ୍ର, କୁନୁ ହୋତା, ଜୋନାଲ ଭାଇସ୍ ପ୍ରେସିଡେଣ୍ଟ ବିକାଶ ମହାପାତ୍ରଙ୍କ ସମେତ ବହୁ ବସ୍ ମାଲିକ ଯୋଗ ଦେଇଥିଲେ। ଶେଷରେ ବରଗଡ଼ ବସ ମାଲିକ ସଂଘର ସେକ୍ରେଟାରୀ ଏସ୍‌କେ ନସିମୁଦ୍ଦିନ (ନଜ୍ଜୁ) ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଚିକିତ୍ସା ଦିବସ

ପାଇକମାଲ,୧।୭ (ସମିସ): ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ, ପାଇକମାଳରେ ରାଷ୍ଟ୍ରୀୟ ଚିକିତ୍ସକ ଦିବସ ପାଳିତ ହୋଇଯାଇଅଛି। ମହାବିଦ୍ୟାଳୟର ପ୍ରଶାସକ ଏବଂ ସଚିବ ମନୋଜ କୁମାର ତ୍ରିବେଦୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ସମସ୍ତ ଡାକ୍ତର ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତ୍ରିବେଦୀ ଏହି ଅବସରରେ ଭାରତରତ୍ନ ଡ. ବିଧାନ ଚନ୍ଦ୍ର ରାୟଙ୍କ ମହନୀୟ କର୍ମକୁ ସ୍ମୃତିଚାରଣ କରି ଡାକ୍ତରମାନଙ୍କ ଦେଶ ନିର୍ମାଣରେ ସମର୍ପଣକୁ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ଉପ-ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଅଭିରାମ ଠାକୁର କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଏକ ନୂତନ ଆୟୁର୍ବେଦ ପ୍ରଚାର ଧର୍ମୀ କାର୍ଯ୍ୟକ୍ରମ ଆୟୁର୍ ଗ୍ରାମ ୩.୦ର ମଧ୍ୟ ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଚିକିତ୍ସକ ଡାକ୍ତର ନାଏଡୁ ଜଗନ୍ନାଥ ଧନ୍ୟବାଦ ପ୍ରସ୍ତାବ ଉପସ୍ଥାପନା କରିଥିଲେ।

## ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବରଗଡ଼,୨।୭ (ସମିସ): ଜିଲ୍ଲାସ୍ତରୀୟ ଉଦ୍ୟମୀ ଓଡ଼ିଶା ଏମ୍‌ଏସଏମ୍‌ଇ କ୍ରର୍ଯ୍ୟକ୍ରମ-୨୦୨୬ର ଉଦଯାପନୀ ଦିବସ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣ (ଗୋରୁ ମାର୍କେଟ) ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୌରପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀଙ୍କ ସମେତ ଏଲଡିଏମ୍ ବିଦ୍ୟା ନନ୍ଦ ତୀର୍କି, ସରକାରୀ ଆଇଟିଆଇ ବରଗଡର ଅଧ୍ୟକ୍ଷ ରଣ୍‌ଜିତ କୁମାର ମହାରଣା, ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳିକା କୁମାରୀ ସୁଷମା କରାଳି, ଜ୍ଞାନେନ୍ଦ୍ର କୁମାର ବେହେରା ତଥା ମୁଖ୍ୟ ଅତିଥିମାନେ ମଞ୍ଚାସୀନ ଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗୀତା ମାନ ଅନୁଷ୍ଠିତ ହୋଇଥିଲା ଓ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ ମୁଖ୍ୟ ଅତିଥିଙ୍କ ଦ୍ୱାରା କରା ଯାଇଥିଲା। ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ଶିଳ୍ପ ବିକାଶ ଅଧିକାରୀ ପ୍ରଭାସ ରଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ ଓ ଅନ୍ୟାନ୍ୟ ଅଧିକାରୀ ମାନେ ସହଯୋଗ କରିଥିଲେ। ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳିକା କୁମାରୀ ସୁଷମା କରାଳି ଧନ୍ୟବାଦ ଦେଇଥିଲେ।

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ଦିବସ ପାଳିତ

ବରଗଡ଼,୨।୭ (ସମିସ): ନବଜ୍ୟୋତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହୃଷୀକେଶ ସାହୁଙ୍କ ନେତୃତ୍ୱରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶାଳ ତିର୍କୀ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ବିଦ୍ୟୁତର ଉପଯୁକ୍ତ ବ୍ୟବହାର, ସତର୍କତା ଓ ବିଦ୍ୟୁତ ଅପଚୟକୁ ରୋକିବା ନେଇ ପିଲାମାନଙ୍କୁ ଅବଗତ କରେଇଥିଲେ। ଇଲେକ୍ଟ୍ରିସିଆନ ଅନୁରାଧା ଭୋଇ ବିଦ୍ୟୁତ ସମ୍ପର୍କିତ କିଛି ଉପକରଣ ବ୍ୟବହାର ତଥା ଯନ୍ତ୍ର ପାତି ମରାମତି କଲା ସମୟରେ ଆବଶ୍ୟକ ସାବଧାନତା ଅବଲମ୍ବନ କରିବା ବିଷୟରେ ପିଲାଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଶତାଧିକ ଛାତ୍ରଛାତ୍ରୀ ବିଦ୍ୟୁତ ସୁରକ୍ଷା ନେଇ ଶପଥ ଗ୍ରହଣ କରିଥିଲେ। ଅଧ୍ୟାପିକା ବର୍ଷାରାଣୀ ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦରିଦ୍ର ପଧାନ, ଦିଲ୍ଲୀପ ସାହୁ, ବନମାଳୀ ସାହୁ, ସୁବଳ ପଧାନ, ଲଳିତ ପାତ୍ର, ଅଧ୍ୟାପିକା ଲିପିକା ସାହୁ, ଶର୍ମିଷ୍ଠାରାଣୀ ସାହୁଙ୍କ ସହ ସମସ୍ତ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

## ଝାଞ୍ଜି ପାହାଡ଼ ଅଞ୍ଚଳରେ ଅବାଧ ଦେଶୀ ମଦ କାରବାର

ପଦ୍ମପୁର,୨।୭ (ସମିସ): ଝାଞ୍ଜି ପାହାଡ଼ ଓ ଏହାର ଆଖପାଖ ଅଞ୍ଚଳରେ ବେଆଇନ ଦେଶୀ ମଦ କାରବାର ଏବେ ଚରମ ସୀମାରେ ପହଞ୍ଚିଛି। ଏଥିପାଇଁ ଅଞ୍ଚଳରେ ଅପରାଧ, ଗଣ୍ଡଗୋଳ ଓ ଘରୋଇ ହିଂସା ବଢ଼ିବାରେ ଲାଗିଛି। ଯାହାଦ୍ୱାରା ମହିଳା ଓ ସାଧାରଣ ଲୋକେ ଅସୁରକ୍ଷିତ ମଣୁଛନ୍ତି। ଅବକାରୀ ବିଭାଗ ଓ ପୁଲିସର ନିଷ୍କ୍ରିୟତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ ଧରପଗଡ଼ କରିବାକୁ ଅଞ୍ଚଳବାସୀ ଓ ମହିଳା ସଂଗଠନ ଗୁଡିକ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

## ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ବନ ମହୋତ୍ସବ

ବରଗଡ଼,୨।୭ (ସମିସ): ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲରେ ବୁଧବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରା ରୋପଣ କରି ଯତ୍ନ ନେବାକୁ ସଂକଳ୍ପ ନେଇଥିଲେ। ବିଦ୍ୟାଳୟର ପ୍ରାର୍ଥନା ସଭାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉପସ୍ଥାପିତ ଏକ ପ୍ରଭାବଶାଳୀ କ୍ଷୁଦ୍ର ନାଟକ ମାଧ୍ୟମରେ ପରିବେଶ ସୁରକ୍ଷା, ବୃକ୍ଷର ମହତ୍ତ୍ୱ ଏବଂ ସବୁଜ ଭବିଷ୍ୟତ ଗଠନର ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରିନ୍ସିପାଲ କରନ ସାହୁ, ଭାଇସ ପ୍ରିନ୍ସିପାଲ ସୀମା ସାହୁ, ହେଡ୍ ମିଷ୍ଟ୍ରେସ ସୁଶ୍ରୀ ରୀତା ନାୟକ, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପ୍ରିନ୍ସିପାଲ କରନ ସାହୁ ଓ ଭାଇସ ପ୍ରିନ୍ସିପାଲ ସୀମା ସାହୁ ଛାତ୍ରଛାତ୍ରୀଙ୍କୁ ଛୋଟ ଚାରା ପ୍ରଦାନ କରିଥିଲେ।

# ଭାବବିହ୍ୱଳ କଲା ବିଦାୟକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର,୨।୭ (ସମିସ): ରାଜବୋଡ଼ାସମ୍ବର ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଡୋଳାମଣି ପ୍ରଧାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ



କରାଯାଇଛି। ବ୍ଲକ ପ୍ରଶାସନ ଓ ସମସ୍ତ କର୍ମଚାରୀଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମେନକା ମେହେର, ଜିପିଡିଓ ପୀତବାସ ଜାନି ପ୍ରମୁଖ ଯୋଗ ଦେଇ ବ୍ଲକର ବିକାଶ ଦିଗରେ ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକ ତରଫରୁ ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କୁନୁ ସେଠ, ଦୁର୍ଗାପ୍ରସାଦ ସେଠ, ଘନଶ୍ୟାମ ଟଟାଙ୍ଗଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

**ପଦ୍ମପୁର:** ପଦ୍ମପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ସହକାରୀ ଉଦ୍ୟାନ



କୃଷି ଅଧିଦର୍ଶକ ମିନା କୁମାରୀ ନାଥଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଉଦ୍ୟାନ କୃଷି ଅଧିକାରୀ କିଶୋର ବେହେରା ପ୍ରମୁଖ ମଞ୍ଚାସୀନ ରହି ବିଦାୟୀ ଅଧିକାରୀ ଶ୍ରୀମତୀ ନାଥଙ୍କ ଗୁଣ ଗାନ ସହ ସମ୍ବର୍ଦ୍ଧିତ କରିଥିଲେ। ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକର କୃଷି ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

**ପାଇକମାଳ:** ଶିକ୍ଷକ ନେତା ମହାଦେବ ବେହେରାଙ୍କ ସେବା ନିବୃତ୍ତ ଦିନରେ ବ୍ରାହ୍ମଣଡିହି ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ମାନଙ୍କ ତରଫରୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅମିତା ଦାସଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା।

ଶ୍ରୀ ବେହେରାଙ୍କ ସେବା ନିବୃତ୍ତ ଦିନରେ ବ୍ରାହ୍ମଣ ଡିହି ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ,



ଶିକ୍ଷୟିତ୍ରୀ ତଥା ଛାତ୍ର ଛାତ୍ରୀ ମାନଙ୍କ ତରଫରୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅମିତା ଦାସଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ କରାଯାଇଥିଲା। ପାଇକମାଳ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ବିଶିକେଶନ ଶତପଥୀ, ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ବର୍ତ୍ତମାନ ଝାରବନ୍ଧ ବ୍ଲକ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଦୟାନିଧି କୈବର୍ତ୍ତ, ସାଧନ କର୍ମୀ ଚିତ୍ର ବିଶ୍ୱାଳ, ଶିକ୍ଷକ ବଳିରାମ ପଟେଲ, ବିଦ୍ୟାଳୟ ପରିଚାଳନା କମିଟି ଚେୟାରମେନ୍ ଭୋଜରାଜ୍ ଭୋଇ, ଶିକ୍ଷାପ୍ରେମୀ ଯଦୁମଣି ଭୋଇ ମଞ୍ଚାସୀନ ରହି ସମ୍ବର୍ଦ୍ଧନା ଜଣାଇଥିଲେ।

**ଅତାବିରା:** ଅତାବିରା ବ୍ଲକ ରେଙ୍ଗାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ପ୍ରଭା ତ୍ରିପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ତୋଷ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପାହାଡ଼ଶ୍ରୀଗିଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବାନ ସାହୁ ଓ ପୂର୍ବତନ ଶିକ୍ଷକ ଭୋଳାନାଥ ବାରିକ ଅତିଥି ଭାବେ ଯୋଗ ଦେଇଥିଲେ। ପାହାଡ଼ଶ୍ରୀଗିଡା କ୍ଲଷ୍ଟର ସିଆର୍‌ସିସି ସମେତ



ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନେ ମଧ୍ୟ ସଭାରେ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଭବାନୀ ଶଙ୍କର ପ୍ରଧାନ ମଞ୍ଚ ପରିଚାଳନା ଓ ନୂତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବରଗଡ଼:** ବରଗଡ଼ ପୌରପରିଷଦ ଅନ୍ତର୍ଗତ ସମଲେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାପାଲିର ପ୍ରଧାନ ଶିକ୍ଷକ ସର୍ବେଶ୍ୱର ରଥଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବରେ ପଞ୍ଚସଖା ଶିକ୍ଷା ସେତୁ ସଭାପତି ସୁରେଶ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ।

ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଶିକ୍ଷକ ତଥା ଶିକ୍ଷାପ୍ରେମୀ ଅଭିଭାବକ ମାନେ ତଥା ଛାତ୍ର ଛାତ୍ରୀ ମାନେ



ନିଜସ୍ୱ ଅନୁଭୂତି ବଖାଣି ଥିଲେ। ଛାତ୍ର ଓମ ପଧାନ ମାଟ୍ରିକରେ 'ଏ-୧'ରେ ଉତ୍ତୀର୍ଣ୍ଣ ହୋଇଥିବାରୁ ପ୍ରଧାନଶିକ୍ଷକ ନିଜ ପକେଟରୁ ପାଞ୍ଚ ହଜାର ଟଙ୍କା ପୁରସ୍କୃତ କରିବା ସହିତ ପ୍ରତିବର୍ଷ ଏହି ସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ହେଉ କିମ୍ବା ଛାତ୍ରୀଙ୍କୁ ପାଞ୍ଚ ହଜାର ଟଙ୍କା ସ୍କୁଲର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ରାମହରି ରଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ।

## ଶିକ୍ଷକ କୀର୍ତ୍ତନ ଭୋଇଙ୍କୁ ଶ୍ରଦ୍ଧାଞ୍ଜଳି



ପାଇକମାଳ,୨।୭ (ସମିସ): ଆଦର୍ଶ ଶିକ୍ଷକ ତଥା ଐତିହାସିକ "ଗନ୍ଧମାର୍ଦ୍ଦନ ବଞ୍ଚାଓ-ବାଲକୋ ହଟାଓ' ଆନ୍ଦୋଳନର ସକ୍ରିୟ କର୍ମୀ କୀର୍ତ୍ତନ ଭୋଇଙ୍କ ସ୍ମୃତିରେ ମଙ୍ଗଳବାର ପାଇକମାଳ ବ୍ଲକ ଅନ୍ତର୍ଗତ ଚେରେଙ୍ଗାଝାଞ୍ଜି ଗ୍ରାମରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ଦ୍ୱାରା ଅନୁଷ୍ଠିତ ଏହି ସଭାରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଜାମସେଠ ସମବାୟ ସମିତି ସଭାପତି ଗଣେଶ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ସ୍ୱର୍ଗତ କୀର୍ତ୍ତନ ଭୋଇଙ୍କ ଗନ୍ଧମାର୍ଦ୍ଦନ ଆନ୍ଦୋଳନରେ ଥିବା ଉଲ୍ଲେଖନୀୟ ଭୂମିକା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସଭାରେ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ସାଂସଦ ପୁରୋହିତ ସ୍ୱର୍ଗତ କୀର୍ତ୍ତନ ଭୋଇଙ୍କ ସ୍ମୃତିରେ ଗ୍ରାମରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସହଯୋଗ କରିବା ସହ ଏହାର ନିର୍ମାଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମଧ୍ୟ ସଭାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପକ୍ଷରୁ ସ୍ୱର୍ଗତ ଭୋଇଙ୍କ ସ୍ମୃତିରେ ତାଙ୍କ ପରିବାରବର୍ଗଙ୍କୁ ଏକ ବଟବୃକ୍ଷ ଚାରା ପ୍ରଦାନ କରାଯାଇଥିଲା।

## ପାଇକମାଳ ଥାନାରେ ନିଶାମୁକ୍ତ ଭାରତ ଅଭିଯାନ

ପାଇକମାଳ,୨।୭ (ସମିସ): ପାଇକମାଳ ଥାନା ପରିସରରେ ମଙ୍ଗଳବାର ନିଶାମୁକ୍ତ ଭାରତ ଅଭିଯାନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଓ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଆଇସି କୈଳାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁଲିସ କର୍ମଚାରୀ, ବିଭିନ୍ନ ବିଭାଗର ପ୍ରତିନିଧି ଏବଂ ସ୍ଥାନୀୟ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତେ ନିଶାଦ୍ରବ୍ୟ ସେବନ ନ କରିବା ଏବଂ ଅନ୍ୟମାନଙ୍କୁ ଏଥିରୁ ଦୂରେଇ ରଖିବାକୁ ଶପଥ ନେଇଥିଲେ।

## ଆମ ପୁଲିସ ସମିତି ପକ୍ଷରୁ ନିଶା ମୁକ୍ତ ଭାରତ ଅଭିଯାନ

ସୋହେଲା,୨।୭ (ସମିସ): ସୋହେଲା ଥାନାରେ ଆମ ପୁଲିସ ସମିତି ପକ୍ଷରୁ ନିଶା ନିବାରଣ ଅଭିଯାନ ପାଇଁ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଆଇଆଇସି ହରିଶଙ୍କର ଭୋଇଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟ ସାମ୍ମାନୀତ ଅତିଥି ଭାବେ ଯୋଗ ଦେଇ ସଚେତନ କରିଥିଲେ। ଏହି ଅବସରରେ ବ୍ୟଙ୍ଗ କବି ନୀତିଶ କୁମାର ଆଚାର୍ଯ୍ୟ ପୁଲିସ ଉପରେ ଏକ କବିତା ପାଠ କରିଥିଲେ।

## କ୍ରିଷ୍ଣା ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ପକ୍ଷରୁ ଜାତୀୟ ଡାକ୍ତର ଦିବସ



ବରଗଡ଼,୧।୭ (ସମିସ): ଜାତୀୟ ଡାକ୍ତର ଦିବସ ଅବସରରେ କ୍ରିଷ୍ଣା ବିକାଶ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ, ବରଗଡ଼ ପକ୍ଷରୁ ବରଗଡ଼ ପୁଲିସ ସହଯୋଗରେ ଏକ ୱାକାଥନ୍ ଓ ସଡ଼କ ଦୁର୍ଘଟଣା ସଚେତନତା ଉପରେ ଏକ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ରିଷ୍ଣାବିକାଶ ଗ୍ରୁପର ଚେୟାରମେନ ଡି. ମୁରଲୀ କ୍ରୀଷ୍ଣା, ଅତିରିକ୍ତ ଏସ୍‌ପି ଶିବ ପ୍ରସାଦ ବିଶ୍ୱାଳ ଏବଂ କ୍ରିଷ୍ଣା ବିକାଶ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ଡାକ୍ତର ସିଏଚ୍. ରବି କୁମାର ଯୋଗଦେଇ ୱାକାଥନରେ ଅଂଶଗ୍ରହଣ କରିଥିଲେ। ଥାନା ଛକରୁ ଆରମ୍ଭ ହୋଇଥିବା ୱାକାଥନ ଗାନ୍ଧୀ ଛକରେ ଶେଷ

### ୱାକାଥନ ଓ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ହୋଇଥିଲା। ଏଥିରେ ଅତିରିକ୍ତ ଏସ୍‌ପି, ବହୁ ପୁଲିସ ଅଧିକାରୀ, କ୍ରିଷ୍ଣାବିକାଶ ମଲ୍ଟି-ସ୍ପେଶାଲିଟି ହସ୍ପିଟାଲର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ହସ୍ପିଟାଲ କର୍ମଚାରୀ ଓ ବହୁ ସଂଖ୍ୟକ ସାଧାରଣ ଲୋକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ହସ୍ପିଟାଲର ବିଶେଷଜ୍ଞ ଡାକ୍ତରମାନଙ୍କ ମଧ୍ୟରେ ଡା. ଆଶିଷ ଶତପଥୀ (ପରାମର୍ଶଦାତା - ନିଓନେଟୋଲୋଜି), ଡା. ଚନ୍ଦ୍ରକାନ୍ତ ନାୟକ (ପରାମର୍ଶଦାତା - ଅସ୍ଥିଶଲ୍ୟ ଚିକିତ୍ସା), ଡା. ପ୍ରଣୟ ପାଣିଗ୍ରାହୀ (ପରାମର୍ଶଦାତା ଶିଶୁ ଶଲ୍ୟ ଚିକିତ୍ସା ଓ ୟୁରୋଲୋଜି), ଡା. ସୌଭିକ ଦାସୁକିଲ (ପରାମର୍ଶଦାତା ମୁଖ ଓ ମୁଖମଣ୍ଡଳ ଶଲ୍ୟ ଚିକିତ୍ସା) ଏବଂ ଡା. ସନ୍ତୋଷ ଟେଟେ (ପରାମର୍ଶଦାତା ମେଡ଼ିସିନ) ଉପସ୍ଥିତ ଥିଲେ।

## ପାଣି ଘେରରେ ମାନପୁର ହରିଜନପଡ଼ାବାସୀ

ଭେଡ଼େନ,୨।୭ (ସମିସ): ଭେଡ଼େନ ବ୍ଲକ ମାନପୁର ପଞ୍ଚାୟତ ମହଲାକଟା ହରିଜନ ପଦାରେ ସବୁବେଳେ ପାଣି ଭରି ରହିବାରୁ ପଡ଼ାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ପୁରା ପଡ଼ାରେ ପାଣି ଭରି ଯିବାରୁ ଛୋଟ ଛୁଆ, ବୟସ୍କ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ମଶା, ମାଛି, ସାପଙ୍କ ପ୍ରାଦୁର୍ଭାବ ମଧ୍ୟ ବଢୁଛି। ପାଣି ନିଷ୍କାସନ ପାଇଁ ଥିବା ଛୋଟ ନାଳଟିରେ ବର୍ଜ୍ୟବସ୍ତୁ



ଜମି ଜାମ ହେବାରୁ ଆଦୌ ନିଷ୍କାସନ ହୋଇପାରୁନାହିଁ। ଆଜି ସକାଳୁ ବର୍ଷାପରେ ଏହି ସମସ୍ୟା ଦେଖାଦେଇଥିଲା। ସାମାଜିକ କର୍ମୀ ଜେମ୍ସ ରନବିଡା ଏବିଡ଼ିଓ ସୌଭାଗ୍ୟ ରଞ୍ଜନ ପଧାନଙ୍କୁ ଜଣାଇବା ପରେ ସେ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିତା ଦାଶଙ୍କୁ ଘଟଣା ସ୍ଥଳକୁ ପଠାଇ ତଦାରଖ କରି ତାଙ୍କ ଉପସ୍ଥିତିରେ ଗାଁ ଲୋକଙ୍କ ସହାୟତାରେ ଡ୍ରେନ ସଫା କରାଯାଇଥିଲା।

### ଘୁଷୁରାମୁଣ୍ଡା ପରେ ଦେୱାନପାଲିରେ ଜାତିଗତ ଭେଦଭାବ ଅଭିଯୋଗ

# ପାଚିକାଙ୍କ ହାତରୁ ରନ୍ଧାଖାଦ୍ୟ, ଅଣ୍ଡା, ଛତୁଆ ବର୍ଜନ

ଝାରବନ୍ଧ,୨।୭ (ସମିସ):

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଘୁଷୁରାମୁଣ୍ଡା ଅଙ୍ଗନବାଡ଼ି କେନ୍ଦ୍ରରେ ପାଚିକାଙ୍କୁ ଜାତିଆଣ ଭେଦଭାବ ଘଟଣା ନେଇ ସାରା ରାଜ୍ୟରେ ଚର୍ଚ୍ଚା ଥମି ନ ଥିବା ବେଳେ ଝାରବନ୍ଧ ବ୍ଲକ ଦେୱାନପାଲି ଅଙ୍ଗନବାଡ଼ି କେନ୍ଦ୍ରରେ ସମାନ ଘଟଣା ସାମ୍ନାକୁ ଆସିଛି। ପାଚିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପରେ ଗ୍ରାମରେ ଏକ ବୈଠକ ହୋଇ ଜଣେ ପ୍ରାର୍ଥୀଙ୍କୁ ଆବେଦନ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଗ୍ରାମର ଅନୁସୂଚିତ ଜାତି ସମ୍ପ୍ରଦାୟର ପଦ୍ମିନୀ ଜଗତ ଆବେଦନ କରି ନିଯୁକ୍ତି ପାଇଥିଲେ। ସେ ଗତ ଦୁଇ ମାସ ଧରି କାର୍ଯ୍ୟ କରୁଛନ୍ତି।



ପଦ୍ମିନୀଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଜାତିକୁ ଆଧାର କରି କେତେକ ବ୍ୟକ୍ତି ତାଙ୍କ ରନ୍ଧାଖାଦ୍ୟ, ଅଣ୍ଡା ଓ ଛତୁଆ ଗ୍ରହଣ ନ କରିବାକୁ ପ୍ରଚାର କରୁଛନ୍ତି। ଏହାସହ ଅଭିଭାବକମାନଙ୍କୁ ନିଜ ଶିଶୁଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରକୁ ନ ପଠାଇବାକୁ ପ୍ରବର୍ତ୍ତାଉଥିବା ଏବଂ ତାଙ୍କ ଉପରେ ପାଚିକା ପଦରୁ ଇସ୍ତଫା ଦେବାକୁ ଚାପ ପ୍ରୟୋଗ କରାଯାଉଥିବା ବେଳେ ତାଙ୍କ ବାପାଙ୍କୁ ମଧ୍ୟ ବୈଠକ କରି ଇସ୍ତଫା

### କେନ୍ଦ୍ରରେ ତାଲା, ସିଡିପିଓଙ୍କୁ ଅଭିଯୋଗ କଲେ କର୍ମୀ

ଦେବାକୁ ଚାପ ପ୍ରୟୋଗ କରୁଥିବା ବାପ-ଝିଅ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ବୁଧବାର କେତେକ ଗ୍ରାମବାସୀ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଫଳରେ କେନ୍ଦ୍ରର କାର୍ଯ୍ୟ ବନ୍ଦ ରହିଥିଲା ଏବଂ ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାମାନେ ପୁଷ୍ଟିକର ଖାଦ୍ୟ ସମେତ ଅନ୍ୟାନ୍ୟ ସେବାରୁ ବଞ୍ଚିତ ରହିଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗର ନିରପେକ୍ଷ ତଦନ୍ତ କରି ପ୍ରକୃତ ସତ୍ୟ ପଦାକୁ ଆଣିବା ସହ ସେଥିରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ଏ ସମ୍ପର୍କରେ ଝାରବନ୍ଧ ସିଡିପିଓଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଘଟଣା ସମ୍ପର୍କରେ ଅଙ୍ଗନବାଡି କର୍ମୀ ଲିଖିତ ଭାବେ ଜଣାଇଛନ୍ତି। ତଦନ୍ତ ପରେ ପ୍ରକୃତ ଘଟଣା ସ୍ପଷ୍ଟ ହେବ। ତଦନ୍ତ ଆଧାରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ବଣାଇ ଉପଖଣ୍ଡ ଡାକ୍ତରଖାନାରେ ଚିକିତ୍ସା ସେବା ଠପ୍

## ଧାରଣାରେ ବସିଲେ ଡାକ୍ତର, ହନ୍ତସନ୍ତ ରୋଗୀ



**ବଣାଇ, ୧।୭ (ସମିସ):** ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ (ଓମସା) ଆକ୍ସନ କମିଟିର ଆହ୍ୱାନ କ୍ରମେ ଆଜିଠାରୁ ସାରା ରାଜ୍ୟରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆରମ୍ଭ ହୋଇଛି। ଏହାକୁ ସମର୍ଥନ ଜଣାଇ ବଣାଇ ଉପଖଣ୍ଡ ଡାକ୍ତରଖାନାର ଡାକ୍ତରମାନେ ଧାରଣାରେ ବସିଥିବାରୁ ରୋଗୀସେବା ପ୍ରଭାବିତ ହୋଇଛି। ହସ୍ପିଟାଲକୁ ଆସୁଥିବା ଶହ ଶହ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁଁ ବହିର୍ବିଭାଗ (ଓପିଡି)ରେ କେବଳ ଜଣେ ଠିକା ଡାକ୍ତର ଓ ଜଣେ ଆୟୁଷ ଡାକ୍ତର ରୋଗୀଙ୍କୁ ସେବା ପ୍ରଦାନ କରୁଛନ୍ତି। ଫଳସ୍ୱରୂପ ସକାଳୁ ହିଁ ରୋଗୀଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ଅପେକ୍ଷା ସତ୍ତ୍ୱେ ଅନେକ ରୋଗୀ ଠିକ୍ ସମୟରେ ଚିକିତ୍ସା ସେବା ପାଇପାରି ନଥିଲେ।

ସବୁଠାରୁ ଅଧିକ ସମସ୍ୟାରେ ପଡ଼ିଛନ୍ତି ଗର୍ଭବତୀ ମହିଳା, ସ୍ତ୍ରୀ ରୋଗୀ ଏବଂ ଶିଶୁ ରୋଗୀ। ସେମାନଙ୍କ ପାଇଁ ବିଶେଷଜ୍ଞ ଚିକିତ୍ସା ସେବା ବ୍ୟାହତ ହୋଇଥିବାରୁ ରୋଗୀ ଓ ପରିବାରବର୍ଗ ଚିନ୍ତାରେ ପଡ଼ିଛନ୍ତି। ଅନେକ ରୋଗୀ ବାଧ୍ୟ ହୋଇ ଘରୋଇ କିମ୍ବା ବେସରକାରୀ ଚିକିତ୍ସାଳୟକୁ ମୁହାଁଇଥିବା ଜଣାପଡ଼ିଛି। ରୋଗୀମାନେ କହିଛନ୍ତି, ସରକାର ଓ ଡାକ୍ତର ସଂଗଠନ ମଧ୍ୟରେ ଶୀଘ୍ର ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯାଇ ସାଧାରଣ ଲୋକଙ୍କ ସ୍ୱାର୍ଥରେ ସ୍ୱାସ୍ଥ୍ୟ ସେବାକୁ ସ୍ୱାଭାବିକ କରାଯିବା ଆବଶ୍ୟକ।

# ବିରୋଧ ସତ୍ତ୍ୱେ ତୁମକେଲାରେ ବାୟୋ ପ୍ଲାଣ୍ଟ କାମ ଆରମ୍ଭ

ରାଉରକେଲା, ୧।୭ (ସମିସ)



## ୩ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ

ସ୍ଥାନୀୟ ଲୋକଙ୍କ ଲଗାତର ବିରୋଧ ସତ୍ତ୍ୱେ ରାଉରକେଲା ନିକଟସ୍ଥ ତୁମକେଲା ଠାରେ ପ୍ରସ୍ତାବିତ ଅଏଲ୍ ଇଣ୍ଡିଆର ବାୟୋ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ବୁଧବାର କଡ଼ା ପୁଲିସ ସୁରକ୍ଷା ବଳୟ ମଧ୍ୟରେ ଆରମ୍ଭ ହୋଇଛି। ନିର୍ମାଣ କାର୍ଯ୍ୟକୁ କେନ୍ଦ୍ର କରି ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାବେଳେ ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି।

ପ୍ରସ୍ତାବିତ ବାୟୋ ପ୍ଲାଣ୍ଟ ଯୋଗୁଁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବା, କୃଷିଜମି କ୍ଷତିଗ୍ରସ୍ତ ହେବା ଏବଂ ନିକଟବର୍ତ୍ତୀ ଜନବସତି ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ଦର୍ଶାଇ ଗ୍ରାମବାସୀ ଓ ବିଭିନ୍ନ ସ୍ଥାନୀୟ ସଙ୍ଗଠନ ଦୀର୍ଘଦିନ ଧରି ଏହି ପ୍ରକଳ୍ପକୁ ବିରୋଧ କରିଆସୁଛନ୍ତି।

ଏହି ପ୍ରକଳ୍ପରେ ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ଏବଂ ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି) ଟାଉନସିପ୍‌ରୁ ସଂଗୃହୀତ କଠିନ ବର୍ଜ୍ୟବସ୍ତୁକୁ ୱେଷ୍ଟ-ଟୁ-ଏନର୍ଜି ପ୍ରଯୁକ୍ତି ମାଧ୍ୟମରେ ପ୍ରକ୍ରିୟାକରଣ କରାଯାଇ ଶକ୍ତି ବା ଗ୍ୟାସ୍ ଉତ୍ପାଦନ କରାଯିବ। ଏଥିପାଇଁ ରାଉରକେଲା ମହାନଗର ନିଗମ, ରାଉରକେଲା ଇସ୍ପାତ କାରଖାନା ଓ ଅଏଲ୍ ଇଣ୍ଡିଆ ଲିମିଟେଡ୍ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁଯାୟୀ ପ୍ଲାଣ୍ଟ ସ୍ଥାପନ ପାଇଁ ଆରଏସ୍‌ପି ପ୍ରାୟ ୧୦ ଏକର ଜମି ଆରଏମ୍‌ସିକୁ ପ୍ରଦାନ କରିଛି।

ଅନ୍ୟପକ୍ଷରେ, ଆନ୍ଦୋଳନକାରୀମାନେ ସ୍ଥାନୀୟ ଲୋକଙ୍କ ସହ ଉଚିତ ଜନଶୁଣାଣି ଓ ପରାମର୍ଶ ପ୍ରକ୍ରିୟା ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ ପ୍ରକଳ୍ପର ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ଦାବି କରିଛନ୍ତି। ପରିବେଶ ଓ ସାମାଜିକ ପ୍ରଭାବକୁ ଦୃଷ୍ଟିରେ ରଖି ପ୍ରକଳ୍ପକୁ ବାତିଲ କରିବା କିମ୍ବା ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ମଧ୍ୟ ସେମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି।

ନିର୍ମାଣ କାର୍ଯ୍ୟ ଆରମ୍ଭ ବେଳେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକଳ୍ପ ସ୍ଥଳରେ ୩ ପ୍ଲାଟୁନ୍ ପୁଲିସ ବଳ ମୁତୟନ କରାଯାଇଥିଲା। ପୁଲିସର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କାମ ଆରମ୍ଭ ହୋଇଥିବାବେଳେ ଆନ୍ଦୋଳନ ଜାରି ରହିଥିବାରୁ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।

# ଡାକ୍ତରଙ୍କ ଆନ୍ଦୋଳନ; ଆର୍‌ଜିଏଚ୍‌ରେ ଓପିଡି ସେବା ଠପ୍

**ରାଉରକେଲା, ୧।୭ (ସମିସ):** ଦୀର୍ଘଦିନ ଧରି ପଡ଼ିରହିଥିବା ୧୦ ଦଫା ଦାବି ପୂରଣ ଦାବିରେ ବୁଧବାର ରାଜ୍ୟବ୍ୟାପୀ ସରକାରୀ ଡାକ୍ତରମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହାର ପ୍ରଭାବ ରାଉରକେଲା ସରକାରୀ ହସ୍ପିଟାଲ (ଆର୍‌ଜିଏଚ୍) ସମେତ ରାଜ୍ୟର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ସ୍ପଷ୍ଟ ଭାବେ ପରିଲକ୍ଷିତ ହୋଇଛି। ଆନ୍ଦୋଳନ ଯୋଗୁଁ ବହିର୍ବିଭାଗ (ଓପିଡି) ସେବା ଗୁରୁତର ଭାବେ ବ୍ୟାହତ ହୋଇଥିବାବେଳେ ଜରୁରୀକାଳୀନ ସେବା ସ୍ୱାଭାବିକ ଭାବେ ଚାଲିଥିଲା।




ଡାକ୍ତରମାନଙ୍କ ଆନ୍ଦୋଳନ ଫଳରେ ମେଡିସିନ୍, ଚର୍ମରୋଗ ବିଭାଗ ସମେତ ଏକାଧିକ ବିଶେଷଜ୍ଞ ବିଭାଗ ଏବଂ ପାଥୋଲୋଜି ସେବା ବନ୍ଦ ରହିଥିଲା। ହସ୍ପିଟାଲର ବିଭିନ୍ନ ବିଭାଗରେ ଡାକ୍ତରମାନଙ୍କ ପ୍ରକୋଷ୍ଠରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଫଳରେ ଦୂରଦୂରାନ୍ତରୁ ଆସିଥିବା ବହୁ ରୋଗୀ ଓ ସମ୍ପର୍କୀୟ ନିରାଶ ହୋଇଥିଲେ।

ବିଶେଷକରି, ଆନ୍ଦୋଳନ ସମ୍ପର୍କରେ ପୂର୍ବରୁ ଅବଗତ ନଥିବା ରୋଗୀମାନେ ସର୍ବାଧିକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ଡାକ୍ତରଙ୍କ ଆନ୍ଦୋଳନ ସତ୍ତ୍ୱେ ଜରୁରୀକାଳୀନ ଚିକିତ୍ସା, ହସ୍ପିଟାଲରେ ଭର୍ତ୍ତି ଥିବା ରୋଗୀଙ୍କ ସେବା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ନିରବଚ୍ଛିନ୍ନ ଭାବେ ଜାରି ରହିଥିଲା।

ଏନେଇ ଆର୍‌ଜିଏଚ୍ ଅଧୀକ୍ଷକ କହିଛନ୍ତି ଯେ, ଡାକ୍ତରମାନଙ୍କ ଆନ୍ଦୋଳନକୁ ଦୃଷ୍ଟିରେ ରଖି ହସ୍ପିଟାଲ ପ୍ରଶାସନ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇଛି। ଜରୁରୀକାଳୀନ ସେବା ସମ୍ପୂର୍ଣ୍ଣ ସ୍ୱାଭାବିକ ରହିଛି ଏବଂ ଗୁରୁତର ରୋଗୀଙ୍କ ଚିକିତ୍ସାରେ କୌଣସି ପ୍ରକାର ବାଧା ସୃଷ୍ଟି ହେବାକୁ ଦିଆଯିବ ନାହିଁ। ରୋଗୀ ସେବାକୁ ଯଥାସମ୍ଭବ ସ୍ୱାଭାବିକ ରଖିବା ପାଇଁ ହସ୍ପିଟାଲ ପ୍ରଶାସନ ସମସ୍ତ ପ୍ରୟାସ ଜାରି ରଖିଥିବା ସେ କହିଛନ୍ତି।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



**ରାଉରକେଲା, ୧।୭ (ସମିସ):** ରାଉରକେଲା ସ୍ଥିତ ବାଜିରାଉତ ଶିକ୍ଷା ନିକେତନ ଶିକ୍ଷାନୁଷ୍ଠାନରେ ଅଫିସ୍ ଆସିଷ୍ଟାଣ୍ଟ ଭାବରେ ଦୀର୍ଘ ୨୬ ବର୍ଷ କାର୍ଯ୍ୟକରି ଜୁନ୍ ୩୦ ତାରିଖରେ ଅବସର ଗ୍ରହଣ କରିଛନ୍ତି ରମେଶ ଚନ୍ଦ୍ର ଗୌଡ଼। ଜୁନ୍ ୩୦ ତାରିଖ ସଂଧ୍ୟାରେ ରମେଶ ଚନ୍ଦ୍ର ଗୌଡଙ୍କୁ ସେବା ନିବୃତ୍ତ ଅବସରରେ ସ୍ପନ୍ଦନ କାର୍ଯ୍ୟାଳୟ ଠାରେ ସ୍ପନ୍ଦନ ପରିବାର ତରଫରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସ୍ପନ୍ଦନ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫେସର ସମର ମୁଦାଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ଡକ୍ଟର ସତ୍ୟ ମିଶ୍ର, ନରୋତ୍ତମ ସାମଲ, ଶିଶିର ମୁଦାଲି, ମିହିର ପରିଜା, ନିତ୍ୟାନନ୍ଦ ଜେନା, କ୍ରିଷ୍ଣା ସିଂ, ସୁଦିଶ ମିଶ୍ର, ବନ୍ଦନା ଦାସ, ରାଜେଶ ପ୍ରସାଦ, ସରଣାନ୍ଦ ବରାଳ, ଇପ୍‌ସିତା ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଗୌଡ଼ଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର କାର୍ଯ୍ୟଦକ୍ଷତା ତଥା ସମସ୍ତଙ୍କୁ ଭଲପାଉଥିବା ଗୁଣ ବଖାଣିଥିଲେ। ଶେଷରେ ସଦସ୍ୟମାନେ ପୁଷ୍ପ ଗୁଚ୍ଛ, ଅଙ୍ଗବସ୍ତ୍ର, ଉପହାର ପ୍ରଦାନ ସହ ଶ୍ରୀ ରମେଶ ଗୌଡଙ୍କ ଦୀର୍ଘ, ନିରାମୟ ଜୀବନ କାମନା କରିଥିଲେ।

# ଆଇଜିଏଚ୍‌ରେ ଜାତୀୟ ଡାକ୍ତର ଦିବସ

**ରାଉରକେଲା, ୧।୭ (ସମିସ):** ଇଣ୍ଡିଆନ ମେଡିକାଲ ଆସୋସିଏସନ, ଇସ୍ପାତ ଜେନେରାଲ ହସ୍ପିଟାଲ ଶାଖା ପକ୍ଷରୁ ରାଉରକେଲା ଇସ୍ପାତ କାରଖାନା ସହଯୋଗରେ ଜୁଲାଇ ପହିଲାରେ ଇସ୍ପାତ ଜେନେରାଲ ହସ୍ପିଟାଲର (ଆଇଜିଏଚ୍) ସମ୍ମିଳନୀ କକ୍ଷରେ ଜାତୀୟ ଡାକ୍ତର ଦିବସ ପାଳିତ ହୋଇଯାଇଛି। ହସ୍ପିଟାଲର ସମସ୍ତ ବିଭାଗର ଡାକ୍ତରମାନେ ଯୋଗ ଦେଇଥିଲେ।



ଆଇ.ଏମ୍.ଏ - ଇସ୍ପାତ ଜେନେରାଲ ହସ୍ପିଟାଲ ଶାଖାର ସଭାପତି ଡକ୍ଟର ପି. କେ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେରେ ଆଇଜିଏଚର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଜୟନ୍ତ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ 'ବିହାଇଣ୍ଡ ଦ ମାସ୍କ: ହୁ ହିଲ୍ସ ଦ ହିଲର୍ସ?' ଉପରେ ଡାକ୍ତର ଆଚାର୍ଯ୍ୟ ବିସ୍ତୃତ ଭାବେ ଅଭିଭାଷଣ ପ୍ରଦାନ କରିଥିଲେ। ସେ ସ୍ୱାସ୍ଥ୍ୟସେବା ସହ ଜଡ଼ିତ ବୃତ୍ତିଧାରୀମାନଙ୍କ ନିଷ୍ଠା ଓ ସେବା ମନୋଭାବକୁ ସ୍ୱୀକୃତି ଦେବା ସହିତ ସେମାନଙ୍କର ଶାରୀରିକ ଓ ମାନସିକ ସୁସ୍ଥତାକୁ ସହଯୋଗ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ଇସ୍ପାତ ଜେନେରାଲ ହସ୍ପିଟାଲର ଇଣ୍ଟେନସିଭ୍ କେୟାର ୟୁନିଟ୍ ର ପୂର୍ବତନ ମୁଖ୍ୟ ତଥା ବରିଷ୍ଠ ଆନେସ୍ଥେଟିଷ୍ଟ ଡାକ୍ତର ରାଜ୍ୟବର୍ଦ୍ଧନ ପଟ୍ଟନାୟକଙ୍କୁ କ୍ରିଟିକାଲ କେୟାର ମେଡିସିନ କ୍ଷେତ୍ରରେ ତାଙ୍କର ବିଶିଷ୍ଟ ସେବା ଏବଂ ଅସାଧାରଣ ଅବଦାନ ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

ଆଇଜିଏଚର ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମେଘରାୟ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଇ.ଏମ୍.ଏ - ଇସ୍ପାତ ଜେନେରାଲ ହସ୍ପିଟାଲ ଶାଖାର ସଭାପତି ଡାକ୍ତର ପି.କେ. ମହାପାତ୍ରଙ୍କ ମାର୍ଗଦର୍ଶନରେ ଏବଂ ଇସ୍ପାତ ଜେନେରାଲ ହସ୍ପିଟାଲର ଅନ୍ୟତମ ମୁଖ୍ୟ ପରାମର୍ଶଦାତା ଡାକ୍ତର ଜେ ଆର୍. ସାହୁ ଓ ଇସ୍ପାତ ଜେନେରାଲ ହସ୍ପିଟାଲର ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସି. କେ. କାଶୀଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଡାକ୍ତର ସ୍ନେହଲ ପରଭେ ସଂଯୋଜନା କରିଥିଲେ।

# ରାଉରକେଲା ଇସ୍ପାତ କାରଖାନାର ୧୦୮୫ କର୍ମଚାରୀଙ୍କ ପଦୋନ୍ନତି

**ରାଉରକେଲା, ୧।୭ (ସମିସ):** ରାଉରକେଲା ଇସ୍ପାତ କାରଖାନାର ୧୭୫ ଜଣ ଅଧିକାରୀଙ୍କ ସମେତ ସର୍ବମୋଟ ୧୦୮୫ ଜଣ କର୍ମଚାରୀଙ୍କୁ ଜୁନ୍ ୩୦ ତାରିଖରେ ପଦୋନ୍ନତି ଦିଆଯାଇଛି।




'ମନ୍ଥନ' ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର ଆନୁଷ୍ଠାନିକ ଭାବେ ବରିଷ୍ଠ ଅଧିକାରୀମାନଙ୍କୁ ପଦୋନ୍ନତି ପତ୍ର ପ୍ରଦାନ କରିଥିଲେ ଏବଂ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ନୂତନ ଭାବେ ପଦୋନ୍ନତି ପାଇଥିବା ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ସମାରୋହରେ ନିର୍ବାହୀ ନିର୍ଦ୍ଦେଶକ (ୱାର୍କସ) ବିଶ୍ୱ ରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ପ୍ରୋଜେକ୍ଟସ) ଏସ୍. ପି. ଚୌଧୁରୀ, ସିଜିଏମ୍ ଇନ୍-ଚାର୍ଜ (ଫାଇନାନ୍ସ) ରାଜେଶ ଦାସଗୁପ୍ତା, ସିଏମ୍‌ଓ ଇନ୍-ଚାର୍ଜ ଡାକ୍ତର ଜୟନ୍ତ ଆଚାର୍ଯ୍ୟ ଏବଂ ସିଜିଏମ୍ (ମ୍ୟାଟେରିଆଲ୍ସ ମ୍ୟାନେଜମେଣ୍ଟ) ଶ୍ରୀ ଟି. ବିନୋଦ ମଧ୍ୟ ଉପସ୍ଥିତ ଥିଲେ।

ମହାପ୍ରବନ୍ଧକ (ଜେନେରାଲ ମ୍ୟାନେଜର) ପଦବୀକୁ ପଦୋନ୍ନତି ପାଇଥିବା ୧୬ ଜଣ ଉପ-ମହାପ୍ରବନ୍ଧକ (ଡେପୁଟି ଜେନେରାଲ ମ୍ୟାନେଜର) ଏବଂ ଉପ-ମହାପ୍ରବନ୍ଧକ ପଦବୀକୁ ପଦୋନ୍ନତି ପାଇଥିବା ୩୯ ଜଣ ସହକାରୀ ମହାପ୍ରବନ୍ଧକ (ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର)ଙ୍କୁ ମିଶ୍ର ପଦୋନ୍ନତି ପତ୍ର ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ନିଜର ବକ୍ତବ୍ୟରେ ଶ୍ରୀ ମିଶ୍ର କର୍ମଚାରୀଙ୍କ ବିକାଶ ଏବଂ ସଂଗଠନର କାର୍ଯ୍ୟଦକ୍ଷତା ମଧ୍ୟରେ ଥିବା ସମ୍ପର୍କ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ପଦୋନ୍ନତି ପାଇଥିବା ଅଧିକାରୀଙ୍କୁ ନିଜର ଅଭିନନ୍ଦନ ଜଣାଇବା ସହ କାର୍ଯ୍ୟଦକ୍ଷତା ବଜାୟ ରଖିବାକୁ ଆଗ୍ରହ କରି ପଦୋନ୍ନତି ପାଇଥିବା ଅଧିକାରୀମାନଙ୍କ ଉପରେ ସେଲ୍‌ଫ ମ୍ୟାନେଜମେଣ୍ଟ ରଖିଥିବା ବିଶ୍ୱାସକୁ ଦୋହରାଇଥିଲେ। ଏହାପୂର୍ବରୁ ସମ୍ପୃକ୍ତ ନିର୍ବାହୀ ନିର୍ଦ୍ଦେଶକମାନଙ୍କ ଦ୍ୱାରା ନୂତନ ଭାବେ ପଦୋନ୍ନତି ପାଇଥିବା ୭୯ ଜଣ ସହକାରୀ ମହାପ୍ରବନ୍ଧକଙ୍କୁ ପଦୋନ୍ନତି ପତ୍ର ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ୨୪ ଜଣ ଅଧିକାରୀ ବରିଷ୍ଠ ପ୍ରବନ୍ଧକ ପଦବୀକୁ ଏବଂ ୧୭ ଜଣ ପ୍ରବନ୍ଧକ ପଦବୀକୁ ପଦୋନ୍ନତି ପାଇଛନ୍ତି। ଏହା ସହିତ, କାରଖାନା ୱାର୍କସ ଅଞ୍ଚଳରୁ ୮୦୪ ଜଣ କର୍ମଚାରୀ ଏବଂ ଅଣ-ୱାର୍କସ ଅଞ୍ଚଳରୁ ୧୦୬ ଜଣ କର୍ମଚାରୀ ପରବର୍ତ୍ତୀ ଉଚ୍ଚ ଗ୍ରେଡ୍‌କୁ ପଦୋନ୍ନତି ପାଇଥିବା ଜଣାପଡ଼ିଛି।

# ପଞ୍ଚସଖା ଶିକ୍ଷା ସେତୁ ଆଲୁମିନି ମିଟ୍



**କୁତ୍ରା, ୧।୭ (ସମିସ):** ପଞ୍ଚ ସଖା ଶିକ୍ଷା ସେତୁ, ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ, କଟଙ୍ଗର ଆଲୁମିନି ମିଟ୍ ଅଧ୍ୟକ୍ଷ କୀର୍ତ୍ତିକିରଣ କୁଁୟାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ମେଣ୍ଟର ତଥା ପ୍ରଧାନଶିକ୍ଷକ ଡ଼. ନିତ୍ୟାନନ୍ଦ ବେହେରାଙ୍କ ପ୍ରୟାସ ଓ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଉଦଘାଟନୀ ଅବସରରେ କୁତ୍ରା ବ୍ଲକ ଶିକ୍ଷା ଅଧିକାରୀ ଅନନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଅମୂଲ୍ୟ ବିଦ୍ୟାପୀଠ, କେପଶେର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପଟେଲ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କାତ୍ରାର ପ୍ରଧାନଶିକ୍ଷକ ନିରଞ୍ଜନ ପଟେଲ, ବୁଟୁକୁପଡ଼ା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାରଣା ଏବଂ କୁତ୍ରା ବ୍ଲକର ସମସ୍ତ ସିଆରସିସି ଉପସ୍ଥିତ ଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ସାମୂହିକ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ଗ୍ରହଣ କରିଥିଲେ। ବିଦ୍ୟାଳୟର ରୂପାନ୍ତରଣ ଓ ଉନ୍ନତ ପରିବେଶ ସୃଷ୍ଟି ପାଇଁ ପ୍ରଧାନଶିକ୍ଷକ ଓ ଶିକ୍ଷକମାନଙ୍କ ପ୍ରୟାସକୁ ପୁରାତନ ଛାତ୍ରଛାତ୍ରୀମାନେ ପ୍ରଶଂସା କରିଥିଲେ। ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ପ୍ରକୃତି ମିତ୍ର ପୁରସ୍କାର ମିଳିଥିବା ସହ ଛାତ୍ରଛାତ୍ରୀମାନେ ଏନଆରଟିଏସ୍‌ରେ ସଫଳତା ହାସଲ କରିଥିବାରୁ ସମସ୍ତେ ଆନନ୍ଦ ପ୍ରକାଶ କରିଥିଲେ। ଶେଷରେ ବିଦ୍ୟାଳୟର ଆଗାମୀ ବିକାଶ ଓ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଲୁମିନି ପରାମର୍ଶଦାତା ମହେନ୍ଦ୍ର ସିଂହ ମମତା ସ୍ୱାଇଁ ଓ କୁମାରୀ ଜୟପୁରିଆଙ୍କ ସହଯୋଗରେ ସଞ୍ଚାଳନ କରିଥିଲେ।

# ବ୍ୟାଙ୍କ ଦିବସ ଅବସରରେ ସ୍ୱଚ୍ଛତା ଅଭିଯାନ

**ବଣାଇ, ୧।୭ (ସମିସ):** ୭୧ତମ ବ୍ୟାଙ୍କ ଦିବସ ପାଳନ ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ବଣାଇ ଶାଖା ପକ୍ଷରୁ ବୁଧବାର ବଣାଇ ସ୍ଥିତ ବିଜୁ ପାର୍କ ନିକଟରେ ଏକ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଣାଇ ଶାଖାର ମୁଖ୍ୟ ପ୍ରବନ୍ଧକ ସଞ୍ଜୟ କୁମାର ମାଝୀଙ୍କ ନେତୃତ୍ୱରେ କିରଣ ବେଲହେମ ଲୁଗୁନ, ଅକ୍ଷୟ କୁମାର ବେହେରା, ରବୀନ୍ଦ୍ରନାଥ ବେହେରା, ଗଣନାଥ ଫକ୍ୱାର, କିଶୋର ଚନ୍ଦ୍ର ମାଝୀ, କାରିଆ ମାଝୀ, ଅଜିତ କୁମାର ବାସ୍କେ, ଯଦୁ ମୁର୍ମୁ ଓ ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଭାବେ ସଫେଇ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବ୍ୟାଙ୍କ କର୍ମଚାରୀମାନେ ସ୍ୱଚ୍ଛ ପରିବେଶ ଗଠନରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ମତ ପ୍ରକାଶ କରିବା ସହ ସାଧାରଣ ଲୋକଙ୍କୁ ନିଜ ଆଖପାଖ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ ସଚେତନ କରିଥିଲେ।




# ପଇଡ଼ ବୋଝେଇ ପିକଅପ୍ ଦୁର୍ଘଟଣାଗ୍ରସ୍ତ; ୩ ଗୁରୁତର

**ବଣାଇଁ, ୧।୭ (ସମିସ):** ଟିକାୟତପାଲି ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ବିଜାକୁଲି ବଜାର ନିକଟସ୍ଥ ପୋଲ ଉପରେ ଏକ ପଇଡ଼ ବୋଝେଇ ପିକଅପ୍ ଭ୍ୟାନ୍ ଓଲଟି ପଡ଼ିବାରୁ ଏଥିରେ ଥିବା ୩ ଜଣ ଗୁରୁତର ହୋଇଛନ୍ତି। ପିକଅପ୍‌ଟି ବାରକୋଟରୁ ରାଉରକେଲା ଅଭିମୁଖେ ପଇଡ଼ ବୋଝେଇ କରି ଯାଉଥିବା ବେଳେ ବିଜାକୁଲି ବଜାର ନିକଟରେ ଥିବା ପୋଲ ଉପରେ ହଠାତ୍ ଚାଳକ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିଲା। ଗାଡ଼ିରେ ଚାଳକଙ୍କ ସମେତ ମୋଟ ୩ ଜଣ ଥିଲେ। ଟିକାୟତପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ରାଉରକେଲା ପୁଲିସ ପକ୍ଷରୁ 'ନିଶା ମୁକ୍ତ ଓଡ଼ିଶା' ଅଭିଯାନ

# 'ନିଶାମୁକ୍ତ ସମାଜ ପାଇଁ ସାମୂହିକ ସହଯୋଗ ଲୋଡ଼ା'

ରାଉରକେଲା, ୧।୭ (ସମିସ)

ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ରାଜ୍ୟବ୍ୟାପୀ ଚାଲିଥିବା 'ନିଶା ମୁକ୍ତ ଓଡ଼ିଶା ଅଭିଯାନ' ଅବସରରେ ବୁଧବାର ରାଜ୍ୟର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଥାନା ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ ନିଶା ବିରୋଧୀ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଓ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଉରକେଲାର ପ୍ଲାଣ୍ଟ ସାଇଟ୍ ଥାନା ପରିସରରେ ଏକ ନିଶା ବିରୋଧୀ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ବିଭସ୍ୱ ପ୍ରଧାନ ଉପସ୍ଥିତ ସମସ୍ତଙ୍କୁ ନିଶା ବିରୋଧୀ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ଇଣ୍ଟିଗ୍ରେସନ୍ ଫୋରମ୍, ଶାନ୍ତି କମିଟିର ସଦସ୍ୟ ଏବଂ ସ୍ଥାନୀୟ ବାସିନ୍ଦାମାନେ ସକ୍ରିୟ ଭାବେ ଯୋଗ ଦେଇଥିଲେ।

ଆଇଆଇସି ବିଭସ୍ୱ ପ୍ରଧାନ କହିଥିଲେ ଯେ, ରାଜ୍ୟବ୍ୟାପୀ ଚାଲିଥିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଯୁବପିଢ଼ିଙ୍କୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ କରି ସେମାନଙ୍କୁ ସୁସ୍ଥ, ଦାୟିତ୍ୱବାନ ଏବଂ ନିଶାମୁକ୍ତ ଜୀବନଯାପନ ପାଇଁ ପ୍ରେରିତ କରିବା। ସମସ୍ତ ନାଗରିକ ଏଥିରେ ସକ୍ରିୟ ସହଯୋଗ କରିବାକୁ ସେ ଆହ୍ୱାନ ଜଣାଇଥିଲେ।



ସେହିପରି ଉଦିତନଗର ଥାନା ପକ୍ଷରୁ ମଧ୍ୟ ନିଶା ବିରୋଧୀ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଓ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଶା ସେବନ କେବଳ ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟକୁ କ୍ଷତିଗ୍ରସ୍ତ କରେ ନାହିଁ, ବରଂ ପରିବାର ଓ ସମଗ୍ର ସମାଜ ଉପରେ କୁପ୍ରଭାବ ପକାଇଥାଏ। ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କ ସାମୂହିକ ସହଯୋଗ ଓ ନିରନ୍ତର ଜନସଚେତନତାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ।

# ବଣାଇଁ ଥାନାରେ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ

**ବଣାଇଁ, ୧।୭ (ସମିସ):** ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ନିଶାମୁକ୍ତ ଓଡ଼ିଶା ଅଭିଯାନ' ଅବସରରେ ବୁଧବାର ବଣାଇଁ ଥାନା ପରିସରରେ ଏକ ସଚେତନତା ଓ ନିଶା ବିରୋଧୀ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବଣାଇଁ ଥାନା ଅଧିକାରୀ ପିଙ୍କି କୁମାରୀ ମୁର୍ମୁଙ୍କ ନେତୃତ୍ୱରେ ଏଏସଆଇ ପର୍ଶୁରାମ ମାହାନ୍ତ, ଚୂଡ଼ାମଣି ମହାପାତ୍ର, ଆଶ୍ରୁମତୀ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ବଣାଇଁ ଅଞ୍ଚଳର ବହୁ ସାଧାରଣ ଜନତା ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ନିଶା ବିରୋଧୀ ଶପଥ ଗ୍ରହଣ କରିଥିଲେ।




ଏହି ଅବସରରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଓଡ଼ିଶା ପୁଲିସର ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ ନିଶାମୁକ୍ତ ସମାଜ ଗଠନର ଆବଶ୍ୟକତା, ଯୁବପିଢ଼ିଙ୍କୁ ମାଦକ ଦ୍ରବ୍ୟର କବଳରୁ ରକ୍ଷା କରିବା ଏବଂ ସମସ୍ତଙ୍କ ସହଯୋଗରେ ନିଶା ବିରୋଧୀ ଆନ୍ଦୋଳନକୁ ସଫଳ କରିବା ଉପରେ ଆଲୋକପାତ କରିଥିଲେ।

# କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ସୂଚୀ

**ସମ୍ବଲପୁର, ୧୭ (ସମିସ) :** କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଆସିଯାଇଛି। ମନ୍ତ୍ରୀ ଶ୍ରୀ ଶାହ ଆସନ୍ତା ୩ ତାରିଖ ସନ୍ଧ୍ୟା ୬ଟା ୨୫ ମିନିଟରେ ନୂଆଦିଲ୍ଲୀରୁ ଆଇଏଏଫ୍ ବିମାନ ଯୋଗେ ବାହାରି ୮ଟା ୪୦ ମିନିଟରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପହଞ୍ଚିବେ। ଝାରସୁଗୁଡ଼ାର ମେ' ଫେୟାର ହୋଟେଲରେ ରାତ୍ରିଯାପନ କରିବେ। ୪ ତାରିଖ ସକାଳେ ଶ୍ରୀ ଶାହ ଝାରସୁଗୁଡ଼ା ବିମାନ ବନ୍ଦରରୁ ହେଲିକେପ୍ଟର ଯୋଗେ ବରଗଡ଼ ଯାଇ ୧୧ଟା ୧୦ ମିନିଟରେ ପହଞ୍ଚିବେ। ସେଠାରେ ବଉଲସିଂହାଠାରେ ଇଥାନଲ୍ ପ୍ଲାଣ୍ଟ ପରିଦର୍ଶନ କରିବେ। ସେଠାରୁ ସଡ଼କ ପଥରେ ଯାଇ ୧୧ଟା ୫୦ ମିନିଟରେ ଜନସଭା ସ୍ଥଳକୁ ପହଞ୍ଚିବେ। ପୁଣି ହେଲିକେପ୍ଟର ଯୋଗେ ଅପରାହ୍ଣ ୧ଟା ୦୫ରେ ବାହାରି ଏମ୍‌ସିଏଲ୍ ବୁର୍ଲା ହେଲିପ୍ୟାଡ୍‌ରେ ୧ଟା ୨୫ ମିନିଟରେ ପହଞ୍ଚିବେ। ଏମ୍‌ସିଏଲ୍ ରେଷ୍ଟ ହାଉସ୍‌ରେ ଅବସ୍ଥାନ ପରେ ଅପରାହ୍ଣ ୨ଟା ସମୟରେ ବାହାରି ୨ଟା ୧୦ ମିନିଟ୍ ସମୟରେ ମା' ସମଲେଶ୍ୱରୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବେ। ଏହାପରେ ଅପରାହ୍ଣ ୨ଟା ୩୦ ମିନିଟରେ ବାହାରି ରେମେଡ ପଡ଼ିଆରେ ୨ଟା ୪୦ ମିନିଟରେ ପହଞ୍ଚି ବିଭିନ୍ନ ଶିଳାନ୍ୟାସ ଓ ଉଦ୍‌ଘାଟନ ଉତ୍ସବରେ ଯୋଗଦେବେ। ଅପରାହ୍ଣ ୪ଟା ୨୦ରେ ଏମସିଏଲ ହେଲିପ୍ୟାଡ୍‌ରୁ ବାହାରି ୪ଟା ୪୦ ମିନିଟ ସମୟରେ ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ଆଇଏଏଫ୍ ବିମାନ ଯୋଗେ ଯାତ୍ରା କରି ୫ଟା ୩୫ ମିନିଟ୍ ସମୟରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ଭୁବନେଶ୍ୱରରେ ମେ'ଫେୟାରରେ ଗୃହ ମନ୍ତ୍ରୀ ଅବସ୍ଥାନ କରିବେ। ଏହାପରେ ୫ ତାରିଖ ଭୁବନେଶ୍ୱର ଓ କଟକରେ ବିଭିନ୍ନ କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ସେହିଦିନ ସନ୍ଧ୍ୟାରେ ଗୃହମନ୍ତ୍ରୀ ଶ୍ରୀ ଶାହ ନୂଆଦିଲ୍ଲୀ ଫେରିଯିବେ ବୋଲି ଗସ୍ତସୂଚୀରୁ ଜଣାପଡ଼ିଛି।

# ଆନ୍ତଃରାଜ୍ୟ କଫ୍‌ସିରପ୍ ଚାଲାଣ ରାକେଟ୍ ପର୍ଦ୍ଦାଫାସ

## ୬ ଗିରଫ, ୧୨୦୦ ବୋତଲ ଜବତ



**ସମ୍ବଲପୁର, ୧୭ (ସମିସ):** ସମ୍ବଲପୁର ଅଇଁଠାପାଲି ଥାନା ଅଧୀନ ଅଞ୍ଚଳରେ ଚାଲିଥିବା ଏକ ଆନ୍ତଃରାଜ୍ୟ କଫ୍ ସିରପ୍ ଚୋରାଚାଲାଣ ରାକେଟ୍‌ର ପର୍ଦ୍ଦାଫାସ କରିଛି ପୁଲିସ। ଏହି ମାମଲାରେ ପୁଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର କଫ୍‌ସିରପ୍ ଓ ଗାଡ଼ି ଜବତ କରିଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ସମ୍ବଲପୁର ଜିଲ୍ଲାର ବୋଲି ଜଣାପଡ଼ିଛି। ସେମାନେ ହେଲେ ଜମନକିରା ଥାନା କୁମୁକାପାଲିର ଚନ୍ଦନ ବେହେରା (୨୫), ବୁର୍ଲା ଥାନା ବୈଜାମୁଣ୍ଡାର ଦୀପକ ଥେଥୁଆର(୨୮) ଓ କାହ୍ନା ବେହେରା (୨୮), ଜମନକିରା ଥାନା କୁମୁକାପାଲିର ସୁରଜ ମୁଣ୍ଡା (୨୮), ସମାପଡାର ପିଣ୍ଟୁ ମୁଣ୍ଡା (୩୪), ଶାସନ ଖୁଲିଆର ମାନସ ବେସନ (୨୬)। ସିଂହପାଲି ନିକଟରେ ବେଆଇନ କଫ୍ ସିରପ୍ ଚୋରା ଚାଲାଣ ହେଉଥିବା ନେଇ ଏକ ପୁଲିସ ଖବର ପାଇଥିଲା। ପରେ ଟିମ୍ ଚଢ଼ଉ କରିଥିଲା। ଏହି ସମୟରେ ଏକ କାର୍ ଏବଂ ଏକ ବିନା ନମ୍ବର ବିଶିଷ୍ଟ ଇଲେକ୍ଟ୍ରିକ୍ ସ୍କୁଟିରେ ବେଆଇନ ସାମଗ୍ରୀ ପରିବହନ କରୁଥିବା ଅବସ୍ଥାରେ ୬ ଜଣ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା। ସେମାନଙ୍କ ନିକଟରୁ ୧, ୨୦୦ ବୋତଲ କଫ୍‌ସିରପ, ୭ଟି ମୋବାଇଲ୍ ଫୋନ୍, ନଗଦ ୫, ୫୪୦ ଟଙ୍କା ଜବତ ହୋଇଛି।

## ଅଙ୍ଗନବାଡ଼ି ପାଚିକାଙ୍କୁ ଜାତିଆଣ ଆକ୍ଷେପ ଅଭିଯୋଗ

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଲକ୍ଷେଘର ପାଣ ସମାଜ

**କୁଚିଣ୍ଡା, ୧୭(ସମିସ) :** ବଲାଙ୍ଗିର ଜିଲ୍ଲାର ମୁରିବାହଲ ବ୍ଲକ ଅଧୀନ ଗୁଡିଘାଟ ପଞ୍ଚାୟତର ଘୁଷୁରାମୁଣ୍ଡା ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ରରେ ନବନିଯୁକ୍ତ ପାଚିକାଙ୍କୁ ଜାତିଆଣ ମନୋଭାବ ପ୍ରଦର୍ଶନ କରାଯାଇଥିବା ଅଭିଯୋଗକୁ ନେଇ ଲକ୍ଷେଘର ପାଣ ସମାଜ କଲ୍ୟାଣ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲ୍ଲାପାଳଙ୍କ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଦର୍ଶାଯାଇଛି ଯେ, ଘୁଷୁରାମୁଣ୍ଡା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରରେ ନିଯୁକ୍ତ ହୋଇଥିବା ପୁଣ୍ୟ ହରିପାଳ ଜଣେ ଦଳିତ (ଗଣ୍ଡା) ସମ୍ପ୍ରଦାୟର ମହିଳା। ତାଙ୍କ ନିଯୁକ୍ତିକୁ ବିରୋଧ କରି କିଛି ସ୍ଥାନୀୟ ଲୋକ ଜାତିଆଣ ଆକ୍ଷେପ କରିବା ସହ ଅଙ୍ଗନବାଡ଼ି କେନ୍ଦ୍ରରେ ରୋଷେଇ କରିବାକୁ ବାଧା ସୃଷ୍ଟି କରିଥିବା ଏବଂ କେନ୍ଦ୍ରରେ ତାଲା ପକାଇଥିବା ଅଭିଯୋଗ କରାଯାଇଛି। ଏହା ଦ୍ୱାରା ସମ୍ପୃକ୍ତ ମହିଳାଙ୍କ ମାନସିକ ସ୍ଥିତି ଉପରେ ଗଭୀର ପ୍ରଭାବ ପଡ଼ିଥିବାରୁ ସରକାର ତୁରନ୍ତ ହସ୍ତକ୍ଷେପ କରି ତାଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଦୋଷୀଙ୍କ ବିରୋଧରେ ଉଚିତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କମିଟିର ସଭାପତି ସମ୍ବାରୁ ବୁଡ଼ା, ସମ୍ପାଦକ ଲିଙ୍ଗରାଜ ବାଘ, ଉପଦେଷ୍ଟା ପ୍ରମୋଦ କୁମାର ଛୁରିଆ, ତ୍ରିନାଥ ଲୁହା, ମନ୍ଦାକିନୀ ଦୂତିଆ ଚାନ୍ଦ, ଜନତା ମନୋହରୀ, ତରଣୀ କାନ୍ତ ବାଘ, ଟଙ୍କଧର ବାଘ, ସନାତନ କୁସୁମ, ଗୋକୁଳ ଚନ୍ଦ୍ର ଦେହୁରୀ, ବିପିନ କରାଳୀ, ଗୟାନନ୍ଦ ଭଞ୍ଜ ଓ ସମସ୍ତ କମିଟି ସଭ୍ୟ ଉପସ୍ଥିତ ଥିଲେ।

# ଠକ ମୋନାଲି ହଜାରିକ ସମ୍ବଲପୁରରୁ ଗିରଫ

**ସମ୍ବଲପୁର, ୧୭(ସମିସ):** ସମ୍ବଲପୁର ଅଇଁଠାପାଲି ପୁଲିସ ଆସାମର ମୋନାଲି ହଜାରିକକୁ ଗିରଫ କରିଛି। ଅଇଁଠାପାଲି ସ୍ଥିତ ଏକ ହୋଟେଲରେ ଗତ ୨୩ ତାରିଖରୁ ରହୁଥିଲେ। କାର୍ ମାଧ୍ୟମରେ ସମ୍ବଲପୁର ଜିଲ୍ଲାର ବହୁତ ସ୍ଥାନକୁ ବୁଲି ଯାଇଥିଲେ। ପରେ ୨୮ ତାରିଖ ବିଲ ନ ଦେଇ ହୋଟେଲରୁ ଫେରାର ହୋଇ ଯାଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଆଜି ଉକ୍ତ ମହିଳାଙ୍କୁ ଗିରଫ କରିଛି। ପୂର୍ବରୁ ମହିଳା ଜଣକ ଏଭଳି ଠକେଇ ଅନେକ ଥର କରିଛନ୍ତି। ଚେକ ବାଉନ୍ସ ଭଳି ମାମଲା ମଧ୍ୟ ରହିଛି।

**ହୋଟେଲରେ ରହି ବିଲ ନ ଦେବା ଭଳି ଅଭିଯୋଗ**

**ପୂର୍ବରୁ ମଧ୍ୟ ଅନେକ ଠକେଇ ଅଭିଯୋଗ ରହିଛି**

## ଋଣ ୨ ଲକ୍ଷକୁ ସୁଧ ସାଢ଼େ ୮ ଲକ୍ଷ

# ଘର ସିଲ୍ କଲା ବ୍ୟାଙ୍କ, ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ପରିବାର

ସମ୍ବଲପୁର, ୧୭ (ସମିସ)






ସମ୍ବଲପୁର ଜିଲ୍ଲାରେ ପୁଣି ଆସିଲା ଏକ ବ୍ୟାଙ୍କର ଅମାନବୀୟ କାର୍ଯ୍ୟ। ୨୦୦୬ରେ ଋଣ କରିଥିଲେ ୨ ଲକ୍ଷ ଟଙ୍କା। ଏବେ କେବଳ ସୁଧ ହେଉଛି ୮ ଲକ୍ଷ ୫୦ ହଜାର ଟଙ୍କା। ଋଣ ପରିଶୋଧ କରି ନ ଥିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଘର ନିଲାମ ପାଇଁ ନୋଟିସ ଜାରି କରିବାସହ ସିଲ୍ କରିଛନ୍ତି। ଏପର୍ଯ୍ୟନ୍ତ ୧ ଲକ୍ଷ ୮୬ ହଜାର ଟଙ୍କା ପରିଶୋଧ କରିଛନ୍ତି। ଆଉ ୫ ଲକ୍ଷ ଟଙ୍କା ଧାର ଆଣି ଦେବାକୁ ପରିବାର ରାଜି ଥିବାବେଳେ ବ୍ୟାଙ୍କ କିନ୍ତୁ ସମଗ୍ର ରାଶି ପାଇଁ ଅଡ଼ି ବସିଛି। ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ସୁଧ ପରିମାଣ କମ୍ କରିବାକୁ ବାରମ୍ବାର କହିବାପରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ପରିବାର। ବ୍ୟାଙ୍କ ଘରକୁ ସିଲ୍ କରିଦେଇଥିବାରୁ ଏବେ ପଡ଼ିଶା ଘରେ ରହୁଛନ୍ତି ପରିବାର। ଗରିବ ଚାଷୀ ପରିବାର ଏବେ ଯିବ କୁଆଡ଼େ। ବ୍ୟାଙ୍କ ବ୍ୟବସ୍ଥାର ଚକ୍ର ଭିତରେ ପେଶି ହୋଇଯାଉଛି ସାଧାରଣ ଜୀବନ। ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲା ସାହାସପୁର ପଞ୍ଚାୟତ ବାଉଁଶେନମୁରା ଗାଁର ତ୍ରିନାଥ ରୋହିଦାସ ୨୦୦୬ ମସିହାରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଋଣ ନେଇଥିଲେ। ୨୦୧୮ ପର୍ଯ୍ୟନ୍ତ ସାମର୍ଥ୍ୟ ଅନୁଯାୟୀ ୧ ଲକ୍ଷ ୩୬ ହଜାର ଟଙ୍କା ପରିଶୋଧ କରିଥିଲେ। ଏହାପରେ ବ୍ୟାଙ୍କ କର୍ତ୍ତୃପକ୍ଷ ନିଲାମ ଅର୍ଡର ଦେଲେ, ଏହାପରେ ଆଉ ୫୦ ହଜାର ଟଙ୍କା ଜମା କରିଥିଲେ। ଏହାସହ ସାଢ଼େ ୪ ଲକ୍ଷ ଟଙ୍କା ଦେବେ ବୋଲି ଲିଖିତ ଭାବେ ଦେଲେ ଶ୍ରୀ ରୋହିଦାସ। ବ୍ୟାଙ୍କ କର୍ତ୍ତୃପକ୍ଷ ସାଢ଼େ ୪ ଲକ୍ଷ ଟଙ୍କା ରଖିବେନି ବୋଲି ଫେରାଇ ଦେଇଥିଲେ। ମାର୍ଚ୍ଚ ୨୫ରେ ନିଲାମ ନୋଟିସ କରିବାପରେ ଜୁନ୍ ୧୦ ତାରିଖରୁ ଘରକୁ ସିଲ୍ କରି ଦିଆଯାଇଥିବା କହିଛନ୍ତି ଶ୍ରୀ ରୋହିଦାସ। ଏବେ ସେମାନେ ପଡ଼ିଶାରେ ସମ୍ପର୍କୀୟ ମାନଙ୍କ ଘରେ ରହୁଛନ୍ତି। ପୁଅ କହିଛନ୍ତି, ସାଢ଼େ ୪ ଲକ୍ଷ ଟଙ୍କା ଓଟିଏସ୍ ଦେବାକୁ ପ୍ରସ୍ତାବ ଦେଇଥିଲେ। ତେବେ, ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରସ୍ତାବ ଗ୍ରହଣ ନ କରି ଘର ସିଲ୍ କରିଦେଇଥିବା ସେ ପ୍ରକାଶ କରିଛନ୍ତି। ଏବେ ୮ ରୁ ୧୦ ଜଣିଆ ପରିବାର କୁଆଡ଼େ ଯିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଗୋଟିଏ ଗରିବ, ଖଟିଖିଆ ପରିବାର ସାଢ଼େ ୮ ଲକ୍ଷ ଟଙ୍କା ଦେବା ସମ୍ଭବପର ନ ଥିବାବେଳେ ବ୍ୟାଙ୍କ କର୍ତ୍ତୃପକ୍ଷ ମଧ ଶୁଣୁନାହାନ୍ତି। ଏନେଇ ଆଜି ପରିବାର ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଗୁହାରି କରିଥିଲେ। ବିଭିନ୍ନ ସମୟରେ ଜନସାଧାରଣଙ୍କ ବ୍ୟାଙ୍କରୁ ଲକ୍ଷ ଲକ୍ଷ ଟଙ୍କା ଋଣକୁ ଓଟିଏସ୍ ବା କିସ୍ତିରେ ଦେବାକୁ ବୁଝାମଣା ହେଉଥିବାବେଳେ, ଗରିବ ରୋହିଦାସ ପରିବାର ସକାଶେ ବ୍ୟାଙ୍କ ନ ଶୁଣିବା ଦୁଃଖର ବିଷୟ। ଏନେଇ ଜିଲ୍ଲାପାଳ ପଦକ୍ଷେପ ନେବେ ବୋଲି ପରିବାର ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

# ଏମ୍‌ସିଏଲ୍‌ର ନିର୍ଦ୍ଦେଶକ (ଅର୍ଥ) ହେଲେ ମହମ୍ମଦ ଅନଜର୍ ଆଲମ୍

**ସମ୍ବଲପୁର, ୧୭ (ସମିସ) :** ମହମ୍ମଦ ଅନଜର୍ ଆଲମ୍ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ର ନିର୍ଦ୍ଦେଶକ (ଅର୍ଥ) ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବର୍ତ୍ତମାନ ଇଷ୍ଟର୍ଣ୍ଣ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଇସିଏଲ୍) ରେ ନିର୍ଦ୍ଦେଶକ (ଅର୍ଥ) ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ତାଙ୍କ ପାଖରେ ୩୧ ବର୍ଷରୁ ଅଧିକ ସମୟର ସମୃଦ୍ଧ ଆର୍ଥିକ ପାରଦର୍ଶିତା ରହିଛି। ସେ ଆରଆଇଏନଏଲ୍‌ରେ ଅର୍ଥ, ଆଭ୍ୟନ୍ତରୀଣ ଅଡିଟ୍, ଆଇଟି ଏବଂ ପରିଚାଳନା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବିଆଇଟି ସିନ୍ଦ୍ରି, ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଏମ କୋଲକାତାର ପ୍ରାକ୍ତନ ଛାତ୍ର ଶ୍ରୀ ଆଲମ୍ ବିଶ୍ୱସ୍ତରୀୟ ସମ୍ପଦ ହାସଲ, ଆନ୍ତର୍ଜାତୀୟ ଖଣି ପ୍ରକଳ୍ପଗୁଡ଼ିକର ଆର୍ଥିକ ମୂଲ୍ୟାଙ୍କନ ଏବଂ ଇଣ୍ଟରନ୍ୟାସନାଲ୍ କୋଲ୍ ଭେଞ୍ଚର୍ସ (ଆଇସିଭିଏଲ୍) ଗଠନ ସହିତ ଅନେକ ରଣନୀତିକ ପଦକ୍ଷେପରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି।



# ବାତିଲ ରହିବ ଝାରସୁଗୁଡ଼ା-ସମ୍ବଲପୁର-ଝାରସୁଗୁଡ଼ା ଟ୍ରେନ୍

**ସମ୍ବଲପୁର, ୧୭ (ସମିସ) :** ରେଳବାଇ ପକ୍ଷରୁ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ଲପଙ୍ଗା-ବୃନ୍ଦାମାଲ ସେକ୍ସନ ଏବଂ ସମ୍ବଲପୁର ଡିଭିଜନର ଝାରସୁଗୁଡା ରୋଡ୍ ଷ୍ଟେସନ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଟ୍ରେନ ସେବାଗୁଡ଼ିକ ସୂଚିତ ତାରିଖରେ ବାତିଲ କରାଯିବ। ଟ୍ରେନ ନମ୍ବର ୬୮୦୩୩ /୬୮୦୩୪ ଝାରସୁଗୁଡା-ସମ୍ବଲପୁର-ଝାରସୁଗୁଡା ପାସେଞ୍ଜର ଜୁଲାଇ ୩, ୬, ୧୦, ୧୩, ୧୭ ଏବଂ ୨୦ ତାରିଖରେ ଉଭୟ ଦିଗରୁ ବାତିଲ ରହିବ। ଯାତ୍ରୀମାନଙ୍କୁ ସଂଶୋଧିତ ପ୍ରସ୍ଥାନ ସମୟ ଉପରେ ଧ୍ୟାନ ଦେବାକୁ ଏବଂ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି। ଅପଡେଟ୍ ହୋଇଥିବା ଟ୍ରେନ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଜାତୀୟ ଟ୍ରେନ୍ ତଦନ୍ତ ପ୍ରଣାଳୀ (ଏନ୍‌ଟିଇଏସ୍) ପରିଦର୍ଶନ କରିପାରିବେ।

# ଏମ୍‌ସିଏଲର ମାନବସମ୍ବଳ ନିର୍ଦ୍ଦେଶକ ହେଲେ ବିରଞ୍ଚି ଦାସ

**ସମ୍ବଲପୁର, ୧୭ (ସମିସ) :** ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡର ନିର୍ଦ୍ଦେଶକ (ମାନବ ସମ୍ବଳ) ଭାବେ ୧ ଜୁଲାଇରୁ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ବିରଞ୍ଚି ଦାସ। ସେ ମାର୍ଚ୍ଚ ୨୦୨୪ ରୁ ସାଉଥ୍ ଇଷ୍ଟର୍ଣ୍ଣ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏସ୍‌ଇସିଏଲ୍) ରେ ନିର୍ଦ୍ଦେଶକ (ମାନବ ସମ୍ବଳ) ଭାବେ କାର୍ଯ୍ୟରତ ଅଛନ୍ତି ଏବଂ ମାନବ ସମ୍ବଳ ପରିଚାଳନା, ଶିଳ୍ପ ସମ୍ପର୍କ (ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ସ) ଓ କର୍ମଚାରୀ କଲ୍ୟାଣ କ୍ଷେତ୍ରରେ ତାଙ୍କର ପ୍ରାୟ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଶ୍ରୀ ଦାସ ବ୍ୟକ୍ତିଗତ ପରିଚାଳନା ଏବଂ ଶ୍ରମିକ-ନିଯୋଜକ ସମ୍ପର୍କ (ପିଏମ୍‌ଆଇଆର୍)ରେ ସ୍ନାତକୋତ୍ତର (ପିଜି) ଡିଗ୍ରୀ ହାସଲ କରିଛନ୍ତି। ସେ ୧୯୯୪ ମସିହାରେ ଏମସିଏଲ୍‌ରୁ ହିଁ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଏମସିଏଲ୍‌ରେ ନିଜର ପୂର୍ବ କାର୍ଯ୍ୟକାଳ ମଧ୍ୟରେ ସେ ଶିଳ୍ପ ସମ୍ପର୍କ ଏବଂ ମାନବ ସମ୍ବଳ ନୀତି ପ୍ରଣୟନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି ଏବଂ ବର୍ତ୍ତମାନ ସେ ସିଆଇଆର୍‌ଏଲ୍ ଓ ସିଇଡବ୍ଲୁଆର୍‌ଏଲ୍‌ର ବୋର୍ଡ ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟରତ ଅଛନ୍ତି। ଏସଇସିଏଲ୍‌ରେ କାର୍ଯ୍ୟ କରିବା ସମୟରେ ଶ୍ରୀ ଦାସ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ନେତୃତ୍ୱ ନେଇଛନ୍ତି, ଯେଉଁଥିରେ ସିଏସଆର କାର୍ଯ୍ୟକ୍ରମ 'ଏସଇସିଏଲ୍ କି ଧଡ଼କନ୍' ସାମିଲ ରହିଛି। ଏହି ଯୋଜନା ମାଧ୍ୟମରେ ଅସହାୟ ଶିଶୁମାନଙ୍କ ପାଇଁ ୩୬୦ଟି ଜୀବନରକ୍ଷାକାରୀ ହୃଦ୍ ଅସ୍ତ୍ରୋପଚାର କରାଯାଇପାରିଛି।



# ନିମ୍ନମାନର ରାସ୍ତା ନିର୍ମାଣ ଅଭିଯୋଗ; ଜିଲ୍ଲାପାଳଙ୍କୁ ଦାବିପତ୍ର

**ରେଢ଼ାଖୋଲ, ୧୭ (ସମିସ) :** ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ ଅଧୀନ ଲୁହାପଙ୍କ ପଞ୍ଚାୟତ ମୁଖ୍ୟ ରାସ୍ତା ଠାରୁ ଗାଢୁମୁଣ୍ଡା ପର୍ଯ୍ୟନ୍ତ ଦୀର୍ଘ ୫ କିମି ନିର୍ମାଣାଧୀନ ଆର୍‌ଡି ରାସ୍ତାଟି ଅତି ନିମ୍ନମାନର ନିର୍ମାଣ ହୋଇଥିବା ଅଭିଯୋଗ କରି ଗ୍ରାମବାସୀ ରେଢାଖୋଲ ଉପଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମାଞ୍ଚଳର ଜନସାଧାରଣଙ୍କ ପାଇଁ ଯାତାୟତ ଓ ଉନ୍ନତି ସକାଶେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସରକାର ଗାଁ ଗୁଡ଼ିକୁ ସହର ସହିତ ଯୋଡିବା ପାଇଁ ପ୍ରତ୍ୟେକ ଗାଁ ରାସ୍ତାଗୁଡ଼ିକୁ ରାଜରାସ୍ତାକୁ ସଂଯୋଗ ନିମନ୍ତେ ରାସ୍ତା ନିର୍ମାଣ ପାଇଁ କୋଟି କୋଟି ଟଙ୍କାର ଅର୍ଥ ମଞ୍ଜୁର କରୁଛନ୍ତି। କିନ୍ତୁ ଅତି ନିମ୍ନମାନର ନିର୍ମାଣ କାର୍ଯ୍ୟ ପାଇଁ କିଛି ଦିନ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ସେହିପରି ଏହି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ରାସ୍ତା ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ମାତ୍ର ଏକମାସ ମଧ୍ୟରେ ରାସ୍ତାରେ ଫାଟ ସୃଷ୍ଟି ହେଲାଣି, ଯାହା ଫଳରେ ଆଗକୁ ବର୍ଷା ଦିନରେ ରାସ୍ତା ଉପରେ ଖାଲ ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ରାସ୍ତାର ଉଭର ପାର୍ଶ୍ୱ ସାଇଡ୍‌ୱାଲ ଗୁଡ଼ିକ ଅତି ନିମ୍ନମାନର ହୋଇଥିବାରୁ ତାହା ଭାଙ୍ଗି ଗଲାଣି, ପିଚୁରାସ୍ତା ପାଇଁ ମେଟାଲିଂ ୭ ଇଞ୍ଚ ହେବା ବଦଳରେ ସେଥିରୁ କମ୍ ମାତ୍ରାରେ କାମ ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ସଂସ୍ଥା ତାର ନିଜ ଇଚ୍ଛା ମୁତାବକ ମନମୁଖୀ କାର୍ଯ୍ୟ କରୁଥିବା ବେଳେ ଏହି ରାସ୍ତା କାମଟି ରାଜସ୍ୱ ନୀରିକ୍ଷକଙ୍କ ବିନା ତଦାରଖରେ କାର୍ଯ୍ୟ ଚାଲୁଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ରାସ୍ତା ପ୍ରଶସ୍ତୀତକରଣ ବେଳେ ରାସ୍ତାରେ ଥିବା ବିଦ୍ୟୁତ ଖୁଣ୍ଟ ହଟାଇବାର ପ୍ରାବଧାନ ଥିବା ସତ୍ତ୍ୱେ ସେଗୁଡିକ କାର୍ଯ୍ୟ ନକରି ନିର୍ମାଣ କାର୍ଯ୍ୟ ଚାଲୁ ରଖୁଛି ଠିକା ସଂସ୍ଥା। ଆଗରୁ ମଧ୍ୟ ଅଭିଯୋଗ ହୋଇଥିବା ବେଳେ ବର୍ତ୍ତମାନ ଏହାର ସ୍ଥାୟୀ ସମାଧାନ ସହ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଉଛି।



# ଛେଳି ଚରାଳିକୁ ଦଳିଦେଲା ହାତୀ

**ଜମନକିରା, ୧୭(ସମିସ):** ବାମରା ଡିଭିଜନ ବଡ଼ରମା ରେଞ୍ଜ ଉଷାକୋଠୀ ସଂରକ୍ଷିତ ଭୂତେଲ ସେକସନ ଜଙ୍ଗଲରେ ଜଣେ ଛେଳି ଚରାଳିକୁ ହାତୀ ଦଳି ଦେଇଛି। ସଙ୍ଗଳବାର ସଢୋ ପଞ୍ଚାୟତ ବେଲୁଆମ୍ବ ଗ୍ରାମର କୁଞ୍ଜବନ ତିର୍କୀ ଛେଳି ଚରାଇବାକୁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। କେବଳ ଛେଳି ଓ ସାଙ୍ଗରେ ଯାଇଥିବା କୁକୁର ଘରକୁ ଫେରି ଥିଲେ। ଆଜି ସକାଳୁ ପରିବାରଲୋକେ ବହୁତ ଖୋଜା ଖୋଜି କରିବା ପରେ ମୃତ ଶରୀର ଠାବ କରି ବନ ବିଭାଗ ଓ ପୁଲିସକୁ ଜଣାଇ ଥିଲେ।

# ଶୋ'ରୁମ୍ କୁ ୫୦ ହଜାର ଜରିମାନା କଲା ଖାଉଟି ଅଦାଲତ

**ସମ୍ବଲପୁର, ୧୭ (ସମିସ) :** ସମ୍ବଲପୁର ଜିଲ୍ଲା ଉପଭୋକ୍ତା ବିବାଦ ସମାଧାନ କମିଶନ (ଖାଉଟି ଅଦାଲତ) ସେବାରେ ତ୍ରୁଟି ଏବଂ ଅସାଧୁ ବ୍ୟବସାୟିକ କାର୍ଯ୍ୟ ପାଇଁ ସମ୍ବଲପୁରର ଗୋପାଳପାଲି ଛକସ୍ଥିତ ହୁଣ୍ଡାଇ ଗାଡ଼ିର ପ୍ରତିଷ୍ଠିତ ଶୋ'ରୁମ୍ ଆକାଶ ଦୀପ ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କମିଶନ ସଭାପତି ଡ. ରମାକାନ୍ତ ଶତପଥୀ ଏବଂ ସଦସ୍ୟ ସଦାନନ୍ଦ ତ୍ରିପାଠୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଶୋ'ରୁମ୍ କର୍ତ୍ତୃପକ୍ଷଙ୍କୁ ଅଭିଯୋଗକାରୀଙ୍କୁ ୫୦ ହଜାର ଟଙ୍କା କ୍ଷତିପୂରଣ ଏବଂ ୧୦ ହଜାର ଟଙ୍କା ଅଦାଲତ ପରିଚାଳନା ଖର୍ଚ୍ଚ ବାବଦକୁ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମସ୍ତ ଅର୍ଥ ରାଶି ୩୦ ଦିନ ମଧ୍ୟରେ ପଇଠ ନ କଲେ ବାର୍ଷିକ ୯ ପ୍ରତିଶତ ସୁଧରେ ଅସୁଲ କରାଯିବ ବୋଲି ଉଲ୍ଲେଖ ରହିଛି। ମାମଲାର ବିବରଣୀ ଅନୁଯାୟୀ, ହୀରାକୁଦ ଗୌରପଡ଼ାର ମହେଶ୍ୱର ଷଣ୍ଢ ନିଜ ହୁଣ୍ଡାଇ ଗାଡ଼ିର ଥ୍ରୀ-ଡି ହ୍ୱିଲ୍ ଆଲାଇନମେଣ୍ଟ ଏବଂ ବାଲାନ୍ସିଂ ପାଇଁ ଆକାଶ ଦୀପ ମୋଟର୍ସ ଶୋ'ରୁମକୁ ଯାଇଥିଲେ। ଶୋ'ରୁମର ଆଲାଇନମେଣ୍ଟ ମେସିନ୍ ଖରାପ ଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ଗ୍ରାହକଙ୍କୁ କିଛି ନ ଜଣାଇ କାମ ହୋଇଯାଇଥିବା କହି ମୋଟା ଅଙ୍କର ବିଲ୍ ଆଦାୟ କରିଥିଲେ। ପରେ ଗ୍ରାହକ ଗାଡ଼ି ଚଳାଇବା ସମୟରେ ସମସ୍ୟା ସେମିତି ଥିବା ଦେଖି ଅଭିଯୋଗ କରିଥିଲେ। ଗ୍ରାହକଙ୍କ ପ୍ରତିବାଦ ଆଗରେ ବାଧ ହୋଇ ଶୋ'ରୁମ୍ କର୍ତ୍ତୃପକ୍ଷ ଆଲାଇନମେଣ୍ଟ ବାବଦକୁ ନେଇଥିବା ଟଙ୍କା ଫେରସ୍ତ କରିଥିଲେ ମଧ୍ୟ ଗ୍ରାହକ ଜଣକ ଅନ୍ୟ ଏକ ଦୋକାନରୁ ଗାଡ଼ି ମରାମତି କରିବା ସହ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଗ୍ରାହକଙ୍କୁ ହଇରାଣ କରିବା ଏବଂ ମେସିନ୍ ଖରାପ ଥାଇ ମଧ୍ୟ ବିଲ୍ କରିବା ଅପରାଧକୁ ଗୁରୁତ୍ୱର ସହ ନେଇ ସମ୍ବଲପୁର ଉପଭୋକ୍ତା ଅଦାଲତ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

# ପ୍ରମିଳା ସାହୁଙ୍କ ପରଲୋକ

**ସମ୍ବଲପୁର, ୧୭(ସମିସ):** ବିଜେପି ଧନୁପାଲି ମଣ୍ଡଳ କାର୍ଯ୍ୟକାରୀ ସଭାପତି ପ୍ରକାଶ ସାହୁଙ୍କ ମାତା ପ୍ରମିଳା ସାହୁଙ୍କର (୭୫) ଆଜି ପରଲୋକ ଘଟିଛି। ସେ କିଛି ଦିନ ହେବ ସ୍ୱାସ୍ଥ୍ୟଗତ ସମସ୍ୟାରେ ପୀଡ଼ିତ ଥିଲେ। ଆଜି ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପରିବାର ବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମାନେଶ୍ୱର ରାଜଘାଟଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ପ୍ରକାଶ ସାହୁ ମୁଖାଗ୍ନି ଦେଇଥିଲେ। ବିଜେପି ନେତା ଦେବେନ୍ଦ୍ର ମହାପାତ୍ର, ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ, ମୋହନ ଦାସ, ସୁଜାତା ଗୁରୁ ପହଞ୍ଚିଥିଲେ। ତାଙ୍କର ପରଲୋକରେ ସମଗ୍ର ମାନେଶ୍ୱର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ଡାକ୍ତର ଦିବସରେ ଧାରଣାରେ ବସିଲେ ଡାକ୍ତର

ସମ୍ବଲପୁର, ୧୭ (ସମିସ)



ଡାକ୍ତର ଦିବସରେ ଡାକ୍ତର ମାନଙ୍କ ୧୦ ଦଫା ଦାବି ନେଇ ଓଡ଼ିଶା ଡାକ୍ତରୀ ସେବା ସଂଘ (ଓମ୍‌ସା) ଆହ୍ୱାନରେ ଦିଆଯାଇଥିବା ପ୍ରତିବାଦ ଆନ୍ଦୋଳନରେ ଯୋଗ ଦେଇଛନ୍ତି ଡାକ୍ତର। ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟ ସମେତ ସାରା ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହୋଇଛି। ଜରୁରୀକାଳୀନ ସେବାକୁ ବାଦ୍‌ଦେଇ ଡାକ୍ତରମାନେ ଡାକ୍ତରଖାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ଗତ ୧୦ ବର୍ଷ ହେବ ଡାକ୍ତରମାନଙ୍କ ନ୍ୟାର୍ଯ୍ୟ ଦାବିକୁ ସରକାର କର୍ଣ୍ଣପାତ କରୁ ନ ଥିବା ଡାକ୍ତରମାନେ ଅଭିଯୋଗ କରିବାସହ କ୍ଷୋଭ ପ୍ରକାଶ କରିଛନ୍ତି। ଡାକ୍ତରମାନଙ୍କ ଦାବିଗୁଡ଼ିକ ମଧ୍ୟରେ - ଓଏମଏଚ୍‌ଏସରେ ସଂଶୋଧନ ସହିତ ଯୋଗ୍ୟତା ତାରିଖରୁ ଡିଏସିପି କାର୍ଯ୍ୟକାରୀ କରିବା ଏବଂ ଲେଭେଲ-୧୫ ପୂର୍ବସର୍ତ୍ତାବଳୀ ଉଚ୍ଛେଦ, ସମସ୍ତ ଗ୍ରେଡ୍ ପାଇଁ ପର୍ଯ୍ୟାପ୍ତ ପଦୋନ୍ନତି ସୁଯୋଗ ସୁନିଶ୍ଚିତ କରିବା ପାଇଁ କ୍ୟାଡର ପୁନର୍ଗଠନ, ବିଶେଷଜ୍ଞ, ସୁପର-ସ୍ପେଶାଲିଷ୍ଟ, ଡିପ୍ଲୋମା ଧାରକ, ପ୍ରଶାସକ ଏବଂ ପୋଷ୍ଟମର୍ଟମ ଡ୍ୟୁଟି ପାଇଁ ବର୍ଦ୍ଧିତ ପ୍ରୋତ୍ସାହନ, ଓଏମ୍‌ଏଚ୍‌ଏସ୍ ଏବଂ ଓଏମ୍‌ଇଏସ୍ କ୍ୟାଡରଙ୍କ ପାଇଁ ସମାନ ସୁବିଧା ସହିତ, ସ୍ୱଚ୍ଛ ଏବଂ ସମୟ ସୀମାବଦ୍ଧ ସ୍ଥାନାନ୍ତର ନୀତି, ଡିଏସିପିର ସମ୍ପ୍ରସାରଣ, କ୍ୟାଡର ପୁନର୍ଗଠନ ଏବଂ ଡେଣ୍ଟାଲ୍ କ୍ୟାଡରଙ୍କ ପାଇଁ ପ୍ରୋତ୍ସାହନ, ନିୟମିତ ଓପିଏସ୍‌ସି ନିଯୁକ୍ତି ଏବଂ ସମୟାନୁସାରେ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବୈଠକ, ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ଦୃଢ଼ ଆଇନଗତ ସୁରକ୍ଷା ଏବଂ ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା ମାଧ୍ୟମରେ ଡାକ୍ତରଙ୍କ ପାଇଁ ଉନ୍ନତ ସୁରକ୍ଷା, ଆଡହକ୍ ଡାକ୍ତରଙ୍କୁ ନିୟମିତ କରିବା ଏବଂ ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା କଭରେଜ୍ ବ୍ୟବସ୍ଥା ଆଦି ରହିଛି। ଯଦି ଦାବି ପୂରଣ ନ ହୁଏ ତେବେ ଭିମସାର ଜୁନିଅର ଡାକ୍ତର ସଂଘ ଏକତା ପ୍ରକାଶ କରି ଓମ୍‌ସା ସହିତ ଆନ୍ଦୋଳନରେ ଯୋଗଦେବ ବୋଲି ଉଲ୍ଲେଖ କରାଯାଇଛି। ଓମ୍‌ସାର ପ୍ରତିବାଦ ଆନ୍ଦୋଳନକୁ ଭିମସାର୍‌ର ଜୁନିୟର ଡାକ୍ତର ଆସୋସିଏସନ୍ (ଜେଡିଏ) ସମର୍ଥନ ଜଣାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଡାକ୍ତରମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ କରା ନ ଗଲେ ଜେଡିଏ ମଧ ଏହି ଆନ୍ଦୋଳନରେ ସାମିଲ ହେବ ବୋଲି ଚେତାବନୀ ଦିଆଯାଇଛି। ଆଜି ଆନ୍ଦୋଳନ ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ବିଶେଷଜ୍ଞ ଡାକ୍ତରଙ୍କ ବଦଳରେ କନିଷ୍ଠ ଡାକ୍ତରମାନେ ୱାର୍ଡ ତଥା ଜରୁରୀକାଳୀନ, ଚର୍ମ, ଭେଷଜ ଆଦି ସେବା ଯୋଗାଇ ଦେଉଛନ୍ତି। ଜରୁରୀକାଳୀନ ସେବା ଜାରି ରହିଛି। ଏହାବ୍ୟତୀତ ଉଭୟ କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ରୋଗୀସେବା ପ୍ରଭାବିତ ହୋଇଥିବାବେଳେ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ରୋଗୀ ହନ୍ତସନ୍ତ ହୋଇଥିଲେ। ବୁର୍ଲା ଭିମସାର ଡାକ୍ତରଖାନାରେ ମଧ୍ୟ ଜରୁରୀକାଳୀନ ସେବା ଏବଂ ଆଇସିୟୁ ସେବା ଦିଆଯାଉଥିଲା। ତେବେ, ସବୁଠାରେ ସାଧାରଣ ରୋଗୀ ସେବା ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ସୂଚନା ମିଳିଛି।

# ରୋଟାରୀ ଗ୍ରେଟ୍‌ର ପକ୍ଷରୁ ବିଶ୍ୱ ଡାକ୍ତର ଓ ସିଏ ଦିବସ

**ସମ୍ବଲପୁର, ୧୭(ସମିସ):** ଆଜି ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟର ପକ୍ଷରୁ ବିଶ୍ୱ ଡାକ୍ତର ଦିବସ ଏବଂ ସିଏ (ଚାର୍ଟାର୍ଡ ଆକାଉଣ୍ଟାଣ୍ଟ) ଦିବସ ପାଳନ କରାଯାଇଥିଲା। ଏହି ଅବସରରେ କ୍ଲବର ସଦସ୍ୟ ଥିବା ବିଭିନ୍ନ ବିଶିଷ୍ଟ ଡାକ୍ତରମାନଙ୍କୁ ସମ୍ମାନ ଜଣାଇ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ରୋଟାରିଆନ୍ ଡା. ଦୀପକ କୁମାର ପାଣିଗ୍ରାହୀ, ଡା. ଶୀତଳ କୌର, ରୋଟାରିଆନ୍ ଡା. ବୁବୁନ ପଟେଲ, ରୋଟାରିଆନ୍ ଡା. କମ୍ଳେଶ କକ୍କଡ, ଡା. ପ୍ରଣବ କୁମାର ମିଶ୍ର, ଡା. ସୁଶ୍ରୀ ସୁଭସ୍ମିତା ମିଶ୍ର, ଡା. ଅଲେଖ ମହାପାତ୍ର, ରୋଟାରିଆନ୍ ଡା. ମନୋରଞ୍ଜନ ସାହୁ, ଡା. ରବିନାରାୟଣ ଗୁରୁ, ଡା. ସୁଧାଂଶୁ ଶେଖର ପଣ୍ଡା, ଡା. ଗଙ୍ଗାଧର ପଣ୍ଡା, ଡା. ସି.ଆର୍. ମହାପାତ୍ର, ଡା. ଅଭିନାଶ ମିଶ୍ର ଏବଂ ଡା. ସୋନାଲି ମିଶ୍ର ପ୍ରମୁଖ ରହିଥିଲେ। ସେହିପରି ସିଏ ଦିବସ ଅବସରରେ ରୋଟାରିଆନ୍ ସିଏ ପ୍ରଦୀପ ଲାଠ ଏବଂ ରୋଟାରିଆନ୍ ସିଏ ଚନ୍ଦ୍ରଶେଖର ଶାହଙ୍କୁ ମଧ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଥିଲା। ଆଜିଠାରୁ ରୋଟାରୀ ଇଣ୍ଟରନ୍ୟାସନାଲର ୨୦୨୬-୨୭ ବର୍ଷର ନୂତନ କାର୍ଯ୍ୟକାଳ ଆରମ୍ଭ ହୋଇଥିବା ବେଳେ ରୋଟାରିଆନ୍ ଜିଜି ଜୋସେଫ କ୍ଲବର ସଭାପତି ଏବଂ ରୋଟାରିଆନ୍ ଲକ୍ଷ୍ମୀକାନ୍ତ ମହାପାତ୍ର ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୫ ତାରିଖରେ ଡିଏଚଏଚରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ଶିବିରରେ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରିବା ଲକ୍ଷ୍ୟ ରଖାଯାଇଛି। ଆଜିର କାର୍ଯ୍ୟକ୍ରମକୁ ତତ୍କାଳୀନ ସଭାପତି ରୋଟାରିଆନ୍ ରାଜୀବ ଜୈନ ଅଧ୍ୟକ୍ଷତା କରିଥିବା ବେଳେ କ୍ଲବ ସର୍ଭିସ ଡାଇରେକ୍ଟର ଅମିତାଭ ପରିଡ଼ା, ପିପି ରୋଟାରିଆନ୍ ମହମ୍ମଦ ପରୱେଜ ଅଲି ଖାନ, ପିପି ପ୍ରଶାନ୍ତ ରଥ, ପିପି ରୋଟାରିଆନ୍ ଘନଶ୍ୟାମ ମେହେର, ପିପି ରୋଟାରିଆନ୍ ବିଲାଲ ମଲ୍ଲିକ, ରୋଟାରିଆନ୍ ସୁମିତ ନାୟକ, ରୋଟାରିଆନ୍ ଲକ୍ଷ୍ମୀକାନ୍ତ ମହାପାତ୍ର, ରୋଟାରିଆନ୍ ରାଜକିଶୋର ଅଗ୍ରୱାଲ ଏବଂ ରୋଟାରିଆନ୍ ନିଶାନ୍ତ ବୋହିଦାର ପ୍ରମୁଖ ଉପସ୍ଥିତ ଥିଲେ।



# ଜାତୀୟ ଡାକ୍ତର ଦିବସରେ ସେବା ବନ୍ଦ; ରୋଗୀ ହନ୍ତସନ୍ତ



ବାଲେଶ୍ୱର,୧୭ (ସମିସ)

ଆଜି ହେଉଛି ଜାତୀୟ ଡାକ୍ତର ଦିବସ। କିନ୍ତୁ ଏହି ବିଶେଷ ଦିନରେ ରାଜ୍ୟରେ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିବା ପରେ ଆଜିଠାରୁ ସମୂହ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଡାକ୍ତର। ମେଡିକାଲରେ ଡାକ୍ତରୀ କାର୍ଯ୍ୟ ବନ୍ଦ ରହିବା ସହ ଡାକ୍ତରମାନେ ଜରୁରୀକାଳୀନ ସେବାରୁ ମଧ୍ୟ ବିରତ ରହିଛନ୍ତି ବୋଲି ଓମସା ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଫଳରେ ହସ୍ପିଟାଲ ଗୁଡ଼ିକରେ ଚିକିତ୍ସା ନପାଇ ରୋଗୀମାନେ ଚରମ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଗତ ଜାନୁଆରୀ ୯ ତାରିଖରେ ଓମସା ପକ୍ଷରୁ ରାଜ୍ୟ ସରକାରଙ୍କୁ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ସ୍ୱତନ୍ତ୍ର ସଚିବ ଓ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ପ୍ରଶାସନ ପକ୍ଷରୁ ୩ ମାସ ମଧ୍ୟରେ ସମସ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ମିଳିଥିଲେ ସୁଦ୍ଧା, ଆନ୍ଦୋଳନକୁ ୬ ମାସ ବିତିଯାଇଥିଲେ ବି ସରକାର କୌଣସି ଠୋସ ନିଷ୍ପତ୍ତି ନେଇନାହାନ୍ତି। ଯାହାକୁ ନେଇ ଆଜି ଡାକ୍ତରମାନେ ଗଣ-ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଡାକ୍ତରମାନଙ୍କ ପକ୍ଷରୁ କରାଯାଇଥିବା ଦାବିଗୁଡ଼ିକ ମଧ୍ୟରେ ବିଶେଷ କରି କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନ, ଦନ୍ତ ଚିକିତ୍ସକଙ୍କ କ୍ୟାଡ଼ର ପୁନର୍ବିନ୍ୟାସ, କେବିକେ ଅଞ୍ଚଳରେ ୫ ବର୍ଷ କାର୍ଯ୍ୟକାଳ ଶେଷ ପରେ ଉପକୂଳ ଜିଲ୍ଲାକୁ ବଦଳି, ବିଶେଷଜ୍ଞ ଓ ଡିପ୍ଲୋମାଧାରୀ ଡାକ୍ତରଙ୍କ ପ୍ରୋତ୍ସାହନ ରାଶି ବୃଦ୍ଧି, ପୋଷ୍ଟମୋର୍ଟମ ପ୍ରୋତ୍ସାହନ ରାଶି ବୃଦ୍ଧି ଏବଂ ଅଗ୍ରାଧିକାର ଭିତ୍ତିରେ ଖାଲି ପଦବୀ ପୂରଣ, ଡାକ୍ତରମାନଙ୍କୁ ସୁରକ୍ଷା ପ୍ରଦାନ, ବାସଗୃହ ନିର୍ମାଣ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ବୀମା, କ୍ୟାପିଟାଲ ହସ୍ପିଟାଲର ସ୍ଥିତି ବଜାୟ ରଖିବା ଆଦି ଦାବି ରହିଛି। ଆଜି ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ସ୍ୱାସ୍ଥ୍ୟ ସେବା ଗମ୍ଭୀର ଭାବେ ପ୍ରଭାବିତ ହୋଇଥିବା ବେଳେ ଏ ନେଇ ଓମସା ରାଜ୍ୟ ସାଧାରଣ ସମ୍ପାଦକ ଡାକ୍ତର ସଂଜିବ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡା. ଗିରିଜା ଦାସ, ଡା. ସରୋଜ ରାଜ, ଡା. ବସନ୍ତ ଉପାଧ୍ୟାୟ, ଡା. ଦିଲୀପ ପାତ୍ର, ଡା. ଗିରିଜା ମୋହନତା, ଡା. ଗୁରୁଦାସ ମହାପାତ୍ର, ଡା. ସରୋଜିନୀ ପ୍ରଧାନ, ଡା. ଜ୍ଞାନ ବେହେରା, ଡା. ସୁଜିତ୍ ମହାପାତ୍ର, ଡା. ଅରୁ ଗିରି, ଡା. ଧିରେଶ ସାରଙ୍ଗୀଙ୍କ ସହ ଅନ୍ୟ ଡାକ୍ତରମାନେ ଉପସ୍ଥିତ ଥିଲେ।

## ନୀଳଗିରି ମେଡିକାଲରେ ରୋଗୀସେବା ବାଧାପ୍ରାପ୍ତ



ନୀଳଗିରି,୧୭ (ସମିସ): ଓଡ଼ିଶା ମେଡ଼ିକାଲ୍ ସର୍ଭିସେସ ଆସୋସିଏସନ ଆହ୍ୱାନ କମିଟି ନିର୍ଦ୍ଦେଶରେ ଓଡିଶାର ସମସ୍ତ କାର୍ଯ୍ୟରତ ଡାକ୍ତର ସମୂହ ଆନ୍ଦୋଳନ କରିଛନ୍ତି। ଏହି କ୍ରମରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଅନୁରୂପ ଭାବେ ଏହାର ଦୃଶ୍ୟ ପରିଲକ୍ଷିତ ହୋଇଥିଲା। ଏଠାରେ ସମସ୍ତ କାର୍ଯ୍ୟରତ ଡାକ୍ତର ମାନେ ଏକ ପୋଷ୍ଟର ଲଗାଇ ରୋଗୀ ସେବାକୁ ବନ୍ଦ କରିଛନ୍ତି। ଯାହା ଫଳରେ ମେଡିକାଲକୁ ଆସିଥିବା ରୋଗୀ ସେବା ପାଇବାରେ ବଞ୍ଚିତ ହୋଇ ଫେରି ଯାଉଥିବା ଦେଖିବାକୁ ମିଳିଛି। ଏମିତିକି ନିୟମିତ ଡ୍ରେସିଂ କରିବା ପାଇଁ ଆସୁଥିବା ରୋଗୀ ମଧ୍ୟ ସେବା ପାଇବାରୁ ବଞ୍ଚିତ ହୋଇଥିଲେ। ତେବେ ନୀଳଗିରି ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ଅନେକ ଦୂର ଦୁରନ୍ତରୁ ରୋଗୀ ନୀଳଗିରି ମେଡ଼ିକାଲ୍ ଉପରେ ଭରଷା ରଖି ଆସି ନିରାଶ ହୋଇ ଫେରି ଯାଉଥିବା ରୁ ରୋଗୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।


## ୨୬ ଗ୍ରାମ୍ ବ୍ରାଉନସୁଗର ଜବତ, ୨ ଗିରଫ



ବାଲେଶ୍ୱର ସଦର/ରାଜଘାଟ, ୧୭ (ସମିସ): ବସ୍ତା ପୁଲିସକୁ ନିଶା କାରବାର ବିରୋଧୀ ଅଭିଯାନରେ ପୁଣି ଥରେ ବଡ଼ ସଫଳତା ମିଳିଛି। ଅମର୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକଙ୍କ ନେତୃତ୍ୱରେ ଚାଲିଥିବା ସ୍ୱତନ୍ତ୍ର ଚଢ଼ଉ ବେଳେ ବସ୍ତା ଥାନା ଅନ୍ତର୍ଗତ ନଳବାହାର ନିକଟରେ ଦୁଇ ଜଣ ନିଶା କାରବାରୀଙ୍କୁ କାବୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଜଳେଶ୍ୱରରୁ କେନ୍ଦ୍ରାପଡ଼ା ଅଭିମୁଖେ ବ୍ରାଉନସୁଗାର ନେଇ ଯାଉଥିବା ବେଳେ ଗୁପ୍ତ ସୂଚନା ଆଧାରରେ ନଳବାହାର ଠାରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ୨୬ ଗ୍ରାମ ବ୍ରାଉନସୁଗାର, ଯାହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୬୦ ହଜାର ହେବ ବୋଲି ଜଣା ଯାଇଛି,ନଗଦ ୬ ହଜାର ଟଙ୍କା ଓ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଘଟଣାରେ କେନ୍ଦ୍ରାପଡ଼ା ଅଞ୍ଚଳର ଜୟପ୍ରକାଶ ମହାପାତ୍ର(୨୪) ଓ କମଳାକାନ୍ତ ବେହେରା(୨୬) ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ବ୍ରାଉନସୁଗାର କେଉଁଠାରୁ ଆଣାଯାଇଥିଲା ଏବଂ କେଉଁଠାକୁ ଚାଲାଣ ହେବାକୁ ଥିଲା, ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ଏହି ଚଢ଼ାଉ ପଛରେ ଆଉ କିଛି ନିଶା କାରବାରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ନିଶା କାରବାରକୁ ରୋକିବା ପାଇଁ ବସ୍ତା ପୋଲିସ ପକ୍ଷରୁ ଲଗାତାର ସ୍ୱତନ୍ତ୍ର ଅଭିଯାନ ଚାଲିଥିବା ବେଳେ ଏହି ସଫଳତାକୁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବେ ଦେଖାଯାଉଛି। ସମ୍ପୂର୍ଣ୍ଣ ଘଟଣାରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ୩୫୦/୨୬ ମୂଳେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।

# ମୋବାଇଲ୍ ଓ ଇଣ୍ଟରନେଟ୍ ଭତ୍ତା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଲାବ୍ ଟେକ୍ନିସିଆନ୍

ବାଲେଶ୍ୱର,୧୭ (ସମିସ): ରାଜ୍ୟର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଲାବ ଟେକ୍ନିସିଆନ୍‌ମାନଙ୍କୁ ସରକାରଙ୍କ ପକ୍ଷରୁ ମୋବାଇଲ୍ ସେଟ୍ ସହିତ ଇଣ୍ଟରନେଟ୍ ଭତ୍ତା ପ୍ରଦାନ କରିବାକୁ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଲାବ ଟେକ୍ନିସିଆନ୍ ସାନୁ କୁମାର ଶାସମଲ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି। ଲାବ ଟେକ୍ନିସିଆନ୍‌ମାନେ କେବଳ ଲାବ ପରୀକ୍ଷାରେ ସୀମିତ ନରହି ବିଭାଗୀୟ ଅଫିସିଆଲ୍ ହ୍ୱାଟସ୍‌ଆପ୍ ଗ୍ରୁପରେ ଦୈନିକ ରିପୋର୍ଟିଂ, ସମନ୍ୱିତ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ, ସିକଲ୍ ସେଲ୍ ଆନିମିଆ କାର୍ଯ୍ୟକ୍ରମ, ଯକ୍ଷ୍ମା ପୋର୍ଟାଲରେ ତଥ୍ୟ ଅପଲୋଡ୍ ଭଳି ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ପ୍ରତିଦିନ ନିଜସ୍ୱ ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାବ ଟେକ୍ନିସିଆନ୍ ମାନେ ଚୁକ୍ତିଭିତ୍ତିକ ଓ ଆଉଟସୋର୍ସିଂରେ ସ୍ୱଳ୍ପ ବେତନରେ କାର୍ଯ୍ୟ କରୁଥିବାରୁ ବ୍ୟକ୍ତିଗତ ମୋବାଇଲ୍ ଓ ଇଣ୍ଟରନେଟ୍ ଖର୍ଚ୍ଚ ବହନ କରିବା ସେମାନଙ୍କ ପାଇଁ ଆର୍ଥିକ ବୋଝ ସୃଷ୍ଟି କରୁଛି। ସରକାରୀ କାର୍ଯ୍ୟ ସମ୍ପାଦନରେ ମୋବାଇଲ୍ ସେଟ୍ ସହିତ ଇଣ୍ଟରନେଟ୍ ଭତ୍ତା ପ୍ରଦାନ କରାଗଲେ କାର୍ଯ୍ୟ ଅଧିକ ସ୍ୱଚ୍ଛ, ଦ୍ରୁତ ଓ ଫଳପ୍ରଦ ହେବା



ସହ କର୍ମଚାରୀମାନଙ୍କ ଉପରେ ପଡୁଥିବା ଆର୍ଥିକ ବୋଝ ମଧ୍ୟ ହ୍ରାସ ପାଇବ ବୋଲି ଶ୍ରୀ ଶାସମଲ ଚିଠିରେ ଉଲେଖ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ବିଷୟଟିକୁ ସହାନୁଭୂତିର ସହ ବିଚାର କରି ସମ୍ପୃକ୍ତ ବିଭାଗକୁ ଆବଶ୍ୟକୀୟ ନିର୍ଦ୍ଦେଶ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ଏପରି ପଦକ୍ଷେପ ଲାବ ଟେକ୍ନିସିଆନ୍‌ମାନଙ୍କ ମନୋବଳ ବୃଦ୍ଧି କରିବା ସହ ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ଆହୁରି ଦକ୍ଷ ଓ ଗୁଣାତ୍ମକ କରିବ ବୋଲି ଚିଠିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଚିଠିକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଜିମେଲ୍, ଟୁଇଟର ତଥା ପୋଷ୍ଟାଲ ମାଧ୍ୟମରେ ପଠାଇଥିବା କହିଛନ୍ତି ଲାବ୍ ଟେକ୍ନିସିଆନ ଶ୍ରୀ ଶାସମଲ।

# କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କାଳିପଦା, ୧୭ (ସମିସ): ବାଲିଆପାଳ ବ୍ଲକ ଜଗାଇସ୍ଥିତ ପୁରାତନ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଧ୍ୟାପକ ଜଗଦୀଶ ବିଶ୍ୱାଳଙ୍କ ସଭାପତିତ୍ୱରେ ଅଧ୍ୟକ୍ଷା ଡ. ମାନସୀ ସାହୁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଡ଼ଃ ଦୟାନିଧି ସାହୁ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଭାତ କୁମାର ଜେନା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରଧ୍ୟାପକ ରବୀନ୍ଦ୍ର ନାଥ ବିଶ୍ୱାଳ ଯୋଗଦେଇ ବିଦାୟୀ ଅଧ୍ୟକ୍ଷାଙ୍କ ୧୪ ମାସର କାର୍ଯ୍ୟକାଳକୁ ପ୍ରଶଂସା କରିଥିଲେ। ଆମନ୍ତ୍ରିତ ଅତିଥି ଭାବେ ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ପ୍ରଭାଂଶୁ କୁମାର ସି, ପୂର୍ବତନ ଇଂରାଜୀ ବିଭାଗର ଅଧ୍ୟାପକ ଶଙ୍କର୍ଷଣ ପାଣିଗ୍ରାହୀ, ଅଧ୍ୟାପକ ବିଜୟ କୁମାର ଜେନା, ସରୋଜ କୁମାର ତ୍ରିପାଠୀ ପ୍ରମୁଖ ବିଦାୟୀ ଅଧ୍ୟକ୍ଷାଙ୍କ ନିର୍ମଳ ବ୍ୟକ୍ତିତ୍ୱ ସମ୍ପର୍କରେ କହିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ପ୍ରଧ୍ୟାପକ ପ୍ରହ୍ଲାଦ ବତ୍ସଳ ବେହେରା, ସଂସ୍କୃତ ବିଭାଗ ଅଧ୍ୟାପକ ଡ଼ଃ ବାମଦେବ ଆଚାର୍ଯ୍ୟ, ରବିରଞ୍ଜନ ପାଣିଗ୍ରାହୀ, ରାଜନୀତି ବିଜ୍ଞାନ ଅଧ୍ୟାପକ ବିଦ୍ୟାଧର କୁହ୍ଲାରୀ, ଇଂରାଜୀ ବିଭାଗ ମୁଖ୍ୟ ସନ୍ତୋଷ କୁମାର ମହାନା, ଅଧ୍ୟାପକ ରାଧାକାନ୍ତ ମହାନ୍ତି, ବିକାଶ ରଞ୍ଜନ ପ୍ରଧାନ, ସୁଶାନ୍ତ ରାଜ, ଅଧ୍ୟାପିକା ଶାନ୍ତିଲତା ଦାସ, ସୁପ୍ରସିନୀ ବେହେରା, ସସ୍ମିତା ସିଂ,ଅଧ୍ୟାପକ ଆଶିଷ କୁମାର ଓଝା, ଅଧ୍ୟାପକ ଅଭିଳାଷ ବେହେରା, ଅଧ୍ୟାପିକା ମନସ୍ୱିନୀ ଆଚାର୍ଯ୍ୟ, ଅନ୍ତକର୍ମୀ ଶାନ୍ତନୁ ସାମଲ, ମୁଖ୍ୟ କିରାଣି ପ୍ରକାଶ ସାହୁ, ଅଣଶିକ୍ଷକ କର୍ମଚାରୀ କାହ୍ନୁ ଚରଣ ଆଦକ, ଅମୂଲ୍ୟ ମଣ୍ଡଳ, ଶାରଦା ପ୍ରଧାନ, ପ୍ରମିଳା ଗିରି ପ୍ରମୁଖ ବିଦାୟୀ ଅଧ୍ୟକ୍ଷାଙ୍କ ବିବିଧ ଗୁଣ ବଖାଣି ଭାବ ବିହ୍?ଳ ହୋଇଉଠିଥିଲେ। ପୁରାତନ ଛାତ୍ର ତଥା ଆଲୁମିନି ସଭାପତି କ୍ଷିତୀଶ ଚନ୍ଦ୍ର ରାଉତ, ସମ୍ପାଦକ ପ୍ରଭାକର ପଢ଼ିଆରୀ, ଅଧ୍ୟକ୍ଷାଙ୍କ ଗୁଣଗାନ କରିବାରେ ଶତମୁଖର ହୋଇଯାଇଥିଲେ। ଅଧ୍ୟାପକ ବିଦ୍ୟାଧର କୁହ୍ଲାରୀ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଭିବିଜିରାମଜିକୁ ବିରୋଧ କରି ରାଷ୍ଟ୍ରପତିଙ୍କୁ ଦାବିପତ୍ର

ନୀଳଗିରି, ୧୭ (ସମିସ): ଓଡ଼ିଶା ରାଜ୍ୟରେ ବିଜେପି ସରକାର ଆସିବା ପରେ ଶ୍ରମିକ, କୃଷକ ଓ ଗରିବ ଲୋକଙ୍କ ଉପରେ ଆକ୍ରମଣ କରୁଛି। ପୂର୍ବରୁ ମନରେଗା ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏହାଦ୍ୱାରା ସାଧାରଣ ଗରିବ, କୃଷକ, ଶ୍ରମିକ ମାନେ କାମର ଗ୍ୟାରେଣ୍ଟି ପାଉଥିଲେ। ବର୍ତ୍ତମାନ ମନରେଗା ଯୋଜନାକୁ ବଦଳାଇ ଭିବିଜିରାମଜି ଯୋଜନା କାର୍ଯ୍ୟକାରୀ କରୁଛି। ଫଳରେ ଶ୍ରମିକ କୃଷକ ମାନେ କାମ ର ଗ୍ୟାରେଣ୍ଟି ପାଇବା ପରିବର୍ତ୍ତେ କର୍ମସଂସ୍ଥାନ ହରାଇବେ। ଏହାକୁ ବିରୋଦ୍ଧ କରି ସିଆଇଟିୟୁ କୃଷକ ସଭା, କ୍ଷେତ ମଜଦୁର ୟୁନିଅନ ନୀଳଗିରି ଶାଖା ତରଫରୁ ସିଟୁ ବାଲେଶ୍ୱର ଜିଲ୍ଲା କମିଟି ସମ୍ପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ନୀଳଗିରି ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯିବା ସହିତ ପ୍ରତିବାଦ



ସଭା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉମାକାନ୍ତ ଷଡଙ୍ଗୀ, ହେମେନ୍ଦ୍ର ସେଠୀ, ଅମରେନ୍ଦ୍ର ନାୟକ, ନାରାୟଣ ଧମୁଡ଼ିଆଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

## ଗୁହାଳ ଘରେ ନିଆଁ ଲାଗି ଗାଈ ଜୀବନ୍ତ ଦଗ୍ଧ

ରାଜଘାଟ, ୧୭ (ସମିସ): ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଲୋକନାଥପୁର ଗାଁରେ ଏକ ଗୁହାଳ ଘରେ ଅଗ୍ନିକାଣ୍ଡ ହୋଇ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛି। ଅନ୍ୟ ଏକ ଗାଈ ଗୁରୁତର ଆହତ ହୋଇଛି। ରାତି ପ୍ରାୟ ୮:୩୦ ସମୟରେ ଚାଷୀ ଟୁନା ଦାସଙ୍କ ଘର ପଛପଟେ ଥିବା ଛପର ଗୁହାଳରେ ହଠାତ୍ ନିଆଁ ଲାଗିଯାଇଥିଲା। ଗୁହାଳ ଭିତରେ ନଡା ଓ ଶୁଖିଲା ଘାସ ଥିବାରୁ ନିଆଁ ମୁହୂର୍ତ୍ତ ମଧ୍ୟରେ ବ୍ୟାପିଯାଇଥିଲା। ଗୁହାଳ ଭିତରେ ବନ୍ଧା ହୋଇଥିବା ଗୋଟିଏ ଗାଈ ଘଟଣାସ୍ଥଳରେ ହିଁ ଜୀବନ୍ତ ଦଗ୍ଧ ହୋଇଯାଇଥିଲା। ଅନ୍ୟ ଏକ ଗାଈ ନିଆଁରେ ପ୍ରାୟ ୫୦ପ୍ରତିଶତ ପୋଡି ଗୁରୁତର ହୋଇଛି। ଗୁହାଳ ସହ ପ୍ରାୟ ୨୦ ହଜାର ଟଙ୍କାର ଦାନା ଓ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ନିଆଁ ଦେଖି ପଡୋଶୀ ଲୋକେ ପାଣି ଓ ବାଲି ଦେଇ ନିଆଁକୁ ଆୟତ୍ତ କରିଥିଲେ। ସେମାନେ ଜୀବନ ବାଜି ଲଗାଇ ଗୁରୁତର ଗାଈଟିକୁ ବାହାର କରିଥିଲେ। ଗୁରୁତର ଗାଈଟିର ଚିକିତ୍ସା ପାଇଁ ପଶୁ ଚିକିତ୍ସକ ଆସି ଚିକିତ୍ସା କରିଛନ୍ତି। ଟୁନା କହିଛନ୍ତି, ରାତିରେ ମଶା ଘଉଡାଇବା ପାଇଁ ଗୁହାଳରେ ଧୂଆଁ ଦିଆଯାଇଥିଲା। ହୁଏତ ସେଇଥିରୁ ହିଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଖବରପାଇ ଗୁଡିଖାଳ ରାଜସ୍ୱ ନିରୀକ୍ଷକ ଓ ପଶୁ ଚିକିତ୍ସା ଅଧିକାରୀ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ଟୁନା ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ନିଶାମୁକ୍ତ ଓଡ଼ିଶା ଅଭିଯାନ




ନୀଳଗିରି, ୧୭ (ସମିସ): ରାଜ୍ୟ ସରକାର ସମଗ୍ର ରାଜ୍ୟରେ ନିଶା ମୁକ୍ତ କରିବାପାଇଁ "ନିଶାମୁକ୍ତ ଓଡ଼ିଶା ଅଭିଯାନ' କାର୍ଯ୍ୟକ୍ରମ ଓଡ଼ିଶା ପୁଲିସ ପକ୍ଷରୁ ସମସ୍ତ ଥାନାରେ ଆୟୋଜନ କରାଯାଉଛି। ଏହି କ୍ରମରେ ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ନୀଳଗିରି ଥାନାର ଏସ୍. ଡି.ପି.ଓ ତଥା ବାଲେଶ୍ୱର ଆଡିସନାଲ ଏସ୍. ପି ପ୍ରମୋଦ କୁମାର ମଲ୍ଲିକ ଏବଂ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ଅଧ୍ୟକ୍ଷତାରେ ନୀଳଗିରି ଥାନା ସଭାଗୃହ ଠାରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୀଳଗିରି ଥାନାର କାର୍ଯ୍ୟରତ ସମସ୍ତ ଅଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା ପ୍ରମୁଖ ଉପସ୍ଥିତ ରହି ନିଶା ମୁକ୍ତ ଓଡ଼ିଶା ଗଠନରେ ନିଜକୁ ସମର୍ପିତ ମନଭାବ ରଖି ଶପଥ ନେଇଥିଲେ। ପରେ ଏସ୍.ଡି.ପି.ଓ ପ୍ରମୋଦ ମଲ୍ଲିକ ଆଗାମୀ ଦିନରେ ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ଉପସ୍ଥିତ ଲୋକଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ।

# ଗଡ଼ପୋଖରୀ ଉପ୍ରା ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କୁ ସେବାନିବୃତ୍ତ ସମ୍ବର୍ଦ୍ଧନା

ଖଇରା, ୧୭ (ସମିସ): ଖଇରା ବ୍ଲକ ଅଧୀନ ଗଡପୋଖରୀ ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ବେହେରାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ପରେଶ ପ୍ରସାଦ ଦକ୍ଷିଣରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ ମୁଖ୍ୟଅତିଥି ଓ ଅଲୋଷ୍ଟାର ବ୍ଲକ ସଭାପତି ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଅବସର ନେଉଥିବା ଶିକ୍ଷୟତ୍ରୀ ସଂଧ୍ୟାରାଣୀ ନିଜ ସନ୍ତାନ ସମ ଛାତ୍ରୀଛାତ୍ରଙ୍କୁ ସ୍ନେହ ଓ ଶିକ୍ଷା ଦେଉଥିବା ନେଇ ପ୍ରକାଶ କରିଥିଲେ। ସହ ଗୋଷ୍ଠୀଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ, ସ୍ଥାନୀୟ ସରପଞ୍ଚ ଟିକିରାଣୀ ସେଠୀ, ସିଆରସିସି ଦାମୋଦର ମହାନ୍ତି, ରଘୁନାଥ ଦଳେଇ, ଶତ୍ରୁଘ୍ନ ଦାସ, ତପନ କୁମାର ବେହେରା, ପୂର୍ବତନ ଓଷ୍ଟା ସଭାପତି ଭରତ ଚନ୍ଦ୍ର ଦାସ, ଶିକ୍ଷକ ନେତା ସୁଶାନ୍ତ କୁମାର ମହାପାତ୍ର, ଉଦୟ କୁମାର ପାତ୍ର, ଜଗନ୍ନାଥ ମହାପାତ୍ର, ପ୍ରଦୀପ



କୁମାର ମହାନ୍ତି, ସନ୍ତୋଷ କୁମାର ଦକ୍ଷିଣରାୟ, ଲମ୍ବୋଦର ଦାସ ଓ ଶଙ୍କର୍ଷଣ ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦାୟୀ ଶିକ୍ଷୟତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପରେ ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ, ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସତର୍କ ସଂକେତ ଉପରେ ଜଳକା ନଦୀର ଜଳସ୍ତର

ବାଲେଶ୍ୱର ସଦର,୧୭ (ସମିସ) : ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବୁଧବାର ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ନଦୀର ସତର୍କ ସଙ୍କେତ ୬ ମିଟର ଓ ବିପଦ ସଙ୍କେତ ୬.୫ ମିଟର ରହିଛି। ଆଜି ସକାଳ ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୦୧ ମିଟରରେ ପ୍ରବାହିତ ହେଉଥିଲା ବେଳେ ସନ୍ଧ୍ୟା ସୁଦ୍ଧା ଏହା ସତର୍କ ସଙ୍କେତ ତଳେ ୫.୯୬ ମିଟରରେ ପ୍ରବାହିତ ହେଉଛି। ଯାହାକୁ ନେଇ ଜଳକାରେ ପୁଣି ବନ୍ୟା ଆଶଙ୍କା ଦେଖାଦେଇଥିଲା। ଯାହା ଫଳରେ ବସ୍ତା ଓ ସଦର



ବ୍ଲକର କିଛି ଚାଷଜମି ଜଳାର୍ଣ୍ଣବ ହୋଇଥିବା ବେଳେ ଭୟଭୀତ ଅବସ୍ଥାରେ ରହିଛନ୍ତି ନଦୀ କୂଳିଆ ବାସିନ୍ଦା। ଗତ ଦୁଇଦିନ ଧରି ବାଲେଶ୍ୱର ସମେତ ପଡୋଶୀ ମୟୁରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହୋଇଛି। ଫଳରେ ବସ୍ତା ଦେଇ ପ୍ରବାହିତ ହେଉଥିବା ଜଳକା ନଦୀ ଅବବାହିକା ସମେତ ନଦୀର ଉପର ମୁଣ୍ଡ ରାସଗୋବିନ୍ଦପୁର, ମୋରଡା, ଶୁଳିଆପଦା, ଚିତ୍ରଡା ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ବୃଦ୍ଧି ପାଇଥିଲା ନଦୀର ଜଳସ୍ତର। ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି।

## ଆନ୍ଦୋଳନରେ ଡାକ୍ତର, ରୋଗୀସେବା ବାଧାପ୍ରାପ୍ତ



ବସ୍ତା ବ୍ଲକ, ୧୭ (ସମିସ): ଡାକ୍ତର ଦିବସରେ ଆନ୍ଦୋଳନରେ ଡାକ୍ତର ଥିବାରୁ ବାଲେଶ୍ୱର ଜିଲ୍ଲା ବସ୍ତା ହସ୍ପିଟାଲରେ ରୋଗୀ ସେବା ବାଧାପ୍ରାପ୍ତ ହୋଇଥିବା ଦେଖିବାକୁ ମିଳିଛି। ବସ୍ତା ହସ୍ପିଟାଲ ୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ହୋଇଥିବା ବେଳେ ଏହି ହସ୍ପିଟାଲ ଉପରେ ୪ ବ୍ଲକର ଲୋକେ ନିର୍ଭର କରନ୍ତି। ଆନ୍ଦୋଳନ ଯୋଗୁଁ ଓ ପିଡିରେ କଣ୍ଟ୍ରାକ୍ଟୁଆଲ ଓ ଆୟୁଷ ଡାକ୍ତର ରୋଗୀଙ୍କୁ ଦେଖିଥିବା ବେଳେ ସ୍ପେଶଲିଷ୍ଟ ଡାକ୍ତରଙ୍କ ଅନୁପସ୍ଥିତ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇଛି। ବୁଧବାର ଓପିଡିରେ ୩୭୩ ଜଣ ରୋଗୀ ପଞ୍ଜିକୃତ ହୋଇ ଚିକିତ୍ସା ପାଇଁ ଆସିଥିବା ଜଣା ପଡିଛି। ଯଦି ଡାକ୍ତରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ନ ହୁଏ ତାହାଲେ ତାହାଲେ ପରିସ୍ଥିତ ଉଦବେଗ୍‌ଜନକ ହେବ ବୋଲି କୁହାଯାଉଛି।

# ମୁଖ୍ୟରାସ୍ତା ପାଖରୁ ମଦ ଦୋକାନ ସ୍ଥାନାନ୍ତର ଦାବିରେ ଅନଶନ

କାଳିପଦା, ୧୭ (ସମିସ)




ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ବଡ଼ ସିମୁଳିଆ ମୌଜାରୁ ମଦ ଦୋକାନ ସ୍ଥାନାନ୍ତର ପାଇଁ ଆଜି ମଧୁପୁରା ଗ୍ରାମ ପଞ୍ଚାୟତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ଅନଶନରେ ବସିଛନ୍ତି। ପୂର୍ବରୁ ଏହି ଠାରେ ସରକାରୀ ମଦ ଦୋକାନ ଥିଲା। ଚଳିତ ବର୍ଷ ମଦ ଦୋକାନ ମାଲିକଙ୍କୁ ଦୋକାନ ଲାଇସେନ୍ସ ମିଳି ନ ଥିବା ବେଳେ ସେହି ମାଲିକ ଲାଇସେନ୍ସ ପାଇ ଥିବା ଲୋକଙ୍କୁ ସେହିଠାରେ ଦୋକାନ କରିବା ପାଇଁ ସୁଯୋଗ ଦେଉଛନ୍ତି। ସେଠାରୁ ମଦ ଦୋକାନ ସ୍ଥାନାନ୍ତର ପାଇଁ ପୂର୍ବରୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ବାରମ୍ବାର ଅନଶନ ଆନ୍ଦୋଳନ କରି ଆସିଛନ୍ତି। ତେବେ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରି ନ ଥିବା ପ୍ରକାଶ। ଏଠାରେ ମଦ ଦୋକାନ ଯୋଗୁଁ ଦୈନନ୍ଦିନ ରାସ୍ତାରେ ଛୋଟ ମୋଟ ଦୁର୍ଘଟଣା ଘଟୁଛି। ରାସ୍ତାର ପୂର୍ବ ପଟରେ ପ୍ରାଥମିକ ବିଦ୍ୟାଳୟ ଓ ଶିବ ମନ୍ଦିର ରହିଛି। ପଶ୍ଚିମ ପଟରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ଜନ ଗହଳିପୂର୍ଣ୍ଣ ସ୍ଥାନ ହୋଇ ଥିବା ବେଳେ ମହିଳା, ପିଲାମାନେ ମଦ ଦୋକାନ ଆଗ ରାସ୍ତା ପାରି ଯିବାକୁ ପ୍ରମାଦ ଗଣୁଛନ୍ତି। ରୋଗୀ ମାନେ ରାତିରେ ଏହି ରାସ୍ତା ପାରି ଯିବାକୁ ଭୟ ପାଉଛନ୍ତି। ଆଜି ଏହି ଅନଶନରେ ସ୍ୱୟଂ ସହାୟିକା ଗୋଷ୍ଠୀର ଶାନ୍ତିଲତା ଦାସ, ଦୀପ୍ତିରାଣୀ ଜେନା, ଅଞ୍ଜୁଲତା ରାଉଳ, ମିତାରାଣୀ ଜେନା, ମନୁରମା ପ୍ରାମାଣିକ, ଅନ୍ନପୂର୍ଣ୍ଣା ମହାରଣା, ସୁମତି ସାମନ୍ତରାୟ, ଶୁଚିସ୍ମିତା ଜେନା, ମିତାରାଣୀ ଚଣ୍ଡ, କଲ୍ୟାଣୀ ଜେନା ପ୍ରମୁଖ ୫୦ରୁ ଅଧିକ ମହିଳା ସାମିଲ ହୋଇଥିଲେ। ଖବର ପାଇ ବାଲିଆପାଳ ଥାନାଧିକାରୀ ସାଲଖାନ ମୁର୍ମୁ ଅନଶନ ରତ ମହିଳା ମାନଙ୍କୁ ବୁଝାସୁଝା କଲାପରେ ଅନଶନ କୁ ମହିଳା ମାନେ ପ୍ରତ୍ୟାହାର କରି ନେଇଥିଲେ।

● ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲା

## ଦୁଇ ଅଭିଯୁକ୍ତଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣିଲା ପୁଲିସ

ବ୍ରହ୍ମପୁର,୧।୭ (ସମିସ): ଗୋପାଳପୁର ପୁଲିସ ବହୁ ଚର୍ଚ୍ଚିତ ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାର ଦୁଇ ଅଭିଯୁକ୍ତଙ୍କୁ ଆଜି ଦୁଇ ଦିନିଆ ରିମାଣ୍ଡରେ ଆଣିଥିବା ଜଣାପଡ଼ିଛି। ଦୁଇ ଅଭିଯୁକ୍ତ ହେଲେ ଗୁଜୁରାଟ୍‌ର ସରୋଜ ପଣ୍ଡା, ବଡ଼ଗଡ଼ ଥାନା ନୂଆଗାଁର ରଞ୍ଜନ ମଲ୍ଲିକ। ଆଜି ଗୋପାଳପୁର ପୁଲିସର ଏକ ଟିମ ଏହି ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦେଶ ପ୍ରକାରେ ରିମାଣ୍ଡରେ ଆଣି ମେଡିକାଲରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଥାନାକୁ ଆଣିଥିଲେ। ଥାନାରେ ସଦର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ଉପସ୍ଥିତ ରହି ଜଣ ଜଣ କରି ସୁଧୀର ପାତ୍ରଙ୍କୁ କିପରି ଘଟଣା ସ୍ଥଳରୁ ଅପହରଣ କରି ନେଇଥିଲେ। କିପରି ତାଙ୍କୁ ହତ୍ୟା କରାଯାଇଥିଲା ସେନେଇ ପଚାରି ବୁଝି ବହୁ ତଥ୍ୟ ସଂଗ୍ରହ କରିଛନ୍ତି। ତାହାସହ ଆସନ୍ତାକାଲି ଅଭିଯୁକ୍ତ ମାନଙ୍କୁ ନେଇ କ୍ରାଇମସିନ ରିକ୍ରିଏସନ କରାଯିବ ବୋଲି ଜଣାପଡିଛି। ସୂଚନା ପ୍ରକାରେ ପ୍ଲଟ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ପରେ ହତ୍ୟା କରିଥିବା ମାମଲାରେ ପୁଲିସ ଚାରି ଜଣଙ୍କୁ ରାଜସ୍ଥାନରୁ ରିମାଣ୍ଡରେ ଆଣିଥିବା ବେଳେ ଗୁଜୁରାଟର ସରୋଜ ପଣ୍ଡା, ବଡ଼ଗଡ଼ ଥାନା ନୂଆଗାଁର ରଞ୍ଜନ ମଲ୍ଲିକ ପୁଲିସ କବଳରୁ ଖସି ଯାଉଥିବା ବେଳେ ପୁଲିସ ଉଭୟଙ୍କୁ ଏନକାଉଣ୍ଟର କରିଥିଲା। ଫଳରେ ସେମାନଙ୍କ ଗୋଡ଼ରେ ଆଘାତ ଲାଗିଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ଚିକିତ୍ସାଧିନ ପରେ ସ୍ୱାସ୍ଥ୍ୟରେ ସୁଧାର ଆସିବା ପରେ ସେମାନଙ୍କୁ ହାଜତକୁ ପଠାଯାଇଥିଲା। ପୂର୍ବରୁ ମଧ୍ୟ ହତ୍ୟା ମାମଲାରେ ସାମିଲ ହୋଇ ସଜା କାଟୁଥିବା ଝିଆରୀ, ପୁତୁରାଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ପୁଲିସ ରିମାଣ୍ଡରେ ଆଣି ବହୁ ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି।

## ଯୁବକଙ୍କୁ ଇଟାରେ ଆକ୍ରମଣ; ଜଣେ ଗିରଫ

ବ୍ରହ୍ମପୁର,୧।୭ (ସମିସ): ଜମିରେ ମାଟି ପକାଇବାକୁ କେନ୍ଦ୍ର କରି ଗୋଷାଣୀନୂଆଗାଁ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ଇଟାରେ ଆକ୍ରମଣ କରାଯାଇଥିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ଠାକୁରାଣୀ ମନ୍ଦିର ସାହିର ଅଭିମନ୍ୟୁ ପାଣିଗ୍ରାହୀ (୬୨)। ସୂଚନାଯୋଗ୍ୟ ଯେ, ଗୋଷାଣୀନୂଆଗାଁ ଠାକୁରାଣୀ ମନ୍ଦିର ସାହିର ପପୁ ମହାରଣା (୪୩) ବୁଧବାର ଅପରାହ୍ନରେ ନିଜ ଜମିରେ ଜେସିବି ମେସିନ୍ ସାହାଯ୍ୟରେ ମାଟି ପକାଇବା କାମ କରୁଥିଲେ। ସେହି ସମୟରେ ତାଙ୍କ ପଡ଼ୋଶୀ ଅଭିମନ୍ୟୁ ପାଣିଗ୍ରାହୀ, ରାଜା ପାଣିଗ୍ରାହୀ ଓ ବାବୁ ପାଣିଗ୍ରାହୀ ସେଠାକୁ ଆସି କାମ ବନ୍ଦ କରିବାକୁ କହିଥିଲେ। ପପୁ ମହାରଣା କାମ ବନ୍ଦ କରିବାକୁ ମନା କରିବାରୁ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହାପରେ ଅଭିମନ୍ୟୁ ପାଣିଗ୍ରାହୀ ଉତ୍ତ୍ୟକ୍ତ ହୋଇ ଏକ ଇଟା ଉଠାଇ ପଛପଟୁ ପପୁଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ପପୁ ଗୁରୁତର ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ଘଟଣା ପରେ ଅଭିଯୁକ୍ତ ମାନେ ସେଠାରୁ ଫେରାର ହୋଇଯାଇଥିଲେ । ଘଟଣାକୁ ନେଇ ପପୁ ମହାରଣାଙ୍କ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିମନ୍ୟୁ ପାଣିଗ୍ରାହୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୨ ଜଣ ଫେରାର ରହିଥିବା ଜଣାପଡ଼ିଛି।

# ବର୍ଷାରମ୍ଭରୁ କନ୍ଦାଇଲା ମୌସୁମୀ

ବ୍ରହ୍ମପୁର,୧।୭ (ସମିସ)



ରାଜ୍ୟର ସର୍ବବୃହତ୍ କୃଷି ଜିଲ୍ଲା ଭାବେ ପରିଚିତ ଗଞ୍ଜାମରେ ଚଳିତ ଖରିଫ୍ ଋତୁ ଆରମ୍ଭରୁ ହିଁ ଚାଷୀଙ୍କ ଭାଗ୍ୟ ସହ ଲୁଚକାଳି ଖେଳୁଛି ମୌସୁମୀ। କ୍ୟାଲେଣ୍ଡର କହୁଛି ଚାଷ ସମୟ ଆଗେଇ ଚାଲିଛି, କିନ୍ତୁ ପାଗ ସହଯୋଗ କରୁନାହିଁ। କେଉଁଠି ତଳି ପଡ଼ିଲାଣି ତ ଆଉ କେଉଁଠି ଜମିରେ ପାଗ ନିଅଁଟ ପଡୁଛି। ଆଉ କେଉଁଠି ଚାଷୀ ତଳିଘରା ପ୍ରସ୍ତୁତ କରି ଆକାଶକୁ ଚାହିଁ ବସିଛନ୍ତି। ମୌସୁମୀର ଏହି ବିଳମ୍ବ କେବଳ ଚାଷ କାର୍ଯ୍ୟସୂଚୀକୁ ନୁହେଁ, ଜିଲ୍ଲାର ଧାନ ଉତ୍ପାଦନ ଏବଂ ଲକ୍ଷାଧିକ ଚାଷୀ ପରିବାରର ଜୀବିକାକୁ ମଧ୍ୟ ପ୍ରଶ୍ନବାଚୀ ସାମ୍ନାରେ ଠିଆ କରିଦେଇଛି। ଗଞ୍ଜାମ ଜିଲ୍ଲାର ଅର୍ଥନୀତିର ମେରୁଦଣ୍ଡ ହେଉଛି କୃଷି। ପ୍ରତିବର୍ଷ ଖରିଫ୍ ଋତୁରେ ସର୍ବାଧିକ ଧାନ ଚାଷ ହୋଇଥାଏ। ସାଧାରଣତଃ ଜୁନ୍ ମାସ ଦ୍ୱିତୀୟ ସପ୍ତାହରୁ ମୌସୁମୀ ସକ୍ରିୟ ହେବା ସହ ତଳି ପକାଇବା, ଜମି ଚାଷ କରିବା ଏବଂ ଚାରା ରୋଇବା କାମ ଜୋର ଧରିଥାଏ। ହେଲେ ଚଳିତବର୍ଷ ବର୍ଷାର ଅନିୟମିତତା ସମଗ୍ର ଚାଷ ଚକ୍ରକୁ ଅସନ୍ତୁଳିତ କରିଦେଇଛି। ଜିଲ୍ଲାର କେତେକ ବ୍ଲକରେ ପ୍ରାରମ୍ଭିକ ବର୍ଷାକୁ ଭରସା କରି ଚାଷୀମାନେ ତଳି ପକାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବର୍ଷା ବନ୍ଦ ହୋଇଯିବାରୁ ତଳିର ସ୍ୱାଭାବିକ ବୃଦ୍ଧି ବାଧାପ୍ରାପ୍ତ ହେଉଛି। ଅନ୍ୟପଟେ ଭଞ୍ଜନଗର, ସୋରଡ଼ା, ଆସ୍କା, ବେଲଗୁଣ୍ଠା, ଧରାକୋଟ, ଶେରଗଡ଼, କବିସୂର୍ଯ୍ୟନଗର ଓ ଅନ୍ୟାନ୍ୟ ବର୍ଷାନିର୍ଭର ଅଞ୍ଚଳରେ ଅନେକ ଚାଷୀ ଏଯାବତ୍ ତଳି ପକାଇବାକୁ ସାହସ କରିପାରୁ ନଥିବା ସୂଚନା ମିଳିଛି। ବିଳମ୍ବରେ ତଳି ପଡ଼ିଲେ ଚାରା ରୋଇବା ବିଳମ୍ବ ହେବ, ଫସଲ ପରିପକ୍ୱ ହେବାର ସମୟ ବଦଳିଯିବ ଏବଂ ଶେଷରେ ଅମଳ କମିବାର ଆଶଙ୍କା ରହିଛି। ଚାଷୀଙ୍କ ଚିନ୍ତା କେବଳ ବର୍ଷାକୁ ନେଇ ନୁହେଁ। ଚାଷ ପାଇଁ ବିହନ, ସାର, କୀଟନାଶକ ଓ ଜମି ପ୍ରସ୍ତୁତିରେ ହଜାର ହଜାର ଟଙ୍କା ଖର୍ଚ୍ଚ ହୋଇସାରିଛି। ଅନେକ ଚାଷୀ ସମବାୟ ସମିତି, ବ୍ୟାଙ୍କ କିମ୍ବା ବେସରକାରୀ ଋଣ ନେଇ ଚାଷ ପାଇଁ ପୁଞ୍ଜି ଯୋଗାଡ଼ କରିଛନ୍ତି। ବର୍ଷା ବିଳମ୍ବ ହେଲେ ତଳି ପୁଣିଥରେ ପକାଇବାକୁ ପଡ଼ିପାରେ, ଯାହା ସେମାନଙ୍କ ଆର୍ଥିକ ବୋଝକୁ ଆହୁରି ବଢ଼ାଇବ।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ବର୍ଷାର ଏଭଳି ଅନିଶ୍ଚିତତା ପାଇଁ କୃଷି ପ୍ରଶାସନ କେତେ ପ୍ରସ୍ତୁତ। ବିକଳ୍ପ ଫସଲ, ସ୍ୱଳ୍ପ ଅବଧିର ଧାନ କିସମ, ଜଳ ସଂରକ୍ଷଣ ଯୋଜନା କିମ୍ବା ବ୍ଲକ ସ୍ତରରେ ଚାଷୀଙ୍କୁ ବୈଜ୍ଞାନିକ ପରାମର୍ଶ ପହଞ୍ଚାଇବା ନେଇ ଯେଉଁ ପ୍ରସ୍ତୁତି ଆବଶ୍ୟକ, ତାହା କେତେଦୂର ଫଳପ୍ରଦ ହୋଇଛି ସେନେଇ ମଧ୍ୟ ପ୍ରଶ୍ନ ଉଠୁଛି। ପ୍ରତିବର୍ଷ ପାଗର ଅନିଶ୍ଚିତତା ବଢୁଥିବା ସତ୍ତ୍ୱେ କୃଷି ବ୍ୟବସ୍ଥାପନା ଏବେ ବି ବର୍ଷା ଉପରେ ନିର୍ଭରଶୀଳ ରହିଯାଇଛି। ଜଳସେଚନ ବ୍ୟବସ୍ଥା ମଧ୍ୟ ଚିନ୍ତାର କାରଣ ପାଲଟିଛି। ଜିଲ୍ଲାରେ ବହୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ପୋଖରୀ ଥିଲେ ମଧ୍ୟ ଅନେକ ଅଞ୍ଚଳରେ ସେଗୁଡ଼ିକର ପାଣି ଉପରେ ଚାଷୀଙ୍କ ପହଞ୍ଚ ସୀମିତ। ବର୍ଷା ନ ହେଲେ ନଳକୂଅ ଓ ପମ୍ପସେଟ୍ ହିଁ ଭରସା। ଡିଜେଲ୍ ଓ ବିଦ୍ୟୁତ୍ ଖର୍ଚ୍ଚ ବଢୁଥିବାରୁ ସେହି ବିକଳ୍ପ ମଧ୍ୟ ସମସ୍ତଙ୍କ ପାଇଁ ସମ୍ଭବ ହେଉନାହିଁ। କୃଷି ବିଶେଷଜ୍ଞଙ୍କ ମତରେ, ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ଯଦି ବ୍ୟାପକ ବର୍ଷା ନ ହୁଏ, ତେବେ ଖରିଫ୍ ଚାଷର କ୍ୟାଲେଣ୍ଡର ପଛେଇଯିବ। ଏହାର ସିଧାସଳଖ ପ୍ରଭାବ ଏକର ପିଛା ଉତ୍ପାଦନ ଉପରେ ପଡ଼ିବ। ଉତ୍ପାଦନ କମିଲେ କେବଳ ଚାଷୀ ନୁହେଁ, ଜିଲ୍ଲାର କୃଷିଭିତ୍ତିକ ଅର୍ଥନୀତି ମଧ୍ୟ ପ୍ରଭାବିତ ହେବ। ଏବେ ପ୍ରଶ୍ନ ହେଉଛି, ଆକାଶରୁ ଠିକ୍ ସମୟରେ ବର୍ଷା ଆସି ଚାଷୀଙ୍କ ମୁହଁରେ ହସ ଫୁଟାଇବ କି, ନା ବିଳମ୍ବିତ ମୌସୁମୀ ଚଳିତବର୍ଷର ଖରିଫ୍ ଚାଷକୁ ସଙ୍କଟ ଆଡ଼କୁ ଠେଲିଦେବ। ଏହାର ଉତ୍ତର ଆଗାମୀ କିଛି ଦିନର ପାଗ ଉପରେ ନିର୍ଭର କରୁଛି।

## 'ନିଷ୍ଟ'ରେ ଏଆଇସିଟିଇ ଆଇଡିଆ ଲ୍ୟାବ ପ୍ରଶିକ୍ଷଣ କର୍ମଶାଳା

ବ୍ରହ୍ମପୁର,୧।୭ (ସମିସ): ସ୍ଥାନୀୟ ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ୩ଦିନିଆ ଜାତୀୟସ୍ତରୀୟ 'ଟ୍ରେନ୍ ଦି ଟ୍ରେନର୍' ପ୍ରଶିକ୍ଷଣ କର୍ମଶାଳା ସଫଳତାର ସହ ଉଦଯାପିତ ହୋଇଯାଇଛି। ଏହି କର୍ମଶାଳା ଏଆଇସିଟିଇ ଆଇଡିଆ ଲ୍ୟାବ୍ ଉପକରଣ ଗୁଡ଼ିକର ସ୍ଥାପନ, ପ୍ରଦର୍ଶନ ଏବଂ ବ୍ୟବହାରିକ ପ୍ରଶିକ୍ଷଣ ଉପରେ ଆଧାରିତ ଥିଲା। ନିଷ୍ଟ ବିଶ୍ୱବିଦ୍ୟାଳୟ ଏବଂ ଇନଷ୍ଟିଚ୍ୟୁସନସ ଇନୋଭେସନ କାଉନସିଲ (ଆଇଆଇସି)ର ମିଳିତ ସହଯୋଗରେ ଜୁନ୍ ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଆଜି ସଫଳ ସମାପ୍ତି ଘଟିଛି। ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବିଭିନ୍ନ ବିଭାଗର ମନୋନୀତ ଅଧ୍ୟାପକ ଏବଂ ବୈଷୟିକ କର୍ମଚାରୀଙ୍କୁ ଆଇଡିଆ ଲ୍ୟାବର ଦକ୍ଷ ପ୍ରଶିକ୍ଷକ ଭାବେ ଗଢ଼ିତୋଳିବା। ହାଇଦ୍ରାବାଦର ପ୍ରସିଦ୍ଧ ଶିଳ୍ପ ସଂସ୍ଥା 'ଆକୁରା ଟେକ୍ନିପମେଣ୍ଟସ'ର ବିଶେଷଜ୍ଞ ଇଞ୍ଜିନିୟରମାନେ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ସିଏନସି ରାଉଟର, ୩ଡି ପ୍ରିଣ୍ଟିଂ, ସିଓ୨ ଲେଜର ମେସିନ, କାଠ ଲେଦ ମେସିନ, ଇଣ୍ଟରଆକ୍ଟିଭ ହ୍ୱାଇଟ ବୋର୍ଡ ଏବଂ ପିସିବି ସୋଲଡରିଂ ଭଳି ଅତ୍ୟାଧୁନିକ ବୈଷୟିକ ପ୍ରଯୁକ୍ତିବିଦ୍ୟା ଉପରେ ବିସ୍ତୃତ ବ୍ୟବହାରିକ ଜ୍ଞାନକୌଶଳ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିଷ୍ଟ ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ରମାନେ ମଧ୍ୟ ଅନଲାଇନରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ନିଷ୍ଟ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମର ଆବାହକ ଡ. ଅମିତ ପଟ୍ଟନାୟକ ଏବଂ ଆଇଡିଆ ଲ୍ୟାବର ସଂଯୋଜକ ଡ. ରାଜେଶ କୁମାର ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧିତ କରି ଏହି ପ୍ରଶିକ୍ଷଣର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଆଇଡିଆ ଲ୍ୟାବ୍



ଛାତ୍ରଛାତ୍ରୀ ଏବଂ ଉଦ୍ୟୋଗୀମାନଙ୍କୁ ସେମାନଙ୍କର କଳ୍ପନାକୁ ବାସ୍ତବ ପ୍ରୋଟୋଟାଇପରେ ରୂପାନ୍ତରିତ କରିବାରେ ଏକ ପ୍ରେରଣାଦାୟୀ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି କହିଥିଲେ। କୁଳସଚିବ ଡ. ବିଷ୍ଣୁକର ନାୟକ ଅଞ୍ଚଳର ସାମାଜିକ-ଆର୍ଥିକ ଉନ୍ନତି ପାଇଁ ଏଆଇସିଟିଇ ଆଇଡିଆ ଲ୍ୟାବର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ଦୁର୍ଯ୍ୟୋଧନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ, ବୈଷୟିକ କର୍ମଚାରୀ ଓ ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଆୟୋଜକ କମିଟି ସମସ୍ତ ଅଂଶଗ୍ରହଣକାରୀ, ଏଆଇସିଟିଇ ଏବଂ ଆକୁରା ଟେକ୍ନିପମେଣ୍ଟସକୁ ଧନ୍ୟବାଦ ଜଣାଇଥିଲେ।

## ଗଞ୍ଜାମ ମାଟିର କୃତି ସନ୍ତାନ ପୁସ୍ତକ ଲୋକାର୍ପିତ



ବ୍ରହ୍ମପୁର,୧।୭ (ସମିସ): ସ୍ଥାନୀୟ ସଂସ୍କାରବାଦୀ ଏବଂ ଓଡିଆ ଭାଷା ଆନ୍ଦୋଳନର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣଙ୍କ ରଚିତ 'ଗଞ୍ଜାମ ମାଟିର କୃତି ସନ୍ତାନ' ଏକ ପୁସ୍ତକ ଲୋକାର୍ପିତ ହୋଇଯାଇଛି। ବ୍ରହ୍ମପୁର ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ପ୍ରମୋଦ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଲୋକାର୍ପିତ ଉତ୍ସବରେ ଅତିଥି ଭାବେ ଦୁର୍ଗା ପ୍ରସାଦ ବ୍ରହ୍ମା, ଆଇନଜୀବୀ ପ୍ରଭାତ କୁମାର ମିଶ୍ର, ମୋହନ କୁମାର ସ୍ୱାଇଁ, ସିମାଞ୍ଚଳ ପତି, ଲିଙ୍ଗରାଜ ମହାପାତ୍ର, ସୁଶାନ୍ତ କୁମାର ଦାଶ, ସରିତା ପଣ୍ଡା ଓ ରାମଚନ୍ଦ୍ର ମହାରଣା ଯୋଗ ଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ପୁସ୍ତିକାର ପ୍ରକାଶିକା ସୌଦାମିନୀ ମହାରଣାଙ୍କ ୭୧ତମ ଜନ୍ମଦିବସ ପାଳନ ଅବସରରେ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ରଶ୍ମିତା କୁମାରୀ ଦଳାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମନୋଜ କୁମାର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାସିନୀ ସାହୁ, ପଙ୍କଜ କୁମାର ନାୟକ, ରାମ ଚନ୍ଦ୍ର ଚୌଧୁରୀ, ପ୍ରମିଳା ଷଡ଼ଙ୍ଗୀ ଓ ବିଜୟା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

● ଓପିଡି ସେବାକୁ ଅଧିକ ସୁଗମ କରିବାକୁ ପଦକ୍ଷେପ

## ସକାଳ ୮ଟାରୁ ଖୋଲିବ ଏମ୍‌କେସିଜି ମେଡିକାଲ ଟିକେଟ କାଉଣ୍ଟର୍




ବ୍ରହ୍ମପୁର,୧।୭ (ସମିସ): ରୋଗୀଙ୍କୁ ଅଧିକ ସୁବିଧା ଯୋଗାଇବା ଏବଂ ଓପିଡି ସେବାକୁ ସୁଚାରୁ ଭାବେ ପରିଚାଳନା କରିବା ଲକ୍ଷ୍ୟରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ମେଡିକାଲର ରେଜିଷ୍ଟ୍ରାର ଡ଼. ଶ୍ୱେତ କୁମାର ଦାଶଙ୍କ ନିର୍ଦ୍ଦେଶକ୍ରମେ ଏଣିକି ସକାଳ ୯ଟା ପରିବର୍ତ୍ତେ ସକାଳ ୮ଟାରୁ ଓପିଡି ଟିକେଟ କାଉଣ୍ଟର ଖୋଲାଯିବ। ପୂର୍ବରୁ ଓପିଡି ଚିକିତ୍ସା ସକାଳ ୯ଟାରୁ ଆରମ୍ଭ ହେଉଥିବା ବେଳେ ସେହି ସମୟରେ ହିଁ ଟିକେଟ ପ୍ରଦାନ କରାଯାଉଥିଲା। ଫଳରେ ଡାକ୍ତରମାନେ ଚିକିତ୍ସା ପାଇଁ ପ୍ରସ୍ତୁତ ଥିଲେ ମଧ୍ୟ ରୋଗୀମାନେ ଟିକେଟ ସଂଗ୍ରହ କରିବାରେ ସମୟ ବିତାଉଥିବାରୁ ବିଭିନ୍ନ ବିଭାଗରେ ବିଳମ୍ବରେ ପହଞ୍ଚୁଥିଲେ। ଏହା ଦ୍ୱାରା ଉଭୟ ରୋଗୀ ଓ ଡାକ୍ତରଙ୍କ ମୂଲ୍ୟବାନ ସମୟ ନଷ୍ଟ ହେଉଥିଲା। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଓପିଡି ଚିକିତ୍ସା ଆରମ୍ଭ ହେବାର ଏକ ଘଣ୍ଟା ପୂର୍ବରୁ ଟିକେଟ ପ୍ରଦାନ କରିବାକୁ ମେଡିକାଲ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏହା ଦ୍ୱାରା ରୋଗୀମାନେ ସମୟ ପୂର୍ବରୁ ଟିକେଟ ନେଇ ନିର୍ଦ୍ଧାରିତ ବିଭାଗରେ ପହଞ୍ଚିପାରିବେ ଏବଂ ଡାକ୍ତରମାନେ ମଧ୍ୟ ନିର୍ଦ୍ଧାରିତ ସମୟରେ ଚିକିତ୍ସା ସେବା ଆରମ୍ଭ କରିପାରିବେ। ମେଡିକାଲ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତିକୁ ରୋଗୀ, ସେମାନଙ୍କ ସମ୍ପର୍କୀୟ ଏବଂ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏହା ଦ୍ୱାରା ଓପିଡି ପରିଚାଳନା ଅଧିକ ଶୃଙ୍ଖଳିତ ହେବା ସହ ରୋଗୀ ସେବାର ମାନ ମଧ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

## ମୌସୁମୀ ଋତୁର ମୁକାବିଲା ପାଇଁ ଟିପିଏସ୍‌ଓଡିଏଲ୍ ପ୍ରସ୍ତୁତ

ବ୍ରହ୍ମପୁର,୧।୭ (ସମିସ): ଦକ୍ଷିଣ ଓଡ଼ିଶାରେ ମୌସୁମୀ ଋତୁ ପାଖେଇ ଆସୁଥିବାରୁ ପ୍ରବଳ ବର୍ଷା, ପବନ ଏବଂ ବଜ୍ରପାତ ଯୋଗୁଁ ଉତ୍ପନ୍ନ ସମ୍ଭାବ୍ୟ ଆହ୍ୱାନର ମୁକାବିଲା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍(ଟିପିଏସ୍‌ଓଡିଏଲ୍) ଏହାର ପ୍ରସ୍ତୁତିକୁ ଜୋରଦାର କରିଛି। ଆଗାମୀ ବର୍ଷା ଋତୁରେ ଏହାର ସେବା ଯୋଗାଉଥିବା ଅଞ୍ଚଳରେ ଭରସାଯୋଗ୍ୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ କମ୍ପାନୀ ଅନେକ ପଦକ୍ଷେପ ଗ୍ରହଣ କରିଛି। ପ୍ରଯୁକ୍ତି ଆଧାରିତ ମନିଟରିଂ ଏବଂ ମାନବ ସମ୍ବଳର ରଣନୈତିକ ନିୟୋଜନ ମାଧ୍ୟମରେ, ଟିପିଏସ୍‌ଓଡିଏଲ୍ ମୌସୁମୀ ସମ୍ବନ୍ଧୀୟ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ତ୍ୱରିତ ପୁନରୁଦ୍ଧାର କାର୍ଯ୍ୟ ପାଇଁ କମ୍ପାନୀ ତରଫରୁ ୫,୯୨୫ କର୍ମଚାରୀଙ୍କୁ ନେଇ ଏକ ଉତ୍ସର୍ଗୀକୃତ ଦଳକୁ କମ୍ପାନୀ ସେବା ଯୋଗାଉଥିବା ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି। ଜରୁରିକାଳୀନ ସ୍ଥିତିରେ ଛଅଟି ମୋବାଇଲ୍ ଡିଷ୍ଟ୍ରିବ୍ୟୁସନ୍ ସବଷ୍ଟେସନ୍ ଏବଂ ଦୁଇଟି ଟାୱାର ୱାଗନ୍‌ର ବ୍ୟବସ୍ଥା କରାଯାଇଛି। ଯାହା ଗଛ ପଡିବା କିମ୍ବା ପ୍ରତିକୂଳ ପାଣିପାଗ ପରିସ୍ଥିତି ହେତୁ ସୃଷ୍ଟି ହୋଇଥିବା ଯେକୌଣସି ବିଦ୍ୟୁତ ସମ୍ବନ୍ଧୀୟ ସମସ୍ୟାର ମୁକାବିଲା କରିବାରେ ସମର୍ଥ ହେବ। ରାତ୍ରି ସମୟରେ ନିରବଚ୍ଛିନ୍ନ



ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟକୁ ସୁଗମ କରିବା ପାଇଁ ପ୍ରତ୍ୟେକ ଡିଭିଜନରେ ୨୫ଟି ଏଏସକେଏ ଲାଇଟ୍ ଏବଂ ୧୯ଟି ଡିଜି ସେଟ୍ ଉପଲବ୍ଧ କରାଯାଇଛି। ସେହିଭଳି ନେଟୱର୍କ ସୁଦୃଢ଼ୀକରଣ ପଦକ୍ଷେପର ଏକ ଅଂଶ ଭାବରେ, କମ୍ପାନୀ ଏହାର କାର୍ଯ୍ୟକ୍ଷମ ଅଞ୍ଚଳରେ ୨,୫୨୯ ଇଣ୍ଟରପୋଜିଂ ପୋଲ୍ ସ୍ଥାପନ କରିସାରିଛି। ନିରନ୍ତର ମନିଟରିଂ ଏବଂ ପରିଚାଳନା ଦକ୍ଷତା ସୁନିଶ୍ଚିତ କରିବା ପାଇଁ ବ୍ରହ୍ମପୁରରେ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ପିଏସସିସି) ଏବଂ ରାୟଗଡ଼ା, ଫୁଲବାଣୀ ଏବଂ ଜୟପୁରରେ ଥିବା ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର(ଏପିଏସସିସି) ଦିନରାତି କାର୍ଯ୍ୟକ୍ଷମ ରହିଛି। ଏହି କେନ୍ଦ୍ରଗୁଡ଼ିକ ୨୫୨ଟି ୩୩/୧୧ କେଭି ପ୍ରାଇମେରୀ ସବଷ୍ଟେସନ ଉପରେ ନଜର ରଖିଛି। ଯାହା ଉନ୍ନତ ସ୍କାଡା ସିଷ୍ଟମ ମାଧ୍ୟମରେ ପରିଚାଳିତ ହେଉଛି ଏବଂ ସଠିକ୍ ସମୟରେ ସମସ୍ତ ସୂଚନା ପ୍ରଦାନ କରୁଛି। ଗ୍ରାହକଙ୍କୁ ଆଉଟେଜ୍ ଏବଂ ପୁନରୁଦ୍ଧାର ସମ୍ପର୍କିତ ଅପଡେଟ୍ ଦେବା ପାଇଁ ଆଇଭିଆରଏସ୍ ସମର୍ଥିତ ସିଷ୍ଟମ୍, ଏସ୍‌ଏମ୍‌ଏସ୍ ଆଲର୍ଟ ଏବଂ ଏକ ଉତ୍ସର୍ଗୀକୃତ ମିସ୍ଡ କଲ୍ ସେବା(୯୭୭୭୭୭୪୬୯୯) ସହିତ ଉପଭୋକ୍ତା ସେବା ପ୍ରଣାଳୀକୁ ମଧ୍ୟ ମଜଭୁତ କରାଯାଇଛି। ଏଥିସହିତ, ଟିପିଏସ୍‌ଓଡିଏଲର ଟୋଲ ଫ୍ରି ନମ୍ବର ୧୯୧୨ ଏବଂ ୧୮୦୦-୨୦୨୬ ମାଧ୍ୟମରେ ୨୪ ଘଣ୍ଟିଆ କଲ ସେଣ୍ଟର ସେବା ତୁରନ୍ତ ଉପଭୋକ୍ତା ସହାୟତା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ସୁନିଶ୍ଚିତ କରୁଛି। ଏହି ପ୍ରସ୍ତୁତି ସମ୍ପର୍କରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, "ଦକ୍ଷିଣ ଓଡ଼ିଶାରେ ବିଶେଷ କରି ଦୁର୍ଗମ ଏବଂ ଅପହଞ୍ଚ ଅଞ୍ଚଳରେ ମୌସୁମୀ ବହୁ ଆହ୍ୱାନ ଆଣିଥାଏ । ଏହାକୁ ଧ୍ୟାନରେ ରଖି ଆମେ ଆମର କ୍ଷେତ୍ର ପ୍ରସ୍ତୁତି, ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥା ଏବଂ ନେଟୱର୍କ ନିରୀକ୍ଷଣ ପ୍ରଣାଳୀକୁ ଆଗୁଆ ସୁଦୃଢ଼ କରିଛୁ ବୋଲି କହିଛନ୍ତି।

## ବିଭି-ଗ୍ରାମ ଜି ଆଇନକୁ ବାତିଲ ଦାବିରେ ଆରଡିସିଙ୍କୁ ସ୍ମାରକପତ୍ର




ବ୍ରହ୍ମପୁର,୧।୭ (ସମିସ): କେନ୍ଦ୍ର ସରକାର ଗ୍ରାମାଞ୍ଚଳରେ ଗରୀବ ଲୋକଙ୍କୁ ୧୦୦ଦିନ କାମର ଗ୍ୟାରେଣ୍ଟି ଦେଇଥିବା ମହାତ୍ମା ଗାନ୍ଧୀ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା ଆଇନକୁ ବାତିଲ କରି ବିଭି ଜିଆରଏଏମ ଜି ନାମକ ଏକ ଆଇନ ପ୍ରଣୟନ କରିଛନ୍ତି। ଏହାକୁ ବିରୋଧ କରି କେନ୍ଦ୍ର ଟ୍ରେଡ଼ ୟୁନିୟନ, ଓଡ଼ିଶା କୃଷକ ସଭା ଓ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ସଂଗଠନ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର(ଆରଡ଼ିସି)ଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନୂତନ ଆଇନ ବଳରେ କେନ୍ଦ୍ରର ବଜେପି ସରକାର ଗ୍ରାମାଞ୍ଚଳର ଗରୀବ ଲୋକଙ୍କଠାରୁ ୧୦୦ଦିନ କାମ ପାଇବାର ଅଧିକାରୀ ଛଡେଇ ନେଇଛି। ସେହିଭଳି ପୂର୍ବରୁ ଯୋଜନା ପାଇଁ କେନ୍ଦ୍ର ୯୦ ପ୍ରତିଶତ ଓ ରାଜ୍ୟ ୧୦ ପ୍ରତିଶତ ଅର୍ଥ ବରାଦ କରିବାର ବ୍ୟବସ୍ଥା ଥିଲା। ନୂଆ ଯୋଜନାରେ ରାଜ୍ୟ ଉପରେ ୪୦ପ୍ରତିଶତ ଅର୍ଥର ବୋଝ ଲଦାଯାଇଛି। ଫଳରେ ଜିଏସଟି ହେବାପରେ ଆର୍ଥିକ ସଙ୍କଟ ଭିତରେ ଗତି କରୁଥିବା ଥିବା ରାଜ୍ୟ ସରକାରଗୁଡିକ ଅର୍ଥ ବ୍ୟୟ କରିବାରେ ବିଫଳ ହେବ ବୋଲି ସଂଗଠନ ଦାବି ହୋଇଛି। କେନ୍ଦ୍ର ସରକାର ଜୁଲାଇ ୧ରୁ ନୂତନ ଯୋଜନାକୁ କାର୍ଯ୍ୟକରିବା ପାଇଁ ଯାଉଥିବାରୁ ଦେଶବ୍ୟାପୀ ଶ୍ରମିକ, କୃଷକ ଓ କ୍ଷେତ ମୂଲିଆ ସଂଗଠନଗୁଡ଼ିକ ପ୍ରତିବାଦ କରିଛନ୍ତି। ସ୍ମାରକପତ ପ୍ରଦାନ ସମୟରେ କୃଷକ ନେତା କୈଳାସ ଷଡଙ୍ଗୀ, ହରିକୃଷ୍ଣ ରେଡ୍ଡୀ, ଗୋପାଳ ପାଣିଗ୍ରାହୀ, ଜଗଦୀଶ ସାହୁ, ଶ୍ରମିକନେତା ଯୁଧିଷ୍ଠିର ବେହେରା, ଗୋକୁଳ ତ୍ରିପାଠୀ, ଶ୍ରୀନିବାସ ଦାସ ଓ ରାଜ ରାଓ ଉପସ୍ଥିତ ଥିଲେ।

# ଏମ୍‌କେସିଜି ରେଜିଷ୍ଟ୍ରାରଙ୍କ ରିଆଲିଟି ଚେକ୍; ମୁକୁଳା ପଡ଼ିଛି ଷ୍ଟୋର!

ବ୍ରହ୍ମପୁର,୧।୭ (ସମିସ)

ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର କେନ୍ଦ୍ରୀୟ ଔଷଧ ଭଣ୍ଡାରର ସୁରକ୍ଷା ବ୍ୟବସ୍ଥା ସହ କର୍ମଚାରୀଙ୍କ ପରିଚାଳନାରେ ଗୁରୁତର ତ୍ରୁଟି ସାମ୍ନାକୁ ଆସିଛି। ମେଡ଼ିକାଲର ରେଜିଷ୍ଟ୍ରାର ଡ. ଶ୍ୱେତ କୁମାର ଦାଶଙ୍କ ପକ୍ଷରୁ କରାଯାଇଥିବା ଏକ ରିଆଲିଟି ଚେକ୍‌ରେ ଷ୍ଟୋରର ସୁରକ୍ଷା ବ୍ୟବସ୍ଥା କେତେ ଦୁର୍ବଳ ରହିଛି ତାହା ପଦାରେ ପଡିଛି। ବିଭିନ୍ନ ସମୟରେ ଷ୍ଟୋରରୁ ବହୁ ଲୋକାଲ ପର୍ଚେଜ୍ ମେଡ଼ିସିନ ଓ ଇଞ୍ଜେକ୍ସନ ହେରଫେର ହେଉଥିବା ନେଇ ଅଭିଯୋଗ ହୋଇଥିଲା। କିଛିଦିନ ପୂର୍ବେ ଏହି ଘଟଣାର ୪ଜଣିଆ ଟିମ ତଦନ୍ତ କରି ରିପୋର୍ଟ ଦେବାପରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରିବାକୁ କମିଟି ସୁପାରିଶ କରିଛି। ତେବେ ସତରେ ଡାକ୍ତରଖାନାର ଷ୍ଟୋର



କେତେ ସୁରକ୍ଷିତ ଅଛି ତାହାର ରିଆଲିଟି ଚେକ କରିବାକୁ ଅଣ୍ଟା ଭିଡିଥିଲେ ଖୋଦ୍ ମେଡିକାଲର ରେଜିଷ୍ଟ୍ରାର ଡ. ଶ୍ୱେତକୁମାର ଦାଶ। ଷ୍ଟୋର ଭିତରକୁ ପ୍ରବେଶ କରି ଦାମୀ ଇଞ୍ଜେକ୍ସନର ଏକ ବାକ୍ସକୁ ମୁଣ୍ଡରେ ଉଠାଇ ଭଣ୍ଡାର ଏପରିକି ଡାକ୍ତରଖାନା ବାହାରକୁ ବିନାଦ୍ୱିଧାରେ ଆଣିଥିଲେ।

ସବୁଠାରୁ ବଡକଥା ହେଲା ଏହି ସମୟରେ ତାଙ୍କୁ କେହି ଦେଖିନଥିଲେ କି କେହି ପ୍ରତିବାଦ ମଧ୍ୟ କରିନଥିଲେ। ଯାହା ମେଡ଼ିକାଲର ଔଷଧ ଭଣ୍ଡାରର ସୁରକ୍ଷା ବ୍ୟବସ୍ଥା ଉପରେ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମେଡ଼ିକାଲ ଔଷଧ ଭଣ୍ଡାରରେ ଦାମୀ ଔଷଧ ଗଚ୍ଛିତ ହେଉଥିଲେ ହେଁ ସେଗୁଡ଼ିକର ସୁରକ୍ଷା ପାଇଁ ଆବଶ୍ୟକ ସତର୍କତା ଓ ନିୟମ ପାଳନ କରାଯାଉନଥିବା ସ୍ପଷ୍ଟ ହୋଇଛି। ଯଦି ଏଭଳି ଭାବରେ ଜଣେ ଅଧିକାରୀ ସହଜରେ ଔଷଧ ନେବାରେ ସକ୍ଷମ ହେଉଛନ୍ତି ତେବେ ଅସାଧୁ ବ୍ୟକ୍ତିଙ୍କ ପାଇଁ ଦାମୀ ଔଷଧ ହେରଫେର କରିବା କେତେ ସହଜ ସାଧ୍ୟ ତାହାକୁ ନେଇ ଚର୍ଚ୍ଚା ହେଉଛି। ସମ୍ପ୍ରତି ମେଡ଼ିକାଲରେ ଦାମୀ ଇଞ୍ଜେକ୍ସନ ହେରଫେର ଘଟଣା ଚର୍ଚ୍ଚାରେ ଥିବାବେଳେ ଏହି ରିଆଲିଟି ଚେକ୍ ଷ୍ଟୋର ପରିଚାଳନାର ଅବ୍ୟବସ୍ଥାକୁ ପଦାରେ ପକାଇଦେଇଛି। ତେଣୁ ମେଡ଼ିକାଲ କର୍ତ୍ତୃପକ୍ଷ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅନ୍ୟପକ୍ଷରେ ରିଆଲିଟି ଚେକ୍ ମେଡ଼ିକାଲ ଷ୍ଟୋର ସୁରକ୍ଷା ବ୍ୟବସ୍ଥା ଓ କର୍ମଚାରୀଙ୍କ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ନିମନ୍ତେ ଆବଶ୍ୟକ ପଦେକ୍ଷପ ଗ୍ରହଣ କରାଯିବ ବୋଲି ମେଡ଼ିକାଲର ରେଜିଷ୍ଟ୍ରାର ଡ. ଶ୍ୱେତ କୁମାର ଦାଶ କହିଛନ୍ତି।

## ଡାକ୍ତର ଦିବସରେ କଳାବ୍ୟାଜ୍ ପିନ୍ଧିଲେ ଡାକ୍ତର



ବ୍ରହ୍ମପୁର,୧।୭ (ସମିସ): ଓଡ଼ିଶା ମେଡ଼ିକାଲ ସେବା(ଓମ୍‌ସା) ସଂଘର ଆହ୍ୱାନକ୍ରମେ ୧୦ ଦଫା ଦାବି ନେଇ ସରକାରୀ କ୍ଷେତ୍ରରେ କାର୍ଯ୍ୟରତ ଡାକ୍ତର ଜିଲ୍ଲାରେ ଧାରଣାରେ ସାମିଲ ହୋଇଛନ୍ତି। ଜିଲ୍ଲାର ପ୍ରାୟ ୧୦୦ରୁ ଅଧିକ ଡାକ୍ତର ପ୍ରତିବାଦ ସ୍ୱରୂପ କଳା ବ୍ୟାଜ ପିନ୍ଧି ଧାରଣାରେ ଅଛନ୍ତି। ସେହିକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆରମ୍ଭ କରି ବିଭିନ୍ନ ସ୍ୱାସ୍ଥ୍ୟସେବାରେ ପ୍ରଭାବିତ ହୋଇଛି। ଓମ୍‌ସା ପକ୍ଷରୁ ଘୋଷଣା କରାଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଏମ୍‌କେସିଜି ଜୁନିୟର ଡାକ୍ତର ସଂଘ(ଜେଡ଼ିଏ) ପକ୍ଷରୁ ସମର୍ଥନ କରାଯାଇଛି। କ୍ୟାଡ଼ର ପୁନଃଗଠନ, କେନ୍ଦ୍ରୀୟ ଡିଏସିପି, କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା ଓ ସୁରକ୍ଷା, ବୀମା, ନିୟମିତ ଡିପିସି, ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପୁଲିସ୍ ପୋଷ୍ଟ ସେବା ସହ ବାର୍ଷିକ ଓପିଏସ୍‌ସି ନିଯୁକ୍ତି କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି। ଡାକ୍ତର ମାନଙ୍କ ଦାବିକୁ ତୁରନ୍ତ ବିଚାର କରି ସମାଧାନ କରିବାକୁ ଦାବି କରିଛନ୍ତି। ପ୍ରତିବାଦରେ ସଂଘର ସଭାପତି ଡା. ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଡା. କେ. କାମେଶ୍ୱର ରାଓ, ଡା. ଗୟାଧର ପ୍ରଧାନ, ଡା. ଶୁଭକାନ୍ତ ଦାଶ, ଡା. ଅଶୋକ ଦାଶ, ଡା. ଅରୁନ୍ଧତି ପାଣିଗ୍ରାହୀ ଡା. ଇ. ରଞ୍ଜିତ ପାତ୍ର ଓ ଡା. ସ୍ୱାଧୀନ ରଥଙ୍କ ସମେତ ବହୁ ଡାକ୍ତର କାର୍ଯ୍ୟବନ୍ଦ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ମାନଙ୍କୁ ଆୟୁଷ ବିଭାଗର ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟସେବା ଚାଲିଛି।

## ବିଭିନ୍ନ ଦାବିରେ ଡାକ୍ତରଙ୍କ ଆନ୍ଦୋଳନ

# ଅଚଳ ହେଲା ଓପିଡି, ହନ୍ତସନ୍ତ ହେଲେ ରୋଗୀ

କେନ୍ଦ୍ରାପଡ଼ା,୧।୭ (ସମିସ)



ବିଭିନ୍ନ ସେବାଗତ ଦାବି ପୂରଣ ପାଇଁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା) ର ଆହ୍ୱାନକ୍ରମେ ବୁଧବାର କେନ୍ଦ୍ରାପଡ଼ା ଜିଲ୍ଲାର ସରକାରୀ ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଡାକ୍ତରମାନେ ଓପିଡି ସେବାରୁ ବିରତ ରହିଥିବାରୁ ଜିଲ୍ଲାର ସ୍ୱାସ୍ଥ୍ୟସେବା ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା। ଓପିଡି ବନ୍ଦ ରହିବାରୁ ଶହଶହ ରୋଗୀ ଚିକିତ୍ସା ନପାଇ ନିରାଶ ହୋଇ ଫେରିଥିବା ବେଳେ ଅନେକ ବାଧ୍ୟ ହୋଇ ଘରୋଇ ନର୍ସିଂହୋମ ଉପରେ ନିର୍ଭର କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସକାଳଠାରୁ ରୋଗୀଙ୍କ ଭିଡ଼ ଲାଗି ରହିଥିଲା। ଡାକ୍ତରମାନେ ଓପିଡିରେ ଉପସ୍ଥିତ ନଥିବାରୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ରୋଗୀମାନେ ହତାଶ ହୋଇ ଫେରିଥିଲେ। କେବଳ ଆୟୁଷ ଡାକ୍ତରମାନେ ସୀମିତ ସେବା ଯୋଗାଇଥିବାରୁ ସମସ୍ତ ରୋଗୀଙ୍କୁ ଚିକିତ୍ସା ସୁବିଧା ମିଳିପାରି ନଥିଲା। ଆନ୍ଦୋଳନ ଅବସରରେ ଓମସାର ରାଜ୍ୟ ସଭାପତି ଡା. କିଶୋର ମିଶ୍ର କହିଥିଲେ ଯେ, ସରକାରଙ୍କୁ ବାରମ୍ବାର ଦାବି ଜଣାଇବା ସତ୍ତ୍ୱେ ଡାକ୍ତରମାନଙ୍କ ସେବାଗତ ସମସ୍ୟାର ସମାଧାନ କରାଯାଉନାହିଁ। ଡିଏସିପି (ଡାଇନାମିକ୍ ଆସ୍ୟୁର୍ଡ କ୍ୟାରିୟର ପ୍ରୋଗ୍ରେସନ) ଲାଗୁ ନହେବାରୁ ପଦୋନ୍ନତିରେ ବାଧା ସୃଷ୍ଟି ହେଉଥିବା ସହ ଦନ୍ତ ଚିକିତ୍ସକମାନଙ୍କୁ ମଧ୍ୟ ଏହାର ସୁବିଧା ମିଳୁନାହିଁ। ନିୟମିତ ବିଭାଗୀୟ ପଦୋନ୍ନତି କମିଟି (ଡିପିସି) ବସୁନଥିବାରୁ ଡାକ୍ତରମାନେ ବର୍ଷବର୍ଷଧରି ପଦୋନ୍ନତିରୁ ବଞ୍ଚିତ ହେଉଛନ୍ତି। ଓମସା ପକ୍ଷରୁ ଡାକ୍ତରଙ୍କ ବଦଳି ନୀତିରେ ସ୍ୱଚ୍ଛତା ଆଣିବା, କେବିକେ ଅଞ୍ଚଳରେ ତିନି ବର୍ଷ ସେବା ପରେ ବଦଳି ନିୟମ କାର୍ଯ୍ୟକାରୀ କରିବା, ଆଡହକ ଡାକ୍ତରଙ୍କୁ ନିୟମିତ କରିବା, ଡାକ୍ତରଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ପ୍ରଚଳନ, ହସ୍ପିଟାଲରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଆର୍ଥିକ କ୍ଷମତା ବୃଦ୍ଧି କରିବା ସହ ଡାକ୍ତରୀ ସେବା ସମ୍ପର୍କିତ ନୀତି ପ୍ରଣୟନରେ ଓମସାକୁ ସାମିଲ କରିବା ଦାବି କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଓମସା ଶାଖା ସଭାପତି ଡା. ଗୌରାଙ୍ଗ ଚରଣ ଗିରିଙ୍କ ନେତୃତ୍ୱରେ ଜିଲ୍ଲା ଶାଖା ସମ୍ପାଦକ ଡା. ନିରଞ୍ଜନ କର, ରାଜ୍ୟ ଯୁଗ୍ମ ସମ୍ପାଦକ ଡା. ସଞ୍ଜୀବ କୁମାର ସେଠୀ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ଜିଲ୍ଲାର ଶତାଧିକ ଡାକ୍ତର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁଁ ଜିଲ୍ଲାର ସ୍ୱାସ୍ଥ୍ୟସେବା ଏକପ୍ରକାର ଅଚଳ ହୋଇପଡ଼ିଥିବାବେଳେ ରୋଗୀଙ୍କ ଦୁର୍ଦ୍ଦଶା ଓ ସରକାରଙ୍କ ସହ ଡାକ୍ତର ସଂଗଠନର ଅଚଳାବସ୍ଥା ପୁଣିଥରେ ଚର୍ଚ୍ଚାର ବିଷୟ ପାଲଟିଛି।

## • ଘରେ ପଶି ମହିଳାଙ୍କୁ ଆକ୍ରମଣ

# ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍

କେନ୍ଦ୍ରାପଡ଼ା,୧।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ ନିଆଳ ଗ୍ରାମରେ ବିବାହ ଘରକୁ ଟାର୍ଗେଟ କରି ଦୁର୍ବୃତ୍ତମାନେ ଲୁଟ୍ କରିଛନ୍ତି। ବିଳମ୍ବିତ ରାତିରେ ଦୁଇ ଜଣ ଦୁର୍ବୃତ୍ତ ଘରେ ପଶି ଦୁଇ ମହିଳାଙ୍କୁ ମାଡ଼ ମାରି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୨୫ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ନିଆଳ ଗ୍ରାମର ଧର୍ମୋଜୟ ନନ୍ଦଙ୍କ ସମ୍ପର୍କୀୟ ସାନ ଭାଇଙ୍କ ବିବାହ ଥିବାରୁ ଘରେ ପ୍ରସ୍ତୁତି ଚାଲିଥିଲା। ବିବାହ ପାଇଁ ବନ୍ଧାଯାଇଥିବା ଟେଣ୍ଟର ବାଉଁଶକୁ ବ୍ୟବହାର କରି ଦୁଇ ଜଣ ଦୁର୍ବୃତ୍ତ ଘରର ଛାତ ଉପରକୁ ଚଢ଼ିଥିଲେ। ପରେ ସିଢ଼ି ଘରର ଆଜବେଷ୍ଟସ୍ ତାଡ଼ି ଘର ଭିତରକୁ ପ୍ରବେଶ କରିଥିଲେ। ସେତେବେଳେ ଘରେ ଧର୍ମୋଜୟ ନନ୍ଦଙ୍କ ସ୍ତ୍ରୀ ଶୁଭଶ୍ରୀ ନନ୍ଦ ଓ ତାଙ୍କ ମା' ସ୍ନେହଲତା ନନ୍ଦ ଶୋଇଥିଲେ। ଦୁର୍ବୃତ୍ତମାନେ ଉଭୟଙ୍କୁ ଆକ୍ରମଣ କରିବା ସହ ଶୁଭଶ୍ରୀଙ୍କ ବେକରେ ଥିବା ସୁନା ଚେନ୍ କାଟି ନେଇଥିଲେ। ଏହାପରେ ଆଲମିରା ଓ ଘରର ଅନ୍ୟାନ୍ୟ ସ୍ଥାନ ଖୋଲି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଏବଂ ନଗଦ ୨୫ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ମହିଳାମାନଙ୍କ ଚିତ୍କାର ଶୁଣି ପରିବାର ଲୋକ ଉଠି ପଡ଼ିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣାରେ ଆହତ ମହିଳାମାନେ ପ୍ରାଥମିକ ଚିକିତ୍ସା ହୋଇଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ଧର୍ମୋଜୟ ନନ୍ଦ ଆଳି ଥାନାରେ ଏତଲା ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଶିକ୍ଷୟିତ୍ରୀ ଓ ଲିପିକାରଙ୍କୁ ସମ୍ବର୍ଦ୍ଧନା

ପଞ୍ଚୁପାଣ୍ଡବ,୧।୭ (ସମିସ): ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅନ୍ତର୍ଗତ ରାମଚଣ୍ଡୀ ଶିକ୍ଷା ନିକେତନ ଛୋଟିର ଲିପିକାର ଭାବେ ଥିବା ଅଶୋକ କୁମାର ଜେନା ଓ ଶିକ୍ଷୟତ୍ରୀ ରେବତୀ ବାରିକଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା କରାଯାଇଛି। ଏହି ଦୁଇ ଜଣଙ୍କ ଗତ ୩୦ ଜୁନରେ ତାଙ୍କର ଚାକିରିରୁ ଅବସର ନେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଦନ ମୋହନ ନାୟକ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷା ଅଧିକାରୀ ମଦନ ମୋହନ କର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷା ପ୍ରଭାତୀ ମଲିକ ଏବଂ ସମ୍ମାନିତ ଅତିଥି ଭାବେ ଏବିଓ ଖଗେଶ୍ୱର ନାୟକ, ଦେବଦତ୍ତ ଶତପଥୀ, ପ୍ରାକ୍ତନ ଏବିଓ ସଚ୍ଚିକାନ୍ତ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ ନାୟକ ଓ ଶିକ୍ଷୟତ୍ରୀ ତପସ୍ୱିନୀ ମଲିକ ଉପସ୍ଥିତ ଥିଲେ। ସିଆର୍‌ସିସି ତ୍ରିଲୋଚନ ମଲିକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଭାଗବତ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ୩ ବର୍ଷ ଧରି କାମ କରୁଥିବା ୪ ଯନ୍ତ୍ରୀ ବଦଳିଲେ

ମହାକାଳପଡ଼ା,୧।୭ (ସମିସ): ଖବର ପ୍ରକାଶ ପରେ ତିନି ବର୍ଷରୁ ଊର୍ଦ୍ଧ୍ୱ ହେବ ଗୋଟିଏ ଜାଗାରେ ଗାଦି ମାଡ଼ି ବସିଥିବା ଯନ୍ତ୍ରୀମାନଙ୍କୁ ଆଜି ବଦଳି କରିଛି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ। କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକରେ ଜଣେ ଜଣେ ଅଧିକାରୀ ଦୀର୍ଘ ବର୍ଷ ଧରି ଗୋଟିଏ ଜାଗାରେ ଗାଦି ମାଡ଼ି ବସି ରହିଥିଲେ। ସୂଚନା ମୁତାବକ ଯନ୍ତ୍ରୀ ମନୋଜ କୁମାର ଜେନା ୧୯ ଜୁନ୍ ୨୦୧୭ ରୁ ଅର୍ଥାତ୍ ଦୀର୍ଘ ଆଠବର୍ଷ ରୁ ଅଧିକ, ଯନ୍ତ୍ରୀ ବିଭୂତି ଚରଣ ବେହେରା ୩୦ ନଭେମ୍ବର ୨୦୧୯ ଠାରୁ ପ୍ରାୟ ୭ ବର୍ଷ, ଯନ୍ତ୍ରୀ ଗୋପାଳ ଚନ୍ଦ୍ର ଦାସ ୩୦ ଜୁନ୍ ୨୦୨୧ ଠାରୁ ପ୍ରାୟ ୪ ବର୍ଷରୁ ଅଧିକ, କମ୍ପ୍ୟୁଟର ପ୍ରୋଗ୍ରାମର ହିମାଂଶୁ ଶେଖର ଦାଶ ୩୦ ମାର୍ଚ୍ଚ ୨୦୨୧ ଠାରୁ ପ୍ରାୟ ୪ ବର୍ଷରୁ ଅଧିକ, ଖଲାସି ଭାବେ କାର୍ଯ୍ୟ କରୁଥିବା ଶୁଭେନ୍ଦୁ ନାରାୟଣ ଦାସ ୦୧ ଜୁନ୍ ୨୦୧୯ ଠାରୁ ପ୍ରାୟ ୬ ବର୍ଷରୁ ଅଧିକ, ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ ସୁବ୍ରତ କୁମାର ସାହୁ ୨୭ ଡିସେମ୍ବର ୨୦୨୧ ଠାରୁ ପ୍ରାୟ ସାଢ଼େ ୪ ବର୍ଷ ଧରି ମହାକାଳପଡ଼ା ବ୍ଲକ୍‌ରେ ରହିଛନ୍ତି। ଏହା ବ୍ୟତୀତ ଟିସି, ଏସ ଏସଏ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଅତନୁ କୁମାର ଦାଶ ୨୬ ଜୁଲାଇ ୨୦୨୨ ଠାରୁ ପ୍ରାୟ ୩ ବର୍ଷରୁ ଅଧିକ ସମୟ ଧରି ଏଠାରେ କାର୍ଯ୍ୟରତ ଥିବା ତଥ୍ୟ ସୂଚନା ଅଧିକାର ଆଇନ ତଥ୍ୟ ରୁ ଜଣାପଡ଼ିଛି। ସବୁଠାରୁ ବଡ଼ କଥା ହେଲା ୱାଚ୍‌ମ୍ୟାନ ଭାବେ ନିରଞ୍ଜନ ଲେଙ୍କା ୧ ଅକ୍ଟୋବର ୧୯୯୪ ରେ ଯୋଗଦାନ କରିଛନ୍ତି ବୋଲି ସୂଚନାରେ ଉଲ୍ଲେଖ ହୋଇଛି। ଯାହାକୁ ନେଇ ମଧ୍ୟ ଦ୍ୱନ୍ଦ ସୃଷ୍ଟି ହୋଇଥିଲା। ଏନେଇ ମଙ୍ଗଳବାର 'ସକାଳ'ରେ "ମହାକାଳପଡ଼ା ବ୍ଲକରେ କାର୍ଯ୍ୟକାରୀ ହେଉନି ବଦଳି ନିୟମ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ତତ୍ପରତା ଦେଖାଇଛି ପ୍ରଶାସନ। ଯନ୍ତ୍ରୀ ମନୋଜ କୁମାର ଜେନା, ବିଭୂତି ଚରଣ ବେହେରା ଓ ସହାୟକ ଯନ୍ତ୍ରୀ ମୁକ୍ତିକାନ୍ତ ସାହୁ ଏବଂ ନର୍ମଦା ସ୍ୱାଇଁଙ୍କୁ ମହାକାଳପଡ଼ା ବ୍ଲକରୁ ଅନ୍ୟ ବ୍ଲକ୍‌କୁ ବଦଳି କରିଛି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ। ତେବେ ଅନ୍ୟମାନଙ୍କ ଉପରେ କେବେ ପ୍ରଶାସନର ନଜର ପଡ଼ିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

'ସକାଳ' ପ୍ରଭାବ

# ବରିଷ୍ଠ ନାଗରିକଙ୍କୁ ପ୍ରମାଣପତ୍ର ବଣ୍ଟନ




ମହାକାଳପଡ଼ା,୧।୭ (ସମିସ): ପୁଲିସ ଓ ଜନସାଧାରଣଙ୍କ ମଧ୍ୟରେ ପାରସ୍ପରିକ ବିଶ୍ୱାସ ଏବଂ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ମହାକାଳପଡ଼ା ଥାନା ପରିସରରେ ବୁଧବାର 'ଆମ ପୋଲିସ ସମିତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯିବା ସହ ସାଇବର ଅପରାଧ, ନିଶା ନିବାରଣ, ମହିଳା ସୁରକ୍ଷା ଓ ଟ୍ରାଫିକ ସଚେତନତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଯୁବକ-ଯୁବତୀ, ବୁଦ୍ଧିଜୀବୀ, ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଡିଜିଟାଲ ମାଧ୍ୟମରେ ନିଶାମୁକ୍ତ ସମାଜ ଗଠନ ଓ ନିଶା ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ନିଶାଦ୍ରବ୍ୟର କୁପ୍ରଭାବ ଏବଂ ଯୁବପିଢ଼ିଙ୍କୁ ଏହାଠାରୁ କିପରି ଦୂରେଇ ରଖାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପରବର୍ତ୍ତୀ ଅଧିବେଶନରେ ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ସାଇବର ଠକେଇରୁ ସତର୍କତା, ମହିଳା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ଟ୍ରାଫିକ ନିୟମ ପାଳନ ଏବଂ ଆଇନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରିଥିଲେ। ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ବଜାୟ ରଖିବା ଅପରାଧ ନିୟନ୍ତ୍ରଣରେ ସହାୟକ ହେବ ବୋଲି ସେ କହିଥିଲେ। ଏହି ଅବସରରେ ଏସ୍‌ଆଇ ତପସ୍ୱିନୀ ବିଶ୍ୱାଳ, ଏଏସ୍‌ଆଇ ଦଶରଥ ମହାରଣା, ଏଏସ୍‌ଆଇ ବିଦ୍ୟାଧର ସ୍ୱାଇଁଙ୍କ ସମେତ ଥାନାର ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ନାଗରିକମାନଙ୍କୁ "ବରିଷ୍ଠ ନାଗରିକ ପ୍ରମାଣପତ୍ର' ପ୍ରଦାନ କରାଯାଇଥିଲା। ଏହି ପ୍ରମାଣପତ୍ର ମାଧ୍ୟମରେ ସେମାନେ ସରକାରୀ ସୁବିଧା ସହ ଆବଶ୍ୟକ ସମୟରେ ପୁଲିସର ତୁରନ୍ତ ସହାୟତା ପାଇପାରିବେ ବୋଲି ଥାନା ଅଧିକାରୀ ସୂଚନା ଦେଇଥିଲେ।

# ବିଦ୍ୟାଧର ସାମଲ ମେଧାବୃତ୍ତି ସମ୍ମାନ



ପଞ୍ଚୁପାଣ୍ଡବ,୧।୭ (ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ଦାମୋଦରଜୀଉ ବିଦ୍ୟାପୀଠରେ ସମର କେଶରୀ ସାମଲଙ୍କ ଦ୍ୱାରା ବିଦ୍ୟାଧର ସାମଲ ମେଧା ବୃତ୍ତି ସମ୍ମାନ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ସଭାରେ ମୁଖ୍ୟଅତିଥି ଭାବେ ଡେରାବିଶ ଶିକ୍ଷା ଅଧିକାରୀ ମଦନ ମୋହନ କର ଯୋଗ ଦେଇଥିଲେ। ବିଇଓ କର ଏବଂ ସମସ୍ତ ଅତିଥିମାନେ ଉପସ୍ଥିତ ରହି ଦାମୋଦର ଜୀଉ ଓ ବଜାର ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଚଳିତ ବର୍ଷ ପରୀକ୍ଷା ରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ପ୍ରାୟ ୧୩ ଜଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଧର ସାମଲ ମେଧା ବୃତ୍ତି ସମ୍ମାନ ପ୍ରଦାନ କରି ଥିଲେ। ପ୍ରଧାନ ଶିକ୍ଷକ ବିଭୂତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ପୂର୍ବତନ ପ୍ରଧାନ ଶିକ୍ଷକ ଗରୁଡ଼ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବେ ଏବଂ ସମ୍ମାନିତ ଅତିଥି ଭାବେ ଏବିଇଓ ଖଗେଶ୍ୱର ନାୟକ, ଦେବଦତ୍ତ ଶତପଥୀ ଓ ପ୍ରାକ୍ତନ ଏବିଇଓ ସଚ୍ଚିକାନ୍ତ ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଧର ସାମଲଙ୍କ ପୁତ୍ର ସମର କେଶରୀ ସାମଲଙ୍କ ଦ୍ୱାରା ଏହି ମେଧା ବୃତ୍ତି ସମ୍ମାନ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଭୂତି ଭୂଷଣ ଘଡ଼ାଇ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ଲିଲିମା ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ। ଦୁଇ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ରେଳ ଧାରଣାରେ ମୁଣ୍ଡକଟା ମୃତଦେହ ଜବତ

ମାର୍ଶାଘାଇ,୧।୭ (ସମିସ): ମାର୍ଶାଘାଇ କେନାଲବ୍ରିଜ ନିକଟସ୍ଥ ମାର୍ଶାଘାଇ-କଳାଘର ମଧ୍ୟସ୍ଥ ରେଳ ଧାରଣାରୁ ଯୁବକର ମୁଣ୍ଡକଟା ମୃତଦେହ ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ରେଳଧାରଣାରେ ଦେହରୁ ମୁଣ୍ଡ ଅଲଗା ମୃତକ ପରିଚୟ ମିଳିଛି। ମୃତବ୍ୟକ୍ତି ଜଣକ ଜମ୍ବୁ ସାମୁଦ୍ରିକ ଥାନା ପନ୍ଦର ମାଇଲି ସର୍ବେଶ୍ୱର ମାଝିଙ୍କ ପୁଅ କାର୍ତ୍ତିକ ମାଝି(୧୭)। ମୃତ କାର୍ତ୍ତିକ ମାର୍ଶାଘାଇ କଲେଜ ଛାତ୍ର ଯୁକ୍ତଦୁଇ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରୁଥିବା ବାପା ସର୍ବେଶ୍ୱର କହିଛନ୍ତି। ମୃତ ଦେହକୁ ପାରାଦ୍ୱୀପ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ମାମଲା ଦାୟର କରି ତଦନ୍ତ କରିବା ସହ ମୃତ କାର୍ତ୍ତିକର ଶବ ବ୍ୟବଚ୍ଛେଦ କରିବାକୁ ମେଡ଼ିକାଲକୁ ସ୍ଥାନାନ୍ତର କରିଛି।

# ବନବିଭାଗ ପକ୍ଷରୁ ବନ ମହୋତ୍ସବ



ରାଜନଗର,୧।୭ (ସମିସ): ରାଜନଗର ବ୍ଲକ ସିଂଗଡାପାଳ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲରେ ଗୁପ୍ତି ସେକ୍ସନ ବନବିଭାଗ ତରଫରୁ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ବନ ମହୋତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅଞ୍ଜନା ବେହେରା, ସୁପ୍ରଭା ମଣ୍ଡଳ, ଗୁପ୍ତି ଫରେଷ୍ଟର ବିଭୂତି ଭୂଷଣ ତରାଇ, ବନରକ୍ଷୀ ବିଶ୍ୱ ରଞ୍ଜନ ତରାଇ, ଦେବ ପ୍ରସାଦ ମୁଣ୍ଡା, ଅଞ୍ଜନା ବେହେରା, ସ୍କୁଲ ପରିଚାଳନା କମିଟି ସଦସ୍ୟ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଓ ସିଙ୍ଗଡ଼ାପାଳ ଗ୍ରାମବାସୀ ସାମିଲ୍ ହୋଇ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଗୁପ୍ତି ବନପାଳ ବିଭୁତି ତରାଇ ସିଙ୍ଗଡ଼ାପାଳ ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ବେହେରା ବନ ମହୋତ୍ସବର ଆଭିମୁଖ୍ୟ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସୂଚନା ପ୍ରଦାନ କରିଥିଲେ।

# ଅବସର କାଳୀନ ସମ୍ବର୍ଦ୍ଧନା ସଭା



ପଟ୍ଟାମୁଣ୍ଡାଇ,୧।୭ (ସମିସ): ସ୍ଥାନୀୟ ମହାଦେଇ ପାଟଣା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ସାହୁ ସରକାରୀ ଚାକିରିରୁ ଅବସରଗ୍ରହଣ କରିଥିବାରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ଗୌରାଙ୍ଗ ଚରଣ ନାୟକଙ୍କ ପୌରୋହିତ୍ୟ ଓ ଶିକ୍ଷକ ସମୀର କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଆଳି ବ୍ଲକ ପ୍ରାକ୍ତନ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ପରିଡା ମୁଖ୍ୟଅତିଥି, କଷଣଅଣ୍ଟା ହାଇସ୍କୁଲ ପ୍ରାକ୍ତନ ପ୍ରଧାନଶିକ୍ଷକ କବି ସଚ୍ଚିତ୍ର କୁମାର ବେହୁରା ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ଦାଶ, କବି ନୃସିଂହ ଚରଣ ରାଉତ, ଶିକ୍ଷାବିତ ସୁରେଶ ଚନ୍ଦ୍ର ଜେନା, ମନୋରଞ୍ଜନ ସ୍ୱାଇଁ, ଅଶୋକ କୁମାର ମହାପାତ୍ର, ସ୍କୁଲ ପରିଚାଳନା କମିଟି ସଭାପତି ପଙ୍କଜ କୁମାର ପାଣ୍ଡବ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ପରିଡା, ମନୋଜ କୁମାର ସାହୁଙ୍କ ସମେତ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

# କିରଣ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ମହାକାଳପଡ଼ା,୧।୭ (ସମିସ): ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ସଂସ୍କୃତ ବିଦ୍ୟାଳୟର ସହକାରୀ ଶିକ୍ଷକ କିରଣ ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ପଣ୍ଡିତ କାମିନୀପ୍ରଭା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କରିଥିଲେ। ଅନ୍ୟତମ ଅତିଥି ଭାବେ ବଜ୍ରବୁଢ଼ୀ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ମହାପାତ୍ର, ଗୋପୀନାଥପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ସାହୁ ଓ ସିଆର୍‌ସିସି ଶୁଭକାନ୍ତ ମହାପାତ୍ର, ବାୟାବାବା ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଧାପକ ରମେଶ ଚନ୍ଦ୍ର ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷୟିତ୍ରୀ ସବିତା କୁମାରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ସମୀର କାନ୍ତ ମହାପାତ୍ର, ପ୍ରଭଞ୍ଜନ ଦାଶ, ସଞ୍ଜୟ କୁମାର ମିଶ୍ର ଓ ବୈଦ୍ୟନାଥ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚାକିରି ଶେଷ ଦିନରେ ମିଳିଲା ପେନ୍‌ସନ୍ ପତ୍ର

ମାର୍ଶାଘାଇ,୧।୭ (ସମିସ): ମାର୍ଶାଘାଇ ବ୍ଲକ ପରକୁଳା ପଞ୍ଚାୟତ ନାରାୟଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସରୋଜକାନ୍ତ ନାୟକଙ୍କ ବୃତ୍ତିଗତ ଜୀବନର ଶେଷ କାର୍ଯ୍ୟ ଦିବସରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପେନସନ ପତ୍ର ହସ୍ତାନ୍ତର କରାଯାଇଛି। ଏହି ଅବସରେ ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନା କମିଟ୍ ପକ୍ଷରୁ ମଧ୍ୟ ଅବସରପାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁମିତ୍ରା ମାହାଳିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ମଣ୍ଡଳ ଶିକ୍ଷା ଅଧିକାରୀ ମନୋରଞ୍ଜନ ସେଠୀ, ମୁଖ୍ୟବକ୍ତା ଅତିଥି ସହମଣ୍ଡଳ ଶିକ୍ଷାଅଧିକାରୀ ସୁଶାନ୍ତ ବେଉରା, ସମ୍ମାନୀତ ବିଦ୍ୟାଳୟ ପ୍ରତିଷ୍ଠାତା କରୁଣାକର ଚୂଳି, ଅତିଥି ହିରଣ୍ୟ ବାରିକ୍, ସିଆରସିସି ଉଦ୍ୟତକେଶରୀ ସାମନ୍ତରାୟ, ଶିକ୍ଷାବିତ୍ ଗନ୍ଧର୍ବ ମହାପାତ୍ର, ପ୍ରଧାନଶିକ୍ଷକ ଅମରେନ୍ଦ୍ର ଲେଙ୍କା, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ପାଦକ ନିରଞ୍ଜନ ରାଉଳ, ପାର୍ଥସାରଥୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରେ ବିଦ୍ୟାଳୟ ଶିକ୍ଷାବିଭାଗ ଛାତ୍ରଛାତ୍ରର ଓ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଦୀପକ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁରେଖାବାଳା ବେହେରା ଧନ୍ୟବାଦ ଅର୍ପଣକରିଥିଲେ।

# ନିଶା ମୁକ୍ତ ଓଡ଼ିଶା ଅଭିଯାନ



ରାଜକନିକା,୧।୭ (ସମିସ): ରାଜକନିକା ଥାନାର ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ମଲିକଙ୍କ ନେତୃତ୍ୱରେ ଅଞ୍ଚଳର ଯୁବବର୍ଗ ଓ ବରିଷ୍ଠ ବ୍ୟକ୍ତିମାନଙ୍କୁ ନେଇ ଥାନା ପରିସରରେ ଏକ ନିଶାମୁକ୍ତି ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଶା ଠାରୁ ଯୁବଗୋଷ୍ଠୀ ଦୂରେଇ ରହିବେ ଓ ସମାଜର ମଙ୍ଗଳ ହେବ ତାହାକୁ ଆଲୋଚନା କରିଥିବା ବେଳେ ରାଜ୍ୟ ସରକାରଙ୍କ ନିଶା ନିବାରଣ ଦୋମୁହାଁ ନୀତିରେ ପୁଲିସକୁ ସାଧାରଣ ଲୋକଙ୍କ ପାଖରେ ବଳି ପକାଇବା ନୀତି ବନ୍ଦ କରି ରାଜ୍ୟରେ ସମ୍ପୂର୍ଣ୍ଣ ଭାବରେ ନିଶା କାରବାର ବନ୍ଦ ହେବ ସେହି ପ୍ରକ୍ରିୟା କଲେ ନିଶା ସେବନ କରି ପ୍ରାଣ ହରାଉଥିବା ଭେଣ୍ଡିଆ ପୁଅ ମୁହଁରେ ବୃଦ୍ଧ ବାପା ନିଆଁ ଦେବା ବନ୍ଦ ହେବ ବୋଲି ଆଲୋଚନା ହେଉଥିବା ବେଳେ ପୁଲିସର ଏପରି ସୁନ୍ଦର ପ୍ରୟାସକୁ ଯୁବବର୍ଗ ମାନେ ପ୍ରଶଂସା କରିଛନ୍ତି।

## ଶାଶୂର ଆଖି ଟେଷ୍ଟ କରିବା ଆଳରେ

# ଜମି କବଲା କରିନେଲେ ଆର୍‌ଆଇ ଜ୍ୱାଇଁ

ରାଜକନିକା,୧।୭ (ସମିସ)

ଖରାପ ଥିବା ଆଖିର ଚିକିତ୍ସା କରିବା ପାଇଁ ଶାଶୂଙ୍କୁ ଘରୁ ଡାକି ନେଇ ସବ୍‌ରେଜିଷ୍ଟ୍ରାର ଅଫିସରେ ଦସ୍ତଖତ ଓ ଟିପ ଚିହ୍ନ ଦେଇ ଶାଶୂଙ୍କ ନାମରେ ଥିବା ଏକ ମୂଲ୍ୟବାନ ଜମିକୁ କବଲା କରି ନେଇଯାଇଛନ୍ତି ଚତୁର ଜ୍ୱାଇଁ। ଏମିତି ଏକ ଘଟଣା କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ଆର୍‌ଆଇ ରାଜେଶ କୁମାର ମାରାଣ୍ଡି। ଗତ ୧୫/୫/୨୦୨୫ ରିଖ ଦିନ ରାଜେଶ ଆୟତନ ଗ୍ରାମର ଶାଶୂ ଚନ୍ଦ୍ରକଳା ଗିରିଙ୍କ ଆଖି ଟେଷ୍ଟ କରିବାକୁ କହି ଘରୁ ଡାକି ନେଇଥିଲେ। ତେବେ କେନ୍ଦ୍ରାପଡ଼ା ଏକ ଘରୋଇ ଆଖି ଚିକିତ୍ସାଳୟରେ ଆଖି ଟେଷ୍ଟ କରିବାକୁ କହି ନେଇ ଯାଇଥିବା ଜ୍ୱାଇଁ ରାଜେଶ ମାରାଣ୍ଡି ତାଙ୍କ ଶାଶୂଙ୍କର ବାପ ଘର ସମ୍ପତ୍ତିରୁ ମିଳିଥିବା ଏକ ପ୍ଲଟକୁ ଚକ୍ରାନ୍ତ କରି ଆଖି ଟେଷ୍ଟ ପାଇଁ ଦସ୍ତଖତ ଓ ଟିପ ଚିହ୍ନ ନେଇଯାଇଥିଲେ। ପଟ୍ଟାମୁଣ୍ଡାଇ ତହସିଲି ଅଧୀନ ବେଲତଳ ମୌଜାର ଖାତା ନମ୍ବର ୬୫୫ ଓ ପ୍ଲଟ ନମ୍ବର ୩୪୭୦ ମୋଟ ରକବା ଏ ୦. ୧୪୪୦ ଡେସିମି; ଯାହାକୁ ଶାଶୂ ଚନ୍ଦ୍ରକଳା ଗିରି ତାଙ୍କର ଅଢ଼ାଖଣ୍ଡର ବାପଘର ସମ୍ପତ୍ତିରୁ ପାଇଥିଲେ। ସେହି ପ୍ଲଟକୁ ଜ୍ୱାଇଁ କୌଶଳ କରି ଶାଶୂଙ୍କ ଅଜ୍ଞତାର ସୁଯୋଗ ନେଇ କବଲା କରି ନେଇଥିଲେ। ପଟ୍ଟାମୁଣ୍ଡାଇ ସବରେଜିଷ୍ଟରଙ୍କ ନିକଟରେ ରାଜେଶ କୌଶଳ କରି ଶାଶୂଙ୍କ ସମ୍ପତ୍ତିକୁ ନିଜ ସ୍ତ୍ରୀ ତଥା ଚନ୍ଦ୍ରକଳା ଗିରିଙ୍କ ଝିଅ ମମତା ଗିରିଙ୍କ ନାମରେ କବଲା କରିବା ପରେ ପଟ୍ଟାମୁଣ୍ଡାଇ ତହସିଲର ଦାଖଲ ଖାରଜ କେଶ ନମ୍ବର ୨୩୯୩/୨୦୨୫ରେ ସତ୍ୱ ସାବ୍ୟସ୍ତ କରି ନେଇଥିଲେ। ପରେ ଏହି ସମ୍ପତ୍ତିକୁ ରାଜେଶ ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ବାଲିପାଟଣା ଗାଁର ଅବନ୍ତୀ ବେହୁରା ସ୍ୱାମୀ ସୁନନ୍ଦ ବେହୁରାଙ୍କୁ ମଧ୍ୟ ବିକ୍ରି କରି ଦେଇଥିବା ରେକର୍ଡରୁ ଜଣାପଡିଛି। ଅବନ୍ତୀଙ୍କ ନାମରେ ହୋଇଥିବା ପଟ୍ଟାମୁଣ୍ଡାଇ ତହସିଲ ଦାଖଲ ଖାରଜ କେଶ ନମ୍ବର ୭୯୮୩/୨୦୨୫ ଅନୁସାରେ ଜଣାପଡିଛି। ଚନ୍ଦ୍ରକଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ୩ ଝିଅ ୩ ପୁଅଙ୍କୁ ନେଇ ବଡ଼ କଷ୍ଟରେ ଚଳୁଛନ୍ତି। ଘରର ବଡ଼ ଝିଅକୁ ବିବାହ କରିଥିବା ରାଜେଶ ସମ୍ପତ୍ତି ଲୋଭରେ ଶାଶୂଙ୍କ ସମ୍ପତ୍ତି ହଡ଼ପ କରିବା ପରେ ଅନ୍ୟକୁ ବିକ୍ରି କରିବାର ଚକ୍ରାନ୍ତ ଏବେ ବାପଘର ଠାରୁ ଖବର ପାଇ ଖୋଳତାଡ଼ କରିବାରୁ ଏଭଳି ଠକାମୀ ପଦାକୁ ଆସିଛି। ଘରର ବଡ଼ ଝିଅକୁ ବିବାହ କରିବା ପରେ ସାରା ପରିବାରର ପୂରା ଭରସା ପାଲଟିଥିବା ଜ୍ୱାଇଁ ଯଦି ଏତେ ବଡ଼ ଠକାମୀ କରନ୍ତି ତାହା ହେଲେ ବିଶ୍ୱାସ କରିବା କାହାକୁ। ଶାଶୂଙ୍କ ସମ୍ପତ୍ତିକୁ ପ୍ରଥମେ ନିଜ ସ୍ତ୍ରୀ ମମତା ଗିରି ନାମରେ କବଲା କରାଇ ପଟ୍ଟା ପାଇବା ପରେ ଏହି ସମ୍ପତ୍ତିକୁ ଅବନ୍ତି ବେହେରାଙ୍କୁ ୧୪ ଲକ୍ଷ ଟଙ୍କାରେ ବିକିଛନ୍ତି। ଏଭଳି ଦୁଇ ଦୁଇ ଥର ଖର୍ଦ୍ଦି ବିକ୍ରି ହେବା କଥା ଚନ୍ଦ୍ରକଳା ଏବେ ବାପଘରର ଜଣେ ପୁତୁରାଙ୍କ ଠାରୁ ଜାଣିବା ପରେ ତାଙ୍କର ପାଦ ତଳୁ ମାଟି ଖସିଯାଇଛି। ପ୍ରତିଥର ଏହି ଜମିକୁ ଚାଷ କରୁଥିବା ପୁତୁରା ଏଥର ଜମି ଚାଷ କରିବାକୁ ଯିବା ବେଳେ ଅବନ୍ତିଙ୍କ ଦ୍ୱାରା ବିରୋଧର ସମ୍ମୁଖୀନ ହେବାରୁ ଚନ୍ଦ୍ରକଳାଙ୍କ ମଝିଆଁ ପୁଅ କମଳଲୋଚନକୁ ଫୋନ କରି ଜଣାଇବା ପରେ ସାରା ପରିବାର ଝିଅ ଜ୍ୱାଇଁଙ୍କ ଏଭଳି କାଣ୍ଡକୁ ଜାଣି ତାଙ୍କୁ ଫୋନ କରିବାରୁ ଝିଅ କିମ୍ବା ଜ୍ୱାଇଁ କେହି ଫୋନ ଉଠାଉନାହାନ୍ତି। ସବୁଠୁ ବଡ଼ କଥା ହେଉଛି ରାଜେଶ ମାରାଣ୍ଡି ଜଣେ ସରକାରୀ କର୍ମଚାରୀ ଅର୍ଥାତ ସେ ଜଣେ ଆର୍‌ଆଇ (ରାଜସ୍ୱ ବିଭାଗର ଜଗୁଆଳି) ରହି ଯଦି ନିଜ ଶାଶୂଙ୍କ ଡକାଇ ଚିକିତ୍ସା କରାଇବା ବାହାନାରେ ଟିପ ନେଇ ଜମି ହଡ଼ପ ଭଳି ଏଭଳି ଜଘନ୍ୟ କାମ କରି ପାରୁଛନ୍ତି, ତେବେ ସାଧାରଣ ଲୋକଙ୍କ ସମ୍ପତ୍ତିକୁ କେମିତି ସଜାଡି ଓ ସୁରକ୍ଷିତ ଭାବରେ ରଖିଥିବେ ତାହା ସନ୍ଦେହ ପ୍ରକାଶ କରିଛନ୍ତି ଶାଶୂ, ଶଳାମାନେ। ରାଜେଶଙ୍କ ଏଭଳି ଜଘନ୍ୟ ଷଡ଼ଯନ୍ତ୍ର ରେ ପଟ୍ଟାମୁଣ୍ଡାଇ ତହସିଲର ଅନ୍ୟ କେହି ସରକାରୀ ବାବୁ ମାନେ ସମ୍ପୃକ୍ତ ନାହାନ୍ତି ତ ବୋଲି ରାଜେଶଙ୍କ ଶଳା କମଳଲୋଚନ ଗିରି ପ୍ରଶ୍ନ କରିଛନ୍ତି। ଏହି ଘଟଣାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି।

୧/୭/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧,୦୮,୯୮୬/- ସୁନା:୦୩.୩୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



## ଏନ୍‌ଜିଟି ନିର୍ଦ୍ଦେଶକୁ ନାଲିଆଖି

# ଅବଧି ପୂରିଲା; ହଟିଲାନି ଆବର୍ଜନା ପାହାଡ଼





ପୁରୀ,୧।୭ (ସମିସ)

ଦୁଇବର୍ଷ ଭିତରେ ବଳିଆପଣ୍ଡାରୁ ହଟିବ ଅଳିଆ ଗଦା। ୨୦୨୩ ଜୁଲାଇ ମାସରେ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଏହି ରାୟ ଦେଇଥିଲେ। ପ୍ରଦୂଷଣ ମାତ୍ରା ବଢ଼ାଉଥିବା ପାହାଡ଼ ଉଚ୍ଚର ଅଳିଆ ଗଦାକୁ ଦୁଇବର୍ଷ ଭିତରେ ସବୁଦିନ ପାଇଁ ହଟାଇବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ପରେ ଦୀର୍ଘବର୍ଷ ଧରି ଦୁର୍ଗନ୍ଧ ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଅତିଷ୍ଠ ହୋଇପଡ଼ିଥିବା ଆଖପାଖ ଅଞ୍ଚଳବାସୀ ଏହି ସମସ୍ୟାରୁ ନିସ୍ତାର ପାଇବେ ବୋଲି ଆଶା ରଖି ଖୁସି ହୋଇଥିଲେ। ହେଲେ ସେମାନଙ୍କ ଖୁସିର ଭାଗ୍ୟ ଉଦୟ ହେଲା ନାହିଁ। ଦୀର୍ଘ ୩୫ ବର୍ଷ ହେବ ପାହାଡ଼ ଭଳି ଗଦା ହୋଇ ରହିଛି ଅଳିଆ। ଦୁର୍ଗନ୍ଧମୟ ପରିବେଶରେ ଛଟପଟ ହେଉଛନ୍ତି ବଳିଆପଣ୍ଡା ବାସିନ୍ଦା। ଏନ୍‌ଜିଟି ଦେଇଥିବା ସମୟ ଅବଧି ପୂରିଗଲାଣି, ହେଲେ ଏ ଯାଏ ହଟିଲାନି ଅଳିଆ ପାହାଡ଼। ଏବେ ବି ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡୁଛନ୍ତି ଅଞ୍ଚଳବାସୀ।

୧୯୮୨ ମସିହାରୁ ବଳିଆପଣ୍ଡା ଡମ୍ପିଂୟାର୍ଡ ରହିଛି। ୮ ଏକର ପରିମିତ ଜାଗାରେ ଆବର୍ଜନା ଗଦା ହୋଇ ରହିଥିଲା। ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିବାରୁ ଏନ୍‌ଜିଟିରେ ଏନେଇ ଏକ ଅଭିଯୋଗ ହୋଇଥିଲା। ଏହାକୁ ଶୁଣାଣି କରି ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ ୨୦୨୫ ଡିସେମ୍ବର ୩୧ ସୁଦ୍ଧା ବଳିଆପଣ୍ଡା ଡମ୍ପିଂୟାର୍ଡରୁ ସମ୍ପୂର୍ଣ୍ଣ ଅଳିଆ ହଟାଇବା ପାଇଁ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି କାର୍ଯ୍ୟ ଶେଷ ହୋଇପାରିନାହିଁ, ଯାହାକୁ ନେଇ ସହରବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ପୁରୀ ମହାନଗର ନିଗମର ମାନ୍ୟତା ପାଇଛି। ହେଲେ ଦୈନିକ ସହରରୁ ବାହାରୁଥିବା ଆବର୍ଜନା ପରିଚାଳନା କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରସ୍ତୁତ ହୋଇପାରି ନାହିଁ। ସହରରୁ ଦୈନିକ ବହାରୁଥିବା ୮୦ ଟନ୍ ଆବର୍ଜନାକୁ ୧୦ଟି ଏମ୍‌ସିସି ଏବଂ ୬ଟି ଏମ୍‌ଆର୍‌ଏଫ୍ ଜରିଆରେ ପରିଚାଳନା କରାଯାଉଛି। ତଥାପି କିଛି ଆବର୍ଜନା ବଳିଆପଣ୍ଡା ଡମ୍ପିଂୟାର୍ଡରେ ପକାଯାଉଛି। ଦୀର୍ଘ ୩୫ ବର୍ଷ ହେବ ଗୌଡ଼ବାଡ଼ ସାହି ପଛପଟେ ଏକ ଡମ୍ପିଂୟାର୍ଡ କରିଥିଲା ତତ୍କାଳୀନ ପୌରସଂସ୍ଥା। ଦୀର୍ଘ ବର୍ଷ ହେବ ଏହି ଅଳିଆକୁ ରିସାଇକ୍ଲିଂ ଅବା ଉପଯୁକ୍ତ ଉପାୟରେ ନଷ୍ଟ କରା ନ ଯିବା ଯୋଗୁଁ ବର୍ଜ୍ୟବସ୍ତୁଗୁଡ଼ିକ ଜମି ପାହାଡ଼ ଭଳି ହୋଇଯାଇଛି। ଚାରିଆଡ଼େ ଜମିଛି କୁଢ଼କୁଢ଼ ଅଳିଆ ଆବର୍ଜନା। ଦୁର୍ଗନ୍ଧରେ ନାକ ଫାଟି ଯାଉଛି। ଖୋଲାମେଲାରେ ପଡୁଛି ବିବିଧ ବର୍ଜ୍ୟବସ୍ତୁ। ଏଭଳି ପରିବେଶ ଭିତରେ ପାଠ ପଢୁଛନ୍ତି କୁନିକୁନି ପିଲା। ବଳିଆପଣ୍ଡା ଅଞ୍ଚଳରେ ବସ୍ତି ସଂଖ୍ୟା ବି ବଢ଼ିଗଲାଣି। ଆଉ ତାଳ ଦେଇ ବଢୁଛି ଅଳିଆ ପାହାଡ଼। ନା ଅଛି କୌଣସି ଆବଦ୍ଧ ପାଚେରି ନା ହେଉଛି ବାୟୋ ମାଇନିଂ। ଏନ୍‌ଜିଟିଙ୍କ ନିର୍ଦ୍ଦେଶର ଏଠି ହେଉଛି ଖୋଲା ଉଲ୍ଲଂଘନ। ସବୁଠୁ ବଡ଼ ଉଦ୍‌ବେଗର ବିଷୟ ହେଉଛି ମଝିରେ ମଝିରେ ଅଳିଆ ଗଦାରେ ନିଆଁ ଲାଗିଯିବାରୁ ଧୂଆଁମୟ ହୋଇ ସ୍ୱର୍ଗଦ୍ୱାର, ଗୌଡ଼ବାଡ଼ ସାହି ଓ ବଳିଆପଣ୍ଡା ଆଦି ଅଞ୍ଚଳର ଲୋକମାନେ କଳବଳ ହେଉଛନ୍ତି। ଏଥିଯୋଗୁଁ ବିଭିନ୍ନ ରୋଗରେ ଏଠାକାର ବାସିନ୍ଦାମାନେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଆସୁଛନ୍ତି।

ଅନ୍ୟପକ୍ଷରେ ପୁରୀ ପାଇଛି ମହାନଗର ନିଗମର ମାନ୍ୟତା। ହେଲେ ଆବର୍ଜନା ପରିଚାଳନାକୁ ନେଇ ଚିନ୍ତା ବଢ଼ିଛି। ତେଣୁ ଏହାକୁ ଦୃଷ୍ଟିରେ ରଖାଯାଇ ପୁରୀରେ ଏକ ବାୟୋଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠା ହେବାକୁ ନିଷ୍ପତ୍ତି ହୋଇଛି। ଏହି ପ୍ଲାଣ୍ଟକୁ ଅଏଲ୍ ଇଣ୍ଡିଆ ନିର୍ମାଣ କରିବ। ରାଜ୍ୟ ସରକାର ଏନେଇ ଅନୁମତି ପ୍ରଦାନ କରିଛନ୍ତି। ଗୋପ ପଞ୍ଚାୟତର ନଳିହଣା ଗ୍ରାମ ନିକଟରେ ଏହି ବାୟୋଗ୍ୟାସ୍ ପ୍ଲାଣ୍ଟ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। ପୁରୀ ଓ କୋଣାର୍କ ଏନ୍‌ଏସିରୁ ବାହାରୁଥିବା ଓଦା ବର୍ଜ୍ୟବସ୍ତୁରୁ ବାୟୋଗ୍ୟାସ୍ ପ୍ରସ୍ତୁତ ହେବ। ଏହି ପ୍ଲାଣ୍ଟ ଦୈନିକ ୧୦୦ ଟନ୍ ଆବର୍ଜନା ପରିଚାଳନା କରିବ ବୋଲି ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପକୁ ସହରବାସୀ ସ୍ୱାଗତ କରିଛନ୍ତି। କିନ୍ତୁ ଏନ୍‌ଜିଟି ଦେଇଥିବା ରାୟକୁ ଅଣଦେଖା କରାଯିବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ। ଦୀର୍ଘ ବର୍ଷ ହେବ ବଳିଆପଣ୍ଡା ଡମ୍ପିଂୟାର୍ଡ ଯୋଗୁଁ ସ୍ଥାନୀୟ ଲୋକେ କଳବଳ ହେଉଛନ୍ତି। ଏ ନେଇ ପ୍ରଶାସନ ନିକଟରେ ଏକାଧିକଥର ଗୁହାରି ଜଣାଇଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରିନାହିଁ। ଏନ୍‌ଜିଟିଙ୍କ ନିର୍ଦ୍ଦେଶକୁ ଏକପ୍ରକାର ନାଲିଆଖି ଦେଖାଇଛି ପ୍ରଶାସନ। ତୁରନ୍ତ ବଳିଆପଣ୍ଡା ଡମ୍ପିଂୟାର୍ଡରୁ ଅଳିଆ ହଟାଇବା ପାଇଁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପୁରୀ ମହାନଗର ନିଗମର ଯୁଗ୍ମ କମିସନର ଅଭିମନ୍ୟୁ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଅଣସରରେ ମହାପ୍ରଭୁଙ୍କ ମାନବୀୟ ଲୀଳା

**ପୁରୀ,୧।୭ (ସମିସ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିତ୍ୟ ଲୀଳାସ୍ଥଳ ପୁରୁଷୋତ୍ତମ କ୍ଷେତ୍ର। ଶ୍ରୀମନ୍ଦିରରେ ବିରାଜମାନ କରି ବିଭିନ୍ନ ଉତ୍ସବରେ ଲୀଳାଖେଳା କରିଥା'ନ୍ତି ଦାରୁବିଗ୍ରହ। ମାନବୀୟ ଲୀଳା କରୁଥିବା ମହାପ୍ରଭୁ ବିଭିନ୍ନ ପର୍ବପର୍ବାଣିରେ ଭିନ୍ନ ଭିନ୍ନ ବେଶରେ ସଜେଇ ହୁଅନ୍ତି। ରତ୍ନସିଂହାସନ ଛାଡ଼ି ବର୍ଷକୁ ଥରେ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି। ରଥରେ ବସି ଜନ୍ମବେଦୀକୁ ଯାତ୍ରା କରନ୍ତି। କଥା ରଖି ମାଉସୀ ଘର ଦେଇ ଫେରିଥା'ନ୍ତି। ମଣିଷଙ୍କ ପରି ବର୍ଷକୁ ଥରେ ଠାକୁରଙ୍କୁ ଜ୍ୱର ବି ହୁଏ। ଏହି ସମୟରେ ଅଣସର ଘରେ ରୁହନ୍ତି ଦାରୁବିଗ୍ରହ। ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଠାକୁରଙ୍କ ଗୁପ୍ତସେବା କରୁଛନ୍ତି। ତେବେ ସାଧାରଣ ମଣିଷଟିଏ ଯଦି ଅସୁସ୍ଥ ହୁଏ ତାଙ୍କୁ ଯେଉଁଭଳି ଚିକିତ୍ସା କରାଯାଏ ବର୍ତ୍ତମାନ ଦାରୁଦିଅଁଙ୍କ ସେହିଭଳି ଉପଚାର ଚାଲିଛି।

ଦଇତାପତି ସେବକଙ୍କ ସୂଚନା ଅନୁଯାୟୀ, ଅସୁସ୍ଥ ମଣିଷ ହସ୍ପିଟାଲରେ ଚିକିତ୍ସିତ ସମୟରେ ଯେଉଁଭଳି ବସ୍ତ୍ର ପରିଧାନ କରନ୍ତି ଠାକୁର ଏବେ ସେହିଭଳି ବସ୍ତ୍ର ପିନ୍ଧିଛନ୍ତି। ପାଟ ପିତାମ୍ବରୀ ବସ୍ତ୍ର ଏବଂ ଅଳଙ୍କାର ପରିତ୍ୟାଗ କରି ଜଣେ ଅସୁସ୍ଥଙ୍କ ପରି ଅଣସର ଘରେ କାଠକୁ ଆଉଜି ରହିଛନ୍ତି। ଶ୍ରୀଅଙ୍ଗରେ କେବଳ ଖଣ୍ଡିଏ ଧଳା ସୂତାବସ୍ତ୍ର ରହିଛି। ରୋଗରେ ପଡ଼ିଲେ ମଣିଷ ଯେପରି କୌଣସି କଠିନ ଖାଦ୍ୟ ବା ଅନ୍ନ ଇତ୍ୟାଦି ଖାଆନ୍ତି ନାହିଁ ଠାକୁରଙ୍କ ପାଖରେ ମଧ୍ୟ ସେହିପରି ଭୋଗ ଲାଗୁ ନାହିଁ। ରୋଗୀ ଯେମିତି ଫଳମୂଳ ଖାଇଥା'ନ୍ତି ଦରୁବିଗ୍ରହଙ୍କୁ ସେହିପରି ଧୂଆମୁଗ, ଛେନା ଚକଟା, ପଣସ, ପିଜୁଳି, ସପୁରୀ, ଅଙ୍ଗୁର, ଆମ୍ବ ପ୍ରଭୃତି ଫଳ ଲାଗି କରାଯାଉଛି। ଅସୁସ୍ଥ ବ୍ୟକ୍ତିଙ୍କୁ ଗ୍ଲୁକୋଜ, ଇଲେକ୍ଟ୍ରୋରାଲ ପାଣି ଦିଆଯିବା ଭଳି ଠାକୁରଙ୍କୁ ସର, କ୍ଷୀର, ଅଳେଇଚ ଓ କର୍ପୂର ପଡ଼ିଥିବା ପଣା ଦିଆଯାଉଛି। ସମ୍ପୂର୍ଣ୍ଣ ଭାବେ ଜ୍ୱର ଛାଡ଼ିବା ପର୍ଯ୍ୟନ୍ତ ଦଇତାପତି ସେବକମାନେ ଏହିପରି ମହାପ୍ରଭୁଙ୍କ ସେବା କରିଥା'ନ୍ତି। ଦୈନନ୍ଦିନ ଦୁଇଥର ମହାପ୍ରଭୁଙ୍କ ଉପଚାର ଚାଲିଛି। ମଧ୍ୟାହ୍ନ ଧୂପ ସରିବା ପରେ ଏବଂ ସନ୍ଧ୍ୟା ଧୂପ ସରିବା ପରେ ଅଣସର ଘର ଖୋଲାଯାଏ। ଦଇତାପତି ପରିବାରର ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଗୋଷ୍ଠୀଗତ ଭାବେ ପ୍ରତ୍ୟହ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଥା'ନ୍ତି। ତେବେ ଗୁରୁବାର ଚତୁର୍ଥୀରେ ଶ୍ରୀଅଙ୍ଗ ଫିଟା ନୀତି ସମ୍ପନ୍ନ ହେବ। ବର୍ଷସାରା ଲାଗିଥିବା ଚନ୍ଦନ, କରାଳ ଆଦି ବସ୍ତ୍ର ଫିଟାଯିବ।

**ଆଜି ଶ୍ରୀଅଙ୍ଗ ଫିଟା ନୀତି**

## ଅନ୍ନପୂର୍ଣ୍ଣାରେ 'ଶ୍ରୀଜଗନ୍ନାଥାୟନ'

# ମଞ୍ଚସ୍ଥ ହେଲା 'ଯୁଗେ ଯୁଗେ ଜଗନ୍ନାଥ'

**ପୁରୀ,୧।୭ (ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ 'ଶ୍ରୀଜଗନ୍ନାଥାୟନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାମଚଣ୍ଡୀ ସୋସିଆଲ ୱେଲ୍‌ଫେୟାର କଲ୍‌ଚରାଲ ଅର୍ଗାନାଇଜେସନ ପକ୍ଷରୁ ନାଟକ 'ଯୁଗେଯୁଗେ ଜଗନ୍ନାଥ' ମଞ୍ଚସ୍ଥ ହୋଇଥିଲା। ବିଶିଷ୍ଟ ନାଟ୍ୟକାର ଲୋକନାଥ ରଥଙ୍କ ରଚନା ଓ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ନାଟକରେ ଶ୍ରୀଜଗନ୍ନାଥ ସଂସ୍କୃତିର ଯୁଗ ଯୁଗର ମହିମାକୁ ଜୀବନ୍ତ କରି ଦେଖାଯାଇଥିଲା। ନାଟକରେ ବାଳକୃଷ୍ଣ, ସୂରଜ, ଅନୁପ, ଅସିତ୍, କୃପାସିନ୍ଧୁ, ରତ୍ନାକର, ଭୀମସେନ ଓ ତପସ୍ୱିନୀ ପ୍ରମୁଖ ଅଭିନୟ କରି ଦର୍ଶକଙ୍କ ମନ ଜିଣିଥିଲେ। ବୃନ୍ଦାବନ ସାହୁ ଓ ଅନିଲ ଦାସଙ୍କ ସଙ୍ଗୀତ ନିର୍ଦ୍ଦେଶନା, ଶରତ ଚନ୍ଦ୍ର ମହାନ୍ତିଙ୍କ ମଞ୍ଚସଜ୍ଜା ଏବଂ ବେଣୁଧର ମାପିସ୍ତ ଓ ପବନ କୁମାରଙ୍କ ଆଲୋକ ଓ ଶବ୍ଦ ସଂଯୋଜନା ନାଟକକୁ ଆହୁରି ମାର୍ମିକ କରିଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଲିଙ୍ଗରାଜ ବାରିକ ଓଡ଼ିଶୀ ସଙ୍ଗୀତ ଏବଂ ଶ୍ରୀଜଗନ୍ନାଥଙ୍କ ପାରମ୍ପରିକ ଭଜନ ପରିବେଷଣ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ଏହି ଅବସରରେ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ବିକ୍ରମ କୁମାର ସାହୁ, ପ୍ରସନ୍ନ କୁମାର ମହାନ୍ତିଙ୍କ ସମେତ ପ୍ରସନ୍ନ ମିଶ୍ର, ଚକ୍ରଧର ମହାପାତ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପ୍ରଦ୍ୟୁମ୍ନ ମିଶ୍ର, ଦିବାକର ପାତ୍ର, ବିକାଶ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ଏଭଳି କାର୍ଯ୍ୟକ୍ରମ ଆଗାମୀ ଦିନରେ ବି ଜାରି ରହିବ ବୋଲି ଆୟୋଜକମାନେ କହିଛନ୍ତି। ଉପସ୍ଥିତ ଦର୍ଶକ ନାଟକ ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ।



## ରାସ୍ତାକଡ଼ରୁ ରକ୍ଷା ପାଇଲା ଜୀବନ

# ଦିବ୍ୟାଙ୍ଗ ସୋନୁକୁ ମିଳିଲା ନୂଆ ଆଶା

**ପୁରୀ,୧।୭ (ସମିସ):** ଦୁଇବର୍ଷ ଧରି ଷ୍ଟେସନ ବାହାରେ ରାସ୍ତାକଡ଼ରେ ପଡ଼ି ରହିଥିଲା ସେହି ନିରୀହ ଜୀବନ। ନାଁ ତା'ର ସୋନୁ ବେହେରା। ବୟସ ମାତ୍ର ୧୨। ଦିବ୍ୟାଙ୍ଗ। ବୁଧବାର କିନ୍ତୁ ତା' ଜୀବନରେ ଆସିଛି ନୂଆ ସକାଳ। ଆମ୍ ଆଦ୍‌ମୀ ପାର୍ଟି ଓ ମଲ୍ଟି ପର୍ପୋଜ୍ ଯୁବା ସମିତି ଚାରିଟେବୁଲ ଟ୍ରଷ୍ଟର ମିଳିତ ଉଦ୍ୟମରେ ତାକୁ ଉଦ୍ଧାର କରାଯାଇ ଏନ୍‌ଏସ୍‌ପି ସେଣ୍ଟରକୁ ପଠାଯାଇଛି।



ସୋନୁର କାହାଣୀ ଅତ୍ୟନ୍ତ ହୃଦୟବିଦାରକ। ଅକାଳରେ ମା'-ବାପାଙ୍କୁ ହରାଇ ସେ ମାମୁଙ୍କ ପାଖରେ ଆଶ୍ରୟ ନେଇଥିଲା। ଦୁଇବର୍ଷ ହେବ ମାମୁଙ୍କ ସହ ସେ ପୁରୀ ଷ୍ଟେସନ ବାହାରେ ରାସ୍ତାକଡ଼ରେ ଦିନ କାଟୁଥିଲା। କିଛିଦିନ ତଳେ ଏକ ଗାଡ଼ି ଧକ୍କାରେ ତା'ର ଡାହାଣ ହାତ ଭାଙ୍ଗିଯାଇଥିଲା। କିନ୍ତୁ ଦୁଇ ମାସ ବିତିଗଲେ ବି ଉପଯୁକ୍ତ ଚିକିତ୍ସା ମିଳିପାରି ନ ଥିଲା। ଯନ୍ତ୍ରଣାରେ ଛଟପଟ ହେଉଥିଲା ଛୋଟ ପିଲାଟି। ଏହି ସମୟରେ ମ୍ୟୁନିସିପାଲିଟିର ନାଳ ସ୍ଲାବ୍ କାମ କରୁଥିବା ଜଣେ ଠିକାଦାରଙ୍କ ନଜର ପଡ଼ିଥିଲା ସୋନୁ ଉପରେ। ସେ ତୁରନ୍ତ ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତିଙ୍କୁ ଏ ବିଷୟରେ ଜଣାଇଥିଲେ। ସଞ୍ଜୀବ ସାମାଜିକ ଗଣମାଧ୍ୟମରେ ସୋନୁର ଫଟୋ ସହ ତା'ର ଦୁଃଖ କାହାଣୀ ପୋଷ୍ଟ କଲେ। ପୋଷ୍ଟ ଭାଇରାଲ ହେବା ପରେ ମଲ୍ଟି ପର୍ପୋଜ୍ ଯୁବା ସମିତିର ସଭାପତି ବିଶ୍ୱଜିତ୍ ବିଶ୍ୱାଳ ଓ ରମାକାନ୍ତ ସ୍ୱାଇଁ ଆଗେଇ ଆସିଲେ। ସେମାନେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସ୍‌ଏସ୍‌ଓ)ଙ୍କୁ ସମ୍ପୂର୍ଣ୍ଣ ଘଟଣା ଜଣାଇଲେ। ଡିଏସ୍‌ଏସ୍‌ଓଙ୍କ ନିର୍ଦ୍ଦେଶରେ ଏନ୍‌ଏସ୍‌ପି ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସୋନୁକୁ ଉଦ୍ଧାର କଲେ। ବୁଧବାର ଯେତେବେଳେ ସୋନୁକୁ ଗାଡ଼ିରେ ନିଆଯାଉଥିଲା, ତାକୁ ଦେଖି ବଢ଼ିଥିବା ଷ୍ଟେସନ ପାଖ ଦୋକାନୀ ଓ ଲୋକଙ୍କ ଆଖି ଓଦା ହୋଇଯାଇଥିଲା। ସମସ୍ତେ ତା'ର ଉତ୍ତମ ରକ୍ଷଣାବେକ୍ଷଣ ଓ ଚିକିତ୍ସା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କଲେ। ଆପ୍ ନେତା ସଞ୍ଜୀବ ମହାନ୍ତି କହିଛନ୍ତି, "ସୋନୁ ଭଳି ଅନେକ ପିଲା ଆଜି ବି ରାସ୍ତାକଡ଼ରେ ଜୀବନ କାଟୁଛନ୍ତି। ସରକାରଙ୍କ ସମସ୍ତ ଯୋଜନା ସତ୍ତ୍ୱେ ସେମାନଙ୍କ ପାଖରେ ସୁବିଧା ପହଞ୍ଚିପାରୁନି, ଏହା ଅତ୍ୟନ୍ତ ଦୁଃଖର ବିଷୟ। ଆପ୍ ଓ ଟ୍ରଷ୍ଟର କାର୍ଯ୍ୟକର୍ତ୍ତାମାନେ ତ୍ୱରିତ ପଦକ୍ଷେପ ପାଇଁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

# ସିଆର୍‌ସିସିଙ୍କୁ ପ୍ରଶିକ୍ଷଣ ଦେଲା ଡାଏଟ୍

## ୪ରେ ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

**ପୁରୀ,୧।୭ (ସମିସ):** ଚଳିତ ଶିକ୍ଷାବର୍ଷର ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଚଳିତ ଜୁଲାଇରୁ ଆସନ୍ତା ବର୍ଷ ଫେବୃଆରୀ ମାସ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ କ୍ଲଷ୍ଟରରେ ନିର୍ଦ୍ଧାରିତ ଦିବସରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆସନ୍ତା ୪ ତାରିଖରେ ଚଳିତ ଶିକ୍ଷାବର୍ଷର ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଆୟୋଜନ ନିମନ୍ତେ ଓସେପା ପକ୍ଷରୁ ନିର୍ଦ୍ଦେଶ ଆସିଛି। ଏଥିପାଇଁ ବୁଧବାର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡାଏଟ୍) ପକ୍ଷରୁ ପୁରୀ ଜିଲ୍ଲା ଅନ୍ତର୍ଗତ ୧୧ଟି ବ୍ଲକ୍‌ର ସିଆର୍‌ସିସିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜିଲ୍ଲାର ମୋଟ୍ ୧୮୬ ଜଣ ସିଆର୍‌ସିସିଙ୍କ ମଧ୍ୟରୁ ଏହି ପ୍ରଶିକ୍ଷଣ ଶିବିରରେ ୧୭୧ ଜଣ ଯୋଗଦେଇଥିଲେ। ଚଳିତ ଶିକ୍ଷାବର୍ଷର ମାସିକ କ୍ଲଷ୍ଟରସ୍ତରୀୟ ବୈଠକରେ ଗ୍ୟାଲେରୀ ପରିଭ୍ରମଣ, ଶୈକ୍ଷିକ ସମ୍ବଳ, ବୈଠକର ପୂର୍ବାପର ଆଲୋଚ୍ୟ ପ୍ରସଙ୍ଗକୁ ନେଇ ସଂକ୍ଷିପ୍ତ ସୂଚନା ଓ କ୍ଲଷ୍ଟରସ୍ତରୀୟ ଶୈକ୍ଷିକ ପ୍ରସଙ୍ଗ ପ୍ରଭୃତି କେତେକ ସ୍ୱତନ୍ତ୍ର ପ୍ରସଙ୍ଗକୁ ଆଲୋଚନାର ପରିସରଭୁକ୍ତ କରାଯାଇଛି। ଡାଏଟ୍, ପୁରୀର ଅଧକ୍ଷ ସନ୍ତୋଷ କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକକୁ ଶିକ୍ଷକ ପ୍ରଶିକ୍ଷକ ରାମକ୍ରିଷ୍ଣ ଦାସ ସଂଯୋଜନା କରିଥିଲେ। ଏହି ବୈଠକରେ ବାର୍ଷିକ କାର୍ଯ୍ୟ ଯୋଜନା, ବିଦ୍ୟାଳୟ ସମୟ ନିର୍ଘଣ୍ଟ, ଶିକ୍ଷଣ ଫଳାଫଳ ପୁସ୍ତିକା, ଶୈକ୍ଷିକ କ୍ୟାଲେଣ୍ଡର, ଯାଦୁ ପେଡ଼ି, ଶିଶୁ ବାଟିକା ନିମନ୍ତେ ଖେଳଭିତ୍ତିକ କାର୍ଯ୍ୟ ପୁସ୍ତିକା, ପ୍ରାରମ୍ଭିକସ୍ତର ପାଇଁ ଆକଳନ ରୂପରେଖ, ଶିକ୍ଷଣ ସୋପାନ ରେଜିଷ୍ଟର, ଅନ୍‌ଲାଇନ୍ କଣ୍ଟେଣ୍ଟ ଓ ବିଦ୍ୟାଳୟ ନିରାପତ୍ତା ପ୍ରସଙ୍ଗ ଉପରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଦେବସ୍ମିତା ମହାପାତ୍ର, ସ୍ୱାଧୀନ କୁମାର ପ୍ରଧାନ, ରାଜଶ୍ରୀ ମିଶ୍ର, ରତିକାନ୍ତ ସାହୁ, ଅମୀୟ ରଞ୍ଜନ ପରିଡ଼ା, ପ୍ରୀତି ପରିମିତା ସ୍ୱାଗତିକା ପାଲ୍, ଶୁଭସ୍ମିତା ନାୟକ ଓ ଜ୍ୟୋତିସ୍ମିତା ପାତ୍ର ସିଆର୍‌ସିସିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡାଏଟ୍‌ର କର୍ମଚାରୀ ବିରଞ୍ଚି ନାରାୟଣ ସ୍ୱାଇଁ, ଦୁର୍ଗା ପ୍ରସାଦ ସିଂ ଓ ସୋମା ମହାପାତ୍ର ବୈଠକ ପରିଚାଳନାରେ ସହଯୋଗ କରିଥିଲେ।



# ୪୦ ବୋତଲ କଫ୍ ସିରପ୍ ଜବତ, ଜଣେ ଗିରଫ

**ପୁରୀ,୧।୭ (ସମିସ):** ପେଣ୍ଠକଟା ମେରାଇନ ଥାନା ପୁଲିସ ପକ୍ଷରୁ ଅବୈଧ ନିଶାଦ୍ରବ୍ୟ ବିରୋଧୀ ଅଭିଯାନ ଅନ୍ତର୍ଗତ ଏକ ବଡ଼ ସଫଳତା ମିଳିଛି। ବିଶେଷ ସୂଚନା ଆଧାରରେ ପେଣ୍ଠକଟା ମେରାଇନ ଥାନା ଅଧୀନ ବାଲିଗୁଆଳି ପେଣ୍ଠକଟା ଅଞ୍ଚଳର ବିପଦତାରିଣୀ ମନ୍ଦିର ନିକଟସ୍ଥ ଏକ ପାନ ଦୋକାନରେ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ସେଠାରୁ ୪୦ ବୋତଲ କଫ୍ ସିରପ୍ (ପ୍ରତି ବୋତଲ ୧୦୦ ମିଲି) ଜବତ କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ବାଲିଗୁଆଳିର ଅଭିମନ୍ୟୁ ଦାସ (୪୦)ଙ୍କୁ ପେଣ୍ଠକଟା ମେରାଇନ ଥାନା ଗିରଫ କରାଯାଇଛି। ଏ ସମ୍ପର୍କରେ ପେଣ୍ଠକଟା ମେରାଇନ ଥାନାରେ ଏକ ମାମଲା (ନଂ. ୯୧/୨୬) ରୁଜୁ କରାଯାଇଛି। ପୁରୀ ପୁଲିସ ଅବୈଧ ନିଶାଦ୍ରବ୍ୟ ବ୍ୟବସାୟ ବିରୋଧରେ ତାଙ୍କର କଡ଼ା କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରଖିବ।



# ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ପୁରୀ,୧।୭ (ସମିସ):** ମଙ୍ଗଳବାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ରଙ୍କୁ ସରକାରୀ କାର୍ଯ୍ୟରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ଡ. ମହାପାତ୍ର ଜଣେ ଦକ୍ଷ, ନିଷ୍ଠାପର ଓ ମିଷ୍ଟଭାଷୀ ଅଧିକାରୀ ଥିଲେ ବୋଲି କହିଥିଲେ। ରାଜସ୍ୱ ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ସେ ସୁଚାରୁ ରୂପେ ନିର୍ବାହ କରିଥିଲେ। ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟରେ ତାଙ୍କର ଅବଦାନ ସ୍ମରଣୀୟ ବୋଲି କହିବା ସହ ଅବସର ପରବର୍ତ୍ତୀ ଜୀବନ ମହାପ୍ରଭୁଙ୍କ ଆଶୀର୍ବାଦରୁ ସୁସ୍ଥ, ନିରୋଗ ଓ ଆନନ୍ଦଦାୟକ ହେଉ ବୋଲି କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିସନର ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ଡ. ମହାପାତ୍ରଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଅବସର ପରବର୍ତ୍ତୀ ଜୀବନ ସୁଖରେ ଅତିବାହିତ ହେଉ ବୋଲି କାମନା କରିଥିଲେ। ନିଜ ପ୍ରତିକ୍ରିୟାରେ ଅତିରିକ୍ତ ଜିଲ୍ଲାପାଳ ଡ. ମହାପାତ୍ର ନିଜ ଦାୟିତ୍ୱକୁ ସଠିକ୍ ଭାବେ ନିର୍ବାହରେ ସମସ୍ତଙ୍କ ସହଯୋଗ ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଡେପୁଟି କଲେକ୍ଟର ବୃନ୍ଦ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ଡାକ୍ତର ଦିବସରେ ଡାକ୍ତରଙ୍କ ଆନ୍ଦୋଳନ

# କଳା ବ୍ୟାଜ୍ ପିନ୍ଧି ବିରୋଧ ପ୍ରଦର୍ଶନ

ପୁରୀ,୧।୭ (ସମିସ)

ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ (ଓମ୍‌ସା) ଆହ୍ୱାନରେ ବୁଧବାରଠାରୁ ରାଜ୍ୟବ୍ୟାପୀ ଡାକ୍ତରମାନେ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର 'ଡକ୍ଟର୍ସ ଡେ' ଥିବାବେଳେ ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧି ବିରୋଧ ପ୍ରଦର୍ଶନ କରୁଛନ୍ତି। ୧୦ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଓମ୍‌ସାର ନିଷ୍ପତ୍ତି କ୍ରମେ ପୁରୀ ଜିଲ୍ଲା ଡାକ୍ତର ସଂଘ ମଧ୍ୟ ଏହି ଆନ୍ଦୋଳନରେ ସାମିଲ୍ ହୋଇଛି। ଏହି ଆନ୍ଦୋଳନ ସମୟରେ ଜରୁରୀକାଳୀନ ସେବା ବ୍ୟତୀତ ଅନ୍ୟ କୌଣସି ପ୍ରକାର ଚିକିତ୍ସା ସେବା ଯୋଗାଇ ଦିଆଯିବ ନାହିଁ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି।



ଦୀର୍ଘଦିନ ହେଲା ଓମ୍‌ସା ପକ୍ଷରୁ ସରକାରଙ୍କ ନିକଟରେ ୧୦ଟି ପ୍ରମୁଖ ଦାବି ଉପସ୍ଥାପନ କରାଯାଇଛି। ସେଗୁଡ଼ିକ ହେଲା କେନ୍ଦ୍ରୀୟ ଡିଏସିପି ଲାଗୁ, କେବିକେ ଅଞ୍ଚଳରୁ ଡାକ୍ତରଙ୍କ ପ୍ରସ୍ଥାନ ଉପରେ ରୋକ୍, ପଦୋନ୍ନତି ପାଇଁ ନିୟମିତ ଡିପିସି ବୈଠକ, ସମସ୍ତ ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ବୀମା, କାର୍ଯ୍ୟକ୍ଷେତ୍ରରେ ଡାକ୍ତରଙ୍କ ସୁରକ୍ଷା ସୁନିଶ୍ଚିତ, ପଦବୀ ପୁନଃସଂରଚନା, ଅଣଚିକିତ୍ସା କାର୍ଯ୍ୟରୁ ମୁକ୍ତି ସହ ଅନ୍ୟାନ୍ୟ ସେବା ସର୍ତ୍ତାବଳୀ ସଂଶୋଧନ। ପୁରୀ ଜିଲ୍ଲା ଡାକ୍ତର ସଂଘ କହିଛି, ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ହେଁ ଆଜି ପର୍ଯ୍ୟନ୍ତ ଗୋଟିଏ ବି ଦାବି ପୂରଣ ହୋଇନାହିଁ। ତେଣୁ ବାଧ୍ୟ ହୋଇ ସଂଘ ରାସ୍ତାକୁ ଆସିଛି। ଓମ୍‌ସାର ଏହି ଆନ୍ଦୋଳନକୁ ଏସ୍‌ସିବି ଜୁନିୟର ଡକ୍ଟର ଆସୋସିଏସନ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଛି। ଫଳରେ ରାଜ୍ୟର ମେଡିକାଲ କଲେଜ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଦେଇଛି। କେବଳ ଜରୁରୀକାଳୀନ ଓ ଆଇସିୟୁ ସେବା ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।